# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୩/୨୦୧୯ (୧୬ ପୃଷ୍ଠା) | Bhubaneswar, Friday, May 3/2019 | ★★★★

୪୫ଶ ଭାଗ ୧୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଖେଳରତ୍ନ ପାଇଁ ଶ୍ରୀଜେଶଙ୍କ ନାମ ସୁପାରିସ**

ସମ୍ମାନଜନକ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ଗୋଲକିପର ପି.ଆର. ଶ୍ରୀଜେଶଙ୍କ ନାମ ସୁପାରିସ କଲା ହକି ଇଣ୍ଡିଆ।

୧୪

୧୧

**ଅର୍ଜୁନ ବାସ୍ତବ ବନ୍ଧୁ: ପରିଣୀତି**

ବଲିଉଡ୍‌ରେ ଅର୍ଜୁନ କପୁର ଜଣେ ବାସ୍ତବ ବନ୍ଧୁ ବୋଲି କହନ୍ତି ଅଭିନେତ୍ରୀ ପରିଣୀତି ଚୋପ୍ରା।



**ସିବିଏସ୍‌ଇ ଦ୍ୱାଦଶଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ**

## ଶାଳିନୀ ଓଡ଼ିଶା ଟପ୍ପର



ସବିଶେଷ ତଥ୍ୟ: ପୃଷ୍ଠା-୩





NECC NATIONAL EGG CO-ORDINATION COMMITTEE — 02.05.2019 — Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 89 | 144 | 154 |
| CTC | 95 | 152 | 162 |
| DKL | 97 | 154 | 164 |
| BDK | 97 | 154 | 164 |
| BLS | 100 | 158 | 168 |
| ANG | 97 | 154 | 164 |

*Conditions Apply

Eggs Retail Price- 37/-Dozen

Issued in the Interest of Consumers


# ପୁରୀକୁ ଛୁଇଁବ 'ଫନୀ'

ଭୁବନେଶ୍ୱର,୨।୫(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ଫନୀ' ଅତି ଭୟଙ୍କର ବାତ୍ୟା(ଏକ୍ସଟ୍ରିମ୍‌ଲି ଭେରି ସିଭିୟର ସାଇକ୍ଲୋନିକ ଷ୍ଟର୍ମ)ରେ ପରିଣତ ହୋଇଛି। ଏହା ୧୭ କି.ମି. ବେଗରେ ଉପକୂଳ ଆଡ଼କୁ ମାଡ଼ି ଆସୁଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ବାତ୍ୟା ଶୁକ୍ରବାର ପୂର୍ବାହ୍ନ ୮ଟାରୁ ୧୦ଟା ମଧ୍ୟରେ ପୁରୀ ଉପକୂଳ ଛୁଇଁବ। ସ୍ଥଳଭାଗ ଛୁଇଁବାବେଳେ ବାତ୍ୟାର ବେଗ ଘଣ୍ଟା ପ୍ରତି ୧୭୫ରୁ ୧୮୫ କିଲୋମିଟର ଏବଂ ବେଳେବେଳେ ୨୦୫ କିଲୋମିଟରକୁ ଟପିଯିବ ବୋଲି ପୂର୍ବାନୁମାନ କରାଯାଇଛି। ଡପଲାର ରାଡାର ଦ୍ୱାରା ବାତ୍ୟାର ପ୍ରତ୍ୟେକ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି।

ଗୁରୁବାର ମଧ୍ୟରାତ୍ରି ସୁଦ୍ଧା ଝଡ଼ ପୁରୀଠାରୁ ଦକ୍ଷିଣ-ଦକ୍ଷିଣ ପଶ୍ଚିମ ଦିଗରେ ୨୮୦ କିଲୋମିଟର ଏବଂ ଦକ୍ଷିଣ-ଦକ୍ଷିଣ ପୂର୍ବ ବିଶାଖାପାଟଣାଠାରୁ ୧୨୦ କିଲୋମିଟର ଦୂରରେ କେନ୍ଦ୍ରୀଭୂତ ହୋଇଛି। ଏହା ଆହୁରି ଶକ୍ତିଶାଳୀ ହୋଇ ଉତ୍ତର ଉତ୍ତର ପୂର୍ବ ଦିଗ ଦେଇ ଗତି କରୁଛି। ପୁରୀ ଉପକୂଳ ଛୁଇଁବା ପରେ ଏହା ପ୍ରାୟ ଅପରାହ୍ନ ୩ଟା ପର୍ଯ୍ୟନ୍ତ ତାଣ୍ଡବ ରଚାଇବ। ଏହା ପରେ ବାତ୍ୟାର ଗତି ପଥ ଉତ୍ତର ଉତ୍ତର ପୂର୍ବ ଦିଗକୁ ହେବା ସହ ଧୀରେ ଧୀରେ ଦୁର୍ବଳ ହୋଇ ପଶ୍ଚିମବଙ୍ଗ ଆଡ଼କୁ ମୁହାଁଇବ। ଏହାର ପ୍ରଭାବରେ ପଶ୍ଚିମବଙ୍ଗରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିଲୋମିଟର ରହିବ ବୋଲି ଅନୁମାନ କରାଯାଇଛି। ୪ ତାରିଖ ସନ୍ଧ୍ୟା ସୁଦ୍ଧା ବାତ୍ୟା ବାଂଲାଦେଶ ଅତିକ୍ରମ କରି ଦୁର୍ବଳ ହେବାର ସମ୍ଭାବନା ରହିଛି।

ବାତ୍ୟା ପ୍ରକୋପରେ ଗୁରୁବାର ରାତିଠାରୁ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, କୋରାପୁଟ, ରାୟଗଡ଼ା ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ନୟାଗଡ଼, କଟକ, ଜଗତ୍‌ସିଂହପୁର, ବୌଦ୍ଧ, କଳାହାଣ୍ଡି ଜିଲାରେ ମଧ୍ୟ ରାତି ସାରା ବର୍ଷା ଲାଗି ରହିବ। ଏହି ସବୁ ଜିଲାରେ ରେଡ୍ ଆଲର୍ଟ ଜାରି କରାଯାଇଛି। ୩ ତାରିଖ ସକାଳୁ ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର, କନ୍ଧମାଳ, ରାୟଗଡ଼ା, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଜିଲାର କେତେକ ସ୍ଥାନରେ ଝଡ଼ତୋଫାନ ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ତେବେ କଟକ ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ୧୫୦ରୁ ୨୦୦ ମିଲିମିଟର ବର୍ଷା ହେବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ଏହି ସବୁ ଜିଲାକୁ ମଧ୍ୟ ରେଡ୍ ଆଲର୍ଟ କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଏହି ସବୁ ଜିଲାରେ ଥିବା ନଦୀଗୁଡ଼ିକରେ ବନ୍ୟା ପରିସ୍ଥିତି ମଧ୍ୟ ସୃଷ୍ଟି ହେବାର ଆଶଙ୍କା ରହିଛି।

ପ୍ରଚଣ୍ଡ ପବନ ସାଙ୍ଗକୁ ପ୍ରବଳ ବର୍ଷା ଉପକୂଳରେ ତାଣ୍ଡବ ରଚାଇବ। ବଡ଼ ବଡ଼ ଗଛ, ବିଦ୍ୟୁତ୍ ଖୁଣ୍ଟ, ଚାଳଘର, ବ୍ୟାନର, ହୋର୍ଡିଂ ଉଡ଼ାଇ ନେବା ସହ ଫଳ, ପନିପରିବା, ରବି ଫସଲ ଆଦି ଧୋଇ ନେବାର ସମ୍ଭାବନା ରହିଛି। ଏପରି କି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଗଜପତି ଏବଂ ଗଞ୍ଜାମ ଜିଲାରେ ବାତ୍ୟା ଅତ୍ୟଧିକ କ୍ଷୟକ୍ଷତି କରିବ ବୋଲି ପାଣିପାଗ ବିଭାଗ ☞ପୃଷ୍ଠା-୪




ଫଟୋ: ଅନିଲ ସାହୁ (ପୁରୀ)

- ଘଣ୍ଟାକୁ ପବନ ବହିବ ୧୮୦ରୁ ୨୦୫ କି.ମି.
- ଉପକୂଳରେ ରଚିବ ତାଣ୍ଡବ
- ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ାରେ ହାଇ ଆଲର୍ଟ
- ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ
- ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର, ରିଲିଫ ସହାୟତା ପାଇଁ ନିର୍ଦ୍ଦେଶ
- ପର୍ଯ୍ୟଟକଙ୍କୁ ନେଇ ସ୍ୱତନ୍ତ୍ର ଟ୍ରେନ ଗଲା କୋଲକାତା








ଗୁରୁବାର ସକାଳେ ନୀଳଚକ୍ରରେ ଲାଗିଥିବା ବାନା ଉଡ଼ିଯାଇ ସ୍ଥାନୀୟ ବାସେଳିସାହିର ଏକ କୋଠାରେ ଲାଗିଛି ।


ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପୁରୀ ସମୁଦ୍ର ବେଳାଭୂମିରେ ଗୁରୁବାର ରେଡ୍ ଫ୍ଲାଗ୍ ଜାରି କରାଯାଇଛି।


ଭୁବନେଶ୍ୱର ନୟାପଲ୍ଲୀ ସିବିଆଇ ଅଫିସ ପଛ ପାଖରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ଏକ କୋଠାକୁ ଭଙ୍ଗାଯାଉଛି।

# ‘ଫନୀ’ ଆତଙ୍କ

୩୦ ବର୍ଷ ପରେ ଅସମୟରେ ପୁଣି ଥରେ ବାତ୍ୟାର କରାଳ ରୂପ ଦେଖିବାକୁ ଯାଉଛନ୍ତି ରାଜ୍ୟବାସୀ। ବାତ୍ୟା ‘ଫନୀ’ ଉପକୂଳ ଓଡ଼ିଶାର ପୁରୀ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଏଥିପାଇଁ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଅପରପକ୍ଷରେ ବାତ୍ୟାକୁ ମୁକାବିଲା କରିବା ସହ ଜିରୋ କାଜୁଆଲ୍‌ଟି ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ତଳିଆ ଅଞ୍ଚଳରେ ରହୁଥିବା ଲକ୍ଷାଧିକ ଲୋକଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି । ଏପରିକି ବାତ୍ୟା ପ୍ରଭାବିତ ଲୋକଙ୍କ ନିକଟରେ ରିଲିଫ୍ ଯେପରି ଠିକ୍‌ରେ ପହଞ୍ଚିପାରିବ ସେଥିପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ବାତ୍ୟାକୁ ନେଇ ଲୋକମାନେ ଭୟ ନ କରିବାକୁ ସରକାର ନିବେଦନ କରିଛନ୍ତି ।


ବାତ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଆସିଥିବା ରିଲିଫ୍ ସାମଗ୍ରୀକୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରେ ରଖାଯାଉଛି।


ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରେ ରିଲିଫ୍ ପାଇଁ ଗୁଡ଼ ପ୍ୟାକେଟ୍ କରାଯାଉଛି।


ଅଗ୍ନିଶମ ବିଭାଗ ପକ୍ଷରୁ ବୋଟ୍‌କୁ ପ୍ରସ୍ତୁତ କରି ରଖାଯାଉଛି।


ବାତ୍ୟା ପାଇଁ ଅଧିକାଂଶ ଟ୍ରେନ୍‌କୁ ବାତିଲ କରାଯାଇଥିବାରୁ କଟକ ରେଳଷ୍ଟେଶନ ଖାଁ ଖାଁ ଦେଖାଯାଉଛି।


ପୁରୀ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ ବେଳାଭୂମିରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟଠାରେ ଗୁରୁବାର ବିଭିନ୍ନ ବିଭାଗୀୟ ସଚିବଙ୍କ ସହ ବାତ୍ୟା ସମ୍ପର୍କରେ ଆଲୋଚନା କରୁଛନ୍ତି।


ପୋଲିସ ମହାନିର୍ଦ୍ଦେଶକ ଆର୍.ପି. ସିଂ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସହ ବାତ୍ୟା ମୁକାବିଲା ନେଇ ଆଲୋଚନା କରୁଛନ୍ତି।


ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ ଏନ୍‌ଡିଆର୍‌ଏଫ୍ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।


ବାତ୍ୟା ‘ଫନୀ’ ଆସୁଥିବାରୁ ଗାଡ଼ିରେ ତେଲ ପକାଇବାକୁ କଟକର ଏକ ପେଟ୍ରୋଲ ପମ୍ପରେ ଲୋକଙ୍କ ଭିଡ଼ ଲାଗିଛି ।


ବାତ୍ୟା ଭୟରେ ମତ୍ସ୍ୟଜୀବୀମାନେ ବେଳାଭୂମିରୁ ଡଙ୍ଗାକୁ ସୁରକ୍ଷିତ ସ୍ଥାନକୁ ନେଉଛନ୍ତି।


ବାତ୍ୟା ମୁକାବିଲା ଲାଗି ଅଗ୍ନିଶମ ବିଭାଗ ପକ୍ଷରୁ ଗଛକଟା ମେଶିନକୁ ପ୍ରସ୍ତୁତ କରି ରଖାଯାଉଛି।


ଲୋକଙ୍କୁ ଉଦ୍ଧାର ନିମନ୍ତେ ପୁରୀରେ ପହଞ୍ଚିଥିବା ଓଏସ୍‌ଆର୍‌ଟିସି ବସ୍।


କାକଟପୁରଠାରେ ତଳିଆ ଅଞ୍ଚଳରେ ଥିବା ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ନିଆଯାଉଛି।


ନୟାଗଡ଼ ଜିଲା ରଣପୁର ବ୍ଲକ ବକ୍ରକୋଟ ପ୍ରାଥମିକ ବିଦ୍ୟାଳୟ ଆଶ୍ରୟସ୍ଥଳୀରେ ରହିଥିବା ମହିଳା, ପୁରୁଷ ଓ ଶିଶୁ।



## ‘ଫନୀ’ ପାଇଁ ୩ଦିନ ନନ୍ଦନକାନନ ବନ୍ଦ

ବାରଙ୍ଗ,୨।୫(ଡି.ଏନ୍.ଏ.): ବାତ୍ୟା ‘ଫନୀ’ ସମୟରେ ପର୍ଯ୍ୟଟକ ଓ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ୩ଦିନ ନନ୍ଦନକାନନକୁ ସାମୟିକ ଭାବେ ବନ୍ଦ କରାଯାଇଛି ବୋଲି ନନ୍ଦନକାନ ଉପ ନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ଚଳିତ ମେ’୨ରୁ ୪ତାରିଖ ପର୍ଯ୍ୟନ୍ତ ନନ୍ଦନକାନନ ବନ୍ଦ ରହିବ।

### ଆଜିର ସମ୍ପାଦକୀୟ

## ଏସ୍‌ବିଆଇକୁ ଅନୁସରଣ କର

### ଆଜିର ମନ୍ତବ୍ୟ

ଭାରତରେ ତାପମାତ୍ରା ବଢ଼ିଲେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବିଦେଶ ଚାଲିଯାଆନ୍ତି।

–ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

### କିଛି ତଥ୍ୟ

ଚଳିତବର୍ଷ ଜାନୁୟାରୀ–ମାର୍ଚ୍ଚ ଅବଧିରେ ଭାରତର ସୁନା ଚାହିଦା ୫% ବଢ଼ି ୧୫୯ ଟନରେ ପହଞ୍ଚିଛି।

– ୱାର୍ଲ୍ଡ ଗୋଲ୍ଡ କାଉନସିଲ

### ସଂକ୍ଷେପରେ

## ବାତ୍ୟା ପାଇଁ ଯୁକ୍ତ୨ ଖାତାଦେଖା ବନ୍ଦ

**ଭୁବନେଶ୍ୱର,୨।୫(ବ୍ୟୁରୋ):** ବାତ୍ୟା ‘ଫନୀ’ ପାଇଁ ରାଜ୍ୟରେ ଚାଲିଥିବା ଯୁକ୍ତ୨ ମୂଲ୍ୟାୟନକୁ ବନ୍ଦ ରଖାଯାଇଛି। ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଜିଲାଗୁଡ଼ିକରେ ଶୁକ୍ରବାରଠାରୁ ଖାତାଦେଖା ବନ୍ଦ ରହିବ। ଅନ୍ୟପକ୍ଷରେ ବାତ୍ୟା ପ୍ରଭାବିତ ହେବାକୁ ନ ଥିବା ଜିଲାଗୁଡ଼ିକରେ ପୂର୍ବପରି ମୂଲ୍ୟାୟନ ଜାରି ରହିବ। ମେ ୪ ପରେ ବାତ୍ୟା ସ୍ଥିତିକୁ ଦେଖି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଉପପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ ଦାଶ ସୂଚନା ଦେଇଛନ୍ତି। ‘ଫନୀ’ର ପ୍ରଭାବ ବିଶେଷ ଭାବେ ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଭଦ୍ରକ, ବାଲେଶ୍ୱର ଓ ଗଞ୍ଜାମ ଜିଲାରେ ପଡ଼ିବ। ଏହାସହ କଟକ, ଯାଜପୁର, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲାରେ ମଧ ବାତ୍ୟା ଅନୁଭୂତ ହେବ। ତେଣୁ ସୁରକ୍ଷା ଦୃଷ୍ଟିରୁ ଉପରୋକ୍ତ ଜିଲାଗୁଡ଼ିକରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ବେଳେ ଏବେ ଖାତାଦେଖା ବାତିଲ କରାଯାଇଛି।




# ବିଷାକ୍ତ ମଦମୃତ୍ୟୁ ଘଟଣା: ୨ ଗିରଫ

**ତିହିଡ଼ି, ୨।୫ (ଡି.ଏନ୍.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ଥାନା ଅଞ୍ଚଳରେ ବିଷାକ୍ତ ମଦ ପିଇ ମୃତ୍ୟୁ ଘଟଣାରେ ପୋଲିସ ଗୁରୁବାର ୨ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଦ ବଣ୍ଟନରେ ସମ୍ପୃକ୍ତ ଦୌଲତପୁର ଗ୍ରାମର ଦୀନବନ୍ଧୁ ବାରିକ ଓ ପଦ୍ମନାଭ ବାରିକ। ଦୌଲତପୁର ଗ୍ରାମର ସୁବ୍ରତ କୁମାର ନାୟକ ଓ ଅନ୍ୟ ୩ ଜଣଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୮୧/୧୯) ରୁଜୁକରି ଏହି ପଦକ୍ଷେପ ନେଇଛି। ଅଭିଯୋଗକାରୀମାନେ ଦର୍ଶାଇଛନ୍ତି ଯେ, ସେମାନଙ୍କ ବାପା କେତେଜଣ ବ୍ୟକ୍ତିଙ୍କ ସହ ମଦ ପିଇ ଘରକୁ ଫେରିଥିଲେ। ପରେ ପେଟ ଯନ୍ତ୍ରଣା ହେବାରୁ ସେମାନଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ମୃତ୍ୟୁ ଘଟିଥିଲା। ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେମାନେ ଦାବି କରିଥିଲେ। ତେବେ ପୋଲିସ କିମ୍ବା ଅବକାରୀ ବିଭାଗ ଅଦ୍ୟାବଧି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇପାରି ନାହିଁ। ମଦ ବଣ୍ଟନରେ ସମ୍ପୃକ୍ତ ଏକ ନିର୍ଦ୍ଦିଷ୍ଟ ଦଳର ନେତାମାନେ ଗିରଫ ଭୟରେ ଫେରାର ହୋଇଯାଇଥିବାରୁ ସେମାନଙ୍କୁ ପୋଲିସ ଠାବ କରିପାରି ନାହିଁ। ଆଚରଣ ବିଧି ଯୋଗୁ ସରକାରୀ ମଦଦୋକାନ ବନ୍ଦ ଥିବାବେଳେ ସେହି ନକଲି ମଦ କେଉଁଠୁ ଆସିଥିଲା ତାହା ମଧ ସ୍ପଷ୍ଟ ହୋଇପାରି ନାହିଁ। ଜିଲାରେ ଓ ଜିଲା ବାହାରେ ନକଲି ମଦ ତିଆରି ହୋଇ ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଥିଲେ ମଧ ଏହି ମଦ କାରଖାନାକୁ ଠାବ କରିବାରେ ପୋଲିସ ଓ ଅବକାରୀ ବିଭାଗ ବିଫଳ ହୋଇଛି। ଅନ୍ୟପକ୍ଷେ ଏସ୍‌ପି ରାଜେଶ ପଣ୍ଡିତ ଏବଂ ଏଏସ୍‌ପି ବିକାଶ ଦାଶ ଗୁରୁବାର ତିହିଡ଼ି ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି।



ଗିରଫ ୨ ଅଭିଯୁକ୍ତ।

# ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

- ଭୁବନେଶ୍ୱର ଜୋନ୍‌ର ରେକର୍ଡ
- ମଦର୍ସ ପବ୍ଲିକ୍ ସ୍କୁଲର ଶାଲିନୀ ଶୀତଲ୍ ଓଡ଼ିଶା ଟପ୍ପର
- ପ୍ରଥମ ସ୍ଥାନରେ ମିରଟର ହଂସିକା ଶୁକ୍ଳା, ମୁଜାଫରନଗରର କରିସ୍ମା ଅରୋରା

ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକର ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଏଥର ବି ଛାତ୍ରଙ୍କୁ ପଛରେ ପକାଇ ଛାତ୍ରୀମାନେ ବାଜିମାତ୍ କରିଛନ୍ତି। ତେବେ ଚଳିତବର୍ଷ ଭୁବନେଶ୍ୱର ଜୋନ୍‌ର ପାସ୍‌ହାର ସବୁ ରେକର୍ଡ ଭାଙ୍ଗିଛି। ୨୦୧୮ରେ ପାସ୍‌ହାର ୮୨.୪୩% ରହିଥିବା ବେଳେ ଏଥର ୯୦.୦୮% ରହିଛି। ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼କୁ ନେଇ ଗଠିତ ଭୁବନେଶ୍ୱର ଜୋନ୍‌ରେ ଚଳିତବର୍ଷ ପରୀକ୍ଷା ଲାଗି ୭୦,୧୩୩ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୬୮,୭୯୫ଜଣ ପରୀକ୍ଷା ଦେଇଥିଲେ ଏବଂ ୬୧,୯୭୦ଜଣ କୃତକାର୍ଯ୍ୟ ହୋଇଛନ୍ତି। ପାସ୍‌ହାର ୯୦.୦୮% ରହିଛି।

ବିଜ୍ଞାନ, ବାଣିଜ୍ୟ ଓ ହ୍ୟୁମାନିଟିଜ୍ ବିଭାଗରେ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭୁବନେଶ୍ୱର ମଦର୍ସ ପବ୍ଲିକ୍ ସ୍କୁଲର ବିଜ୍ଞାନ ବିଭାଗ ଛାତ୍ରୀ ଶାଲିନୀ ଶୀତଲ୍ ଓଡ଼ିଶା ଟପ୍ପର ହୋଇଛନ୍ତି। ଏହାସହ ୫୦୦ରୁ ୪୯୧ ନମ୍ବର ରଖି ସେ ଜୋନ୍ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ତେବେ ପଶ୍ଚିମବଙ୍ଗସ୍ଥିତ ସାଉଥ୍ ପଏଣ୍ଟ ହାଇସ୍କୁଲ ଛାତ୍ର ଦେବଞ୍ଜନ ଦାଶ ଓ ଛତିଶଗଡ଼ ଦୁର୍ଗସ୍ଥିତ ଡିପିଏସ୍ ଭିଲାଇ ରିସ୍‌ଲି ସେକ୍ଟର ଛାତ୍ର ଥୋମାସ୍ ଜାକୋବ୍ ୫୦୦ରୁ ୪୯୩ ନମ୍ବର ରଖି ଯୁଗ୍ମ ଭାବେ ଭୁବନେଶ୍ୱର ଜୋନ୍ ଟପ୍ପର ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଇଶିତା ପଟ୍ଟନାୟକ ଓ ପ୍ରଥମ ଅଗ୍ରୱାଲ ବାଣିଜ୍ୟ ବିଭାଗରେ ୯୭.୨% ରଖି ଆଗରେ ରହିଛନ୍ତି।

ଅନ୍ୟପକ୍ଷରେ ରେଗୁଲାର ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ବାଜି ମାରିଛନ୍ତି। ଭୁବନେଶ୍ୱର ଜୋନ୍‌ରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକର ୭୮୧୧ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୧୧୫ଜଣ ପାସ୍ କରିଛନ୍ତି। ପାସ୍‌ହାର ୯୧% ରହିଛି। ଜବାହର ନବୋଦୟ ବିଦ୍ୟାଳୟ(ଜେଏନ୍‌ଭି)ଗୁଡ଼ିକରେ ୩୨୭୮ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୧୮୭ଜଣ ପାସ୍ କରିଛନ୍ତି ଓ ପାସ୍‌ହାର ୯୭.୨% ରହିଛି। ସିଟିଏସ୍‌ଗୁଡ଼ିକରୁ ୯୨ଜଣ ପରୀକ୍ଷା ଦେଇଥିବା ବେଳେ ୮୭ଜଣ ପାସ୍ କରିଛନ୍ତି। ପାସ୍‌ହାର ୯୪.୬୦% ରହିଛି। ଘରୋଇ ବିଦ୍ୟାଳୟଗୁଡ଼ିକର ୫୦,୩୬୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ପାସ୍ କରିଛନ୍ତି ୪୨,୪୦୦ଜଣ ଛାତ୍ରୀଛାତ୍ର ଓ ପାସ୍‌ହାର ରହିଛି ୮୪.୨୦%। ସେହିଭଳି ସରକାରୀ ବିଦ୍ୟାଳୟର ୩,୬୮୭ଜଣ ପରୀକ୍ଷା ଦେଇଥିବା ବେଳେ ୧,୪୪୫ଜଣ ପାସ୍ କରିଛନ୍ତି ଓ ପାସ୍‌ହାର ସର୍ବନିମ୍ନ ୩୯.୨% ରହିଛି। ଚଳିତବର୍ଷ ଭୁବନେଶ୍ୱର ଜୋନ୍‌ରେ ୩ଟିଯାକ ରାଜ୍ୟର ୭୧୨ ବିଦ୍ୟାଳୟର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

ଜାତୀୟସ୍ତରରେ ଚଳିତବର୍ଷ ଦେଶରେ ୮୩.୪ ପ୍ରତିଶତ ଛାତ୍ରୀଛାତ୍ର ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ସ୍ଥାନରେ ଗାଜିଆବାଦ ମିରଟର ହଂସିକା ଶୁକ୍ଳା, ଉତ୍ତରପ୍ରଦେଶ ମୁଜାଫରନଗରର କରିସ୍ମା ଅରୋରା ପ୍ରଥମ ସ୍ଥାନରେ ରହିବା ସହ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଯୁଗ୍ମ ଟପ୍ପର ହୋଇଛନ୍ତି।

## ‘ଫନୀ’କୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା

**ଭୁବନେଶ୍ୱର,୨।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ ‘ଫନୀ’ ଓଡ଼ିଶା ମୁହାଁ ହେଲାଣି। ଏହାର ପ୍ରଭାବରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରୁ ମଧ୍ୟାହ୍ନ ମଧ୍ୟରେ ଏହା ସ୍ଥଳ ଭାଗ ଛୁଇଁବା ନେଇ ଅନୁମାନ କରାଯାଇଛି। ଏହାଦ୍ୱାରା ହେବାକୁ ଥିବା କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ପ୍ରଶାସନ ସମସ୍ତ ପ୍ରସ୍ତୁତି ଜାରି ରଖିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)ଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ସବୁଠି ତତ୍ପରତା। ବିଭିନ୍ନ ସଂସ୍ଥା ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସଚେତନତା ବାର୍ତ୍ତା ଜାରି କରାଯାଇଛି। କେତେକ ନିୟମିତ ଭାବେ ବିଭିନ୍ନ ସୂଚନା ଜାରି ରଖୁଥିବା ବେଳେ, ଆଉ କେତେକ ଖିଲାଫ କରୁଥିବା ଦେଖିବାକୁ ମିଳିଛି। ଫନୀକୁ ନେଇ ନିୟୁ ଇଣ୍ଡିଆ ଆସ୍ୟୁରାନ୍ସ ଟୁଇଟର ପକ୍ଷରୁ ଓଡ଼ିଆ ଭାଷାରେ ମଧ ସଚେତନତା ବାର୍ତ୍ତା ଦିଆଯାଇଛି। ଏହାକୁ ନେଇ ଓଡ଼ିଶା ଟୁଇଟର ବ୍ୟବହାରକାରୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

ବୁଧବାର ନିୟୁ ଇଣ୍ଡିଆ ଆସ୍ୟୁରାନ୍ସ ଟୁଇଟ୍‌ରେ ଉଲ୍ଲେଖ କରାଯାଇଥିଲା ଯେ, ଚଞ୍ଚଳନେ fani, ବେ ଆରେ ଅବିଲାବଲେ 24x7 ଓଂ 1800 209 1415 ଫର ଊର ଓଡ଼ିଶା କୁଷ୍ଟମେଶ’। ଏହାର ପ୍ରକୃତ ଅର୍ଥ ହେଉଛି– ସାମୁଦ୍ରିକ ଝଡ଼ ଫନୀ ସମ୍ପର୍କିତ ସମସ୍ତ ସୂଚନା ଓ ସତର୍କତା ପାଇଁ ୨୪ ଘଣ୍ଟିଆ ଦିଆଯାଇଥିବା ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରନ୍ତୁ, ଏହା ସ୍ୱତନ୍ତ୍ରଭାବେ ଓଡ଼ିଶାବାସୀଙ୍କ ପାଇଁ ଉଲ୍ଲେଖ କରାଯାଇଥିଲା। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଏହି ନମ୍ବରରେ ଫୋନ୍ କରାଯାଇଥିଲା, ହେଲେ ଉପଭୋକ୍ତାଙ୍କ ଅଭିଯୋଗ ଶୁଣୁଥିବା ବ୍ୟକ୍ତି ଫନୀ ସମ୍ପର୍କରେ କୌଣସି ସୂଚନା ଦେଇ ନ ଥିଲେ। ଭୁବନେଶ୍ୱର ଶାଖାର ଏକ ନମ୍ବର(୦୬୭୪–୨୫୮୨୨୫୩)ରେ ଯୋଗାଯୋଗ କରିବା ପାଇଁ କହିଥିଲେ। ହେଲେ ସେହି ନମ୍ବର ରିଙ୍ଗ୍ ହୋଇ କଟିଯାଇଥିଲା, କେହି ସହୃଦୟ ବ୍ୟକ୍ତି ଫୋନ୍ ଉଠାଇ ନ ଥିଲେ। ଅପରପକ୍ଷରେ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି), ସିଏମ୍‌ଓ ଓଡ଼ିଶା, ଭାରତୀୟ ପାଣିପାଗ ବିଭାଗ ଟୁଇଟର ପକ୍ଷରୁ ନିୟମିତ ସୂଚନା ଦିଆଯାଉଥିବା ଲକ୍ଷ୍ୟ କରାଯାଇଛି।

## ୧୪୦ ଟ୍ରେନ ବାତିଲ ହେଲା



**ଭୁବନେଶ୍ୱର,୨।୫(ବ୍ୟୁରୋ):** ବାତ୍ୟା ଫନୀର ପ୍ରଭାବରେ ରାଜ୍ୟରେ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି। ଏହାର ପ୍ରଭାବକୁ ନଜରରେ ରଖି ୧୪୦ ଟ୍ରେନ ବାତିଲ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ମେ ୨ ସନ୍ଧ୍ୟାଠାରୁ ହାଓଡା–ଚେନ୍ନାଇ ମେନ୍ ଲାଇନ୍‌ର ଭଦ୍ରକ ବିଜୟନଗରମ ମଧ୍ୟରେ ଟ୍ରେନ ସେବା ବନ୍ଦ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ସେହିଭଳି ଭୁବନେଶ୍ୱର ଏବଂ ପୁରୀଠାରୁ ଟ୍ରେନ ସେବାକୁ ନିୟନ୍ତ୍ରିତ କରାଯାଇଛି। ଏହି ସମୟରେ ହାଓଡାରୁ ବାଙ୍ଗାଲୋର,ସିକନ୍ଦରାବାଦ ଏବଂ ଚେନ୍ନାଇ ଅଭିମୁଖେ ଯାଉଥିବା ଟ୍ରେନଗୁଡ଼ିକୁ ବାତିଲ କରାଯାଇଛି। ପୂର୍ବତଟ ରେଳପଥର ଭଦ୍ରକ–ବିଜୟନଗରମ ରେଳ ସେକ୍ସନରେ ମୋଟ ୧୪୦ ଟ୍ରେନ ମେ ୨ ଏବଂ ୩ ଏବଂ ୪ ତାରିଖରେ ବାତିଲ ରହିଥିବା ଜଣାପଡ଼ିଛି।

ପରିସ୍ଥିତିର ସମୀକ୍ଷା ପରେ ପୂର୍ବତଟ ରେଳପଥ ପକ୍ଷରୁ ଆଉ କିଛି ଟ୍ରେନକୁ ବାତିଲ କରାଯାଇଥିବା ବେଳେ ୯ଟିର ଗତିପଥ ପରିବର୍ତ୍ତନ ଏବଂ ୪ଟିକୁ ସାମୟିକ ବାତିଲ କରାଯାଇଛି। ଏଥିମଧ୍ୟରେ ବାଙ୍ଗିରିପୋଷି–ଭୁବନେଶ୍ୱର, ରାଉରକେଲା–ଗୁଣପୁର, ସିକନ୍ଦରାବାଦ–କାମାକ୍ଷା, ସାନ୍ତ୍ରାଗାଛି–ଚେନ୍ନାଇ ରହିଛି। ସେହିଭଳି ଦିଗ ପରିବର୍ତ୍ତନ ହୋଇଥିବା ଟ୍ରେନଗୁଡ଼ିକ ମଧ୍ୟରେ ଅମୃତସର–ବିଶାଖାପାଟଣା ହୀରାକୁଦ ଏକ୍ସପ୍ରେସ, ବିଶାଖାପାଟଣା –ଅମୃତସର ହୀରାକୁଦ ଏକ୍ସପ୍ରେସ ଏବଂ ଗୁଆହାଟି–କୁରୁଭେଲି ସ୍ୱତନ୍ତ୍ର ଭଳି ଟ୍ରେନ ରହିଛି। ବ୍ରେକଡାଉନ ଭ୍ୟାନ ଏବଂ ସ୍ୱତନ୍ତ୍ର ରିଲିଫ ଟ୍ରେନକୁ ମଧ ପ୍ରସ୍ତୁତ ରଖାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ। ଯାତ୍ରୀଙ୍କ ସୁବିଧା ଲାଗି ପୁରୀଠାରୁ ୩ ସ୍ୱତନ୍ତ୍ର ଟ୍ରେନ ଚଳାଇବା ଲାଗି ନିଷ୍ପତ୍ତି ହୋଇଛି।

## ‘ଫନୀ’ ମୁକାବିଲା ପାଇଁ ୧୦୮ ଆମ୍ବୁଲାନ୍ସ ସଜାଗ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

- ବାତ୍ୟା ପ୍ରଭାବିତ ଜିଲାରେ ୨୫ ଅତିରିକ୍ତ ଆମ୍ବୁଲାନ୍ସ ମୁତୟନ
- ଜାରି ହେଲା ଅସ୍ଥାୟୀ ଫୋନ୍ ନମ୍ବର

ବାତ୍ୟା ‘ଫନୀ’ର ମୁକାବିଲା ନିମନ୍ତେ ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମେଡିକାଲରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ରାଜ୍ୟ ପ୍ରଶାସନଠାରୁ ଆରମ୍ଭ କରି ସମସ୍ତ ଜରୁରିକାଳୀନ ସେବା ପ୍ରଦାନ କରୁଥିବା ବିଭାଗଗୁଡ଼ିକୁ ସଜାଗ ରହିବାକୁ କୁହାଯାଇଛି। ଡାକ୍ତରମାନଙ୍କ ଛୁଟି ବାତିଲ କରାଯାଇଥିବା ବେଳେ ଏପଟେ ୧୦୮ ଆମ୍ବୁଲାନ୍ସକୁ ସଜାଗ ରଖାଯାଇଛି। ବାତ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି ଜିକିତ୍ସା ହେଲ୍‌ଥ କେୟାର ପକ୍ଷରୁ ୧୦୮ ଆମ୍ବୁଲାନ୍ସକୁ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଲୋକଙ୍କୁ ଜରୁରିକାଳୀନ ସେବା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏ ନେଇ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଜିକିତ୍ସା ହେଲ୍‌ଥ କେୟାର ଲିମିଟେଡ୍‌ର ଓଡ଼ିଶା ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି, ବାତ୍ୟା ‘ଫନୀ’କୁ ନେଇ ୧୦୮ ଆମ୍ବୁଲାନ୍ସ ପକ୍ଷରୁ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି। ଏହାସହ ୧୦୮ ଏବଂ ୧୦୨ ଆମ୍ବୁଲାନ୍ସର ସମସ୍ତ କର୍ମଚାରୀ, ଚାଳକ ଓ ସିଡିସି କର୍ମଚାରୀମାନଙ୍କର ଛୁଟି ବାତିଲ କରାଯାଇଛି। ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକରେ ୨୫ଟି ଅତିରିକ୍ତ ଗାଡ଼ି ମୁତୟନ କରାଯାଇଛି। ବାତ୍ୟାର ପ୍ରକୋପକୁ ନଜରରେ ରଖି ଆମ୍ବୁଲାନ୍ସ ଗମନାଗମନ ପାଇଁ ଯଥେଷ୍ଟ ପରିମାଣର ତେଲ ଗଚ୍ଛିତ ରଖାଯାଇଛି। ସେହିଭଳି ଆମ୍ବୁଲାନ୍ସ ଭିତରେ ଯଥେଷ୍ଟ ପରିମାଣର ଔଷଧ ସହ ଆମ୍ବୁଲାନ୍ସ ରହୁଥିବା ସ୍ଥାନ ଏବଂ ଭୁବନେଶ୍ୱରସ୍ଥିତ କଣ୍ଟ୍ରୋଲ ରୁମ୍‌ରେ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ଗଚ୍ଛିତ ରଖାଯାଇଛି। ଏହି ସମୟରେ ନେଟ୍‌ୱର୍କ ସମସ୍ୟା ଯୋଗୁ ଆମ୍ବୁଲାନ୍ସ ସହିତ ଯୋଗାଯୋଗ ହୋଇ ନ ପାରିଲେ, ଲୋକେ ୧୦୮ ଆମ୍ବୁଲାନ୍ସ ସେବା ପାଇବା ପାଇଁ ଅସ୍ଥାୟୀ ନମ୍ବର ୦୬୭୪–୭୧୪୩୧୦୮, ୦୬୭୪–୩୦୬୬୦୦୦କୁ ଯୋଗାଯୋଗ କରିବାକୁ କୁହାଯାଇଛି। ସେହିଭଳି ୧୦୨ ଆମ୍ବୁଲାନ୍ସ ସେବା ପାଇଁ ୦୬୭୪–୭୧୯୮୧୦୨ରେ ଯୋଗାଯୋଗ କରିବାକୁ କୁହାଯାଇଛି। ଏହାବ୍ୟତୀତ ସିଡିସିରେ ସମସ୍ତ କର୍ମଚାରୀଙ୍କର ବ୍ୟକ୍ତିଗତ ନମ୍ବର ଉପଲବ୍ଧ ରହିଛି।

# ଭୁବନେଶ୍ୱରରୁ ବିମାନସେବା ବାତିଲ

**ଭୁବନେଶ୍ୱର,୨।୫(ବ୍ୟୁରୋ)**

- ୪୮ ବିମାନର ଉଡ଼ାଣ ବାତିଲ କଲା ଇଣ୍ଡିଗୋ
- ଗୋ ଏୟାରର ୬ ବିମାନ ବାତିଲ
- ବ୍ୟାଙ୍କକ୍‌ରେ ଫସିଲେ ଓଡ଼ିଆ ଯାତ୍ରୀ

ବାତ୍ୟା ‘ଫନୀ’କୁ ଦୃଷ୍ଟିରେ ରଖି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ବିମାନସେବା ବାତିଲ କରାଯାଇଛି। ଶୁକ୍ରବାର ବାତ୍ୟା ଓଡ଼ିଶା ଉପକୂଳ ଛୁଇଁବାକୁ ଥିବାବେଳେ ସୁରକ୍ଷା ଦୃଷ୍ଟିରୁ ଅଧିକାଂଶ ଏୟାରଲାଇନ୍ସ ନିଜ ସେବା ବାତିଲ କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁବାର ମଧ୍ୟରାତ୍ରିରୁ ଭୁବନେଶ୍ୱର ବିମାନବନ୍ଦରରୁ ଆସନ୍ତା ୨୪ ଘଣ୍ଟା ପାଇଁ ବିମାନ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର ସୂଚନା ଦେଇଛନ୍ତି।

ବାତ୍ୟା ଯୋଗୁ ମେ ୩ରେ ଚଳାଚଳ କରିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ପ୍ରାୟ ୪୮ଟି ବିମାନର ଉଡ଼ାଣକୁ ବାତିଲ କରାଯାଇଛି। ଉଭୟ ଭୁବନେଶ୍ୱର ଆସିବାକୁ ଥିବା ଏବଂ ଭୁବନେଶ୍ୱରରୁ ବିଭିନ୍ନ ସ୍ଥାନକୁ ଯିବାକୁ ଥିବା ଇଣ୍ଡିଗୋର ସମସ୍ତ ବିମାନ ଚଳାଚଳକୁ ଗୋଟିଏ ଦିନ ପାଇଁ ରଦ୍ଦ କରାଯାଇଛି। ଏହାବ୍ୟତୀତ ପାଗ ଖରାପ ଯୋଗୁ ୨ ତାରିଖରେ କୋଲକାତା, ଦିଲ୍ଲୀ, କୋଚିନ୍ ଓ ଚେନ୍ନାଇରୁ ଭୁବନେଶ୍ୱର ଆସିବାକୁ ଥିବା ଇଣ୍ଡିଗୋର ୪ ବିମାନକୁ ମଧ ବାତିଲ କରାଯାଇଛି। ସେହିଭଳି ଭୁବନେଶ୍ୱର ବିମାନବନ୍ଦରରୁ ‘ଗୋ ଏୟାର’ର ସମସ୍ତ ବିମାନସେବାକୁ ବାତିଲ କରାଯାଇଛି। ୩ ତାରିଖରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଆସିବାକୁ ଥିବା ଏବଂ ବିଭିନ୍ନ ସ୍ଥାନକୁ ଯିବାକୁ ଥିବା ପ୍ରାୟ ୬ଟି ବିମାନ ଉଡ଼ାଣକୁ ଗୋ ଏୟାର ବାତିଲ କରିଛି। ଅନ୍ୟପକ୍ଷରେ ପ୍ରିମିୟମ୍ ଏୟାରଲାଇନ୍ସ ସଂସ୍ଥା ‘ଭିସ୍ତାରା’ ପକ୍ଷରୁ ଭୁବନେଶ୍ୱର ଓ ଦିଲ୍ଲୀ ମଧ୍ୟରେ ଚଳାଚଳ କରୁଥିବା ୪ ବିମାନର ଉଡ଼ାଣକୁ ଶୁକ୍ରବାର ବାତିଲ କରାଯାଇଛି। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୨ରୁ ୫ତାରିଖ ମଧ୍ୟରେ ଭୁବନେଶ୍ୱର ଓ କୋଲକାତା ବିମାନର କ୍ୟାନ୍‌ସେଲେଶନ ଫିକୁ ମଧ କର୍ତ୍ତୃପକ୍ଷ ଛାଡ଼ କରିଛନ୍ତି। ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସିବାକୁ ଥିବା ଏୟାର ଏସିଆ ବିମାନ ବାତିଲ ହେବାରୁ ବ୍ୟାଙ୍କକ୍ ଏୟାରପୋର୍ଟରେ ବହୁ ଯାତ୍ରୀ ଫସି ରହିଛନ୍ତି। ସେହିଭଳି ଏୟାର ଇଣ୍ଡିଆ ଓ ଏୟାର ଏସିଆ ପକ୍ଷରୁ ସମସ୍ତ ବିମାନକୁ ବାତିଲ କରାଯାଇଛି।

ଅନ୍ୟପକ୍ଷରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ(ଏଏଆଇ) ପକ୍ଷରୁ ଉପକୂଳ ଅଞ୍ଚଳର ସମସ୍ତ ବିମାନବନ୍ଦରଗୁଡ଼ିକୁ ସତର୍କ ସୂଚନା ଦିଆଯାଇଛି। ବାତ୍ୟା ପାଇଁ ସମସ୍ତ ଜରୁରିକାଳୀନ ପଦକ୍ଷେପ ଗ୍ରହଣ କରିବା ସହ ପ୍ରାକ୍ ସତର୍କତା ଓ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିୟୋର୍(ଏସ୍‌ଓପି)କୁ ଅନୁକରଣ କରିବାକୁ କୁହାଯାଇଛି। ବାତ୍ୟା ପରିସ୍ଥିତିର ସମୀକ୍ଷା ପାଇଁ ଉଚ୍ଚସ୍ତରରେ ନଜର ରଖାଯାଇଥିବା ବିମାନ ଚଳଚଳ ମନ୍ତ୍ରୀ ସୁରେଶ ପ୍ରଭୁ ଏକ ଟୁଇଟ୍ ଯୋଗେ କହିଛନ୍ତି।







ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ଫନୀକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଭାଜପା କାର୍ଯ୍ୟକର୍ତ୍ତା ଲୋକମାନଙ୍କୁ ସଚେତନ କରାଇବା ସହ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବାକୁ ଦଳର ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଅନୁରୋଧ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ସମସ୍ତ କାର୍ଯ୍ୟକର୍ତ୍ତା ନିଜ ଅଞ୍ଚଳରେ ସଜାଗ ରହି ଲୋକଙ୍କୁ ସତର୍କ କରାଇବେ। ଏହାସହ ବାତ୍ୟା ପରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟରେ ବିଭିନ୍ନ ସରକାରୀ ଏବଂ ବେସରକାରୀ ସଙ୍ଗଠନମାନଙ୍କୁ ସହଯୋଗ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟାକୁ ଦୃଷ୍ଟିରେ ରଖି ଆଗୁଆ ୩୪୦କୋଟି ୮୭ଲକ୍ଷ ଟଙ୍କା ସହାୟତା ଯୋଗାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀ ଗସ୍ତରେ ଯାଇ ଓଡ଼ିଶାକୁ କିଭଳି ଅଧିକ ସହାୟତା ଓ ସୁବିଧା ଆସିପାରିବ ସେନେଇ ବିଭିନ୍ନ ମନ୍ତ୍ରାଳୟର ସଚିବମାନଙ୍କ ସହ ଆଲୋଚନା କରିଛନ୍ତି ବୋଲି ଗୋଲକ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: .............................


ସ୍ୱୟଂଶ୍ରୀ
ପରିବାରବର୍ଗ


ଶ୍ରୀନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବାତ୍ୟା ପାଇଁ ଆତଙ୍କିତ ନ ହେବାକୁ ଅନୁରୋଧ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ସାମୁଦ୍ରିକ ବାତ୍ୟା ଫନୀ ଶୁକ୍ରବାର ପୂର୍ବାହ୍ନ ୮ଟାରୁ ୧୦ଟା ମଧ୍ୟରେ ପୁରୀ ପାଖାପାଖି ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହି ସମୟରେ ପବନର ବେଗ ଯଥେଷ୍ଟ ଅଧିକ ରହିବାର ଆଶଙ୍କା ମଧ୍ୟ କରାଯାଇଛି। ତେଣୁ ଏହି ସମୟରେ ଜନସାଧାରଣ ସତର୍କରେ ରହିବା ଲାଗି ସରକାର ନିବେଦନ କରିଛନ୍ତି। ଅନ୍ୟପଟେ ବାତ୍ୟାକୁ ନେଇ ଲୋକମାନେ ଆତଙ୍କିତ ନ ହେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଫନୀ ଶୁକ୍ରବାର ଉପରବେଳା ସ୍ଥଳଭାଗ ଛୁଇଁବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ମାତ୍ର ବାତ୍ୟା ବେଗ ବଢ଼ିବା କାରଣରୁ ସକାଳ ସମୟରେ ଫନୀ ଓଡ଼ିଶା ଉପକୂଳ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ତେଣୁ ଏହି ସମୟରେ କେହି ଘରୁ ନ ବାହାରିବା ପାଇଁ ଜନସାଧାରଣଙ୍କୁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଛି। ଦୋକାନ, ବଜାର, ଅଫିସ୍, ଗାଡି ମୋଟର ଚଳାଚଳ ସବୁ ଏହି ସମୟରେ ବନ୍ଦ ରଖିବା ଲାଗି ମଧ୍ୟ କୁହାଯାଇଛି। ବାତ୍ୟା ଅତିକ୍ରମ ନ କରିବା ପର୍ଯ୍ୟନ୍ତ ସମସ୍ତେ ଘର ଭିତରେ ନିରାପଦରେ ରୁହନ୍ତୁ ବୋଲି ସରକାରଙ୍କ ତରଫରୁ ନିବେଦନ କରାଯାଇଛି।

ଏନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ଭାବ୍ୟ ବାତ୍ୟା ପରିପ୍ରେକ୍ଷୀରେ ଆତଙ୍କିତ ହୁଅନ୍ତୁ ନାହିଁ। ରାଜ୍ୟ ସରକାର ବାତ୍ୟା ମୁକାବିଲା ପାଇଁ ପୂରା ପ୍ରସ୍ତୁତ ଅଛନ୍ତି। ପ୍ରତ୍ୟେକଙ୍କ ଜୀବନ ସରକାରଙ୍କ ପାଇଁ ମୂଲ୍ୟବାନ। ବାତ୍ୟା ସମୟରେ ମହିଳା, ଶିଶୁ, ବୁଢାବୁଢୀ ଓ ଭିନ୍ନକ୍ଷମମାନଙ୍କ ସ୍ୱତନ୍ତ୍ର ଦେଖାଶୁଣା କରନ୍ତୁ। ଆତଙ୍କିତ ନ ହୋଇ ସମସ୍ତେ ଶାନ୍ତ ରୁହନ୍ତୁ। ସରକାରଙ୍କୁ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

# ଡାକ୍ତରଙ୍କ ଛୁଟି ୧୫ ଯାଏ ବାତିଲ

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ସମ୍ଭାବ୍ୟ ବାତ୍ୟା 'ଫନୀ'କୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତି ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରିଛନ୍ତି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବଜାୟ ରଖାଯିବ। ଏହାସହ ଲୋକଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ବୋଲି ମନ୍ତ୍ରୀ ଜେନା କହିଛନ୍ତି। ଏନେଇ ଆବଶ୍ୟକୀୟ ପ୍ରସ୍ତୁତି ସହିତ ଜିଲାଗୁଡିକୁ ନିର୍ଦ୍ଦେଶନାମା ପଠାଇ ଦିଆଯାଇଛି। ସମସ୍ତ ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କ ଛୁଟି ଆସନ୍ତା୧୫ ପର୍ଯ୍ୟନ୍ତ ବାତିଲ କରି ଦିଆଯାଇଛି। ଯେଉଁମାନେ ଛୁଟିରେ ଅଛନ୍ତି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ମଧ୍ୟ କୁହାଯାଇଛି। ଆବଶ୍ୟକୀୟ ଔଷଧ, ସାପକାମୁଡା ଇଞ୍ଜେକ୍ସନ୍‌ଠାରୁ ଆରମ୍ଭ କରି ସାଲାଇନ, ହାଲୋଜିନ ବଟିକା ଆଦି ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଣପ୍ରଭାବିତ ଅଞ୍ଚଳଗୁଡିକରୁ ପ୍ରଭାବିତ ଅଞ୍ଚଳରେ ଡାକ୍ତରଙ୍କୁ ମୁତୟନ ପାଇଁ ପଦକ୍ଷେପ ନିଆଯାଇଛି। ଦରକାର ପଡିଲେ ମେଡିକାଲ କଲେଜ ଓ ହସ୍‌ପିଟାଲଗୁଡିକରୁ ମଧ୍ୟ ଡାକ୍ତରୀ ଦଳକୁ ପ୍ରଭାବିତ ଅଞ୍ଚଳରେ ମୁତୟନ କରାଯିବ। ଆମ୍ବୁଲାନ୍ସ ସମେତ ଭ୍ରାମ୍ୟମାଣ ଚିକିତ୍ସକ ଦଳ ପ୍ରସ୍ତୁତ ରହିବେ ଏବଂ ମେଡିକାଲ ରିଲିଫ୍ କେନ୍ଦ୍ର ଖୋଲାଯିବା ପାଇଁ ତୁରନ୍ତ ଦକ୍ଷେପ ଗ୍ରହଣ କରାଯିବ ବୋଲି ଜେନା ସୂଚନା ଦେଇଛନ୍ତି। ରାଜ୍ୟସ୍ତରରୁ ଜିଲା ଓ ବ୍ଲକ୍‌ସ୍ତର ପର୍ଯ୍ୟନ୍ତ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ନୋଡାଲ ଅଫିସରଙ୍କୁ ନିୟୋଜିତ କରାଯାଇଛି। ବିଦ୍ୟୁତ୍ ସରବରାହ ବ୍ୟାହତ ହେଲେ ପାୱାର ବ୍ୟାକ୍ ଅପ୍ ବ୍ୟବସ୍ଥା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗର୍ଭବତୀ ମହିଳାମାନଙ୍କ ତାଲିକା ଅନୁଯାୟୀ ପ୍ରସବ ଦିନକୁ ଦୃଷ୍ଟିରେ ରଖି ସେମାନଙ୍କୁ ମା'ଗୃହରେ କିମ୍ବା ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ପଠାଇବା କାର୍ଯ୍ୟ ଆରମ୍ଭ କରାଯାଉଛି। ବାତ୍ୟା ପରେ ପାନୀୟ ଜଳ ଉତ୍ସଗୁଡିକର ତୁରନ୍ତ ବିଶୋଧନ ଉପରେ ଗୁରୁତ୍ୱ ଦିଆଯାଇଛି। ମ୍ୟାଲେରିଆ, ଡାଇରିଆ, ଡେଙ୍ଗୁ ସମ୍ପର୍କରେ ସତର୍କ ଦୃଷ୍ଟି ରଖିବାକୁ କୁହାଯାଇଛି। କୌଣସି ସ୍ଥାନରେ ଯେପରି ମହାମାରୀ ଦେଖା ନ ଯାଏ ସେନେଇ ମଧ୍ୟ ସଜାଗ ରହିବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ଏନେଇ ପ୍ରତିଦିନ ରାଜ୍ୟ ନିୟନ୍ତ୍ରଣ କକ୍ଷକୁ ରିପୋର୍ଟ ପ୍ରଦାନ କରିବା ନିମନ୍ତେ କୁହାଯାଇଛି ବୋଲି ସଚିବାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ସ୍ୱତନ୍ତ୍ର ଶାସନ ସଚିବ ଲିଙ୍ଗରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବାତ୍ୟା ପାଇଁ ୧୧ ଜିଲାରୁ ନିର୍ବାଚନ ଆଚରଣ ବିଧି କଟକଣା ଉଠିଲା

**ଭୁବନେଶ୍ୱର,୨।୫(ବ୍ୟୁରୋ)**

ସମ୍ଭାବ୍ୟ ବାତ୍ୟା 'ଫନୀ'କୁ ଦୃଷ୍ଟିରେ ରଖି ଭାରତର ନିର୍ବାଚନ କମିଶନ(ଇସିଆଇ) ୧୧ଟି ଜିଲାରୁ ନିର୍ବାଚନ ଆଦର୍ଶ ଆଚରଣ ବିଧି କଟକଣାକୁ ଉଠାଇ ଦେଇଛନ୍ତି। ସେହି ଜିଲାଗୁଡ଼ିକ ହେଲା ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ଖୋର୍ଦ୍ଧା, କଟକ ଏବଂ ଯାଜପୁର। ଏହି ସବୁ ଜିଲାଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଉକ୍ତ କଟକଣାକୁ ଉଠାଇ ଦିଆଯାଇଛି। କଟକଣା ଉଠାଯାଇଥିବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାଇ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଆଜି ପୁରୀ ଛୁଇଁବ...

ସତର୍କ କରିଛି। ଏହି ଜିଲାଗୁଡ଼ିକର ଉପକୂଳରେ ସମୁଦ୍ର ଢେଉ ଦେଢ଼ ମିଟରରୁ ୫ ମିଟର ପର୍ଯ୍ୟନ୍ତ ଉପରକୁ ଉଠିବ। ସମୁଦ୍ର ପାଣି ପ୍ରାୟ ୧୫ରୁ ୨୦ କିଲୋମିଟର ପର୍ଯ୍ୟନ୍ତ ମାଡ଼ି ଆସିବ ବୋଲି ଆଇଏମଡି ପୂର୍ବାନୁମାନ କରିଛି। କୌଣସି ପରିସ୍ଥିତିରେ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ମତ୍ସ୍ୟଜୀବୀମାନେ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟର ସମସ୍ତ ବନ୍ଦରରେ ୧୦ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ବାତ୍ୟା ଆଗମନ ପୂର୍ବରୁ ୨ ତାରିଖ ଅପରାହ୍ନରୁ ପୁରୀ, ଖୋର୍ଦ୍ଧା, କଟକ, ଗଞ୍ଜାମ, ଗଜପତିରେ ହାଲ୍‌କା ପବନ ସହ ଝିପିଝିପି ବର୍ଷା ଲାଗି ରହିଛି।

ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ଓ ଜିଲା ପ୍ରଶାସନ ପକ୍ଷରୁ ଘନ ଘନ ବୈଠକ ଡକାଯାଇ ସମୀକ୍ଷା କରାଯାଉଛି। ସମୁଦ୍ରକୂଳରୁ ଚାଲିଯିବାକୁ ଲୋକମାନଙ୍କୁ ଡାକବାଜି ଯନ୍ତ୍ର ଯୋଗେ ପରାମର୍ଶ ଦିଆଯାଉଛି। ଜିଲା ପ୍ରଶାସନ ପକ୍ଷରୁ ଖାଲୁଆ ଓ ସମ୍ବେଦନଶୀଳ ଅଞ୍ଚଳରେ ଥିବା ଲୋକମାନଙ୍କୁ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯାଉଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୧୧ ଲକ୍ଷ ୫୪ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଯୋଜନା କରିଛନ୍ତି। ସେଥିରୁ ଖବର ଲେଖା ହେବା ଯାଏ ୪୮୫୨ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳକୁ ୪ ଲକ୍ଷ ୫୦ ହଜାର ୭୯୪ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟରେ ୩୦ଟି ଜିଲାରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯିବା ସହ ଟେଲିଫୋନ ନମ୍ବର ଦିଆଯାଇଛି। ପର୍ଯ୍ୟଟକମାନଙ୍କୁ ସୁରକ୍ଷିତ ଭାବେ ସେମାନଙ୍କ ବାସସ୍ଥାନକୁ ନେବା ଲାଗି ପୁରୀରୁ କୋଲକାତା ସାଲିମାର ପାଇଁ ୨ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି। ଏବଂ ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ୪୫ରୁ ଊର୍ଦ୍ଧ୍ୱ ଟ୍ରେନକୁ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନର ଗତିପଥ ମଧ୍ୟ ବଦଳା ଯାଇଛି। ସେହିପରି ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ଗୁରୁବାର ମଧ୍ୟରାତ୍ରିରୁ ସମସ୍ତ ବିମାନସେବା ୨୪ ଘଣ୍ଟା ପର୍ଯ୍ୟନ୍ତ ବାତିଲ କରାଯାଇଛି। ନୌ ସେନାକୁ ହାଇ ଆଲର୍ଟରେ ରଖାଯାଇଛି। ବିଶାଖାପାଟଣା ୮ଟି ଏବଂ ଚେନ୍ନାଇଠାରେ ୪ ନୌସେନା ଜାହାଜ ପ୍ରସ୍ତୁତ ହୋଇ ରହିଛି। ତାମିଲନାଡୁ, ପୁଡୁଚେରୀରେ ଫ୍ଲାଗ ଅଫିସର, ଆନ୍ଧ୍ର ଏବଂ ଓଡ଼ିଶାରେ ଭାରପ୍ରାପ୍ତ ନୌସେନା ପଦାଧିକାରୀମାନେ ଆବଶ୍ୟକ ରିଲିଫ ଓ ଉଦ୍ଧାର କାର୍ଯ୍ୟ ପାଇଁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗରେ ରହିଛନ୍ତି। ଏଥିସହିତ ଓଡ୍ରାଫ, ଏନ୍‌ଡିଆରଏଫ, ଅଗ୍ନିଶମ ବାହିନୀକୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି। ବାତ୍ୟା ପ୍ରଭାବିତ ଜିଲାଗୁଡ଼ିକର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକରେ ପର୍ଯ୍ୟାପ୍ତ ଖାଦ୍ୟ ସାମଗ୍ରୀ, ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ବାତ୍ୟା ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହେବାର ସମ୍ଭାବନା ରହିଛି। ଏହାକୁ କିପରି ମୁକାବିଲ କରାଯାଇ ପାରିବ ସେ ନେଇ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ଟେଲିକମ୍ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ବିଭାଗର ସଚିବଙ୍କ ସହ ଜଣ ଜଣ କରି ବାତ୍ୟା ପ୍ରସ୍ତୁତି ନେଇ ଆଲୋଚନା କରିଛନ୍ତି। ବାତ୍ୟା ପରବର୍ତ୍ତୀ ସମୟରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କେନ୍ଦ୍ର ସରକାର ମଧ୍ୟ ବାତ୍ୟା ପ୍ରସ୍ତୁତି ନେଇ ରାଜ୍ୟ ସରକାରଙ୍କ ସହ ବରାବର ଯୋଗାଯୋଗରେ ରହିଛନ୍ତି। ଗତ କିଛିଦିନ ହେବ କେନ୍ଦ୍ର କ୍ୟାବିନେଟ ସଚିବ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ସହ ବାତ୍ୟା ପ୍ରସ୍ତୁତି ଓ ସହାୟତା ନେଇ ଆଲୋଚନା ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାତ୍ୟା ମୁକାବିଲା ନେଇ ଗୁରୁବାର କେନ୍ଦ୍ର କ୍ୟାବିନେଟ ସଚିବ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ, ଏନଡିଏମଏମ, ଏନଡିଆରଏଫ ଏବଂ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ରାଜ୍ୟଗୁଡ଼ିକ ପାଇଁ ସେନା ଏବଂ ଏନଡିଆରଏଫକୁ ପ୍ରସ୍ତୁତ ରହିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀମାନେ ରାଜ୍ୟଗୁଡ଼ିକ ସହ ନିୟମିତ ଯୋଗାଯୋଗରେ ରହିବା ସହ ଉଦ୍ଧାର ଓ ପ୍ରତିକାରମୂଳକ ପଦକ୍ଷେପ ନେବାରେ ଆବଶ୍ୟକ ସହାୟତା କରିବାକୁ ପରାମର୍ଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସାମାଜିକ ସ୍ତରରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ହାତରେ ଥିବା କାମକୁ ଶୀଘ୍ର ଶେଷ କରିବା ପାଇଁ ବ୍ୟସ୍ତ ହୋଇ ପାରନ୍ତି। ଦେବଦର୍ଶନର ସୁଯୋଗ ପାଇବେ। ପ୍ରଶାସନ, ରାଜନୀତି ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବାଣିଜ୍ୟ, ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

**ବୃଷ** ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବାଟରେ ଯିବା ସମୟରେ ଅସାବଧାନତାବଶତଃ କୌଣସି ଜିନିଷ ହଜିଯାଇ ପାରେ।

**ମିଥୁନ** ଅନ୍ତରଙ୍ଗ ବନ୍ଧୁ କିମ୍ବା ଖୁସି ମିଜାଜରେ କାମ କରିବାର ସୁଯୋଗ ପାଇବେ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ସହଜରେ ପାଇଯିବେ। ମନୋରଞ୍ଜନ ପ୍ରୀତିପ୍ରଦ ହେବ ଓ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ରଚନାତ୍ମକ କାର୍ଯ୍ୟ, ଗବେଷଣା ଓ ଲେଖାପଢ଼ାରେ ଅଗ୍ରଗତି ଘଟିବ।

**କର୍କଟ** ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା ପରୋକ୍ଷଭାବରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆବଶ୍ୟକତାନୁଯାୟୀ ଋଣ ସୂତ୍ରରେ ଅର୍ଥଲାଭ କରି କୌଣସି ନୂତନ କର୍ମାରମ୍ଭ କରିପାରନ୍ତି। ନୂତନ ଗୃହୋପଯୋଗୀ ଜମିଜମା ସମ୍ପର୍କୀୟ କଥାରେ ଅଗ୍ରଗତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ପାରିବାରିକ ସ୍ତରରେ କିଛି ନା କିଛି ଅସୁବିଧା ସୃଷ୍ଟି ହେବାର ଲକ୍ଷ୍ୟ କରିବେ। କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ବାଣିଜ୍ୟ ଓ ଏଜେନ୍ସିପରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ମାଲିମକଦ୍ଦମା ଓ ପରିବହନରେ ସମସ୍ୟା ବଢିଯାଇପାରେ।

**କନ୍ୟା** ଆର୍ଥିକ ଅନଟନ ଲାଗି ରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ନିକଟ ସମ୍ପର୍କୀୟଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ଭଲ ଓ ମନ୍ଦ ମଧ୍ୟରେ ପାରିବାରିକ ସଦ୍ଭାବ ପ୍ରାୟତଃ ଅକ୍ଷୁଣ୍ଣ ରହିବ। ବାଣିଜ୍ୟ, ବ୍ୟବସାୟ ଅଥବା କଚେରି ମାମଲା କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ।

**ତୁଳା** ପରିବାରର ଆବଶ୍ୟକତା ଅନୁଭବ କରି ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ସରକାରୀ ସ୍ତରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାମାଜିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବାର ଆଶା ରହିଛି। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବା ସଙ୍ଗକୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଅଯଥା ବ୍ୟସ୍ତ ବିବ୍ରତ ନ ହୋଇ ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯିବ। ବାରମ୍ବାର ବିଫଳତା ପରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ଅସାବଧାନ ହେତୁ ସାମୟିକ ଯାତ୍ରାରେ ଅସୁବିଧା ଘଟିପାରେ। ଆଜିର ଅଧିକାଂଶ ସମୟ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**ଧନୁ** ପରିସ୍ଥିତିର ପ୍ରଭାବରେ ଅଫିସିଆଲି କାମରେ ଟେନସନ୍ କିଛି ମାତ୍ରାରେ ବଢିଯିବ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବ କିନ୍ତୁ ଆର୍ଥିକ ଉନ୍ନତି ପାଇଁ ଚିନ୍ତା ପ୍ରକଟ କରି ପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**ମକର** ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ ଏବଂ ମାଙ୍ଗଳିକ କାମରୁ ଖୁସି ରହିବେ। କ୍ରନିକ୍ ରୋଗରେ ପୀଡା ବୃଦ୍ଧି ଘଟିବାର ଆଶଙ୍କା ରହିଛି। ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଭ୍ରାତୃ ସମ୍ପର୍କ ହାନି ଘଟିପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପର କ୍ଷଣରେ ଅନୁତପ୍ତ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ୍ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ। ଆତ୍ମୀୟମାନଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟଲାଭରୁ ଖୁସୀ ହୋଇପାରନ୍ତି।

**ମୀନ** କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ପରିବହନ, ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ। ନିକଟ ସମ୍ପର୍କୀୟଙ୍କ ସାଧାରଣ କଥାରେ ବିବ୍ରତ ହୋଇପଡ଼ିବେ।

ଆଜି ବୈଶାଖ କୃଷ୍ଣ ଚତୁର୍ଦ୍ଦଶୀ ଶୁକ୍ରବାର, ମେ ୩ ତାରିଖ, ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ, ରାଶି ନକ୍ଷତ୍ର-ରେବତୀ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଦିବା ଘ୬।୫୦ମି. ମଧ୍ୟେ ଘ୪।୩୩ମି. ଗତେ, ଘ୬।୦୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୬।୫୦ମି. ଗତେ ଘ୮।୨୫ମି. ମଧ୍ୟେ, ଘ୧୧।୩୫ମି. ଗତେ ଘ୧।୧୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୪ମି. ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302

real estate

**SALE**

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

3BHK apartment ready for sale near Pratap Nagari, Cuttack-Bhubaneswar NH facing. Built up 1400 sqft. and garage. Contact: 6372939596, 7978625048. Email: landbank.19@gmail.com (Broker Excuse). D-66501

Gharabari plot sale Bhubaneswar, Sundarpada, 30'road, sqft. 850/-, BJEM-2 - 550/-, 350/-, ବାଳକାଟି- 450/-, 650/-. 9438823759, 9937922999. D-66369

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8594954102. D- 66367

**Bhubaneswar Infocity-II ମଦନପୁର ନିକଟରେ sqft. 399/-ରେ Boundary plot କିଣନ୍ତୁ। 9337285332.** D-66366

1000 to 3000 sqft. land at Sisupalgarh, one kilometer from Lingaraj Temple. Contact: Hindustan Jewellers, Bhubaneswar. D-65643

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

3 bedroom flat=35 lakhs at Bhubaneswar, gated community, genuine buyers directly contact Deepak: 9937329999. D-66230

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66099

ଭୁବନେଶ୍ୱର, ଉତ୍ତରାଛକ ପାଖରେ 25' ରୋଡ୍, ପାଚେରି ସହ ୧୫୦୦ ଏବଂ ୨୦୦୦ sqft. ଘରବାରି ନିଜସ୍ୱ ୨ଟି ପ୍ଲଟ୍ ବିକ୍ରି ହେବ। 7005927638, 9436703629 D-12428

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66515

Now Matrimonial ads. only on Wednesday & Sunday Book 1 Get 1 FREE

to-let

Independent house 1650 sqft. 3BHK garage, pujaghar, borewell at Jagamara for residence. 8585088850, 7978485307. D-12435

packers & movers

Shivam logistic packers movers. Household/ car relocation country wide. 9777044177, 9338461133. D-12311

healthcare

Fully refreshed/ relaxed body massage by expert therapist, Shastri Nagar: 7377984773. D-66508

Rejuvenate and ayurvedic full body massage by smart Therapist: 9114402304. D-66509

Full body massage with refreshment, expert therapist. 7381239385, 0674-2540855. D-66510

Experience full body massage with us (expert). Call: 7377048581, 0674-2597822. D-66511

Summer special mesmerizing offer expert therapeutic refreshing massage appointment. 9668374480. D-66514

Herbal full body massage by smart/expert therapist. Contact: 8338067247. D-66512

Newly opening ayurvedic body massage smart therapist, Shree herbal. 7750020754. D-66513

business

1499/- ଟଙ୍କା ବିନିଯୋଗ କରି ନିଜ ଘରୁ Business start କରନ୍ତୁ। ମାସକୁ ୧୦,୦୦୦/- ରୁ ୨୦,୦୦୦/- ରୋଜଗାର କରନ୍ତୁ। (Agarbatti and plates, cups etc.) 7735153206. D-12392

**GENERAL**

**PURCHASE**

**Wanted running generator 10 HP to 25 HP. Contact: 7809525452** D-65893

astrology

କାଳୀ ଓ ବଙ୍ଗାଳୀ ଶକ୍ତିରେ ନିପୁଣ। ଯନ୍ତ୍ର-ମନ୍ତ୍ର-ତନ୍ତ୍ର ଦ୍ୱାରା ସମସ୍ୟାଗୁଡ଼ିକ ମୂଳରୁ ସମାପ୍ତ 100% ବଶୀକରଣ, ଋଣ ମୁକ୍ତି। 9779988848. D-12380

**AFFIDAVIT**

By virtue of an affidavit vide C.F. No. 56 dt. 10.04.19 sworn before The Executive Magistrate, Bhubaneswar, The surname of Mrs. Prajna Parimita Dash is changed as Mrs. Prajna Parimita Mishra. Hence, Smt. Prajna Parimita Dash shall be known as Prajna Parimita Mishra for all purposes. D-12429

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit vide C.F No.74 dated 30.04.19 sworn before the Executive Magistrate, Bhubaneswar, The surname of Mrs. Ranjita Sahoo is changed as Mrs. Ranjita Debsharma. Hence, Mrs. Ranjita Sahoo will be known as Ranjita Debsharma for all purposes. D-12430


### ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



**ସାନ୍‌ଭୀ ମଲ୍ଲିକ (ରିଦ୍ଧି)**
କ୍ୱାର୍ଟର ନଂ. ବି-୧୦୬, ହାଲ୍, ସୁନାବେଡା, କୋରାପୁଟ
ଆଜି ତୋର ଚତୁର୍ଥ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଳାପଥ କୁସୁମିତ କରିବା ସଂଗେ ସଂଗେ ଭବିଷ୍ୟତ ଉଜ୍ଜ୍ୱଳମୟ, ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ, ଏତିକି କାମନା। ଶୁଭେଚ୍ଛା ସହ: ଜେଜେବାପା-ଶଙ୍କର, ଜେଜେମା-ମନପ୍ରିୟା, ବାପା-ସ୍ମୃତି, ମା-ଲୋପାମୁଦ୍ରା, ବଡ଼ ବାପା-ତ୍ରୈଲୋକ୍ୟ, ବଡ଼ ମା-ରଞ୍ଜିତା, ଦାଦା-ସୌମ୍ୟ, ଖୁଡୀ-ସ୍ୱର୍ଣ୍ଣମୟୀ, ସିଦ୍ଧି, ଅଜା-ଆଇ, ମାମୁଁ ଏବଂ ବନ୍ଧୁ ପରିଜନ ବର୍ଗ। ଧ-୧୨୨୭୫

### ଜନ୍ମଦିନ ଶୁଭେଚ୍ଛା



**ଶ୍ରୀନିକା ପ୍ରଧାନ (ଶ୍ରୀନୁ)**
ସମ୍ବଲପୁର
ତୋର ଚଲାପଥ କୁସୁମିତ ହେଉ। ଆଜି ପ୍ରଥମ ଜନ୍ମବାର୍ଷିକୀରେ ମାଁ ସମଲେଇଙ୍କଠାରେ ଏତିକି ପ୍ରାର୍ଥନା।
ଶୁଭେଚ୍ଛା ସହ
ମାଆ ପୂଜା, ବାପା ଶ୍ରୀକାନ୍ତ ଓ ପରିବାରବର୍ଗ।
ଧ-୧୨୪୩୬



**ଫନୀ ପାଇଁ ହାଇକୋର୍ଟ ଛୁଟି**

**କଟକ ଅଫିସ, ୨।୫:** ସାମୁଦ୍ରିକ ଝଡ଼ ଫନୀ ପାଇଁ ହାଇକୋର୍ଟ ୨ ଦିନ ଛୁଟି ଘୋଷଣା କରାଯାଇଛି। ଗୁରୁବାର ଓ ଶୁକ୍ରବାର ହାଇକୋର୍ଟ ବନ୍ଦ ରହିବ ବୋଲି ବିଧିବଦ୍ଧ ଭାବେ ଘୋଷଣା କରାଯାଇଥିଲା। ଏ ନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ନୀଳଚକ୍ରରୁ ଉଡ଼ିଗଲା ପତିତପାବନ ବାନା

**ଭକ୍ତଙ୍କ ମହଲରେ ନାନା ଚର୍ଚ୍ଚା**

**ପୁରୀ ଅଫିସ, ୨।୫:** ବାତ୍ୟା ଫନୀକୁ ନେଇ ସବୁଠି ଚର୍ଚ୍ଚା ଆଲୋଚନା ଚାଲିଥିବା ବେଳେ ଗୁରୁବାର ଶ୍ରୀମନ୍ଦିର ନୀଳଚକ୍ରରେ ବନ୍ଧାଯାଇଥିବା ୫ ହାତିଆ ପତିତପାବନ ବାନା ଉଡ଼ିଯାଇଛି। ସକାଳୁ ଭକ୍ତମାନେ ନୀଳଚକ୍ରରେ ବାନା ନ ଥିବା ଦେଖିବାକୁ ପାଇଥିଲେ। ତେବେ ବାନା ଉଡ଼ିଯିବାକୁ ନେଇ ଭକ୍ତଙ୍କ ମଧ୍ୟରେ ନାନା ପ୍ରକାର ଆଲୋଚନା ଆରମ୍ଭ ହୋଇଯାଇଛି। ଏମିତି କି ବାତ୍ୟା ଫନୀ ସ୍ଥଳଭାଗ ଛୁଇଁବା ପୂର୍ବରୁ ନୀଳଚକ୍ରକୁ ବାନା ଉଡ଼ିଯିବା ଏକ ଅଶୁଭ ସଙ୍କେତ। ବଡ଼ ବିପର୍ଯ୍ୟୟର ଏହା ପ୍ରାକ୍‌ସୂଚନା ବୋଲି କେହି କେହି ଆଲୋଚନା କରୁଛନ୍ତି। ତେବେ ବାନା ଉଡ଼ିଯାଇ ବାସେଳିସାହିର ଏକ ବେଲ ଗଛରେ ପଡିଥିଲା। ଏହାକୁ ସ୍ଥାନୀୟ ଲୋକେ ଦେଖିବା ପରେ ପୁଣି ଭିନ୍ନ ପ୍ରକାର ଚର୍ଚ୍ଚା ଶୁଣିବାକୁ ମିଳୁଛି। ବେଲଗଛରେ ବାନା ପଡିଥିବାରୁ ମହାପ୍ରଭୁ ଭଗବାନ ଶିବଙ୍କୁ ବାତ୍ୟାର ମୁକାବିଲା ଲାଗି ଆଜ୍ଞା ଦେଇଛନ୍ତି। ପୁରୀ ସହରର ସେମିତି କିଛି କ୍ଷତି ହେବନି, ଯଦି ବାତ୍ୟା ହେବ ତାହା ଦୁର୍ବଳ ହୋଇଯିବ ବୋଲି ଏମିତି ବିଭିନ୍ନ ପ୍ରକାର ଆଲୋଚନା ଚାଲିଛି। ତେବେ ନୀଳଚକ୍ରରୁ ବାନା ଉଡ଼ିଯିବା କିମ୍ବା ଚିରିବା ନୂଆ ଘଟଣା ନୁହେଁ। ପୂର୍ବରୁ ଅନେକଥର ଏପରି ହେବାର ନଜିର ରହିଛି ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଅପରାହ୍ନରେ ନୀଳଚକ୍ରରେ ନୂଆ ବାନା ବନ୍ଧା ଯାଇଥିଲା।

## କେମିତି ରହିବ ଆଜିର ପାଗ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମେଘୁଆ ରହିବା ସହିତ ଘୂର୍ଣ୍ଣିଝଡ ପ୍ରଭାବରେ ଘଡଘଡି ସହ ବର୍ଷା ହେବ।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘୁଆ ରହିବା ସହିତ ପ୍ରବଳ ବର୍ଷା ହେବା ସମ୍ଭାବନା ଅଛି। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୮ | ୨୫.୩ |
| ଚାନ୍ଦବାଲି | ୩୪.୦ | ୨୭.୫ |
| କଟକ | ୩୪.୦ | ୨୫.୫ |
| ପାରାଦ୍ୱୀପ | ୩୨.୯ | ୨୯.୧ |
| ଭୁବନେଶ୍ୱର | ୩୪.୭ | ୨୭.୪ |
| ଗୋପାଳପୁର | ୩୧.୯ | ୨୭.୫ |
| ପୁରୀ | ୩୨.୬ | ୨୭.୨ |
| ଅନୁଗୋଳ | ୩୪.୧ | ୨୩.୬ |
| ବାରିପଦା | ୩୪.୪ | ୨୬.୬ |
| ଝାରସୁଗୁଡ଼ା | ୩୭.୨ | ୨୬.୭ |
| କେନ୍ଦୁଝର | ୩୨.୪ | ୨୩.୮ |
| ସମ୍ବଲପୁର | ୩୬.୪ | ୨୫.୦ |
| ସୁନ୍ଦରଗଡ଼ | ୩୮.୦ | ୨୨.୦ |
| ହୀରାକୁଦ | ୩୫.୪ | ୨୫.୬ |
| ତାଳଚେର | ୩୬.୨ | ୨୭.୦ |
| ଭବାନୀପାଟଣା | ୩୫.୦ | ୨୮.୦ |
| ବଲାଙ୍ଗୀର | ୩୫.୨ | ୨୫.୬ |
| କୋରାପୁଟ | ୩୦.୦ | ୨୧.୬ |
| ଫୁଲବାଣୀ | ୩୧.୨ | --- |
| ଟିଟିଲାଗଡ଼ | ୩୫.୬ | ୨୫.୬ |
| ମାଲକାନଗିରି | ୩୬.୮ | ୨୪.୬ |
| ସୋନପୁର | ୩୬.୦ | ୨୫.୫ |
| ଦାରିଙ୍ଗିବାଡ଼ି | ୨୬.୮ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍

# ପାଟକୁରା ନିର୍ବାଚନ ତାରିଖ ନ ଘୁଞ୍ଚାଇବାକୁ ଦାବି

**ନିର୍ବାଚନ କମିଶନରଙ୍କୁ ଭେଟିଲେ ଧର୍ମେନ୍ଦ୍ର**

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା ଫନୀ ପାଇଁ ପାଟକୁରା ବିଧାନସଭା ନିର୍ବାଚନ ଆସନ୍ତା ୧୯ରେ ନ କରିବା ଲାଗି ଭାରତର ମୁଖ୍ୟ ନିର୍ବାଚନ କମିଶନଙ୍କୁ ଗତ ମଙ୍ଗଳବାର ଅନୁରୋଧ କରିଥିଲେ। ଏହାସହ ବାତ୍ୟା ପ୍ରଭାବ ପଡ଼ିବାକୁ ଥିବା ୧୧ ଉପକୂଳବର୍ତ୍ତୀ ଜିଲା ଉପରୁ ନିର୍ବାଚନ ଆଚରଣବିଧି ଉଠାଇବାକୁ ମୁଖ୍ୟମନ୍ତ୍ରୀ ଦାବି କରିଥିଲେ। ଏହାର ଦିନକ ପରେ ଅର୍ଥାତ୍ ଗତ ବୁଧବାର ଭାଜପାର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଭାରତର ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି। ପାଟକୁରା ନିର୍ବାଚନ ତାରିଖ ନ ଘୁଞ୍ଚାଇବା ଲାଗି ଭାଜପା ପ୍ରତିନିଧି ଦଳ ପକ୍ଷରୁ ଅନୁରୋଧ କରାଯାଇଛି। ଏହାସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ବିଜେଡିକୁ ସୁହାଇଲା ଭଳି କାର୍ଯ୍ୟ କରୁଥିବା ଧର୍ମେନ୍ଦ୍ର ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି, ତୃତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ୧୫ ବିଧାନସଭା ମଧ୍ୟରୁ ଅନେକ ବୁଥ୍‌ରେ ବିଜେଡି ଜବରଦଖଲ ଓ ଅନ୍ୟାନ୍ୟ ଅନିୟମିତତା କରିଛି। ଏହାର ପ୍ରମାଣ ନିର୍ବାଚନ କମିଶନଙ୍କ ନିକଟରେ ଉପସ୍ଥାପିତ କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଜଣେ ଭ୍ରଷ୍ଟ ବ୍ୟକ୍ତି। ରାଜ୍ୟରେ ଶାସକ ବିଜେଡିକୁ ସୁହାଇବା ଭଳି ସେ କାମ କରିଛନ୍ତି। ସୁରେନ୍ଦ୍ର କୁମାର କିଛି ସଂସ୍ଥାକୁ ଲଗାଇ କେତୋଟି ବୁଥ୍‌ରେ ଆଉଥରେ ମତଦାନ କରାଇବାକୁ ଷଡ଼ଯନ୍ତ୍ର କରୁଛନ୍ତି। ବିଶେଷଭାବେ ବରୀ ବିଧାନସଭାର ୧୨ଟି ବୁଥ୍‌ରେ ପୁଣିଥରେ ନିର୍ବାଚନ କରିବାକୁ ଷଡ଼ଯନ୍ତ୍ର କରାଯାଇଥିବାର ସୂଚନା ନିର୍ବାଚନ କମିଶନଙ୍କୁ ଜଣାଇବା ପରେ ଏହାର ସୁବିଚାର କରାଯିବାର ଆଶ୍ୱାସନା ମିଳିଛି। ପାଟକୁରା ବିଧାନସଭା ନିର୍ବାଚନ ତାରିଖକୁ ସମ୍ଭାବ୍ୟ ବାତ୍ୟା କାରଣରୁ ଘୁଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦାବିକୁ ଦଳ ବିରୋଧ କରିଛି। ସମ୍ଭାବ୍ୟ ବାତ୍ୟାର ୧୫ଦିନ ପରେ ନିର୍ବାଚନ ପଡୁଛି। ଏହାସହ ମୁଖ୍ୟମନ୍ତ୍ରୀ ତାଙ୍କ ଦାବିପତ୍ରରେ ବାତ୍ୟାର ଲ୍ୟାଣ୍ଡଫଲ୍ ରାଜନଗରରେ ହେବ ବୋଲି ଦର୍ଶାଇଛନ୍ତି। ମାତ୍ର ବାତ୍ୟା ରାଜନଗର ନୁହେଁ ଅନ୍ୟ ସ୍ଥାନରେ ହେବ ବୋଲି ଜଣାପଡିଛି। ବାତ୍ୟା ପଶ୍ଚିମବଙ୍ଗକୁ ଯିବାର ସମ୍ଭାବନା ରହିଛି। ଷଷ୍ଠ ଓ ସପ୍ତମ ପର୍ଯ୍ୟାୟରେ ଏହି ରାଜ୍ୟରେ ମଧ୍ୟ ନିର୍ବାଚନ ହେଉଛି। ତେଣୁ ପାଟକୁରା ନିର୍ବାଚନ ପାଇଁ ନିର୍ବାଚନ କମିଶନ ଉଚିତ ସମୟରେ ଠିକ୍ ନିଷ୍ପତ୍ତି ନେବା ଲାଗି ଆଶ୍ୱାସନା ଦେଇଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ବିଶ୍ୱବିଦ୍ୟାଳୟ, କଲେଜ ପରୀକ୍ଷା ବାତିଲ

**ଭୁବନେଶ୍ୱର,୨।୫(ବ୍ୟୁରୋ):** ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟର ଅଧିକାଂଶ ଶିକ୍ଷାନୁଷ୍ଠାନରେ ୨ରୁ ୬ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପରୀକ୍ଷା ବାତିଲ କରାଯାଇଛି। ବିଶେଷକରି ବାତ୍ୟା ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ସମସ୍ତ ବିଶ୍ୱବିଦ୍ୟାଳୟ ଏବଂ କଲେଜକୁ ବନ୍ଦ ରଖାଯାଇଛି। ଏହାସହ ୨ରୁ ୪ତାରିଖ ମଧ୍ୟରେ ଥିବା ସମସ୍ତ ପରୀକ୍ଷାକୁ ବାତିଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ ଓ ବିପିୟୁଟି ଅଧୀନରେ ଥିବା ସମସ୍ତ କଲେଜର ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଏହା ଅଧୀନରେ ଥିବା ସବୁ କଲେଜରେ ପୂର୍ବରୁ ମେ ୨ରୁ ୪ ପର୍ଯ୍ୟନ୍ତ ହେବାକୁ ଥିବା ପରୀକ୍ଷା ବାତିଲ କରାଯାଇଥିଲା। ହେଲେ ଏବେ ବାତ୍ୟାର ପ୍ରକୋପକୁ ଦୃଷ୍ଟିରେ ରଖି ୫ ଓ ୬ତାରିଖରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ଘୁଞ୍ଚାଇବାକୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୨ରୁ ୪ତାରିଖ ମଧ୍ୟରେ ହେବାକୁ ଥିବା ସମସ୍ତ ପରୀକ୍ଷାକୁ ବାତିଲ କରାଯାଇଛି। ଏ ନେଇ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି) ଦ୍ୱାରା ୨ରୁ ୪ତାରିଖ ମଧ୍ୟରେ ହେବାକୁ ଥିବା ଏହାର ସେମିଷ୍ଟର(ରେଗୁଲାର୍ ଓ ବ୍ୟାକ୍) ପରୀକ୍ଷାକୁ ଘୁଞ୍ଚାଯାଇଛି। ବିପିୟୁଟି ଅଧୀନରେ ଥିବା ସମସ୍ତ ଇଞ୍ଜିନିୟରିଂ ତଥା ବୈଷୟିକ ଶିକ୍ଷାନୁଷ୍ଠାନରେ ୨ତାରିଖରେ ହେବାକୁ ଥିବା ପରୀକ୍ଷା ମେ ୨୫, ୩ରେ ହେବାକୁ ଥିବା ପରୀକ୍ଷାକୁ ମେ ୨୭ ଏବଂ ୪ତାରିଖ ପରୀକ୍ଷାକୁ ଘୁଞ୍ଚାଇ ୨୮ରେ କରିବାକୁ ସ୍ଥିର କରାଯାଇଛି। ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ମଧ୍ୟ ଏହାର ସମସ୍ତ ଡିପ୍ଲୋମା ପରୀକ୍ଷାକୁ ବାତିଲ କରିଛି। 'ଫନୀ' ପାଇଁ ୨, ୩ ଓ ୪ତାରିଖରେ ହେବାକୁ ଥିବା ପରୀକ୍ଷାକୁ ଘୁଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଖୁବ୍‌ଶୀଘ୍ର ପରବର୍ତ୍ତୀ ପରୀକ୍ଷା ତାରିଖ ପ୍ରକାଶ ପାଇବ ବୋଲି କୁହାଯାଇଛି।

## ▪ ସୀମାନ୍ତରେ ପୁଣି ମାତିଲେ ମାଓବାଦୀ

# ପୋଲିସ ଇନଫର୍ମର ସନ୍ଦେହରେ ୨ଜଣଙ୍କୁ ହତ୍ୟା

**ମାଲକାନଗିରି, ୨।୫ (ଡି.ଏନ୍.ଏ.)**

ଦୀର୍ଘଦିନର ନୀରବତା ପରେ ଗୁରୁବାର ପୁଣି ମାତିଛନ୍ତି ମାଓବାଦୀ। ସୀମାନ୍ତରେ ପୋଲିସ ଇନ୍‌ଫର୍ମର ସନ୍ଦେହରେ ଗୁରୁବାର ୨ ଜଣ ଗ୍ରାମବାସୀଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ସୁକୁମା ଜିଲା କ୍ରିଷ୍ଟାରାମ ଥାନା ଅଧୀନ ଅଞ୍ଚଳରେ ଏହି ଘଟଣା ଘଟିଛି। ପ୍ରକାଶ ଯେ, ଗୁରୁବାର ସକାଳେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ମାଓବାଦୀ କ୍ରିଷ୍ଟାରାମ ଥାନା ପରିଗୁଣ୍ଡମ ଗ୍ରାମର ପଡିଆ ମୁତା ଏବଂ କୋକା ଲଛୁକୁଙ୍କୁ ଘରୁ ଡାକି ନେଇ ନିକଟସ୍ଥ ଜଙ୍ଗଲରେ ଗୋଡ଼ ହାତ ବାନ୍ଧି ତାଙ୍କୁ ନିର୍ମମଭାବେ ହତ୍ୟା କରିଥିଲେ। ସିଆରପିଏଫଙ୍କୁ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ସୂଚନା ଦେଉଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଘଟଣାସ୍ଥଳରେ ମାଓବାଦୀମାନେ ଛାଡି ଯାଇଥିବା ଏକ ପତ୍ରରେ ଉଲ୍ଲେଖ ରହିଛି। ସିପିଆଇ ମାଓବାଦୀ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ଏହି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କୋମ୍ବିଂ ଜୋରଦାର କରାଯାଇଛି।

**POST GRADUATE COUNCIL**
**Sambalpur University**
JYOTI VIHAR-768019, SAMBALPUR, ODISHA
Phone & Fax (Off): (0663)2430776, e-mail ID: pgco@suniv.ac.in

Notification No.67 /PGCO Date: 02.05.2019

**ADMISSION ANNOUNCEMENT 2019-20**

Online applications are invited for admission into P.G. Regular and Self-financing courses of Sambalpur University for the academic session 2019-20. Application Form, Prospectus and other details will be made available from **04.05.2019** on the University website: **www.suniv.ac.in**. The last date of submission of application online is **08.06.2019** up to **5.00 P.M.** and **for Integrated B.Ed.-M.Ed.** is **15.05.2019** up to **5.00 P.M.** Applications received after the due date shall not be entertained and the University will not be held responsible.

**Sd./- Chairman, P.G. Council**



**UTKAL UNIVERSITY**
**(Accredited A+ by NAAC)**

**NOTIFICATION**

No. CPG/Aca/11/1888/2019 Dated : 02.05.2019

**ENTRANCE TEST & ADMISSION NOTIFICATION 2019-20**

Utkal University, the mother University of the State invites Online applications for admission into Post Graduate and Sponsored Courses for the session 2019-20. Students awaiting Final Degree results can also apply for the Entrance Tests of the P.G. and Sponsored Courses.

**POST GRADUATE COURSES AT UTKAL UNIVERSITY CAMPUS**

- Analytical & Applied Economics
- Ancient Indian History, Culture & Archaeology
- Anthropology
- Bio-Technology
- Botany
- Business Administration
- Chemistry
- Commerce
- Computer Science & Application
- English
- Geography
- Geology
- History
- Law
- Library & Information Science
- Mathematics
- Odia
- Personnel Management and Industrial Relations
- Philosophy
- Physics
- Political Science
- Psychology
- Public Administration
- Sanskrit
- Sociology
- Statistics
- Zoology

**POST GRADUATE COURSES AT 2nd CAMPUS, CHANDIKHOLE**

- MBA in Rural Management 5
- Master in Public Health 5

**SPONSORED COURSES**

- 5 Year Integrated MBA
- 5 Year Integrated MCA
- MBA (Financial Management)
- 2 Year Executive MBA
- M.Sc. Applied Micro-Biology
- M.Sc. Environmental Science
- M.Tech. Computer Science
- M.Tech. (Computer Science & Engineering)
- M.A in Womens Studies
- Master of Journalism & Mass Communication
- P.G. Diploma in Remote Sensing and GIS
- M.Sc. in Computer Science

**IMPORTANT DATES FOR POST GRADUATE (REGULAR AND SPONSORED COURSES)**

- Availability of online Application Form - **03.05.2019 to 30.05.2019**
- Last date of submission of Hard Copy of Application Form along with all relevant documents in respective Department : **20.06.2019 (Except LL.M. / IMBA / IMCA)**
- Download of Admit Cards shall be during : **31.05.2019 to 15.06.2019**
- Entrance Test for different courses : **26.06.2019 to 05.07.2019**
  See the website for details on date, time and venue (to be uploaded)

**HOW TO APPLY**

Visit Utkal University website at **www.utkaluniversity.nic.in** for **procedures of E-admission 2019-20**, Guidelines for Application and deposit of Fees, Information Bulletin, Date, Time and Venue of Entrance Tests before filling up of the Forms.
In case of any query write to - **admission@utkaluniversity.nic.in**
Admission for all categories of students into different courses are mentioned details in the Information Bulletin.
**NB: No Admission shall be given to a candidate for any P.G. Course for the second time.**

**CHAIRPERSON, P.G. COUNCIL**

**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା**
(ସଂସଦ ଅଧିନିୟମ ଦ୍ୱାରା ସ୍ଥାପିତ)
**"ଅଞ୍ଚଳ ପାଇଁ ଏବଂ ରାଷ୍ଟ୍ର ପାଇଁ"**
ଲାଣ୍ଡିଗୁଡ଼ା, ଜିଲ୍ଲା: କୋରାପୁଟ, ଓଡ଼ିଶା– ୭୬୪୦୨୧
ଟେଲି: ୦୬୮୫୨–୨୮୮୨୨୮/୨୮୮୨୨୯, ଫାକ୍ସ: ୦୬୮୫୩–୨୮୮୨୨୫

**ନାମଲେଖା ଅଧିସୂଚନା - ୨୦୧୯**

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ ଉତ୍କର୍ଷତା ପାଇଁ ପ୍ରତିବଦ୍ଧ ଆଶାୟୀ ବିଦ୍ୟାର୍ଥୀମାନଙ୍କଠାରୁ ନିମ୍ନଲିଖିତ ବିଭିନ୍ନ ନିମ୍ନ–ସ୍ନାତକ, ସ୍ନାତକୋତ୍ତର ଏବଂ ଗବେଷଣା କାର୍ଯ୍ୟକ୍ରମରେ ନାମଲେଖା ପାଇଁ ଅନ୍‌ଲାଇନ୍ ପଦ୍ଧତିରେ ଆବେଦନ କରିବା ଲାଗି ଆମନ୍ତ୍ରଣ କରୁଛି। ନାମଲେଖା ପ୍ରବେଶିକା ପରୀକ୍ଷା ମାଧ୍ୟମରେ କରାଯିବ। ଆବେଦନକାରୀମାନେ **୨୯ ଏପ୍ରିଲ, ୨୦୧୯**ଠାରୁ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ **(www.cuo.ac.in)**ରେ ଲଗ୍ ଇନ୍ କରି ଅନ୍‌ଲାଇନ୍ ଆବେଦନ କରିପାରିବେ।

**କାର୍ଯ୍ୟକ୍ରମ**

• ବି.ସି.ଏ. • ବି.ଇଡି. • ଏମ୍.ବି.ଏ. • ଗଣିତରେ ୫–ବର୍ଷିଆ ସମନ୍ୱିତ ଏମ୍.ଏସ୍‌ସି.

ଏମ୍.ଏ.: • ଅର୍ଥଶାସ୍ତ୍ର • ଇଂରାଜୀ • ହିନ୍ଦୀ • ସାମ୍ବାଦିକତା ଏବଂ ଜନ ସଞ୍ଚାର • ଓଡ଼ିଆ • ସଂସ୍କୃତ • ସମାଜ ବିଜ୍ଞାନ

ଏମ୍.ଏସ୍‌ସି.: • ନୃବିଜ୍ଞାନ • ଜୈବବିବିଧତା ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ • ପରିସଂଖ୍ୟାନ

ଏମ୍.ଫିଲ୍.: • ଜୈବବିବିଧତା ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ • ଅର୍ଥଶାସ୍ତ୍ର • ଶିକ୍ଷା • ସାମ୍ବାଦିକତା ଏବଂ ଜନ ସଞ୍ଚାର • ସମାଜ ବିଜ୍ଞାନ • ପରିସଂଖ୍ୟାନ • ନୃବିଜ୍ଞାନ

ପିଏଚ୍.ଡି.: • ଜୈବବିବିଧତା ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ • ଶିକ୍ଷା • ନୃବିଜ୍ଞାନ • ଅର୍ଥଶାସ୍ତ୍ର • ପରିସଂଖ୍ୟାନ

**ପ୍ରବେଶିକା ପରୀକ୍ଷା ତାରିଖ: ୨୯ ଓ ୩୦ ଜୁନ୍, ୨୦୧୯**

**ପ୍ରବେଶିକା ପରୀକ୍ଷା କେନ୍ଦ୍ର**
**କୋରାପୁଟ, ସମ୍ବଲପୁର, ରାଉରକେଲା, ଭବାନୀପାଟଣା, ବ୍ରହ୍ମପୁର, ଭୁବନେଶ୍ୱର, ଭଦ୍ରକ, ବାଲେଶ୍ୱର, ରାଞ୍ଚି, କୋଲକାତା, ରାୟପୁର ଓ ବିଶାଖାପାଟଣା**

ଅନିବାର୍ଯ୍ୟତା କ୍ଷେତ୍ରରେ କେନ୍ଦ୍ର ଯୋଗ କରିବା କିମ୍ବା ହ୍ରାସିତ କରିବା ଏବଂ ପ୍ରାର୍ଥୀମାନଙ୍କୁ ପଡ଼ୋଶୀ ପରୀକ୍ଷା କେନ୍ଦ୍ରକୁ ସ୍ଥାନାନ୍ତରିତ କରିବାର ଅଧିକାର ବିଶ୍ୱବିଦ୍ୟାଳୟ ନିକଟରେ ସଂରକ୍ଷିତ।

ଅନ୍ୟାନ୍ୟ ବିବରଣୀ ପାଇଁ ଦୟାକରି ସିୟୁଓ ୱେବ୍‌ସାଇଟ୍: www.cuo.ac.in ପରିଦର୍ଶନ କରନ୍ତୁ କିମ୍ବା କଲ୍ କରନ୍ତୁ (କେବଳ କାର୍ଯ୍ୟାଳୟ ନିର୍ଘଣ୍ଟରେ): ୦୬୮୫୨–୨୮୮୨୨୮, ୨୮୮୨୨୯ କିମ୍ବା ଇମେଲ୍ କରନ୍ତୁ: info@cuo.ac.in କିମ୍ବା coe@cuo.ac.in

ସ୍ୱା./-
**ପରୀକ୍ଷା ନିୟନ୍ତ୍ରକ**

davp 21317/11/0001/1920

**ଜାତୀୟ ପରୀକ୍ଷଣ ଏଜେନ୍ସି**
**ମୂଲ୍ୟାୟନରେ ଉତ୍କର୍ଷତା**

(ଉଚ୍ଚଶିକ୍ଷା ବିଭାଗ, ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଏକ ସ୍ୱୟଂଶାସିତ ସଂଗଠନ)
(An Autonomous Organization under the Department of Higher Education, Ministry of Human Resource Development, Government of India)

**ସର୍ବସାଧାରଣ ବିଜ୍ଞପ୍ତି**
**ତାରିଖ: ୦୩।୦୫।୨୦୧୯**
**ଏନ୍‌ଇଇଟି (ୟୁଜି) - ୨୦୧୯ ପାଇଁ ପରୀକ୍ଷା କେନ୍ଦ୍ର ପରିବର୍ତ୍ତନ**

ଜାତୀୟ ପରୀକ୍ଷଣ ଏଜେନ୍ସି (ଏନ୍‌ଟିଏ) ଏତଦ୍ୱାରା ସୂଚିତ କରୁଛି ଯେ, ୫ ମେ ୨୦୧୯ ଦିନ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ଏନ୍‌ଇଇଟି (ୟୁଜି) - ୨୦୧୯ ପରୀକ୍ଷାର ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଅପରିହାର୍ଯ୍ୟ କାରଣବଶତଃ ନିମ୍ନଲିଖିତ ପ୍ରାର୍ଥୀମାନଙ୍କ ପାଇଁ ନିମ୍ନପ୍ରଦତ୍ତ ବିବରଣୀ ଅନୁଯାୟୀ ପରିବର୍ତ୍ତନ କରାଯାଇଛି:–

| ସହର/ ରାଜ୍ୟ | ପ୍ରାର୍ଥୀଙ୍କ ରୋଲ ନମ୍ବର | | ପୂର୍ବରୁ ଆବଣ୍ଟିତ ପରୀକ୍ଷା କେନ୍ଦ୍ର | ବର୍ତ୍ତମାନ ଆବଣ୍ଟିତ ପରୀକ୍ଷା କେନ୍ଦ୍ର | ମନ୍ତବ୍ୟ |
|---|---|---|---|---|---|
| | ଠାରୁ | ପର୍ଯ୍ୟନ୍ତ | | | |
| ବାଲେଶ୍ୱର/ ଓଡ଼ିଶା | ୩୬୦୨୦୧୨୦୧ | ୩୬୦୨୦୧୫୦୦ | କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରୁଫ୍ କଲୋନୀ ଇନ୍ଦିରା ଗାନ୍ଧୀ ମାର୍ଗ, ଓଡ଼ିଶା, ବାଲେଶ୍ୱର–୭୫୬୦୦୧ | ମହର୍ଷି ବିଦ୍ୟାମନ୍ଦିର (କେନ୍ଦ୍ର–୨), ସ୍ଥାନ: ପାତ୍ରପଡ଼ା, ପୋଷ୍ଟ: ପୁଞ୍ଜିବାଗ, ଚାନ୍ଦିପୁର ରୋଡ୍ ପାଖ, ବାଲେଶ୍ୱର, ଓଡ଼ିଶା–୭୫୬୦୦୨ | କେନ୍ଦ୍ର ପରିବର୍ତ୍ତିତ |
| ବାଲେଶ୍ୱର/ ଓଡ଼ିଶା | ୩୬୦୨୦୧୫୦୧ | ୩୬୦୨୦୧୬୮୦ | କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରୁଫ୍ କଲୋନୀ ଇନ୍ଦିରା ଗାନ୍ଧୀ ମାର୍ଗ, ଓଡ଼ିଶା, ବାଲେଶ୍ୱର–୭୫୬୦୦୧ | ଡିଏଭି ପବ୍ଲିକ ସ୍କୁଲ, ବାଲେଶ୍ୱର (କେନ୍ଦ୍ର–୨), ସମଲପୁର, ବାଲିଆ, ବାଲେଶ୍ୱର, ଓଡ଼ିଶା–୭୫୬୦୫୬ | କେନ୍ଦ୍ର ପରିବର୍ତ୍ତିତ |

ସମ୍ପୃକ୍ତ ପ୍ରାର୍ଥୀମାନଙ୍କୁ ଏନ୍‌ଟିଏ ୱେବ୍‌ସାଇଟ୍ (www.ntaneet.nic.in)ରୁ ସେମାନଙ୍କର ନୂଆ ପ୍ରବେଶ ପତ୍ର ଡାଉନଲୋଡ୍ କରିବା ଏବଂ ୫ ମେ, ୨୦୧୯ ଦିନ ଏନ୍‌ଇଇଟି (ୟୁଜି)–୨୦୧୯ ପରୀକ୍ଷା ଲାଗି ନୂଆ ପରୀକ୍ଷା କେନ୍ଦ୍ରରେ ଠିକ୍ ସମୟରେ ପହଞ୍ଚିବା ପାଇଁ ପରାମର୍ଶ ଦିଆଯାଉଛି। ବର୍ତ୍ତମାନ ଆବଣ୍ଟିତ ନୂଆ ପରୀକ୍ଷା କେନ୍ଦ୍ରର ଅବସ୍ଥିତି ସହିତ ନିଜକୁ ପରିଚିତ କରାଇନେବା ପାଇଁ ମଧ୍ୟ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି, ଯାହାଦ୍ୱାରା ସେମାନେ ନୂତନ ଭାବେ ଆବଣ୍ଟିତ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାରେ କୌଣସି ସମସ୍ୟାର ସମ୍ମୁଖୀନ ହେବେନାହିଁ।

**ବରିଷ୍ଠ ନିର୍ଦ୍ଦେଶକ (ଏନ୍‌ଇଇଟି-ୟୁଜି)**

ମଣିଷ ଯାହାକୁ ପାପ ବୋଲି କହେ- ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି- ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ- ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି- ତୁମେ କେବଳ ତାକୁ ଇ ଗ୍ରହଣ କର।

-ଶ୍ରୀଅରବିନ୍ଦ



# ଏସ୍‌ବିଆଇକୁ ଅନୁସରଣ କର

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ହେଉଛି ଭାରତର ବୃହତ୍ତମ ବାଣିଜ୍ୟିକ ବ୍ୟାଙ୍କ, ଯାହାର ଜମାରାଶି ସମଗ୍ର ଭାରତର ମୋଟ ସଞ୍ଚୟ ବ୍ୟାଙ୍କ ଜମାରାଶିର ପ୍ରାୟ ତିନିଚତୁର୍ଥାଂଶ। ଏହି ବ୍ୟାଙ୍କ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସଞ୍ଚୟ ଜମା ଉପରୁ ସୁଧହାର ହ୍ରାସ କରିଛି। ଜମା ଓ ଋଣ ସୁଧହାର ସହ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ରେପୋହାରକୁ ସଂଯୋଗ କରିବା ଲାଗି ନିଜେ ପୂର୍ବରୁ ନେଇଥିବା ନିଷ୍ପତ୍ତିକୁ ଏହା ଏବେ କାର୍ଯ୍ୟକାରୀ କରୁଛି। ତା'ର ମାନେ ଷ୍ଟେଟ୍ ବ୍ୟାଙ୍କରେ ଯେଉଁମାନଙ୍କର ସଞ୍ଚୟ ଜମା ଖାତା ଥିବ ଓ ତାଙ୍କ ଜମାରାଶି ଏକ ଲକ୍ଷ ଟଙ୍କାକୁ ଅତିକ୍ରମ କରିଥିବ, ସେମାନେ ଯେତିକି ପ୍ରତିଶତ ସୁଧ ପାଉଥିଲେ ତା'ଠୁ ୦.୨୫% କମ୍ ହିସାବରେ ସୁଧ ପାଇବେ। ପଛକୁ ପଛ ଦୁଇଥର ଆର୍‌ବିଆଇ ସୁଧହାର ହ୍ରାସ କରିବା ପରେ ବର୍ତ୍ତମାନ ରେପୋହାର ୬% ଥିବାବେଳେ ବିଲୋମୀ ରେପୋ ହାର ୫.୭୫% ରହିଛି। ସଞ୍ଚୟ ଜମାଖାତାର ଜମା ଉପରେ ସୁଧହାର ଆର୍‌ବିଆଇର ରେପୋହାରଠାରୁ ୨.୭୫% କମ୍ ରହିବ, ଅର୍ଥାତ୍ ଏହି ସୁଧହାର ହେବ ୩.୨୫ ପ୍ରତିଶତ। ଏସ୍‌ବିଆଇ ହେଉଛି ଦେଶରେ ପ୍ରଥମ ବ୍ୟାଙ୍କ ଯେ କି ଏବେ ଜମା ଓ ଋଣ ସୁଧହାରକୁ ଆର୍‌ବିଆଇର ରେପୋହାର ସହ ସଂଯୁକ୍ତ କରିଛି। ସାରା ବିଶ୍ୱରେ ବ୍ୟାଙ୍କ ଜମା ଉପରେ ସୁଧହାର ହ୍ରାସ ପାଇବାରେ ଲାଗିଛି। ବିକଶିତ ଦେଶଗୁଡ଼ିକରେ ଜମା ଉପରେ ବାର୍ଷିକ ସୁଧହାର ୧ରୁ ୨ ପ୍ରତିଶତ ମଧ୍ୟରେ ରହିଛି।

ବାସ୍ତବରେ କେତେକ ଦେଶରେ ବ୍ୟାଙ୍କ ଜମା ଉପରେ ପ୍ରାୟ କିଛି ସୁଧ ମିଳୁନାହିଁ। କେତେକ ଅର୍ଥନୀତିଜ୍ଞଙ୍କ ପୂର୍ବାନୁମାନକୁ ଯଦି ବିଶ୍ୱାସ କରାଯାଏ, ତେବେ ଆଗାମୀ ଦିନରେ ବ୍ୟାଙ୍କରେ ଟଙ୍କା ରଖିବାକୁ ହେଲେ ସେଥିପାଇଁ ଜମା ଉପରେ ନିର୍ଦ୍ଦିଷ୍ଟ ହାରରେ ଲୋକଙ୍କୁ ଦେୟ ଦେବାକୁ ପଡ଼ିପାରେ। ଆଗାମୀ ବର୍ଷଗୁଡ଼ିକରେ ଆମ ଦେଶର ଅର୍ଥନୈତିକ ଅଭିବୃଦ୍ଧି ହାର ବୃଦ୍ଧି ପାଇବାକୁ ଯାଉଥିବାରୁ ଜମା ଉପରେ ସୁଧହାର କମିବାର ସମ୍ଭାବନା ରହିଛି। ଏସ୍‌ବିଆଇ ପାଖରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୪୦ ନିୟୁତ ସଞ୍ଚୟ ଜମାଖାତା ରହିଛି। ସେଥି ମଧ୍ୟରୁ ଏକଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜମା ରହୁଥିବା ଖାତା ସଂଖ୍ୟା ପ୍ରାୟ ୨୨ ନିୟୁତ- ମୋଟ ଜମାଖାତା ସଂଖ୍ୟାର ପାଖାପାଖି ୫ ପ୍ରତିଶତ। ତେବେ ବ୍ୟାଙ୍କ ସ୍ଥିର କରିଛି, ଏକଲକ୍ଷ ଟଙ୍କାରୁ କମ୍ ଜମା ଉପରେ ଏହା ୩.୫% ସୁଧହାର ଚାଲୁ ରଖିବ। ଆର୍‌ବିଆଇର ରେପୋହାର ସହ ଜମା ସୁଧହାରକୁ ସଂଯୁକ୍ତ କରିବାର ମାନେ ହେଉଛି, ରେପୋହାରର ହ୍ରାସବୃଦ୍ଧି ସଙ୍ଗେ ସଙ୍ଗେ ଏହି ସୁଧହାର ମଧ୍ୟ କମିବ ଓ ବଢ଼ିବ। ଯଦି ଆର୍‌ବିଆଇ ରେପୋହାର ବୃଦ୍ଧି କରେ, ତେବେ ଜମା ସୁଧହାର ବଢ଼ିବ। ଅନ୍ୟ ପକ୍ଷରେ ରେପୋହାର କମିଲେ ଜମା ସୁଧହାର ମଧ୍ୟ କମିବ। ରେପୋହାର କମାଇବା ପାଇଁ ଆର୍‌ବିଆଇ ଉପରେ ସରକାରଙ୍କ ପକ୍ଷରୁ ଚାପ ପଡ଼ୁଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାଶ କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୫୦ ବେସିସ୍ ପଏଣ୍ଟ ରେପୋହାର ହ୍ରାସ କରିସାରିଲେଣି। ମୁଦ୍ରାସ୍ଫୀତି ହ୍ରାସ ପାଇଚାଲିଥିବାରୁ ଆଗାମୀ ଦିନରେ ବ୍ୟାଙ୍କ ରେପୋହାର ଆହୁରି ହ୍ରାସ କରିପାରେ।

## ଆଜିର ଅର୍ଥନୀତି

ଦେଶର ଅନ୍ୟ ପ୍ରମୁଖ ବ୍ୟାଙ୍କଗୁଡ଼ିକ ଏସ୍‌ବିଆଇର ପଦାଙ୍କ ଅନୁସରଣ କରିବା ଉଚିତ। ରେପୋହାର କମିବା ସହିତ ବ୍ୟାଙ୍କଗୁଡ଼ିକ ଜମା ସୁଧହାର କମାଇଲେ ସେମାନେ ଲାଭବାନ୍ ହେବେ। ସେହିପରି ରେପୋହାର ବୃଦ୍ଧି ପାଇଲେ (ଯାହା ନିକଟ ଭବିଷ୍ୟତରେ ଘଟିବାର ସମ୍ଭାବନା ନାହିଁ), ବ୍ୟାଙ୍କଗୁଡ଼ିକ ଋଣ ସୁଧହାର ବୃଦ୍ଧି କରିବେ। ରେପୋହାର ବଢ଼ିଲେ ଜମା ଉପରୁ ଅର୍ଜିତ ସୁଧ ମଧ୍ୟ ବଢ଼ିବ। ଏସ୍‌ବିଆଇର ସାମ୍ପ୍ରତିକ ପଦକ୍ଷେପ ଯୋଗୁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସ୍ୱଚ୍ଛତା ଆସିବ। ଆର୍‌ବିଆଇର ପଲିସି ରେଟ୍‌ରେ ପରିବର୍ତ୍ତନ ଘଟିଲେ ବ୍ୟାଙ୍କ ସୁଧହାରରେ ଆପେ ଆପେ ପରିବର୍ତ୍ତନ ଘଟିବ। ବର୍ତ୍ତମାନ ଆର୍‌ବିଆଇର ରେପୋହାର ହ୍ରାସ ଘଟିଲେ ବ୍ୟାଙ୍କଗୁଡ଼ିକ ତାହାର ଲାଭ ଗ୍ରାହକଙ୍କୁ ଦେବେ ବା ନ ଦେବେ ସେ ନେଇ ଅନିଶ୍ଚିତତା ରହିଛି। ଅନେକବାର ଦେଖିବାକୁ ମିଳିଛି ଯେ ବ୍ୟାଙ୍କଗୁଡ଼ିକର ଜିଦ୍‌ଖୋର ମନୋବୃତ୍ତି ଆଗରେ ରିଜର୍ଭ ବ୍ୟାଙ୍କ ନିଜକୁ ଅସହାୟ ମଣିଛି। ଏବେ ଉକ୍ତ ପ୍ରକ୍ରିୟା ଅଧିକ ଗତିଶୀଳ ହେବ। ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କଗୁଡ଼ିକ ନିଜର ସୁଧହାର ସ୍ଥିର କରିବା ପାଇଁ ବିଭିନ୍ନ ପ୍ରକାର ମାନଦଣ୍ଡ ଅନୁସରଣ କରୁଛନ୍ତି, ଯଥା ପ୍ରାଇମ୍ ଲେଣ୍ଡିଂ ରେଟ୍ (ପିଏଲ୍‌ଆର୍), ବେଞ୍ଚମାର୍କ ପ୍ରାଇମ୍ ଲେଣ୍ଡିଂ ରେଟ୍ (ବିପିଏଲ୍‌ଆର୍), ବେସ୍ ରେଟ୍ ଏବଂ ମାର୍ଜିନାଲ କଷ୍ଟ ଅଫ୍ ଫଣ୍ଡ୍‌ସ-ବେସ୍‌ଡ ଲେଣ୍ଡିଂ ରେଟ୍ (ଏମ୍‌ସିଏଲ୍‌ଆର୍)। ଏଥିଯୋଗୁ ଗ୍ରାହକମାନେ ଦ୍ୱନ୍ଦ୍ୱରେ ପଡ଼ୁଛନ୍ତି। ବର୍ତ୍ତମାନ ଏସ୍‌ବିଆଇ ଯେଉଁ ନିଷ୍ପତ୍ତି ନେଇଛି, ତାହାଦ୍ୱାରା ସଞ୍ଚୟ ଜମାଖାତାରେ ଏକଲକ୍ଷରୁ ଅଧିକ ଟଙ୍କା ଜମା ରଖିଥିବା ୨୨ ନିୟୁତ ସ୍ୱଳ୍ପକାଳୀନ ଜମାକାରୀ ପ୍ରଭାବିତ ହେବେ, କାରଣ ସେମାନେ ପ୍ରତି ୧୦୦୦ ଟଙ୍କାରେ ବର୍ଷକୁ ଟ୨.୫୦ କମ୍ ସୁଧ ପାଇବେ। କିନ୍ତୁ ଏହାଦ୍ୱାରା ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଗଢ଼ିଉଠିବାକୁ ଯାଉଥିବା ସ୍ୱଚ୍ଛତା ତୁଳନାରେ ଏହି ମୂଲ୍ୟ ବହୁତ କମ୍। ରେପୋ-ଆନୁପାତିକ ସୁଧହାର ବୁଝିବାକୁ ସହଜ ହେବ ଓ ତାହା ଗ୍ରାହକ-ଅନୁକୂଳ ହେବ। ଆମେ ଆଶା କରୁଛୁ ଅନ୍ୟ ବ୍ୟାଙ୍କଗୁଡ଼ିକ ମଧ୍ୟ ଏସ୍‌ବିଆଇର ପଦାଙ୍କ ଅନୁସରଣ କରିବେ।

## ଚିରନ୍ତନୀ

ସୁଦୂରର ପ୍ରିୟା ମୋର
ଡାକେ ପରା ତୁହାଇ
ଅନ୍ତର ଜଳ ତାର ବୁହାଇ !
ନୟନେ ଶିଶିର କଣା
କରିଦିଏ ପଥବଣା
ବସିଛି ସୁଦୂରେ ମଥା ନୁଆଁଇ
ଅନ୍ତର ଜଳ ତାର ବୁହାଇ !
(ଶିଶିର-ହାସ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | 2 | | | | 3 | 4 | 8 | | | | |
| 7 | C | 0 | | | | | | 5 | | | B | | | |
| 3 | E | | | | | | | | 9 | 0 | | 6 | 7 | |
| | | 4 | B | | | 2 | | | 5 | 3 | C | D | | |
| | B | | | | | A | 1 | 8 | | 6 | | | | |
| | 5 | | | | | | D | | | | | B | 1 | 7 |
| | | | | 4 | 8 | | 9 | | C | 7 | | | 3 | |
| 1 | 4 | 8 | | D | | | | | | | | 2 | C | |
| E | | | | | 5 | B | 0 | 1 | 6 | | | 4 | D | |
| | 0 | | | | | | | | 3 | | | | A | E |
| | | | | | 0 | | | | | E | | 3 | 2 | |
| 9 | | C | | | 7 | | | B | 0 | | | | | |
| | 7 | | 1 | 3 | | | | | B | | | A | | 4 |
| D | 1 | 5 | | | E | | | 2 | | | 8 | | | |
| | | | 9 | | 4 | 5 | A | | D | | 3 | | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 6 | C | 1 | B | D | 7 | 4 | 8 | E | A | 0 | 9 | 5 | 2 |
| 7 | 5 | 9 | A | 8 | 6 | B | C | E | 2 | 4 | 1 | 3 | D | 0 |
| 4 | D | A | E | 0 | C | 3 | 2 | 9 | 5 | 6 | B | 7 | 1 | 8 |
| E | B | 8 | 5 | 3 | 2 | 1 | 6 | 0 | 7 | 9 | D | 4 | C | A |
| 0 | 2 | 1 | 7 | 9 | 4 | D | 5 | A | 3 | C | 8 | B | 6 | E |
| 1 | C | 2 | B | 5 | 9 | 8 | D | 3 | 6 | 7 | A | E | 0 | 4 |
| D | E | 6 | C | 7 | 0 | 2 | A | 4 | 9 | 8 | 5 | 1 | 3 | B |
| 8 | 3 | 4 | D | E | A | C | 1 | 6 | B | 0 | 2 | 5 | 7 | 9 |
| 9 | A | 5 | 2 | 4 | 1 | 0 | 7 | B | C | E | 3 | D | 8 | 6 |
| B | 7 | 0 | 8 | 6 | 3 | 9 | E | 5 | 1 | D | 4 | A | 2 | C |
| C | 0 | D | 6 | 1 | B | 4 | 3 | 7 | A | 2 | 9 | 8 | E | 5 |
| 5 | 4 | E | 9 | 2 | 8 | A | 0 | 1 | D | 3 | 6 | C | B | 7 |
| A | 8 | 7 | 0 | D | E | 5 | B | 2 | 4 | 1 | C | 6 | 9 | 3 |
| 2 | 1 | B | 3 | A | 7 | 6 | 9 | C | 8 | 5 | E | 0 | 4 | D |
| 6 | 9 | 3 | 4 | C | 5 | E | 8 | D | 0 | B | 7 | 2 | A | 1 |

ବୁଧବାର ପ୍ରକାଶିତ ଉତ୍ତର

# ଦେଶର ଆର୍ଥିକ ସ୍ଥିତି ଭଲ ନାହିଁ



ଡ. ସନ୍ତୋଷ କୁମାର ମହାପାତ୍ର

ନିକଟରେ ଏକ ଜାତୀୟ ଇଂଲିଶ ଖବରକାଗଜକୁ ସାକ୍ଷାତ୍‌କାର ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି ଯେ, ୨୦୧୪ ନିର୍ବାଚନ ଏକ ପରିବର୍ତ୍ତନର ଆଶା ବହନ କଲାବେଳେ ୨୦୧୯ ନିର୍ବାଚନ ହେଉଛି ଆତ୍ମବିଶ୍ୱାସର ପ୍ରତିଫଳନ ଏବଂ ଆଗାମୀ ଦିନରେ ଅନେକ ଭଲ ଘଟଣା ଘଟିବ ବୋଲି ବାର୍ତ୍ତାବହନ କରୁଛି। ସେହିପରି ଭାଜପାର ନେତୃତ୍ୱ ତୁହାକୁତୁହା ଓଡ଼ିଶାକୁ ଆସି କହୁଛନ୍ତି ଯେ, ଯଦି ଓଡ଼ିଶାରେ ଡବଲ ଇଞ୍ଜିନ ଶାସନ କରେ, ଅର୍ଥାତ୍ କେନ୍ଦ୍ରରେ ଓ ଓଡ଼ିଶାରେ ଭାଜପା ଶାସନ କରେ ତେବେ ଓଡ଼ିଶାର ବିକାଶ ହେବ। ଅତ୍ୟନ୍ତ କ୍ରୂର ସତ୍ୟ ହେଉଛି ଅନେକ ଭାଜପାଶାସିତ ରାଜ୍ୟ ମଧ୍ୟ ଓଡ଼ିଶାଠାରୁ କେତେକ କ୍ଷେତ୍ରରେ ପଛୁଆ ଅଛନ୍ତି ଏବଂ ଦେଶର ଆର୍ଥିକସ୍ଥିତି ବର୍ତ୍ତମାନ ଭଲ ନାହିଁ। ଏକ ନୈରାଶ୍ୟ, ଘୃଣାର ବାତାବରଣ ସୃଷ୍ଟି ହୋଇଛି। କଳେବଳେ କ୍ଷମତା ହାସଲ କରିବା ରାଜନୀତିର ମୁଖ୍ୟ ଲକ୍ଷ୍ୟ ହୋଇଛି। ବିଭିନ୍ନ ପ୍ରକାର ତଥ୍ୟକୁ ବିକୃତ କରି ସରକାରଙ୍କ ବିଫଳତା ଲୁଚାଯାଉଛି ବା କମ୍ ସଫଳତାକୁ ଅଧିକ କରି ପ୍ରଦର୍ଶନ କରାଯାଉଛି ବା ପୂର୍ବ ଉପା ସରକାରଙ୍କ ସଫଳତାକୁ ନ୍ୟୂନ କରି ପ୍ରଦର୍ଶନ କରାଯାଉଛି। ଏ କଥା ପ୍ରମାଣିତ ହୋଇଛି ଯେତେବେଳେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ଏବଂ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ ଭାରତର ଜିଡିପି ଆକଳନର ସତ୍ୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

ନରେନ୍ଦ୍ର ମୋଦି ୨୦୧୪ରେ ଅନେକ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ। ସେଥିରେ ଥିଲା ବର୍ଷକୁ ୨ କୋଟି ନିଯୁକ୍ତି ସୃଷ୍ଟି କରିବା। କିନ୍ତୁ ତଥାକଥିତ ଅଭିବୃଦ୍ଧି ନିଯୁକ୍ତି ସୃଷ୍ଟି କଲାନାହିଁ ବରଂ ପୂର୍ବର ନିଯୁକ୍ତିହୀନ ଅଭିବୃଦ୍ଧି ବର୍ତ୍ତମାନ ନିଯୁକ୍ତିହାନି ଅଭିବୃଦ୍ଧିର ରୂପ ନେଇଛି। ଏନ୍‌ଏସ୍‌ଏସ୍‌ଓ ତରଫରୁ ଜୁଲାଇ ୨୦୧୭ରୁ ଜୁନ୍ ୨୦୧୮ ମଧ୍ୟରେ କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ ବେକାରି ହାର ୬.୧% ହୋଇଛି, ଯାହା ଗତ ୪୫ ବର୍ଷରେ ସର୍ବାଧିକ। ୧୯୭୨-୭୩ରେ ବିଶ୍ୱ ତୈଳ ସଙ୍କଟ ଏବଂ ପାକିସ୍ତାନ ସହିତ ଯୁଦ୍ଧ ବେଳେ ଏହି ବେକାରି ହାର ୫.୧୮% ଥିଲା। କେବଳ ୨୦୧୭-୧୮ରେ ୬.୫ କୋଟି ଯୁବତୀଯୁବକ ବେକାର ହୋଇଛନ୍ତି। ଏହି ନିଯୁକ୍ତିହୀନ ପ୍ରସଙ୍ଗ ମଧ୍ୟ ସେଣ୍ଟର ଫର୍ ମନିଟରି ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ)ର ତଥ୍ୟ ଦ୍ୱାରା ପ୍ରତିପାଦନ ହୋଇଛି। ଏହି ସଂସ୍ଥାର ତଥ୍ୟ ଅନୁସାରେ ଫେବୃୟାରୀ ୨୦୧୯ରେ ବେକାରି ହାର ୭.୨%, ଯାହା ୨୦୧୬ ସେପ୍ଟେମ୍ବର ପରଠାରୁ ଅଧିକ। ଫେବୃୟାରୀ ୨୦୧୮ରେ ଏହି ହାର ୫.୯% ଥିଲା। ଫେବୃୟାରୀ ୨୦୧୮ରେ ନିଯୁକ୍ତିପ୍ରାପ୍ତ ବ୍ୟକ୍ତିଙ୍କ ସଂଖ୍ୟା ୪୦.୬ କୋଟି ଥିଲାବେଳେ ଫେବୃୟାରୀ ୨୦୧୯ରେ ୪୦ କୋଟିକୁ ହ୍ରାସ ପାଇଛି। ବିମୁଦ୍ରୀକରଣ ତଥା ତରବରିଆ ଜିଏସ୍‌ଟି ପ୍ରଚଳନ ଅର୍ଥନୀତିକୁ ବିପର୍ଯ୍ୟୟକୁ ଠେଲି ଦେବା ସହିତ ନିଯୁକ୍ତି ହ୍ରାସ କରିଛି। ଅଜିମ୍ ପ୍ରେମ୍‌ଜୀ ବିଶ୍ୱବିଦ୍ୟାଳୟ ତରଫରୁ କରାଯାଇଥିବା ଗବେଷଣା ଅନୁସାରେ ବିମୁଦ୍ରୀକରଣ ପରଠାରୁ ୫୦ ଲକ୍ଷ ଲୋକ ନିଯୁକ୍ତି ହରାଇଛନ୍ତି। ବର୍ତ୍ତମାନ ଶିକ୍ଷିତ ବେକାରି ସବୁଠାରୁ ବ୍ୟାପକ। କିନ୍ତୁ ଦୁଃଖର ବିଷୟ ଜଣେ ଯୁବକ ରାଲିରେ ଯାଇ ୫୦୦ ଟଙ୍କା ପାଇ ଖୁସି ହେଉଛି। ସରକାରଙ୍କ ନୀତି ଯୋଗୁ ବେକାରି ବୃଦ୍ଧି ପାଉଛି ବୋଲି ସେ ଭାବୁନାହିଁ। ୧୯୯୩-୯୪ ପରେ ପ୍ରଥମଥର ପାଇଁ ଭାରତର ଶ୍ରମଶକ୍ତି ହ୍ରାସ ପାଇଛି। ପୁରୁଷ ଶ୍ରମଶକ୍ତି ଯାହା ୧୯୯୩-୯୪ରେ ୨୧.୯ କୋଟି ଥିଲା ତାହା ୨୦୧୧-୧୨ରେ ୩୦.୪ କୋଟିକୁ ବୃଦ୍ଧି ପାଇଥିଲା। କିନ୍ତୁ କ୍ରମଶଃ ହ୍ରାସ ପାଇ ୨୦୧୭-୧୮ରେ ତାହା ୨୮.୬ କୋଟିରେ ପହଞ୍ଚିଛି।

କୃଷକମାନଙ୍କ ଆୟ ଦୁଇଗୁଣ କରିବେ ବୋଲି ମୋଦି ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ସମ୍ଭବ ହେଲାନାହିଁ, ବରଂ କୃଷି ସଙ୍କଟ ବୃଦ୍ଧି ପାଇଛି। କୃଷି ଆୟ ଅଭିବୃଦ୍ଧି ୨୦୧୮ରେ ୨.୬୭%ରେ ପହଞ୍ଚିଛି, ଯାହା ୧୪ ବର୍ଷରେ ସର୍ବନିମ୍ନ। ଗତ ୪ ଦଶନ୍ଧିରେ କୃଷିକ୍ଷେତ୍ରରେ ସଙ୍କଟ ଯୋଗୁ ୩ ଲକ୍ଷ ଚାଷୀ ଜୀବନ ହରାଇଛନ୍ତି। ବାସ୍ତବ କୃଷି ମଜୁରି (ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ) ୨୦୧୦-୧୪ ମଧ୍ୟରେ ୯.୫% ବୃଦ୍ଧି ପାଇଲା ବେଳେ ୨୦୧୫ରୁ ୨୦୧୮ ମଧ୍ୟରେ ଏହା ୪.୮%କୁ ହ୍ରାସ ପାଇଛି। ଅଣକୃଷି କ୍ଷେତ୍ରରେ ମଜୁରି ବୃଦ୍ଧି ଆହୁରି ନୈରାଶ୍ୟଜନକ। ସେହି ଅବଧି ମଧ୍ୟରେ ଏହା ୪. ୮%ରୁ ୦.୨%କୁ ହ୍ରାସ ପାଇଛି। ଅଣସଙ୍ଗଠିତ କ୍ଷେତ୍ରରେ ମଜୁରି ଆହୁରି କମ୍। ବର୍ତ୍ତମାନ ସବୁଠାରୁ ବିପର୍ଯ୍ୟସ୍ତ ହୋଇଛି ବ୍ୟାଙ୍କିଙ୍ଗ୍ ଶିଳ୍ପ, ଯାହା ଉପରେ ଅର୍ଥନୀତିର ଉନ୍ନତି ନିର୍ଭରଶୀଳ। ୨୦୧୪ରୁ ୨୦୧୮ ମଧ୍ୟରେ ବ୍ୟାଙ୍କଗୁଡ଼ିକର ଅଚଳ ସମ୍ପତ୍ତି ବା ଏନ୍‌ପିଏ ୪ ଗୁଣ ବୃଦ୍ଧିପାଇଛି। ୨୦୧୪ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କଗୁଡ଼ିକର ଅଚଳ ସମ୍ପତ୍ତି ୨.୬୩ ଲକ୍ଷ କୋଟି ଟଙ୍କା ଥିଲା, ଯାହା ମୋଟ ଅଗ୍ରିମର ୩.୮%। କିନ୍ତୁ ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ଏହି ଅଚଳ ସମ୍ପତ୍ତି ୧୦.୩୯ ଲକ୍ଷ କୋଟି ଟଙ୍କା ବା ମୋଟ ଅଗ୍ରିମର ୧୧.୨%ରେ ପହଞ୍ଚିଛି। କିନ୍ତୁ ଧନିକ ଶିଳ୍ପପତିଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ଗତ ଦଶନ୍ଧିରେ ୭ ଲକ୍ଷ କୋଟି ଟଙ୍କାର ଋଣ ରାଇଟ୍ ଅଫ୍ କରାଯାଇଛି। ଏହାର ୮୦% ବା ୫,୫୫,୬୦୩ କୋଟି ଟଙ୍କା କେବଳ ଗତ ୫ ବର୍ଷରେ ରାଇଟ୍ ଅଫ୍ କରାଯାଇଛି। ଲେହେମାନ ବ୍ରଦର୍ସର ପତନ ପରେ ଯେଉଁ ବିଶ୍ୱ ଆର୍ଥିକ ସଙ୍କଟ ଦେଖାଦେଇଥିଲା ବର୍ତ୍ତମାନ ଭାରତରେ ସେପରି ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ବିଶେଷକରି ଛାୟା ବ୍ୟାଙ୍କ ଯଥା ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଜିଙ୍ଗ ଆଣ୍ଡ ଫାଇନାନ୍ସ ସର୍ଭିସେସ୍ ଓ ଏସେଲ୍ ଗ୍ରୁପର ଋଣ ସୁଝିବାରେ ବିଫଳତା ଭାରତୀୟ ଅର୍ଥନୀତିରେ ଭୟଙ୍କର ଆର୍ଥିକ ସଙ୍କଟ ସୃଷ୍ଟି କରିବାକୁ ଯାଉଛି। ମ୍ୟୁଚୁଆଲ ଫଣ୍ଡ ଅଭିବୃଦ୍ଧି ହାର ଗତ ୭ ବର୍ଷରେ ସର୍ବନିମ୍ନରେ ପହଞ୍ଚିଛି। ଆହୁରି ମଧ୍ୟ ଗତ ୫ ବର୍ଷରେ ଟଙ୍କାର ଦ୍ରୁତ ଅବମୂଲ୍ୟାୟନ ଘଟିଛି। ସାଧାରଣତଃ ଏକ ଦେଶର ନିବେଶ ଅଭିବୃଦ୍ଧି ଆଭ୍ୟନ୍ତରୀଣ ସଞ୍ଚୟ ଉପରେ ନିର୍ଭର କରେ। ଏହି ସଞ୍ଚୟ କମ୍ ହେଲେ ଚଳନ୍ତି ହିସାବରେ ନିଅଣ୍ଟ ବା ଋଣ ବୃଦ୍ଧି ପାଇଥାଏ। କିନ୍ତୁ ୨୦୧୫-୧୬ରେ ଏହି ସଞ୍ଚୟ ଜିଡିପି ଅନୁସାରେ ରେକର୍ଡ ୨୫.୨% ଥିଲା। ଏହା ହ୍ରାସ ପାଇ ୨୦୧୬-୧୭ରେ ୧୮.୫%ରେ ପହଞ୍ଚିଛି, ଯାହା ୧୯୯୭-୯୮ ପରଠାରୁ ସର୍ବନିମ୍ନ। ଅନ୍ୟ ଏକ ଚିନ୍ତାର ବିଷୟ ନିବେଶହାର ହ୍ରାସ ପାଇବା। ଜାତୀୟ ଆୟ ଅନୁସାରେ ନିବେଶ ହାର ୨୦୧୧-୧୨ରେ ଯାହା ଥିଲା ବର୍ତ୍ତମାନ ପ୍ରାୟ ୬% ହ୍ରାସ ପାଇଲାଣି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କ୍ଷେତ୍ରରେ ନୂଆ ନିବେଶ ଗତ ଅକ୍ଟୋବର-ଡିସେମ୍ବର ୨୦୧୮ରେ ୫୦,୬୦୪ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ୧୪ ବର୍ଷରେ ସର୍ବନିମ୍ନ। ଘରୋଇ କ୍ଷେତ୍ରରେ ସ୍ଥିତି ଆହୁରି ସଙ୍ଗିନ।

ଭାରତର ବାଣିଜ୍ୟ କ୍ଷତି ୨୦୧୮-୧୯ରେ ୧୭୬ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ରେକର୍ଡ। ଏଫ୍‌ଡିଆଇର ଅନ୍ତଃସ୍ରୋତ ହ୍ରାସ ପାଇଚାଲିଛି। ଏପ୍ରିଲ-ଡିସେମ୍ବର ୨୦୧୭ରେ ଏହା ୩୬ ବିଲିୟନ ଡଲାର ଥିଲାବେଳେ ଏପ୍ରିଲ-ଡିସେମ୍ବର ୨୦୧୮ରେ ଏହା ୩୩.୫ ବିଲିୟନ ଡଲାରକୁ ହ୍ରାସ ପାଇଛି। ବିଭିନ୍ନ ଉନ୍ନତ ଦେଶରେ ଜିଡିପି ଅନୁସାରେ ଟିକସ ଯେତିକି ଆଦାୟ ହୁଏ ଭାରତରେ ଏହା ପ୍ରାୟ ଅଧା। ଭାରତର ମୋଟ ଦେୟ ଗତ ସାଢ଼େ ୪ ବର୍ଷରେ ୪୯% ବୃଦ୍ଧି ପାଇଛି। ଜୁନ୍ ୨୦୧୪ରେ ଭାରତର ମୋଟ ଋଣ ୫୪,୯୦,୭୬୩ କୋଟି ଟଙ୍କା ଥିଲାବେଳେ ସେପ୍ଟେମ୍ବର ୨୦୧୮ ସୁଦ୍ଧା ଏହା ୮୨,୦୩,୨୫୩ କୋଟିରେ ପହଞ୍ଚିଛି। ବିମୁଦ୍ରୀକରଣ ଯୋଗୁ ଟିକସ ଆଦାୟ ବୃଦ୍ଧି ପାଇବ ବୋଲି ସରକାର କହୁଥିଲେ, କିନ୍ତୁ ତାହା ଓଲଟା ହୋଇଛି। ୨୦୧୮-୧୯ରେ ଯେତିକି ଟିକସ ଆଦାୟ ହେବ ବୋଲି ସରକାର ଲକ୍ଷ୍ୟ ରଖିଥିଲେ ତାହା କମ୍ ହୋଇଛି। ପ୍ରତ୍ୟକ୍ଷ କର କ୍ଷେତ୍ରରେ ୫୦,୦୦୦ କୋଟି ଟଙ୍କା ଏବଂ ପରୋକ୍ଷ କର ବାବଦରେ ୬୫,୦୦୦ କୋଟି ଟଙ୍କା କମ୍ ଆଦାୟ ହୋଇଛି। ଏଣୁ ସରକାର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ପାଇଁ ବିଭିନ୍ନ ବ୍ୟୟ ହ୍ରାସ କରିଛନ୍ତି। ଆହୁରି ମଧ୍ୟ ତୈଳ ସବ୍‌ସିଡି ବ୍ୟୟକୁ ପରବର୍ତ୍ତୀ ବର୍ଷକୁ ହସ୍ତାନ୍ତର କରିବା, କ୍ଷୁଦ୍ର ସଞ୍ଚୟ ଯୋଜନାରୁ ଅଧିକ ଋଣ କରିବା, ଜବରଦସ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ, ଓଏନ୍‌ଜିସି, ରିଜର୍ଭ ବ୍ୟାଙ୍କରୁ ଦ୍ୱିତୀୟଥର ପାଇଁ ଅନ୍ତରୀଣ ଲାଭାଂଶ ଉଠାଇବା ଆଦି ମାଧ୍ୟମ ଆପଣାଇଛନ୍ତି। ଏହାଦ୍ୱାରା ବର୍ତ୍ତମାନର ଆର୍ଥିକ ବୋଝ ଭବିଷ୍ୟତ ସରକାରଙ୍କ ଉପରେ ପଡ଼ିବ। ଉପାକୁ ଏକ ଅପାରଗ ସରକାର କୁହାଯାଉଥିଲା, କିନ୍ତୁ ଏନ୍‌ଡିଏ ଏକ ବିପଜ୍ଜନକ ସରକାର ବୋଲି ଅନେକେ କହୁଛନ୍ତି।

ମୋ-୯୪୩୭୨୦୮୭୬୨

# ହସ ଓ କାନ୍ଦ



ଅଭିମନ୍ୟୁ ଧଳ

ହସକାନ୍ଦ ଭରା ଦୁନିଆ। ହସିବା ଓ କାନ୍ଦିବା ପରସ୍ପର ପରିପୂରକ। ହସିବା ଯେପରି ଦେହ ପାଇଁ ଉପକାରୀ, କାନ୍ଦିବା ମଧ୍ୟ ସେହିପରି ଉପକାରୀ। ମଣିଷ ଦୁଃଖଦ ପରିସ୍ଥିତିର ସମ୍ମୁଖୀନ ହେଲେ ଆଖିରେ ଲୁହ ଆସିଯାଇଥାଏ। ଏହା ବ୍ୟତୀତ ନିକଟ ପରିଜନ କିମ୍ବା କୌଣସି ପ୍ରିୟବ୍ୟକ୍ତିଙ୍କର ଦେହାନ୍ତକୁ ନେଇ ଦୁଃଖରେ ଭାଙ୍ଗିପଡ଼ି ଅନେକେ କାନ୍ଦିଥାନ୍ତି। ଭାବପ୍ରବଣତାର ଲୁହ କୌଣସି ପଶୁପକ୍ଷୀଙ୍କ ଆଖିରୁ ଝରେନାହିଁ, କେବଳ ମଣିଷ ଆଖିରୁ ଝରିଥାଏ, ଏ କଥା କହିଛନ୍ତି ବୈଜ୍ଞାନିକ ଡର୍ବିନ୍। ଠାକୁରଙ୍କ ଭକ୍ତିରସରେ ନିମଗ୍ନ ଭକ୍ତ ଲୋତକ ଝରାଇ ପ୍ରାର୍ଥନା କରେ। ଝିଅ ବିଦା ବେଳେ ସମ୍ପର୍କୀୟଙ୍କ ଆଖିରୁ ଲୁହ ଝରିପଡ଼େ। ଦେହରେ ଯନ୍ତ୍ରଣା ହେଲେ ଲୁହ ଆସିଯାଇଥାଏ। ହସିବା ଓ କାନ୍ଦିବା ମଣିଷର ଜନ୍ମଗତ ଗୁଣ। ଏଥିରୁ କେହି ବାଦ୍ ପଡ଼ନ୍ତି ନାହିଁ। ଆନନ୍ଦ ସମୟରେ ଆଖିରୁ ଯେଉଁ କେତେ ଟୋପା ଲୁହ ଆସିଯାଏ ତାକୁ ଆନନ୍ଦାଶ୍ରୁ କହନ୍ତି। ହେଲେ ଏହାର କେତେକ ଉପକାରୀ ଗୁଣ ରହିଛି। ଅବଶ୍ୟ ଏ କଥା ଜାଣିବା ପରେ କେହି କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଆମେ ଟେନ୍‌ସନଗ୍ରସ୍ତ ହେବା ପରେ ଆମର ମାନସିକତା ନକାରାତ୍ମକ ହୋଇଯାଏ। ଏହି ସମୟରେ ଯଦି ଆଖିରୁ ଦୁଇଟୋପା ଲୁହ ଖସିପଡ଼େ ତେବେ ତାହା କେତେକାଂଶରେ ଟେନ୍‌ସନକୁ ଦୂର କରିଥାଏ ବୋଲି ଆମେରିକାସ୍ଥିତ ୱାଶିଂଟନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ କହିଛନ୍ତି। କିଛି ସମୟ କାନ୍ଦିବା ଫଳରେ ମନ କିଛି ପରିମାଣରେ ହାଲୁକା ହୋଇଯାଏ ଏବଂ ସମ୍ପୃକ୍ତ ବ୍ୟକ୍ତି ନୂଆ ଜିନିଷ ଚିନ୍ତା କରିବାରେ ସକ୍ଷମ ହୋଇଥାଏ। ବେଳେବେଳେ କାନ୍ଦିବା ଦ୍ୱାରା ମନରେ କେତେକ ନୂଆ ଚିନ୍ତାଧାରା ମଧ୍ୟ ଉଦ୍ରେକ ହୋଇଥାଏ। ଲୁହ ବହିଯିବା ପରେ ଜଣେ ମାନସିକ ଭାବେ ସୁସ୍ଥ ହୋଇଥାଏ। ଯେଉଁ ବ୍ୟକ୍ତି ନିଜର ପରାଜୟକୁ ନେଇ କାନ୍ଦିପାରେ, ସେହି ବ୍ୟକ୍ତି ପରାଜୟବରଣ କରି ଲୁହକୁ ଏକ ଦୁର୍ବଳତା ଭାବି କାନ୍ଦୁ ନ ଥିବା ବ୍ୟକ୍ତିଠାରୁ ଦୃଢ଼। ସୁଖରେ ହେଉ ବା ଦୁଃଖରେ ବାହାରି ଆସୁଥିବା ଲୁହକୁ ନ ଅଟକାଇ ବହିଯିବା ପାଇଁ ଦେଲେ ମନ ଖୁବ୍ ହାଲୁକା ଲାଗେ।

ଶିଶୁଟି ଭୂମିଷ୍ଠ ହେବାପରେ କୁଆଁରାବ ଦେଇଥାଏ। ତେଣୁ ପ୍ରତ୍ୟେକ ମଣିଷର ପ୍ରଥମ ଭାଷା ହେଉଛି କାନ୍ଦିବା। ଦେହରେ ଯନ୍ତ୍ରଣା କିମ୍ବା ଭୋକ ଲାଗିଲେ କାନ୍ଦିବା ମାଧ୍ୟମରେ ଶିଶୁଟି ଜଣେଇ ଦେଇଥାଏ। ସେମିତି ଶୈଶବ କାଳରେ ଅନେକ ମାନ, ଅଭିମାନ, ଦାବିକୁ ନେଇ ପିଲାଏ କାନ୍ଦିଥାନ୍ତି। ଏହାଦ୍ୱାରା ସେମାନଙ୍କର ଇଚ୍ଛା ପୂରଣ ହୋଇଥାଏ। ବୟସ ବଢ଼ିବା ସଙ୍ଗେ ସଙ୍ଗେ ଏହି ଲୋତକ ବହିବା କମିଯାଇଥାଏ। ଅଭିନୟ କରୁଥିବା ଅଭିନେତା ବା ଅଭିନେତ୍ରୀ ଦୁଃଖଦ ପରିସ୍ଥିତିରେ ସ୍ୱତଃପ୍ରବୃତ୍ତ ହୋଇ କାନ୍ଦିଥାନ୍ତି କିମ୍ବା ଗ୍ଲିସେରିନ୍ ଲଗାଇ କାନ୍ଦିବାର ଅଭିନୟ କରି ହଜାର ହଜାର ଦର୍ଶକଙ୍କୁ କନ୍ଦାଇ ଥାଆନ୍ତି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଅଧିକ କାନ୍ଦିଥାନ୍ତି। ପଦେ ପଦେ କଥାରେ କାନ୍ଦୁଥିବା ମହିଳାଙ୍କୁ ନାକକାନ୍ଦୁରୀ ବୋଲି କୁହାଯାଏ। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭଲ ଗୀତଟିଏ ଶୁଣିଲେ ୯୦ ପ୍ରତିଶତ ଲୋକଙ୍କ ଆଖିକୁ ଲୁହ ଆସିଯାଏ। ସେହିପରି କବିତା ଶୁଣି ବା ପଢ଼ି ୬୦ ପ୍ରତିଶତ ଓ ଭଲ ପେଣ୍ଟିଂଟିଏ ଦେଖି ୧୦ରୁ ୧୫ ପ୍ରତିଶତ ଲୋକଙ୍କ ଆଖିକୁ ଲୁହ ଆସିଯାଇଥାଏ।

ପୃଥକ୍ ସଂସ୍କୃତିରେ କାନ୍ଦିବାର ପ୍ରକୃତି ମଧ୍ୟ ପୃଥକ୍। ଆମେରିକାର ପୁରୁଷ ଏବଂ ମହିଳା ଉଭୟଙ୍କ କାନ୍ଦିବା ସବୁଠୁ ଆଗରେ। ସବୁଠାରୁ କମ୍ କାନ୍ଦୁଥିବା ପୁରୁଷ ବୁଲ୍‌ଗେରିଆ ଏବଂ କମ୍ କାନ୍ଦୁଥିବା ମହିଳା ଆଇସ୍‌ଲାଣ୍ଡ ଓ ରୋମାନିଆର। ଭାରତରେ ପୁରୁଷମାନେ କାନ୍ଦିବାକୁ ସମ୍ମାନଜନକ ଭାବନ୍ତି ନାହିଁ, ତେଣୁ ପ୍ରାୟତଃ ଲୁହକୁ ଲୁଚାଇବାକୁ ଚେଷ୍ଟା କରିଥାନ୍ତି।

ଜାପାନରେ ଅଛି 'ମିତ୍‌ସୁଇ ଗାର୍ଡେନ ୟୋତ୍‌ସୁଆ' ନାମକ ହୋଟେଲ। ମୁଖ୍ୟତଃ ମହିଳାମାନେ କାନ୍ଦିବା ପାଇଁ ସେଠାକୁ ଯାଇଥାନ୍ତି। କାନ୍ଦିଲେ ମାନସିକ ଅବସାଦ, ଉତ୍ତେଜନା, ଉତ୍କଣ୍ଠା ଆଦି ଦୂରହୁଏ। ବହେ କାନ୍ଦିଲେ ମାନସିକ ସ୍ଥିତିରେ ପରିବର୍ତ୍ତନ ଆସେ। ନିରୋଳାରେ କାନ୍ଦିବାକୁ ଚାହୁଁଥିବା ମହିଳାଙ୍କୁ ଏହା ପ୍ରକୋଷ୍ଠ ଯୋଗାଉଛି। ହଠାତ୍ କାନ୍ଦ ନ ଆସିଲେ ଦୁଃଖଦାୟକ ଚଳଚ୍ଚିତ୍ର ଦେଖାଇବାର ସୁବିଧା ରହିଛି। ଲୁହ ପୋଛିବା ପାଇଁ ଯୋଗାଇ ଦିଆଯାଉଛି ସ୍ୱତନ୍ତ୍ର ଭାବେ ତିଆରି ତନ୍ତୁ କାଗଜ, କାନ୍ଦି କାନ୍ଦି ଗ୍ରାହକଙ୍କ ଆଖି ଓ ମୁହଁ ଫୁଲିବାରେ ଏହାର ଉପଚାର ପାଇଁ ସମସ୍ତ ବ୍ୟବସ୍ଥା ରହିଛି। ଗୋଟିଏ ରାତି ପାଇଁ କୋଠରିଟିଏ ନେଲେ ଭାରତୀୟ ମୁଦ୍ରାରେ ପ୍ରାୟ ପାଞ୍ଚ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଗୁଜରାଟର ସୁରଟରେ ଏହିଭଳି ଏକ 'କ୍ରାଇଙ୍ଗ୍ କ୍ଲବ' ଅଛି। ଏହାର ସ୍ଲୋଗାନ ରହିଛି 'ଟିୟର୍ସ ଟୁ ଚିୟର୍ସ'। ପ୍ରତି ରବିବାର ସକାଳୁ ଦଶଟାଯାଏ ମିଳିତ ହୋଇ ଲୋକେ କାନ୍ଦିଥାନ୍ତି।

ଆଖିରୁ ଲୁହ ଟୋପା ବାହାରିଲେ ଅନ୍ୟକୁ ପ୍ରଭାବିତ କରେ। କର୍ଟିସୋଲ ନାମକ ହରମୋନ ଶରୀର ପ୍ରତି କ୍ଷତିକାରକ। କାନ୍ଦିବା ଦ୍ୱାରା ଏହା ବାହାରିଯାଏ। ଆଖି ଶୁଷ୍କ ରହିବା ଦ୍ୱାରା ଅନେକ ସମସ୍ୟା ଦେଖାଦିଏ। ଆଖିକୁ ଶୁଷ୍କତାରୁ ରକ୍ଷା କରେ ଲୁହ। ଧୂଳିମଳି ସଫା କରିବା ସଙ୍ଗେ ସଙ୍ଗେ ଲୁହ ଆଖିକୁ କୀଟାଣୁମୁକ୍ତ କରିଥାଏ। ଏସବୁ ଜାଣିବା ପରେ ଆପଣ ସୁଖରେ ହେଉ ବା ଦୁଃଖରେ ବାହାରି ଆସୁଥିବା ଲୁହକୁ ଆଉ ଅଟକାଇବାକୁ ଚାହିଁବେ ନାହିଁ ନିଶ୍ଚୟ। କାରଣ ଲୁହ ବହିଯିବା ପରେ ଆପଣ ଖୁବ୍ ହାଲୁକା ଅନୁଭବ କରିବେ।

ଓସଂଗରା, ପଞ୍ଚାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ-୯୮୬୧୦୪୮୦୫୨

## ଏଇ ଭାରତରେ

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ୍ ଅନୁଯାୟୀ ରାସ୍ତାଘାଟ ତଥା ପରିବେଶକୁ ପରିଷ୍କାର ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇ ତାହାକୁ କାର୍ଯ୍ୟକାରୀ କରାଯାଉଛି। ଗୁଜରାଟର ଅହମଦାବାଦରେ ରାସ୍ତାରେ ଛେପ ପକାଇଲେ ଶହେଟଙ୍କା ଜରିମାନା। ଏ କଥା ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ସତ୍ୟ। ଏ ପର୍ଯ୍ୟନ୍ତ ୧୦ ହଜାର ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଜରିମାନା ଆଦାୟ କରାଗଲାଣି। ରାସ୍ତାରେ ଛେପ ପକାଉଥିବା ଲୋକଙ୍କ ପାଇଁ କରାଯାଇଛି ଏପରି କଡ଼ା ଆଇନ। ସହରକୁ ପରିଷ୍କାର ରଖିବା ଲାଗି ଅହମଦାବାଦ ମହାନଗରପାଳିକା ପକ୍ଷରୁ ଛେପ ପକାଉଥିବା ଲୋକଙ୍କ ଉପରେ ଶହେଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଏଭଳି ନିୟମ ଲାଗୁ କରିବାରେ ଦେଶରେ ଅହମଦାବାଦ ପ୍ରଥମ ସହର ହେବାର ମାନ୍ୟତା ଲାଭ କରିଛି। ସିସିଟିଭି ଫୁଟେଜ୍‌ରୁ ମହାନଗର ଆଇନ ବ୍ୟବସ୍ଥାର ଉଲ୍ଲଂଘନ କରୁଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରାଯାଇ ଜରିମାନା ଆଦାୟ କରାଯାଉଛି। ଏହା ସହିତ ଗାଡ଼ି ନମ୍ବରରୁ ମଧ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରୁଥିବା ମହାନଗରପାଳିକା ଉଚ୍ଚ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅହମଦାବାଦର ଏହି ନିୟମ ସ୍ୱଚ୍ଛ ଭାରତ ମିଶନ ଲକ୍ଷ୍ୟ ହାସଲରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

### ୩ ମେ ୧୯୯୪

- ଭାରତ ବିରୋଧରେ ସୁପର-୩୦୧ ଆଇନ ଲାଗୁ କରିବା ନିଷ୍ପତ୍ତିକୁ ଆମେରିକା ଆଉ ୨ ମାସ ଘୁଞ୍ଚାଇଲା।
- ଶ୍ରୀଲଙ୍କାର ଶାସକ ଦଳ ୟୁନାଇଟେଡ ନ୍ୟାଶନାଲ ପାର୍ଟିର ସାଧାରଣ ସମ୍ପାଦକ ସିରିସେନା କୁରେ ଦଳୀୟ ପଦବୀରୁ ଇସ୍ତଫା ଦେଲେ।
- ଦକ୍ଷିଣ ଆଫ୍ରିକାର ପ୍ରଥମ ଗଣତାନ୍ତ୍ରିକ ନିର୍ବାଚନରେ କୃଷ୍ଣକାୟ ନେତା ନେଲସନ ମଣ୍ଡେଲାଙ୍କ ଦକ୍ଷିଣ ଆଫ୍ରିକା ଜାତୀୟ କଂଗ୍ରେସ ଅନ୍ୟ ଦଳଠାରୁ ଅଧିକ ଆସନ ଲାଭ କରିଥିବା ନେଇ ସୂଚନା।

## ପାଠକ ଶ୍ରେଷ୍ଠ ବିଚାରକ

### ବଂଶଗତ ରାଜନୀତି

ମହାଶୟ,

ଦେଶ ସ୍ୱାଧୀନ ହେବା ପୂର୍ବରୁ ଆମ ଦେଶରେ ପାଞ୍ଚଶହରୁ ଊର୍ଦ୍ଧ୍ୱ ଗଡ଼ଜାତ ଥିଲା। ଏହି ଗଡ଼ଜାତମାନଙ୍କର ରାଜାମାନେ ବଂଶାନୁକ୍ରମେ ରାଜ୍ୟ ଶାସନ କରୁଥିଲେ, ଅର୍ଥାତ୍ ବାପ ପରେ ପୁଅ ଓ ପୁଅ ପରେ ନାତି ରାଜସିଂହାସନରେ ବସୁଥିଲେ। ଏବେ କିନ୍ତୁ ଭୋଟ ବଳରେ ବିଧାୟକ ବା ମନ୍ତ୍ରୀ ହେଲେ ସେମାନେ ଆଉ ସେ ଗାଦି ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି। ଶାରୀରିକ କ୍ଷମତା ହରାଇବା ପରେ ନିଜ ଜୀବଦ୍ଦଶାରେ ପୁଅମାନଙ୍କୁ ରାଜନୀତିରେ ପ୍ରବେଶ କରାଇ କ୍ଷମତା ହାତେଇବାକୁ ଚେଷ୍ଟା କରୁଛନ୍ତି। ନୂଆ ନେତୃତ୍ୱକୁ ବାଟ ଛାଡ଼ୁନାହାନ୍ତି। ଏହା ଆମ ଗଣତନ୍ତ୍ର ପ୍ରତି ଏକ ବିଳକ୍ଷଣ।

ନଟବର ନାୟକ, ଖେରସ, ଜଗତ୍‌ସିଂହପୁର

### ଓଡ଼ିଆ ଅନୁକରଣପ୍ରିୟ

ସମସ୍ତେ ଯଦି ଓଡ଼ିଆ ନ ପଢ଼ି ଇଂଲିଶ ପଢ଼ିବା ତେବେ ଏ ଉତ୍କଳୀୟ ସଂସ୍କୃତି ବଞ୍ଚିବ କେମିତି ? ଆମେ ଓଡ଼ିଆ ବଡ଼ ଅନୁକରଣପ୍ରିୟ। ଓଡିଆଙ୍କ ଭଳି ଅନ୍ୟ କୌଣସି ଜାତି ଏତେ ପରିମାଣରେ ବିଦେଶୀ ଭାଷା ଓ ବିଦେଶୀ ସଂସ୍କୃତିପ୍ରିୟ ନୁହନ୍ତି। ଯଦି ଏପରି ଚାଲେ ତେବେ ଓଡିଆ ମାଧ୍ୟମ ବିଦ୍ୟାଳୟ ସବୁ ବନ୍ଦ ହୋଇଯିବ। ସମସ୍ତେ ଏହାକୁ ହୃଦୟଙ୍ଗମ କରନ୍ତୁ। ଇଂଲିଶ ମାଧ୍ୟମ ବିଦ୍ୟାଳୟ ତଥା ଅନ୍ୟାନ୍ୟ ବିଦ୍ୟାଳୟରେ ଦୁଇଶହ ନମ୍ବର ଓଡ଼ିଆ ଭାଷା ସାହିତ୍ୟ ଶିକ୍ଷା ଦିଆଯାଉ। ମହାବିଦ୍ୟାଳୟମାନଙ୍କରେ ବାଧ୍ୟତାମୂଳକ ଓଡିଆ ଶିକ୍ଷା ଦିଆଯାଉ। ଓଡିଶାର ସର୍ବତ୍ର ଓଡିଆ ଭାଷାରେ ବିଜ୍ଞାପନ ଓ ନାମଫଳକର ବ୍ୟବହାର କରାଯାଉ। ପ୍ରତ୍ୟେକ ସ୍ତରରେ ଓଡ଼ିଆରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରାଯାଉ। ତେବେ ଓଡିଆ ଶସ୍ତ୍ରୀୟ ଭାଷାର ଯେଉଁ ମାନ୍ୟତା ପାଇଛି ତାହା ସଫଳ ହୋଇପାରିବ।

ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ସଫଳତାର ପରିଭାଷା

ମନୁଷ୍ୟ କୌଣସି କର୍ମ କରି ସେଥିରୁ ଯେଉଁ ଫଳ ଆଶା କରେ, ସେହି ଆଶା ପୂରଣ ହେବାକୁ ସଫଳତା କୁହାଯାଏ। ତେବେ କର୍ମ କଲାବେଳେ ବାଧାବିଘ୍ନ ଓ ପ୍ରତିକୂଳ ପରିସ୍ଥିତିକୁ ସକାରାତ୍ମକ ମନୋଭାବ ସହ ସମ୍ମୁଖୀନ ହେବାକୁ ପଡିବ। ଏଥିସହ କର୍ମର ମାନ ବଢାଇବା ସହିତ ଫଳ ପାଇଁ ଧୈର୍ଯ୍ୟ ରଖିବାକୁ ପଡିବ। କର୍ମ କଲାପରେ ଯେଉଁ ସଫଳତା ମିଳେ ସେଥିରୁ ଆତ୍ମସନ୍ତୋଷ ମିଳିଲେ, ନିଜର ହିତ ସହ ଅନ୍ୟମାନଙ୍କର ହିତ ସାଧିତ ହେଲେ, ସେଥିରୁ ଅନ୍ୟମାନେ ପ୍ରେରଣା ପାଇଲେ, ତାହାକୁ ପ୍ରକୃତ ସଫଳତା କୁହାଯିବ। ମାତ୍ର ସଫଳତା ପାଇଁ ମନରେ ଗର୍ବ ଓ ଅହଂକାର ଆସିଲେ ଅଧଃପତନ ଆରମ୍ଭ ହୁଏ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


ପାରାଦୀପର ଏକ ଆଶ୍ରୟ କେନ୍ଦ୍ରରେ ଥିବା ଜଣେ ମହିଳା ଓ ତାଙ୍କ ଶିଶୁ।


ଜଣେ ମହିଳା ଟ୍ରଲି ଯୋଗେ ସାମଗ୍ରୀ ନେଇ ଆଶ୍ରୟ କେନ୍ଦ୍ରକୁ ଯାଉଛନ୍ତି।


ଆଶ୍ରୟ କେନ୍ଦ୍ରରେ ଲୋକଙ୍କୁ ଦେବା ପାଇଁ ହୋଇଥିବା ରନ୍ଧାଖାଦ୍ୟ।


ବାତ୍ୟା ଆସୁଥିବାବେଳେ ନାଉଗାଁରେ ବିଲରେ କଟା ହୋଇନପାରି ଥିବା ପାଚିଲା ଧାନ।

# ଆଶ୍ରୟ କେନ୍ଦ୍ରରେ ଲୋକେ, ରନ୍ଧାଖାଦ୍ୟ ପ୍ରଦାନ

**■୨୨ ଆଶ୍ରୟ କେନ୍ଦ୍ରରେ ହୋଇଛି ରହିବା ସୁବିଧା**
**■ରାତି ସୁଦ୍ଧା ସ୍ଥାନାନ୍ତର ହେବେ ତଳିଆ ଅଞ୍ଚଳବାସୀ**
**■ବନ୍ଦର ପୋତାଶ୍ରୟରେ କ୍ଷୟକ୍ଷତି ଏଡାଇବାକୁ ବ୍ୟବସ୍ଥା**

ପାରାଦୀପ,୨।୫(ସ୍ୱ.ପ୍ର.)

ସମ୍ଭାବ୍ୟ ବାତ୍ୟା ଫନୀ ସ୍ଥଳଭାଗ ଛୁଇଁବା ପୂର୍ବରୁ ଗୁରୁବାର ମଧ୍ୟାହ୍ନରୁ ସାମାନ୍ୟ ବର୍ଷା ପବନ ଆରମ୍ଭ ହୋଇଯାଇଛି। ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆଗୁଆ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ କରି ଉପକୂଳ ଜିଲା ଜଗତ୍‌ସିଂହପୁରର ପାରାଦୀପରେ ଜିଲା ଓ ପୌର ପ୍ରଶାସନ ପକ୍ଷରୁ ବସ୍ତି ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏଠାରେ ଥିବା ୨୨ଟି ଆଶ୍ରୟ କେନ୍ଦ୍ରରେ ସେମାନଙ୍କୁ ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପର୍ଯ୍ୟାପ୍ତ ପରିମାଣର ପାଣି, ୨୪ ଘଣ୍ଟା ବିଦ୍ୟୁତ୍ ସେବା ଯୋଗାଇବା ବ୍ୟବସ୍ଥା ହୋଇଛି ବୋଲି ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି କହିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଏଡିଏମ୍ ଅଫିସରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେଠାରେ ବିଭିନ୍ନ କମ୍ପାନୀମାନେ ଶୁଖିଲା ଖାଦ୍ୟ ଓ ପାଣି ଆଣି ଦେଉଛନ୍ତି। ସେସବୁ କୁଜଙ୍ଗ, ଏରମା ବ୍ଲକ, ପୌରାଞ୍ଚଳର ବସ୍ତି ଓ ବାତ୍ୟା ଆଶ୍ରୟସ୍ଥଳକୁ ଯୋଗାଣ କରାଯାଉଛି। ୧୭ଟି ବାତ୍ୟା ଆଶ୍ରୟସ୍ଥଳୀର ଦାୟିତ୍ୱ ବିଭିନ୍ନ କମ୍ପାନୀକୁ ବଣ୍ଟନ କରାଯାଇଛି। ଏଥିସହ ଜରୁରୀକାଳୀନ ଅଫିସରଙ୍କ ନମ୍ବର ଜାରି କରାଯାଇଛି। ପୋଲିସ, ଏନ୍‌ଡିଆରଏଫ୍ ଟିମ୍, ଓଡ୍ରାଫ୍ ଟିମ୍, ଉଦ୍ଧାର ପାଇଁ ବସ୍ ଓ ଅନ୍ୟ ଗାଡି, ଆସବାବପତ୍ର ଆଦି ପୂର୍ଣ୍ଣମାତ୍ରାରେ ମହଜୁଦ୍ ରଖାଯାଇଛି ବୋଲି ଏଡିଏମ୍ କାହ୍ନୁଚରଣ ଧିର କହିଛନ୍ତି। ୨୪ ଘଣ୍ଟା ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ମଧ୍ୟ କରାଯାଉଛି। ଗୁରୁବାର ରାତି ସୁଦ୍ଧା ସମସ୍ତ ବସ୍ତିବାସିନ୍ଦା ଘର ନ ଛାଡିଲେ ସେମାନଙ୍କୁ ପୋଲିସ ଲଗାଇ ଉଠାଯିବ ବୋଲି ସେ କହିଛନ୍ତି। କେତେକ ବସ୍ତିବାସିନ୍ଦା ଘରର ଆସବାବପତ୍ର ଲୋଭରେ ଘର ଛାଡୁନାହାନ୍ତି। ଆଉ କେତେକ ଲୋକ ପୋର୍ଟ ଟାଉନସିପ୍‌ରେ ତାଲା ପଡିଥିବା କ୍ୱାର୍ଟର୍ସଗୁଡିକୁ ଜବରଦସ୍ତ ପ୍ରବେଶ କରି ରହିଲେଣି। ଏଥିପାଇଁ ଅଧିକାଂଶ ସ୍ଥାନରେ ପାଟିତୁଣ୍ଡ ହେଲାଣି। ସମୁଦ୍ର ମଧ୍ୟ ପୂର୍ବଦିନ ତୁଳନାରେ ଅଧିକ ଅଶାନ୍ତ ରହିଛି। ବାତ୍ୟାରେ ବନ୍ଦର ପୋତାଶ୍ରୟରେ କ୍ଷୟକ୍ଷତିକୁ ଏଡାଇବା ପାଇଁ ସମସ୍ତ ଜାହାଜକୁ ବର୍ଥରୁ ବାହାର କରାଯାଇଛି। ଏପରକି ଟ୍ରେନ୍ ଓ ଟ୍ରକ୍‌ରେ ଚାଲିଥିବା ପଣ୍ୟ କାରବାର ବନ୍ଦ କରାଯାଇଛି। ବାତ୍ୟା ବିପଦ ନ ଟଳିବା ଯାଏ ବନ୍ଦର ଅପରେସନ ବନ୍ଦ ରହିବ ବୋଲି ବନ୍ଦର ଉପ ସଂରକ୍ଷକ କ୍ୟାପଟେନ ଅତୂଲ୍ୟ କୁମାର ମହାପାତ୍ର କହିଛନ୍ତି। ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ବନ୍ଦରର ବିପଦ ସଙ୍କେତ ୪ ନମ୍ବର ଥିବା ସୂଚନା ମିଳିଛି। ବାତ୍ୟା ସମ୍ପର୍କରେ ଡପଲାର ରାଡାରର ସିନିୟର ସାଇଣ୍ଟିଷ୍ଟ ରୋହିତ ଶୁକ୍ଳା କୁହନ୍ତି, ଏହା ପୁରୀ-ପାରାଦୀପ ମଧ୍ୟରେ ଗତିକରିବ। ପ୍ରତି ଘଣ୍ଟାର ଖବର ଆମେ ସରକାରଙ୍କୁ ଦେଉଛୁ। ସ୍ଥଳଭାଗ ଛୁଇଁଲା ବେଳକୁ ପବନର ଗତି ୧୦୦ କି.ମି.ରୁ ୨୦୦ କି.ମି. ମଧ୍ୟରେ ରହିବ ବୋଲି ପୂର୍ବାନୁମାନ କରାଯାଉଛି। କଚ୍ଚା ଘରେ ରହୁଥିବା ଲୋକେ ନିରାପଦ ସ୍ଥାନକୁ ଚାଲିଯିବା ଦରକାର। ବାତ୍ୟାର ପ୍ରକୋପ ଶନିବାର ପୂର୍ବାହ୍ନ ୧୦ଟା ଯାଏ ରହିବ। ସେହି ସମୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ସେ କହିଛନ୍ତି।

## ବାତ୍ୟା ମୁକାବିଲା ପ୍ରସ୍ତୁତି

ଏରସମା,୨।୫(ସ୍ୱ.ପ୍ର.)

ବାତ୍ୟା ମୁକାବିଲା ପାଇଁ ଏରସମା ବ୍ଲକ ପକ୍ଷରୁ ବୁଧବାର ପ୍ରସ୍ତୁତି ବୈଠକ ହୋଇଥିଲା। ଏରସମା ବ୍ଲକ ସମୁଦ୍ର ଉପକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳ ହୋଇଥିବାରୁ ଗତ ମହାବାତ୍ୟାରେ ବିଶେଷ କ୍ଷତିଗ୍ରସ୍ତ ହୋଇଥିଲା। ତେଣୁ ଚଳିତଥର ଫନୀର ସଫଳ ମୁକାବିଲା ପାଇଁ ପ୍ରଶାସନ ଅଧିକ ଯତ୍ନବାନ ହୋଇଛି। ବାତ୍ୟା ଆଶ୍ରୟସ୍ଥଳୀରେ ତଳିଆ ଅଞ୍ଚଳବାସୀଙ୍କୁ ରଖି ରନ୍ଧାଖାଦ୍ୟ ପ୍ରଦାନ ପାଇଁ ସରପଞ୍ଚଙ୍କ ସମେତ ସମସ୍ତ ଲୋକ ପ୍ରତିନିଧିଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରସ୍ତୁତି ବୈଠକରେ ବିଡିଓ କୈଳାସ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ବେଉରା, ବ୍ଲକ ଶିକ୍ଷା ଅଧିକାରୀ ଜୟନ୍ତ କୁମାର ରାୟ, ଏରସମା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି, ଅତିରିକ୍ତ ବିଡିଓ ବିଜୟ କେତନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

ବିରିଡ଼ି,୨।୫(ଡି.ଏନ.ଏ.)

ଶ୍ରମିକ ଦିବସ ଉପଲକ୍ଷେ ବୁଧବାର ଜଗତ୍‌ସିଂହପୁର ଜିଲା ଶ୍ରମ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବିରିଡ଼ି ବ୍ଲକ ହାଜିପୁର ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରମିକମାନଙ୍କ ଆଇନଗତ ଅଧିକାର ସମ୍ପର୍କରେ ପ୍ରାଧିକରଣ ସମ୍ପାଦକ କମଳାକାନ୍ତ ରାଉତ ବିସ୍ତୃତ ସୂଚନା ଦେଇଥିଲେ। ଗରିବ ଜନସାଧାରଣ ନ୍ୟାୟ ନ ପାଇଲେ କ'ଣ କରିବେ ସେ ସମ୍ବନ୍ଧରେ କୁହାଯାଇଥିଲା। ମହିଳା, ବୃଦ୍ଧାବୃଦ୍ଧ, ଛୋଟ ପିଲାମାନଙ୍କ ପାଇଁ କ'ଣ ଆଇନଗତ ସୁବିଧା ରହିଛି, ସେ ସମ୍ବନ୍ଧରେ ସମସ୍ତଙ୍କୁ ଅବଗତ କରାଯାଇଥିଲା। ରାସ୍ତାରେ ଗାଡ଼ି ଚାଳନା, ପାରିବାରିକ, ଘରୋଇ ହିଂସା ଉପରେ ମଧ୍ୟ ସମ୍ପାଦକ ରାଉତ ଅବଗତ କରାଇଥିଲେ। ଜିଲା ଶ୍ରମ ଅଧିକାରୀ ବାବା ଆନନ୍ଦ ରଞ୍ଜନ ଦାସ, ଶ୍ରମ ନିରୀକ୍ଷକ ସନ୍ତୋଷ କୁମାର ମହାନ୍ତି, ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ମିଶ୍ର ଓ ପାରାଲିଗାଲ ଭଲ୍ୟୁଣ୍ଟର ଡ. ମୁରଲୀ ପାଣି ମିଶ୍ର ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MSM-TCC-TIG-JNRD-BLGR-19

**କାର୍ଯ୍ୟର ନାମ :** 02 ବର୍ଷ ସମୟାବଧି ନିମନ୍ତେ ଜୁନାଗଡ଼ ଏବଂ ଟିଟିଲାଗଡ଼ ତଥା ବଲାଙ୍ଗୀର ଷ୍ଟେସନ ଠାରେ ଟ୍ରେନ୍ ନଂ.18437/18438, 58303/58304, 58207/58208, 12871/12872, 12893/12894, 58305/58306 ଏବଂ 58307/58308 ର ଟର୍ମିନାଲ (Terminal) ସଫେଇ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,59,82,671.72, EMD (ଟଙ୍କାରେ) : 2,29,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,000/-, କାର୍ଯ୍ୟ ଶେଷ ହେବା ଅବଧି : 02 (ଦୁଇ) ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.05.2019ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ)
PR-58/K/19-20 ସମ୍ବଲପୁର

STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA
S.C.T.E.&V.T. ODISHA
ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା

**NOTICE**

No.KK-03:- In view of the **CYCLONIC STORM "FANI"** all the Diploma Semester Examinations scheduled to be held on 2nd, 3rd & 4th May, 2019 are post-poned until further orders. The revised dates of the above Examinations shall be announced later on.

**Sd./- Controller of Examinations**

44002/11/0002/1920

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର

**ଟେଣ୍ଡର ସୂଚନା**

**ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ପରିସର ମଧ୍ୟରେ ଭୋଜନାଳୟର ସୁବିଧା ଯୋଗାଇ ଦେବା।**

ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କାର୍ଯ୍ୟାଳୟ ସମସ୍ତ ପ୍ରତିଷ୍ଠିତ ଏବଂ ନାମକରା କ୍ୟାଟରିଂ ସଂସ୍ଥା (କ୍ୟାଣ୍ଟିନ ପରିଚାଳନାରେ ଯଥେଷ୍ଟ ଅଭିଜ୍ଞତା ଥିବା)ମାନଙ୍କ ଠାରୁ ଏହାର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ପରିସର ମଧ୍ୟରେ ଷ୍ଟାଫ୍ ସଦସ୍ୟମାନଙ୍କୁ କ୍ୟାଣ୍ଟିନ ସୁବିଧା ଯୋଗାଇ ଦେବାପାଇଁ ଆବେଦନପତ୍ର ଆହ୍ୱାନ କରୁଛି। ସମସ୍ତ ବିବରଣୀ ସହ ଲିଖିତ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ମେ 24,2019 (ଅପରାହ୍ଣ 2.00ଟା)।

ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବାପାଇଁ ଆରବିଆଇ ୱେବସାଇଟ www.rbi.org.in ର 'ଟେଣ୍ଡର ବିଭାଗ' ରେ ଲଗ ଇନ କରନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର

**ଟେଣ୍ଡର ସୂଚନା**
(କେବଳ ଇ-ପ୍ରାପ୍ତି ମାଧ୍ୟମରେ)

**ଇଲେକ୍ଟ୍ରୋନିକ ଟେଣ୍ଡର-ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ସୁରକ୍ଷା ପରିସର ବହିର୍ଭୂତ ସ୍ଥାନ, ସଂଲଗ୍ନ ଗୃହ ଏବଂ ପାରିପାର୍ଶ୍ୱିକ ସ୍ଥାନରେ ଥିବା ଶୌଚାଳୟଗୁଡ଼ିକର ଦୈନିକ ସଫେଇ କାର୍ଯ୍ୟ ନିମନ୍ତେ ବାର୍ଷିକ କଣ୍ଟ୍ରାକ୍ଟ**

ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କାର୍ଯ୍ୟାଳୟ ସମସ୍ତ ପ୍ରତିଷ୍ଠିତ ଏବଂ ନାମକରା କଣ୍ଟ୍ରାକ୍ଟରମାନଙ୍କ ଠାରୁ ଉପରୋକ୍ତ କାର୍ଯ୍ୟ ପାଇଁ ଆନୁମାନିକ ବାର୍ଷିକ ୧୦.୫ ଲକ୍ଷ ମୂଲ୍ୟ ମଧ୍ୟରେ ଯୋଗ୍ୟ କଣ୍ଟ୍ରାକ୍ଟରମାନଙ୍କ ଠାରୁ ଇ-ଟେଣ୍ଡର ଆହ୍ୱାନ କରୁଛି। ଏମ୍‌ଏସ୍‌ଟିସି ପୋର୍ଟାଲରେ ''ଟେଣ୍ଡର ଗ୍ରହଣର ଶେଷ ତାରିଖ''ମେ 31,2019 ଦିନ 12.00 ଟା ପର୍ଯ୍ୟନ୍ତ ରହିଛି।

ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବାପାଇଁ ଆରବିଆଇ ୱେବସାଇଟ www.rbi.org.inର 'ଟେଣ୍ଡର ବିଭାଗ'ରେ ଲଗ ଇନ କରନ୍ତୁ ତଥା ଟେଣ୍ଡର ଅପ୍‌ଲୋଡ୍ କରିବା ପାଇଁ https://mstcecommerce.com ୱେବସାଇଟ ରେ ପଞ୍ଜିକରଣ କରନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ

TATA STEEL
TATA

**RECRUITMENT OF TRADE APPRENTICES (TA-2019) FOR TATA STEEL KALINGANAGAR**

Domicile: Odisha

**Eligibility (Qualification):** Matriculation or equivalent examination having passed in all subjects with minimum aggregate marks of 60% (55% for SC/ST candidates). Must have English, Science and Mathematics as subjects in Matriculation or equivalent examination (9.5 x CGPA= % Marks, if applicable)

OR

2 years full time ITI in Mechanical trade recognised by NCVT / SCVT with minimum 60% (aggregate of all semesters)

**Age: For General Matriculate Candidates:** Should have been born between April 1, 2000 and April 1, 2004 (both days inclusive)

**For SC/ST Matriculate Candidates:** Should have been born between April 1, 1999 and April1, 2004 (both days inclusive)

OR

**For General ITI Candidates:** Should have been born between April 1, 1998 and Oct 1, 2002 (both days inclusive)

**For SC/ST ITI Candidates:** Should have been born between April 1, 1997 and Oct 1, 2002 (both days inclusive)

The application is open from **April 30 - May 13, 2019**

Fill the application and submit online. No hard copy to be submitted.

**How to apply: Go to careers.tatasteelindia.com, then click on Current Openings, then apply for Jobs/Internship.**

Registered Office: Bombay House, 24, Homi Mody Street, Fort, Mumbai 400 001, India
Tel.: 022 66658282 Fax: 022 66657724 (CIN) – L27100MH1907PLC000260
Website: www.tatasteel.com

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ) [ରୁଲ୍-୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସାଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।

**ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ମେସର୍ସ ନେକ୍ସାରସ ଫୁଡ୍ସ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା: ଶ୍ରୀ ଜୟ ନାରାୟଣ ପୃଜାପଣ୍ଡା, ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ରାଜଲକ୍ଷ୍ମୀ ମହାସୁଆର, ଫ୍ଲାଟ୍ ନଂ.: ୯୦୩, ୯ମ ମହଲା, ଟାୱାର-୧, ଜେଡ୍-୧, କଳାରାହାଙ୍ଗ, ଭୁବନେଶ୍ୱର, ୨) ଶ୍ରୀ ବିଭାସ ରଞ୍ଜନ, ଫ୍ଲାଟ୍ ନଂ.: ୧୦୦୨, ୧୦ମ ମହଲା, ଟାୱାର-୩, ଜେଡ୍-୧, କଳାରାହାଙ୍ଗ, ଭୁବନେଶ୍ୱର-୭୫୧୦୨୪ | ୧) ରାଜଲକ୍ଷ୍ମୀ ମହାସୁଆରଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ପୁରୀ, ମୌଜା: ହରେକୃଷ୍ଣପୁର, ଖାତା ନଂ.: ୭୦୪/୧୪୨, ପ୍ଲଟ୍ ନଂ.: ୩୧୪/୨୫୧୧, କ୍ଷେତ୍ର: ଏକର୦.୧୫ ୧ଡିସିମିଲି, କିସମ: ଘରବାରୀ, ୨) ଶ୍ରୀମତୀ ରାଜଲକ୍ଷ୍ମୀ ମହାସୁଆର ଏବଂ ଜୟ ନାରାୟଣ ପୃଜାପଣ୍ଡାଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୯୦୩, ୯ମ ମହଲା, ଟାୱାର-୧, ଜେଡ୍-୧, କଳାରାହାଙ୍ଗ, ଭୁବନେଶ୍ୱର, ୩) ବିଭାସ ରଞ୍ଜନଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୧୦୦୨, ୧୦ମ ମହଲା, ଟାୱାର-୩, ଜେଡ୍-୧, କଳାରାହାଙ୍ଗ, ଭୁବନେଶ୍ୱର-୭୫୧୦୨୪ | ୧୦.୧୨.୨୦୧୮ ସୁଦ୍ଧା ଟ୪,୬୨,୨୧,୧୪୫.୧୦ + ପରବର୍ତ୍ତୀ ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୨.୧୨.୨୦୧୮ / ୩୦.୦୪.୨୦୧୯ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୫.୨୦୧୯ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

FORM NO.13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No.: 431/17**

**UCO Bank** ...Applicant
Versus
**Dhanjay Mishra** ...Defendant[s]

To
**M/s. Orissa Homes Pvt. Ltd.** represented through its **Managing Director Sri Jagat Jiban Nayak,** S/o.: Late Kali Charan Nayak, N-3/243, IRC Village, Nayapalli, Bhubaneswar-751015.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 431/17** in the Court of the Debts of Recovery Tribunal, Cuttack for recovery of **Rs.16,51,561/-** Only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **24.06.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **15th day of April, 2019.**

Sd/-
**REGISTRAR I/C**

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 383 of 2018**

**IDBI Bank Limited, Puri Branch,** At/P.O/Dist.: Puri ..Applicant
AND
**M/s. Sai Om Tours & Service and others** ...Defendants

To
1. **M/s. Sai Om Tours & Service,** At: Prabhat Lane, Duttatota, Dist.: Puri-752001, represented through its **Prop.: Mr. Madhabananda Dash.**
2. **Mr. Madhabananda Dash,** S/o- Baidhar Dash, At: Prabhat Lane, Duttatota, Dist.: Puri-752001.
3. **Sri Rasaranjan Dash,** S/o- Mr. Madhabananda Dash, At: Prabhat Lane, Duttatota, Puri Municipality, Kumbharpada, Dist.: Puri-752002.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 383/2018** in the Court of Debts Recovery Tribunal at Cuttack for a recovery of **Rs.16,25,758.50** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **6th day of June 2019 at 10.30A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **16th day of April 2019.**

**Sd/- Registrar I/C, Debts Recovery Tribunal**

# CLASSIFIED DISPLAY

**NTT PTT**
NURSERY TEACHER TRAINING—1 Year
PRIMARY TEACHER TRAINING—2 years
Government Registered; International Accreditation
18 batches already graduated and engaged in international & reputed schools
Exam at BBSR Centre; Training & Placement Advice provided
For further details and admission, contact
9861062475 / 7008025857

**Life Care Emporium**
Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS

Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable


ORANE INTERNATIONAL
BECOME A PROFESSIONAL MAKEUP ARTIST
Join Short Term MAKEUP COURSES
www.oranebeautyinstitute.com
CALL: 73288-24255, 73288-24260
Satya Nagar Bhubaneswar

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମତେ ନିଅଣ୍ଟ ସାତକୁଳା**
**ସିଏ ପର ବେଉଣ୍ଟିଲେ**
**କାହାର କିସ ଗଲା ?**

ନିଜକୁ ଯେତେବେଳେ ସବୁ ନିଅଣ୍ଟ ସେତେବେଳେ ଅନ୍ୟକେହି ପରକୁ ଦେଲେ ନିଜର ଯାଏ କେତେ ଆସେ କେତେ। ଯେଝା ମତଲବରେ ଯେଝା। ପ୍ରାପ୍ତିର ବାହାରେ ଥିବା ଜିନିଷର ଭଲମନ୍ଦ ବିଚାର କରିବା ଅନର୍ଥକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମନ ସିନା ସବୁ ସୁଖର କାରଣ,**
**ଦୁଃଖର କାରଣ ମନ;**
**ମନ ପୋଡ଼ିଗଲେ ଏ ବିଶ୍ୱବ୍ରହ୍ମାଣ୍ଡ**
**ସବୁ ହୁଏ ଜଗଧନ ।**

ସୁଖ ଦୁଃଖ ମନ ଉପରେ ଗଭୀର ରେଖାପାତ ସୃଷ୍ଟି କରିଥାଏ। ମନ ଖୁସି ଥିଲେ ସବୁ ସୁଖକର ଲାଗେ। ମନ ବିରସ ହେଲେ ସବୁ ଖୁସି ନିମିଷକେ ଉଭେଇ ଯାଏ। ମନ ହିଁ ଆନନ୍ଦର ନିୟନ୍ତ୍ରଣକାରୀ। ମନ ପୋଡ଼ିଗଲେ ସବୁ ଖୁସି ପୋଡ଼ିଜଳି ପାଉଁଶ ହୋଇଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା. ଲି.

# ■ ସ୍ଥଳଭାଗକୁ ମାଡ଼ି ଆସୁଛି ଫନୀ
# ଜିରୋ କାଜୁଆଲିଟି ଲକ୍ଷ୍ୟରେ ଜିଲା ପ୍ରଶାସନ

**କେନ୍ଦ୍ରାପଡା ଅଫିସ, ୨।୫**

ଶୁକ୍ରବାର ସକାଳୁ ସ୍ଥଳଭାଗ ଛୁଇଁବ ବାତ୍ୟା ଫନୀ। ଏହାର ପ୍ରଭାବରେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହେବ। ଗୁରୁବାରଠାରୁ ବିଭିନ୍ନ ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଯାଇଥିବା ବେଳେ ଶୁକ୍ରବାର ଏହାର ପ୍ରଭାବ ବଢ଼ିବ। ଓଡ଼ିଶାର ୧୯ ଜିଲା ଏହାଦ୍ୱାରା ପ୍ରଭାବିତ ହେବ। ଜାତୀୟ ପାଣିପାଗ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାରେ ଏ ନେଇ ରେଡ୍ ଆଲର୍ଟ ଜାରି କରାଯାଇଥିବା ବେଳେ ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରୁବାରଠାରୁ ଜିଲାର ସୁନାମୀ ପ୍ରବଣ ୬୪ ଗ୍ରାମ ସମେତ ବାତ୍ୟା ଓ ବନ୍ୟା ପ୍ରବଣ ୩୬ ଗ୍ରାମରୁ ସ୍ଥାନାନ୍ତର ଆରମ୍ଭ ହୋଇଛି। ମହାକାଳପଡ଼ା ଓ ରାଜନଗର ଅଞ୍ଚଳରେ ସମୁଦ୍ର ପାଣି ମାଡ଼ି ଆସିବା ଭୟ ରହିଥିବାରୁ ଏହି ଅଞ୍ଚଳଗୁଡ଼ିକରେ ଲୋକମାନଙ୍କ ସୁରକ୍ଷା ପ୍ରତି ପ୍ରଶାସନ ବିଶେଷ ଦୃଷ୍ଟି ଦେଇଛି। ପୂର୍ବାହ୍ନରୁ ଜିଲାର ୯୭ ବାତ୍ୟା ଆଶ୍ରୟସ୍ଥଳୀ ଓ ୧୭ ରେଡକ୍ରସ ଆଶ୍ରୟସ୍ଥଳୀରେ ପ୍ରଶାସନିକ ଅଧିକାରୀ, ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଓ ସ୍ୱେଚ୍ଛାସେବୀ ଆଗୁଆ ପହଞ୍ଚିଛନ୍ତି। ଏଠାରେ ଖାଦ୍ୟ, ପାନୀୟ ପାଇଁ ମଧ ପ୍ରଶାସନ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ହେଲେ ନିକଟସ୍ଥ ସୁରକ୍ଷିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ବ୍ୟବହାର କରାଯିବ। ସେହିପରି ଜିଲାର ୮ ଫେରିଘାଟକୁ ବନ୍ଦ କରାଯାଇଛି। ବାତ୍ୟା ସମୟରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଏହି ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ସତର୍କ କରାଯାଇଛି। ଏଥିସହିତ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଜିଲା ସାରା ପ୍ରଚାର କରାଯାଉଛି। ବାତ୍ୟା ପାଇଁ ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି, ଜିରୋ କାଜୁଆଲିଟି ପ୍ରଥମ ଲକ୍ଷ୍ୟ। ସେ କହିଛନ୍ତି, ଜିଲାରେ ୫୦ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯିବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ମୋଟର ଗାଡ଼ି ସହିତ ୫୦ଟି ଡଙ୍ଗା ବ୍ୟବସ୍ଥା ହୋଇଛି। ଆଇନଶୃଙ୍ଖଳା ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆଯାଇଛି। ବୁଧବାର ସନ୍ଧ୍ୟା ଓ ଗୁରୁବାର ପୂର୍ବାହ୍ନରେ ଫନୀ ପାଇଁ ଦୁଇଟି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜଳସମ୍ପଦ ବିଭାଗ ସଚିବ ପ୍ରଦୀପ କୁମାର ପାଢ଼ୀ, ଆଇଏଏସ ହେମନ୍ତ କୁମାର ପାଢ଼ୀଙ୍କ ଉପସ୍ଥିତିରେ ଏସପି ନୀତିଶେଖର, ଅଗ୍ନିଶମ ବାହିନୀ ଉପଅଧୀକ୍ଷକ ବୀରଭଦ୍ର ଟୁଡୁ ପ୍ରମୁଖ ସାମିଲ ହୋଇଥିଲେ।

### ଏନ୍‌ଡିଆର୍‌ଏଫ୍, ଅଗ୍ନିଶମ ବିଭାଗ ସଜାଗ

ବାତ୍ୟା ଫନୀ ଲ୍ୟାଣ୍ଡ ଫଲ୍ କରିବା ପରେ କେନ୍ଦ୍ରାପଡା ଜିଲାର ବହୁ କ୍ଷତି ଘଟାଇବା ସମ୍ଭାବନା ଅଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଜିଲା ପ୍ରଶାସନ ପକ୍ଷରୁ ୩ଟି ଏନ୍‌ଡିଆର୍‌ଏଫ୍ ଟିମ୍, ଅଗ୍ନିଶମ ବାହିନୀ ଓ ପୋଲିସ ପ୍ରଶାସନକୁ ମୁତୟନ କରାଯାଇଛି। ଅଗ୍ନିଶମ ବାହିନୀ ଓ ପୋଲିସ କର୍ମଚାରୀଙ୍କ ଛୁଟି ବାତିଲ କରିଦିଆଯାଇଛି। ସ୍ଥାନାନ୍ତର, ଲୋକଙ୍କୁ ବିପଦ ସମୟରେ ଉଦ୍ଧାର କରିବା, ଉପଯୁକ୍ତ ସ୍ଥାନରେ ଥଇଥାନ କରିବା, ରାସ୍ତାଘାଟରେ ପଡିଥିବା ଗଛ କାଟି ଗମନାଗମନ ଉପଯୋଗୀ କରିବା ଆଦିରେ ଏମାନେ ସହଯୋଗ କରିବେ।

### ଚିନ୍ତାରେ ଚାଷୀକୁଳ

ଫନୀ ଯୋଗୁ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ଆଶଙ୍କା ରହିଥିବାରୁ ଏହା ଚାଷୀଙ୍କ ଚିନ୍ତା ବଢ଼ାଇଛି। ପବନ ଓ ବର୍ଷାର ବେଗ ଅଧିକ ହେଲେ ଚାଷ ନଷ୍ଟ ହେବ। ସେହିପରି ରାଜନଗର ଓ ମହାକାଳପଡା ବ୍ଲକ ଅଞ୍ଚଳର ସାମୁଦ୍ରିକ ତଟରେ ହୋଇଥିବା ଡାଲୁଅ ଓ ପରିବା ଚାଷ ଜୁଆର ଯୋଗୁ ଭାସିଯିବା ସମ୍ଭାବନା ଅଛି। ଏଥିପାଇଁ ଚାଷୀକୁଳ ଏବେ ଚିନ୍ତାରେ ରହିଛନ୍ତି।

### ବିପଦପୂର୍ଣ୍ଣ ବାତ୍ୟା ଆଶ୍ରୟସ୍ଥଳୀ

ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ଜିଲାରେ ୧୧୫ ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି। ଏଥିରୁ କେତେକର ବିଭିନ୍ନ ଅଂଶ ଭାଙ୍ଗି ଗଲାଣି। ତେବେ ତଳିଆ ଅଞ୍ଚଳରୁ ଲୋକଙ୍କୁ ଉଦ୍ଧାର କରାଯାଇ ଏହି ଭଙ୍ଗା ଆଶ୍ରୟସ୍ଥଳୀ ସମେତ ବିଭିନ୍ନ ସ୍କୁଲ, କଲେଜ, କମ୍ୟୁନିଟି ସେଣ୍ଟର, ଅଙ୍ଗନୱାଡି ସେଣ୍ଟରରେ ଥଇଥାନ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି। ତେବେ ଜିଲାର ୩୧୨ ବିଦ୍ୟାଳୟ ଅସୁରକ୍ଷିତ ବୋଲି ବହୁ ପୂର୍ବରୁ ଜିଲା ପ୍ରଶାସନ ଘୋଷଣା କରିଛି।

### ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି

ଫନୀ ପାଇଁ ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଜୀବନ ବଞ୍ଚାଇବା ସହ କିଛିଦିନ ପାଇଁ ଖାଦ୍ୟ ସାମଗ୍ରୀ ଘରେ ମହଜୁଦ ରଖିବା ଲାଗି ଲୋକମାନେ ଚୁଡ଼ା, ଚିନି, ଡାଲି, ଚାଉଳ, ପିଆଜ ପରି ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ବଜାରରେ ଭିଡ଼ ଲଗାଇଛନ୍ତି। ଏହାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଖାଉଟିଙ୍କଠାରୁ ଅତ୍ୟଧିକ ଦର ଦର୍ଶାଇ ଶୋଷଣ କରିବା ଆରମ୍ଭ କରିଦେଇଛନ୍ତି। ଆଳୁ କିଗ୍ରା ପ୍ରତି ୧୦ଟଙ୍କା ଥିବା ବେଳେ ଗୁରୁବାର ଏହା ୨୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ପିଆଜ କିଗ୍ରା ପ୍ରତି ୨୫ ଟଙ୍କା, ଚୁଡ଼ା କିଗ୍ରା ପ୍ରତି ୪୦ ଟଙ୍କା ହୋଇଛି। ଏ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କହିଛନ୍ତି, ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ନେତୃତ୍ୱରେ ୧୦ଟି ଟିମ୍ ଗଠନ ହୋଇଛି। କୌଣସି ସାମଗ୍ରୀ ଚଢ଼ା ଦରରେ ବିକ୍ରି ହେଉଥିବା ଅଭିଯୋଗ ମିଳିଲେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ଧରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

### ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣକୁ ଗୁରୁତ୍ୱ

ବାତ୍ୟା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ଯାନବାହନ ଓ ଘରୋଇ କାର୍ଯ୍ୟରେ ଲଗୁଥିବା ପେଟ୍ରୋଲିୟମ୍ ପଦାର୍ଥ ଗଚ୍ଛିତ ରଖିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ତୈଳ କମ୍ପାନୀକୁ ଚିଠି ଲେଖାଯାଇଛି। ଏଲପିଜି, କିରୋସିନ, ପେଟ୍ରୋଲ ଆଦି ସାମଗ୍ରୀର ସୁବିତରଣ କରିବା ପାଇଁ ଏଥିରେ ଉଲ୍ଲେଖ ଥିବା ବେଳେ ବାତ୍ୟା ସମୟରେ ସମସ୍ତ ସ୍ଥାନରେ ପହଞ୍ଚିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଉଛି।

### ସ୍କୁଲ, କଲେଜ ଛୁଟି

୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ର ଛୁଟି ଘୋଷଣା କରାଯାଇଛି। ଏହି ସ୍ଥାନରେ ଆବଶ୍ୟକ ପଡ଼ିଲେ ସ୍ଥାନୀୟ ଜନସାଧାରଣ ଆଶ୍ରୟ ନେଇ ପାରିବେ। ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ରର କର୍ମଚାରୀ ଆଶ୍ରୟ ନେଇଥିବା ଲୋକଙ୍କୁ ସୁବିଧା ଯୋଗାଇ ଦେବାକୁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବୁହାଁଳୋ ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସା

**ପଟ୍ଟାମୁଣ୍ଡାଇ, ୨।୫ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ଦୋଖିଆ ପଞ୍ଚାୟତ ବୁହାଁଳୋ ଗ୍ରାମରେ ମଙ୍ଗଳବାର ନିର୍ବାଚନ ପରବର୍ତ୍ତୀ ହିଂସା ଘଟି ୪ ଜଣ ବ୍ୟକ୍ତି ଆହାତ ହୋଇଛନ୍ତି। ଏଥିନେଇ ୨ ପକ୍ଷଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶ ଯେ, ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀରେ ଗତ ୨୯ ତାରିଖରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବୁହାଁଳୋ ବୁଥ୍‌ରେ ଏକ ରାଜନୈତିକ ଦଳର ଏଜେଣ୍ଟ ଥିବା ନୃସିଂହ ମଲିକ ସେହି ଗ୍ରାମର ଭୋଟର ନିର୍ମଳ ରାଉତ ଓ ମଧୁସୂଦନ ରାଉତଙ୍କୁ ଭୋଟ ଦେବାକୁ କହିଥିଲେ । ମାତ୍ର ଏଥିରେ ଏ ଦୁହେଁ ରାଜି ହୋଇ ନ ଥିଲେ । ନିର୍ବାଚନ ପରଦିନ ସକାଳ ୯ଟା ବେଳେ ନିର୍ମଳ ଓ ମଧୁସୂଦନ ଏକ ବାଇକ୍ ଯୋଗେ ବ୍ୟାଙ୍କକୁ ଟଙ୍କା ଜମା କରିବା ପାଇଁ ଆସୁଥିବା ବେଳେ ନୃସିଂହ , ତାଙ୍କ ସଂପର୍କୀୟ ଏହି ଦୁଇ ଜଣଙ୍କୁ ମାଡ ମାରିଥିଲେ । ଏପରି କି ନିର୍ମଳଙ୍କ ପକେଟରେ ଥିବା ୪୦ହଜାର ଟଙ୍କା ଛଡାଇ ନେଇ ଯାଇଥିଲେ । ଆକ୍ରମଣରେ ଆହତ ନିର୍ମଳ ଓ ମଧୁସୂଦନଙ୍କୁ କଟକ ବଡ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଏଥିନେଇ ନିର୍ମଳ ପଟ୍ଟାମୁଣ୍ଡାଇ ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲେ । ଏହି ଘଟଣାକୁ କେନ୍ଦ୍ର କରି ସେହିଦିନ ନିର୍ମଳ ଓ ତାଙ୍କ ପରିବାର ପକ୍ଷରୁ ନୃସିଂହଙ୍କ ପରିବାର ଉପରେ ପାଲଟା ଆକ୍ରମଣ କରାଯାଇଛି । ଏଥିରେ ନୃସିଂହଙ୍କ ପରିବାରର ୨ ଜଣ ଆହତ ହୋଇ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଭଉଣୀ ରୀନାରାଣୀ ମଲିକ ପଟ୍ଟାମୁଣ୍ଡାଇ ଥାନାରେ ଏତଲା ଦେଇଛନ୍ତି । ପୋଲିସ ନିର୍ମଳଙ୍କ ଏତଲାକୁ ଭିତ୍ତି କରି ୧୪୩/୨୦୧୯ ଓ ରୀନାରାଣୀଙ୍କ ଏତଲାକୁ ଭିତ୍ତି କରି ୧୪୪/୨୦୧୯ ନଂ ରେ ୨ଟି ମୋକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି । ତେବେ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିନାହିଁ ।

# 'ଫନୀ' ମୁକାବିଲା କରିବାରେ ଆଳି ବ୍ଲକ ପଛୁଆ

**ଆଳି, ୨।୫(ଡି.ଏନ.ଏ)**

ବାତ୍ୟା ଫନୀକୁ ମୁକାବିଲା କରିବାରେ ଆଳି ବ୍ଲକ ପ୍ରଶାସନ ପଛୁଆ ରହିଛି । ଗୁରୁବାର ଦିନ ସାଢେ ୧୨ଟା ସମୟରେ କେନ୍ଦ୍ରାପଡା ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲିପ ପରିଡ଼ା ଓ ଏମଏସଏମଇ ର ଯୁଗ୍ମସଚିବ ଦିଲିପ ସାହୁ ଆଳି ବ୍ଲକରେ ପହଞ୍ଚି ବିଡିଓ ଜୟନ୍ତ ପୃଷ୍ଟିଙ୍କ ସହିତ ବାତ୍ୟା ମୁକାବିଲା କରିବା ନିମନ୍ତେ ଖସଡା ପ୍ରସ୍ତୁତ କରିବା ପାଇଁ କହିଥିଲେ । ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଳି ବ୍ଲକର ନଦୀ ଘେରରେ ଥିବା ପଦ୍ମନିପାଳ ଓ ଏକମାଣିଆରେ ସବୁଠୁ ଅଧିକ କ୍ଷତି ଘଟିବା ଆଶଙ୍କା କରି ସେଠାରେ ଓସଡମା ପକ୍ଷରୁ ନିର୍ମାଣ କରାଯାଇଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ଚାଳଘରେ ଓ ନଦୀ କୂଳରେ ବାସ କରୁଥିବା ଲୋକମାନଙ୍କୁ ସନ୍ଧ୍ୟା ସୁଦ୍ଧା ସ୍ଥାନାନ୍ତର କରାଯିବାର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି । ଏଥିସହିତ ଆଳି ବ୍ଲକର ୩୪ ଟି ପଞ୍ଚାୟତ ମଧ୍ୟରୁ ନଦୀକୂଳରେ ବସବାସ କରୁଥିବା ପତ୍ରପୁର, ନରେନ୍ଦ୍ରପୁର, ମାଣିକପାଟଣା, ବଡାମିଲା, କୋଳିଡିହ, ବାଲକାଟି, ଦେମାଲ, ଗୁଙ୍ଗା, ଭୁଇଁପୁର, ସଂସିଧା, ଏରଡଙ୍ଗ, ପାଳିମୀ, କେତୁଆପାଳ, ଅରଗଳ, ଡିମିରିପାଳ,ଗୋବିନ୍ଦପୁର ଆଦି ପଞ୍ଚାୟତର ମାଟିଘରେ ରହୁଥିବା ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟ ସ୍ଥଳ, ସ୍କୁଲ ଗୃହକୁ ସ୍ଥାନାନ୍ତର କରିବା ନିମନ୍ତେ ପିଡି ପରିଡା ନିର୍ଦ୍ଦେଶ ଦେଇଛନ୍ତି ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ମୀନା କୁମାରୀ ନାୟକ**
ଶ୍ରୀକ୍ଷେତ୍ର କଲୋନୀ, ପୁରୀ
ଆବିର୍ଭାବ: ୦୭।୦୮।୧୯୫୨
ତିରୋଧାନ: ୨୩।୦୪।୨୦୧୯
ଆଜି ତୁମର ଏକାଦଶାହରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପରମେଶ୍ୱର ପରମାତ୍ମାଙ୍କ ଶ୍ରୀଚରଣରେ ପ୍ରାର୍ଥନା, ସ୍ୱର୍ଗତ ଆତ୍ମାର ସଦ୍‌ଗତି ହେଉ। ତୁମ ଅନୁପସ୍ଥିତିର ପ୍ରତିଟି ମୁହୂର୍ତ୍ତ ଯନ୍ତ୍ରଣା ଦେଉଛି। ତୁମ ସ୍ନେହାଶୀର୍ବାଦ ଆମର ଚିରକାମନା। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ପରିବାରବର୍ଗ। ଧ-୧୨୪୩୪

**ଦଶମ ଶ୍ରାଦ୍ଧବାର୍ଷିକ**



**ଡାକ୍ତର ସୁରେଶ ଚନ୍ଦ୍ର ମିଶ୍ର**
ଜିଭକ୍ତି, କାହାଳ, କାକଟପୁର, ପୁରୀ
ତିରୋଧାନ : ବୈଶାଖ କୃଷ୍ଣ ଚତୁର୍ଦ୍ଦଶୀ, ୨୦୦୯
ଦଶମ ଶ୍ରାଦ୍ଧବାର୍ଷିକ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଜଗନ୍ନାଥ ଓ ମା ମହାଲକ୍ଷ୍ମୀଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ
D-66516

## CLASSIFIED DISPLAY
MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY · BUSINESS · FINANCE

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ । ଠକଙ୍କ ପ୍ରତି ସାବଧାନ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

୧୯୮୨ଠାରୁ ଆପଣଙ୍କ ସେବାରେ
GLOBAL FINANCE PVT. LTD.
ପି.ଏମ୍.ଜନଧନ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ, ପ୍ରପର୍ଟି, ପର୍ସନାଲ ଗ୍ରୁପ୍ ଋଣ ଓ ସବୁ ଋଣ ମାତ୍ର ୨୪ ଘଣ୍ଟାରେ
୨% ସୁଧ ଓ ୪୦% ଛାଡ଼
ଯେକୌଣସି କମ୍ପାନୀ, ବ୍ୟାଙ୍କରୁ ପ୍ରତାରିତ ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
7894704743
House No.2, Ram Nagar, Narnol, Haryana.

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନପାଇଁ ମୋତେ ସଂପର୍କ କରନ୍ତୁ।
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

FINANCE
ବିଶ୍ୱାସର ପ୍ରତୀକ, ଲୋନ୍‌ର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, ଆଧାରକାର୍ଡ ଲୋନ୍ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9910673658
Address: Vishal Enclave, New Delhi

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449164136
9675859756

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph-7739216167
9973805993

ଋଣ
ମହାଲକ୍ଷ୍ମୀ ଫାଇନାନ୍ସ
ଏଜୁକେଶନ୍, ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ବ୍ୟବସାୟ ମତ୍ସ୍ୟପାଳନ, ବ୍ୟକ୍ତିଗତ ଋଣ
୩ ଲକ୍ଷରୁ ୫୦ ଲକ୍ଷ
ସୁଧ ହାର: ୪% ବାର୍ଷିକ
!! କୌଣସି ଫାଇଲ୍ ଚାର୍ଜ ନାହିଁ !!
07052133043
08419077960
Add : - 41/14, Sec.1, Pushp Vihar, Delhi

COLOR DISPLAY CLASSIFIED
on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST: 5% will be added extra


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

ବିରିଡ଼ି,୨।୫(ଡି.ଏନ.ଏ): କଟକ-ଜଗତ୍‌ସିଂହପୁର ୫୫ ନଂ. ଜାତୀୟ ରାଜପଥର ବିରିଡ଼ି ବ୍ଲକ ଅନ୍ତର୍ଗତ ମହାତୋଳ ଛକ ନିକଟରେ ବୁଧବାର ଅପରାହ୍ନ ୪.୩୦ରେ ଏକ ଟ୍ରାଭେରା ଧକ୍କାରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ବ୍ଲକ ଅନ୍ତର୍ଗତ ଅନନ୍ତ ବ୍ରହ୍ମପୁର ଗ୍ରାମର ଧୀରେନ୍ଦ୍ର ପାଣିଗ୍ରାହୀ। ସେ ଏକ ଜୁପିଟର ସ୍କୁଟିରେ ଘରୁ ବିରିଡ଼ି ଛକ ଆଡକୁ ଯାଉଥିଲେ। ମହାତୋଳ ଗଡ଼ା ଆଗକୁ ହଠାତ୍ ସ୍କୁଟି ବୁଲାଇବା ସମୟରେ ପଛପଟୁ ଆସୁଥିବା ଏକ ଟ୍ରାଭେରା ତାଙ୍କୁ ଦ୍ରୁତ ଗତିରେ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା କଡରେ ଛିଟିକି ପିଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବିରିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ନଂ.୪୭/୧୯ ରୁଜୁ ହୋଇଛି। ପୋଲିସ ଟ୍ରାଭେରା ଚାଳକଙ୍କୁ ଗିରଫ କରିବା ସହ ତଦନ୍ତ ଚଳାଇଛି।

### 'ଶ୍ରମିକ ଏଣିକି କାମ କରିବେ ୬ ଘଣ୍ଟା'

ପାରାଦୀପ,୨।୫(ସ୍ୱ.ପ୍ର.): ପାରାଦୀପ ଅଠରବାଙ୍କୀସ୍ଥିତ ଲକ୍‌ପଡ଼ାରେ ଥିବା ପାରାଦୀପ ବନ୍ଦର ଶ୍ରମିକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଛି। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମିକ ସଂଘ ସଭାପତି ଅଭୟ ସାହୁ ଯୋଗଦେଇ କହିଲେ ଯେ ଏହି ବନ୍ଦରରେ ଦୀର୍ଘବର୍ଷ ହେଲା ଶ୍ରମିକମାନେ ୧୨ରୁ ୧୮ ଘଣ୍ଟା କାମ କରୁଥିଲେ। ଏ ନେଇ ତାଙ୍କ ସଂଘ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରି ଶ୍ରମ ନିର୍ଘଣ୍ଟ ୮ ଘଣ୍ଟା କରାଇଥିଲା। ଏବେ ସମୟ ଆସିଛି ଶ୍ରମିକମାନେ ଦୈନିକ ୬ଘଣ୍ଟା କାମ କରିବେ। ସରକାରୀ ଅଫିସରମାନେ ଯଦି ୬ ଘଣ୍ଟା କାମ କରୁଛନ୍ତି, ଶ୍ରମିକ କାହିଁକି ୮ ଘଣ୍ଟା କାମ କରିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏଥିପାଇଁ ଆଗାମୀ ଦିନରେ ସେ ସମସ୍ତ ୟୁନିୟନ ସହ କଥା ହେବା ପରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ବିଷ୍ଣୁଚରଣ ମୁଦୁଲି, ଅମରେଶ ମଣ୍ଡଳ, ଦେବୀପ୍ରସାଦ ସାହୁ ପ୍ରମୁଖ ନିଜ ମତ ରଖିଥିଲେ। ବନ୍ଦରାଞ୍ଚଳରେ ପୋର୍ଟ ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଭବନ ପରିସରରେ ଶ୍ରମିକ ଦିବସ ପାଳିତ ହୋଇଛି। ଏଥିରେ ନନ୍ଦଲାଲ ସିଂ, ବିଜୟ କୁମାର ରଥ, ବିଚିତ୍ର ସ୍ୱାଇଁ ପ୍ରମୁଖ ମତ ରଖିଥିଲେ। ପୋର୍ଟ ଆଣ୍ଡ ଡକ୍ ମଜଦୁର ୱାର୍କର୍ସ ୟୁନିୟନ, ପୋର୍ଟ ୱାର୍କର୍ସ ୟୁନିୟନ, ଉତ୍କଳ ପୋର୍ଟ ଆଣ୍ଡ ଡକ୍ ମଜଦୁର ୟୁନିୟନ, ଏସାର ଷ୍ଟିଲ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିୟନ ଆଦି ପକ୍ଷରୁ ଅଲଗା ଭାବେ ଶ୍ରମିକ ଦିବସ ପାଳନ କରାଯାଇଛି।

### ୬୧ କେନ୍ଦ୍ରରେ ରନ୍ଧାଖାଦ୍ୟ ବ୍ୟବସ୍ଥା

ବିରିଡ଼ି,୨।୫(ଡି.ଏନ.ଏ): ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକରେ ପ୍ରଶାସନ ପକ୍ଷରୁ ବାତ୍ୟା ମୁକାବିଲା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ଏହି ବ୍ଲକର ବିଭିନ୍ନ ଆଶ୍ରୟ କେନ୍ଦ୍ରରେ ତଳିଆ ଅଞ୍ଚଳ ଓ କଚ୍ଚାଘରେ ରହୁଥିବା ଲୋକଙ୍କୁ ଆଶ୍ରୟ ଦିଆଯାଇଛି। ସେମାନଙ୍କ ପାଇଁ ୬୧ ରୋଷେଇ କେନ୍ଦ୍ରରେ ରନ୍ଧାଖାଦ୍ୟ ବ୍ୟବସ୍ଥା ହୋଇଛି। ସୂଚନା ଅନୁଯାୟୀ, ବ୍ଲକର ମୋଟ୍ ୬,୨୪୮ ଲୋକଙ୍କ ପାଇଁ ଗୁରୁବାର ରାତି ସୁଦ୍ଧା ରୋଷେଇ ବ୍ୟବସ୍ଥା ହୋଇଛି।

■ ଫନୀ ମୁକାବିଲା ସମୀକ୍ଷା କଲେ ଶାସନ ସଚିବ

# ୩ ଏନ୍‌ଡିଆର୍‌ଏଫ୍, ୨ ଓଡ୍ରାଫ୍ ଟିମ୍ ନିୟୋଜିତ

■ସୁରକ୍ଷିତ ସ୍ଥାନାନ୍ତର କରିବାକୁ ଗୁରୁତ୍ୱ
■ପାନୀୟଜଳ, ରନ୍ଧା ଓ ଶୁଖିଲା ଖାଦ୍ୟ ପ୍ରଦାନ ନିର୍ଦ୍ଦେଶ

ଜଗତ୍‌ସିଂହପୁର ଅଫିସ,୨।୫

ଫନୀ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବିପର୍ଯ୍ୟୟ ପରିଚାଳନା ପାଇଁ କେତେକ ଜିଲାରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି। ସେହି ଅନୁଯାୟୀ, ଜଗତ୍‌ସିଂହପୁର ଜିଲା ଦାୟିତ୍ୱରେ ଥିବା ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର ଗୁରୁବାର ଏଠାରେ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ଓସ୍ୱାନ ଭିସି ରୁମ୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଜିଲାପାଳ ସମ୍ଭାବ୍ୟ ବାତ୍ୟା ମୁକାବିଲା ନିମନ୍ତେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ କହିଥିଲେ। ଶାସନ ସଚିବ ମିଶ୍ର ବାତ୍ୟା ପରେ ରାସ୍ତା ପରିଷ୍କାର, ସଂଯୋଗୀକରଣ ଓ ପୁନରୁଦ୍ଧାରରେ ଯେପରି ବିଳମ୍ବ ନ ହୁଏ ତା ଉପରେ ଗୁରୁତ୍ୱ ଦେଇଥିଲେ। ବିଶେଷକରି ରାସ୍ତାରୁ ଗଛ କାଟି ସଫା କରିବା, ବିଦ୍ୟୁତ ଓ ଟେଲିଫୋନ ଖୁଣ୍ଟ ମରାମତି କରିବା ଜରୁରୀ ବୋଲି ସେ କହିଥିଲେ। ଏଥିସହ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ହେଡ କ୍ୱାର୍ଟର୍ସରେ ଉପସ୍ଥିତ ରହିବା, ମୋବାଇଲ ବନ୍ଦ ନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲାରେ ୩ ଏନ୍‌ଡିଆର୍‌ଏଫ୍ ଓ ୨ ଓଡ୍ରାଫ ଟିମ୍ ନିୟୋଜିତ ହୋଇଛନ୍ତି। ପାରାଦୀପ ଓ ଏରସମା ବ୍ଲକରେ ଗୋଟିଏ ଲେଖାଏଁ ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚିସାରିଛନ୍ତି। ଅନ୍ୟ ଏକ ଟିମ୍ ଟିମ୍ ଜିଲା ମୁଖ୍ୟାଳୟରେ ରହିଛି। ଶୁକ୍ରବାର ଗୋଟିଏ ଓଡ୍ରାଫ ଟିମ୍ ବାଲିକୁଦା ବ୍ଲକରେ ପହଞ୍ଚିବ। ଅନ୍ୟଟି ଜିଲା ମୁଖ୍ୟାଳୟରେ ରହିବ। ଏହି ଟିମ୍‌ଗୁଡିକ ଲୋକଙ୍କୁ ସ୍ଥାନାନ୍ତର, ରିଲିଫ, ରୋଡ କ୍ଲିୟର, ଉଦ୍ଧାର ଓ ସଚେତନତା କାର୍ଯ୍ୟ କରିବେ। ଜିଲାର ୮ ବ୍ଲକ ପାଇଁ ନିୟୋଜିତ ଜିଲାସ୍ତରୀୟ ଅଧିକାରୀମାନେ ବ୍ଲକ ମୁଖ୍ୟାଳୟରେ ରହିବେ। ଗୁରୁବାର ସକାଳ ୭ରୁ ତଳିଆ ଅଞ୍ଚଳ ଓ କଚା ଘରେ ବସବାସ କରୁଥିବା ଲୋକଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳ ଓ ଅନ୍ୟ ନିରାପଦ ସ୍ଥାନକୁ ଚାଲିଯିବାକୁ କୁହାଯାଇଛି। ସେମାନଙ୍କୁ ରନ୍ଧା ଖାଦ୍ୟ ଦେବାକୁ ବ୍ୟବସ୍ଥା ହୋଇଛି। ଶାସନ ସଚିବ ମିଶ୍ର ବିଶୁଦ୍ଧ ପାନୀୟଜଳ ଯୋଗାଣ ନିମନ୍ତେ ଥିବା ୨୫୫ଟି ପ୍ରକଳ୍ପ ପାଇଁ ଅଧିକ ଜେନେରେଟର ବ୍ୟବସ୍ଥା କରିବାକୁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୪୦ଟି ୱାଟର ଟ୍ୟାଙ୍କର ଓ ୨.୫ ଲକ୍ଷ ପାଣି ପାଉଚ ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯିବ। ଏହାବାଦ୍ ସମସ୍ତ ବ୍ଲକ ପାଇଁ ଅତ୍ୟାବଶ୍ୟକ ଔଷଧ, ହାଲୋଜେନ୍ ଟାବଲେଟ୍, ଓଆର୍‌ଏସ୍ ପ୍ୟାକେଟ୍, ବ୍ଲିଚିଂ ପାଉଡର, ସାପ କାମୁଡା ଔଷଧ ଯୋଗାଇ ଦେବାକୁ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯଥେଷ୍ଟ ପରିମାଣର ଗୋଖାଦ୍ୟ ଯୋଗାଇ ଦେବାକୁ ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀଙ୍କୁ କହିଥିଲେ। ଜିଲା ଯୋଗାଣ ଅଧିକାରୀ ଚାଉଳ, ଚୂଡା, ଗୁଡ, ଦିଆସିଲ, ମହମବତୀ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରେ ଶାସନ ସଚିବ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସମସ୍ତ ବ୍ଲକର ବିଡିଓ, ତହସିଲଦାର, ସିଡିପିଓ ଓ ବ୍ଲକସ୍ତରୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସମୀକ୍ଷା ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜ ଗୋପାଳ ଆଚାର୍ଯ୍ୟ, ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବ୍ଲକରେ ନିୟୋଜିତ ହୋଇଥିବା ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ପୂର୍ବ ଭାରତ ତୈଳ ବିଶୋଧନାଗାର ପକ୍ଷରୁ ଆୟୋଜିତ ଶ୍ରମିକ ଦିବସରେ ଉପସ୍ଥିତ ଅତିଥି।

## ବିଭିନ୍ନ ସ୍ଥାନରେ ଶ୍ରମିକ ଦିବସ

ପାରାଦୀପ,୨।୫(ସ୍ୱ.ପ୍ର.)

ପାରାଦୀପର ବିଭିନ୍ନ ସ୍ଥାନରେ ବୁଧବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଛି। ଚଳିତବର୍ଷ ନିର୍ବାଚନ ଓ ଫନୀ ବାତ୍ୟା ପାଇଁ ନିରାଡ଼ମ୍ବର ଭାବେ ଏହି ଦିବସକୁ ପାଳନ କରାଯାଇଛି। ରଙ୍ଗିଆଗଡ଼ଠାରେ ପାରାଦୀପ ଶିଳ୍ପାଞ୍ଚଳ ଯୁବ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଶ୍ରମିକ ଦିବସରେ ଶତାଧିକ ମହିଳା ପୁରୁଷ ଶ୍ରମଜୀବୀ ଏକାଠି ହୋଇଥିଲେ। ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ରାକେଶ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ତାମିଲ ପ୍ରଧାନ, ଅୟସକାନ୍ତ ରାୟ, ଶଶାଙ୍କ ଶେଖର ଆଚାର୍ଯ୍ୟ, ରବି ଜେନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିରୋ ପଏଣ୍ଟଠାରେ ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଛି। ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପ୍ରଥମେ ଶ୍ରମ ପତାକା ଉତ୍ତୋଳନ କରି ଏହାକୁ ଆରମ୍ଭ କରିଥିଲେ। ପରେ ଆଲୋଚନା ସଭାରେ ସଂଘର ପ୍ରମୁଖ ସଦସ୍ୟ ମନିନ୍ଦ୍ର ଗୁରୁ, ଚିନ୍ମୟ ଦାଶ, ଅଭିରାମ ସାମଲ, ଅରୂପ ପଟ୍ଟନାୟକ, ପଦ୍ମଲୋଚନ ଦାସ ପ୍ରମୁଖ ଶ୍ରମିକ ଦିବସ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଦିନରେ କମ୍ପାନୀରେ କାର୍ଯ୍ୟରତ ଶ୍ରମିକଙ୍କ ସ୍ୱାର୍ଥ ସହ ପ୍ରତ୍ୟେକ ଶିଳ୍ପ ସଂସ୍ଥାରେ କିପରି ଅଧିକ ମାତ୍ରାରେ ନିଯୁକ୍ତି ହୋଇପାରିବ ସେ ସମ୍ପର୍କରେ ସଂଘ ପକ୍ଷରୁ ଉଦ୍ୟମ କରାଯିବ ବୋଲି ପଟ୍ଟନାୟକ କହିଥିଲେ।

## ଫନୀ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ବିରିଡ଼ି,୨।୫(ଡି.ଏନ.ଏ.)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ସମ୍ଭାବ୍ୟ ବାତ୍ୟା ଫନୀ ମୁକାବିଲା ପାଇଁ ଗୁରୁବାର ବିରିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଅଧ୍ୟକ୍ଷ ପଦ୍ମନାଭ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ସହକାରୀ ଯୋଗାଣ ଅଧିକାରୀ ପ୍ରଭାକର ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରତାପ ବେହେରା, ସିଡିପିଓ ଗୌରୀ ଦେଇ, ପାନୀୟଜଳ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀଙ୍କ ସମେତ ବ୍ଲକର ୨୧ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକରୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ତଳିଆ ଅଞ୍ଚଳ ଓ କଚ୍ଚା ଘରେ ଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା, ଆଶ୍ରୟ ସ୍ଥାନରେ ରନ୍ଧା ଖାଦ୍ୟ, ପିଇବା ପାଣି, ଆଲୋକ ସହ ପରିଷ୍କାର ପରିଚ୍ଛନ୍ନତା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସରପଞ୍ଚ, ସମିତିସଭ୍ୟା ସଭ୍ୟ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ରାସ୍ତାରେ ପଡିଥିବା ଗଛ କାଟି ସଫା କରିବାକୁ କୁହାଯାଇଥିଲା। ଜନସାଧାରଣଙ୍କ ସହ ଗୃହପାଳିତ ପ୍ରାଣୀଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବା, ଯୋଗାଣ ବିଭାଗ ପକ୍ଷରୁ ଚୁଡା, ଗୁଡ, ଚାଉଳ, ଡାଲି, ମହଜୁଦ ରଖିବାକୁ କୁହାଯାଇଥିଲା। ରାଶନ କାର୍ଡ ନ ଥିବା ଲୋକଙ୍କୁ କିରୋସିନ ଯୋଗାଇଦେବା ପାଇଁ ଜନପ୍ରତିନିଧିଙ୍କ ତରଫରୁ ଦାବି କରାଯାଇଥିଲା। ୱାଟର ଟ୍ୟାଙ୍କର, ୧୦ଟି ଓଭର ହେଡ ଟ୍ୟାଙ୍କରେ ପାଣି ମହଜୁଦ ରଖିବା, ବ୍ଲିଚିଂ ପାଉଡ଼ର, ସମସ୍ତ ନଳକୂପକୁ ସଚଳ କରିବା ଓ ପାଣି ପାଉଚ ମହଜୁଦ ରଖିବା ପାଇଁ ପାନୀୟଜଳ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ସେଠୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବାଗଲପୁର ଓ ବାସନ୍ଦରଠାରେ ଥିବା ସାଇକ୍ଲୋନ ସେଲ୍ଟରକୁ ଠିକ ଭାବେ ରଖିବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜନପ୍ରତିନିଧିଙ୍କୁ କୁହାଯାଇଥିଲା। ସେହିପରି ବ୍ଲକରେ ଥିବା ୫ ଗର୍ଭବତୀଙ୍କୁ ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ରଖିବା ସହ ଛୋଟ ପିଲାମାନଙ୍କୁ ଅଙ୍ଗନୱାଡି ମାଧ୍ୟମରେ ଛତୁଆ ଯୋଗାଇ ଦେବାକୁ ସିଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକ ପରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ ବ୍ଲକରେ ପହଞ୍ଚି କିଭଳି ପ୍ରସ୍ତୁତି କରାଯାଇଛି ସେ ସମ୍ବନ୍ଧରେ ପଚାରି ବୁଝିଥିଲେ।

## ଭାଇବୋହୂଙ୍କୁ କଟୁରି ଚୋଟ, ଦେଢ଼ଶୁର ଗିରଫ

ଏରସମା,୨।୫(ସ୍ୱ.ପ୍ର.)

ଏରସମା ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ବାଲିପାଟଣା ଗ୍ରାମରେ ଜମିବାଡିକୁ କେନ୍ଦ୍ର କରି ଦେଢ଼ଶୁର ଭାଇବୋହୂଙ୍କୁ କଟୁରିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପ୍ରକାଶ ଯେ, ଗ୍ରାମର ପ୍ରତାପ ମାହାଲି ଓ ସାନଭାଇ ପ୍ରଦୀପ ମାହାଲିଙ୍କ ମଧ୍ୟରେ ଜମିବାଡିକୁ ନେଇ ବିବାଦ ରହିଥିଲା। ଗୁରୁବାର ଏହାକୁ ନେଇ ଗଣ୍ଡଗୋଳ ହୋଇଥିଲା। ପଦୀପଙ୍କ ସ୍ତ୍ରୀ ବନ୍ଦିତା ନିକଟସ୍ଥ ନଳକୂପରୁ ପାଣି ଆଣୁଥିବାବେଳେ ପ୍ରତାପ ତାଙ୍କୁ କଟୁରିରେ ଆକ୍ରମଣ କରିଥିଲେ। ପାଟି ଶୁଣି ଲୋକେ ଦୌଡ଼ି ଆସିବାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ବନ୍ଦିତାଙ୍କୁ ପ୍ରଥମେ ଏରସମା ଓ ପରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ମାମଲା ନଂ. ୬୦/୧୯ ରୁଜୁ ହୋଇଥିବାବେଳେ ପୋଲିସ ଅଭିଯୁକ୍ତ ପ୍ରତାପଙ୍କୁ ଗିରଫ କୋର୍ଟଚାଲାଣ କରିଥିବା ତଦନ୍ତକାରୀ ଅଧିକାରୀ ଅରବିନ୍ଦ ରାଉଳ କହିଛନ୍ତି।

## ଆଶ୍ରୟସ୍ଥଳୀରେ ରନ୍ଧାଖାଦ୍ୟ ପ୍ରଦାନ



ବାଲିକୁଦାର ଏକ ଆଶ୍ରୟ କେନ୍ଦ୍ରରେ ପିଲାମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି।

ବାଲିକୁଦା,୨।୫(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ପ୍ରଶାସନ ପକ୍ଷରୁ ଫନୀ ମୁକାବିଲା ପାଇଁ ବିଡିଓଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିପର୍ଯ୍ୟୟ ପରିଚାଳନା ପାଇଁ ଏହି ବ୍ଲକରେ ୩୦ ଟିମ୍ ଗଠିତ ହୋଇଛି। ଏହାକୁ ତଦାରଖ ପାଇଁ ୭ ଜଣ ସୁପରଭାଇଜରଙ୍କୁ ଦାୟୀତ୍ୱ ଦିଆଯାଇଛି। ବ୍ଲକର ୧୦ ପ୍ରମୁଖ ସମୁଦ୍ର କୂଳିଆ ଅଞ୍ଚଳର ଲୋକଙ୍କୁ ୨୫ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇଛି। ସେମାନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ଆସନ୍ନ ପ୍ରସବାଙ୍କୁ ନିରାପଦ ଭାବେ ମେଡିକାଲରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ୨୫ ଆଶ୍ରୟସ୍ଥଳୀ ମଧ୍ୟରୁ ୯ଟି ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗର ବିପର୍ଯ୍ୟୟ ପ୍ରସମନ ଶିବିର ଏବଂ ୧୬ଟି ରେଡକ୍ରସ ଓ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ କରାଯାଇଛି। ବ୍ଲକର ବାତ୍ୟା ଓ ସୁନାମୀ ପ୍ରବଣ ଅଞ୍ଚଳ ଭାବେ ପରିଚିତ କୁଷ୍ପୁପୁର, ଅନନ୍ତପୁର, ମରିଚିପୁର, ତରାସାହି, ଓଷକଣା, ବରମୁଣ୍ଡଳି, ନହରଣା, ଖାଲଗାଁ, ଅପଣ୍ଡରା ଓ ମାଛଗାଁ ପଞ୍ଚାୟତ ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳୀରେ ପାନୀୟ ଜଳ ସାଙ୍ଗକୁ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ପାଇଁ ବ୍ୟବସ୍ଥା ହୋଇଛି। ଏନ୍‌ଡିଆରଏଫ, ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ସଜାଗ ରହିଛନ୍ତି।

## ବିତରକ ସଂଘର ବାର୍ଷିକ ଉତ୍ସବ



ବିତରକ ସଂଘର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

ପାରାଦୀପ,୨।୫ (ସ୍ୱ.ପ୍ର.):

ପାରାଦୀପ ମଧୁବନସ୍ଥିତ ଆମ୍ବେଡକର ଭବନ ପରିସରରେ ବୁଧବାର ପାରାଦୀପ ଖବରକାଗଜ ବିତରକ ସଂଘର ବାର୍ଷିକ ଉତ୍ସବ ପାଳିତ ହୋଇଛି। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ ଶ୍ରମିକ ନେତା ଦୋଳଗୋବିନ୍ଦ ଦାଶ, ଯଜ୍ଞ ରାଉତ, ପବିତ୍ର ମୋହନ ମିଶ୍ର, ରବି ଜେନା ପ୍ରମୁଖ ଯୋଗଦେଇ ବିତରକମାନଙ୍କ ଦୈନନ୍ଦିନ ଜୀବନଶୈଳୀ, ସଂଘର୍ଷ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘ ସଭାପତି ନିମାଇଁ ମହାପାତ୍ର, ରଞ୍ଜନ କୁମାର ସାହୁ, ଦୀପକ ସାହୁ, ପ୍ରଦୀପ ଜେନା, ଚନ୍ଦନ ମଣ୍ଡଳ, ସୁଶାନ୍ତ ସାମଲଙ୍କ ସମେତ ସମସ୍ତ ବିତରକମାନେ ଉପସ୍ଥିତ ଥିଲେ।

## ସ୍ଥାନାନ୍ତର ହେଲେ ତଳିଆ ଅଞ୍ଚଳବାସୀ

ନାଉଗାଁ,୨।୫(ସ୍ୱ.ପ୍ର.)

ଫନି ମୁକାବିଲା ପାଇଁ ସରକାରୀସ୍ତରରେ ବିଭିନ୍ନ ପ୍ରକାର ପ୍ରସ୍ତୁତି ଚାଲିଛି। ଲୋକଙ୍କୁ ସଜାଗ ରହିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ସଚେତନ କରାଯିବା ସହ ତଳିଆ ଅଞ୍ଚଳ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଏଥିସହ ସେମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ତହସିଲଦାର ଜେ.କଳ୍ପନା, ବିଡିଓ ରଶ୍ମିରେଖା ମଲ୍ଲିକ, ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ପ୍ରମୁଖ ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଅନୁଧ୍ୟାନ କରିଛନ୍ତି। କୋରୁଅ, ଶିଖର, ନୂଆଗାଁ, ବଛାଳୋ ଆଦି ପଞ୍ଚାୟତରେ କଚ୍ଚା ଘରେ ରହୁଥିବା ୪୬୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ରନ୍ଧାଖାଦ୍ୟ ଦିଆଯାଇଛି। ସୂଚନା ଅନୁଯାୟୀ, ଏହି ବ୍ଲକରେ ୪୫ଟି ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ସେଥିମଧ୍ୟରୁ କେତେକ ଅସୁରକ୍ଷିତ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କୋରୁଅ ପଞ୍ଚାୟତର ଶୁଆକଣ, ଅଲଣା ପଞ୍ଚାୟତର ବେଣାପଡ଼ା ଆଦି ବାତ୍ୟା ଆଶ୍ରୟସ୍ଥଳୀ ବିପଦସଙ୍କୁଳ ହୋଇପଡିଥିବାରୁ ସେଥିରେ ଲୋକେ ଆଶ୍ରୟ ନେବାକୁ ଡରୁଛନ୍ତି। ଏସବୁ ଆଶ୍ରୟସ୍ଥଳୀ ଛାତରୁ ପ୍ଲାଷ୍ଟର ଖସିବା ସହ କବାଟ, ଝରକା ମଧ୍ୟ ଭାଙ୍ଗିରୁଜି ଯାଇଛି। ତେଣୁ ଏସବୁ ମରାମତି କରିବାକୁ ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଫନି ପ୍ରଭାବରେ ହେବାକୁ ଥିବା ବର୍ଷା, ପବନରେ ବ୍ୟାପକ ଡାଲୁଅ ଧାନ ଓ ମୁଗ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି। ଅଧିକାଂଶ ଜମିରେ ଧାନ ଦରପାଚିଲା ହୋଇ ରହିଛି। ଚାଷୀ ଧାନ ଅମଳ କରିପାରିନାହାନ୍ତି। ଶାରଦ ଧାନ ଅପେକ୍ଷା ଡାଲୁଅ ଧାନରେ ଚାଷୀ ଅଧିକ ପରିଶ୍ରମ କରିବା ସହିତ ଅଧିକ ଖର୍ଚ୍ଚ ମଧ୍ୟ କରନ୍ତି। କିନ୍ତୁ ଧାନ ଅମଳ ହେବା ସମୟରେ ବାତ୍ୟା ଉଜାଡି ଦେବାର ଆଶଙ୍କା ରହିଥିବା ଚାଷୀମାନେ ମତବ୍ୟକ୍ତ କରିଛନ୍ତି। ଏହି ବ୍ଲକର ତିରୁଣା, ଡାବର, କୋରୁଅ, ଓଷକଣା, ଘୋଡାଂଶ, ନାଉଗାଁ, ବଛାଳୋ, ଜାମୁଗାଁ, ଅଲଣା, ଗଜରାଜପୁର, ରୋହିଆ ଆଦି ୧୬ ପଞ୍ଚାୟତରେ ଧାନ ଓ ମୁଗଚାଷ ହୋଇଛି। ଏହି ବ୍ଲକରେ ୨ ହଜାର ହେକ୍ଟର ଜମିରେ ମୁଗଚାଷ କରାଯାଇଥିବା ବେଳେ ଅନେକ ଜମିରେ ମୁଗ ପାଚିଯାଇଛି। ଫନି ପ୍ରଭାବରେ ଏହି ସବୁ ଫସଲରେ ପାଣି ମାଡିଯିବାର ଆଶଙ୍କା ରହିଛି। ସେପଟେ ବାତ୍ୟା ହେବା କଥା ପ୍ରଚାରିତ ହେବା ପରେ ନାଉଗାଁ, ଗଙ୍ଗଦା, କଣ୍ଟୁଣିଆ, ମୁଣ୍ଡାଳୋ, ଆଲଣାହାଟ ଆଦି ବଜାରର ବିଭିନ୍ନ ଦୋକାନରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ଲୋକେ ରାଶନ ସାମଗ୍ରୀ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଦି କିଣୁଛନ୍ତି। ତେଣୁ ଏସବୁ ସାମଗ୍ରୀ ଦର ବୃଦ୍ଧି ପାଇଛି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲିକ କହିଛନ୍ତି ବାତ୍ୟାକୁ ଦୃଷ୍ଟିରେ ରଖି ଆମେ ଆଶ୍ରୟସ୍ଥଳୀଗୁଡିକ ବୁଲି ଦେଖିବା ସହ ତଳିଆ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର କରିଛୁ। ଯେପରି ଲୋକମାନଙ୍କର କୌଣସି ଅସୁବିଧା ନ ହୁଏ, ସେଥିପ୍ରତି ପ୍ରଶାସନ ସଜାଗ ରହିଛି। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଯେପରି ମୂଲ୍ୟ ବୃଦ୍ଧି ନ ହୁଏ, ସେଥିପ୍ରତି ମଧ୍ୟ ପଦକ୍ଷେପ ଗ୍ରହଣ କରାଯାଇଛି। ଜନସାଧାରଣ ଭୟଭୀତ ନ ହୋଇ ସାମ୍ଭାବ୍ୟ ପରିସ୍ଥିତି ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଅନୁରୋଧ କରାଯାଇଥିବା ସେ କହିଛନ୍ତି।



ପାରାଦୀପର ଏକ ଆଶ୍ରୟ କେନ୍ଦ୍ରରେ ରହିଥିବା ଲୋକମାନେ।



ଉଦ୍ଧାର କାର୍ଯ୍ୟ ପାଇଁ ପାରାଦୀପରେ ପହଞ୍ଚିଥିବା ଏନ୍‌ଡିଆରଏଫ୍ ଟିମ୍।



ଜଣେ ମହିଳା ଏକ ବାକ୍ସରେ ଅତ୍ୟାବଶ୍ୟକ ସାମଗ୍ରୀ ଧରି ଆଶ୍ରୟ କେନ୍ଦ୍ର ଯାଉଛନ୍ତି।

## 'ଫନୀ' ସତର୍କତା


ମହାକାଳପଡ଼ା ବ୍ଲକରେ ମାଇକ ଯୋଗେ ବାତ୍ୟା ସମ୍ପର୍କରେ ପ୍ରଚାର କରାଯାଉଛି।


ମହାକାଳପଡ଼ା ବ୍ଲକର ଏକ ଗ୍ରାମରେ ବାତ୍ୟା ସଚେତନତା ପାଇଁ ଯୁବକ ଓ ଛୋଟ ପିଲାମାନେ ଗ୍ରାମ ପରିକ୍ରମା କରୁଛନ୍ତି।


ରାଜନଗର ବ୍ଲକର ବଗପାଟିଆ ବାତ୍ୟା ଆଶ୍ରୟସ୍ଥଳୀରେ ଅନ୍ୟମାନଙ୍କ ଗହଣରେ କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ହୋଇଥିବା ଅନୁଭବ ମହାନ୍ତି ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ।


ଆଳି ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନ୍ୟମାନେ।


ଫନୀ ଦାଉରୁ ରକ୍ଷା କରିବା ପାଇଁ ଭାଜପା ନେତା ବିଜୟ ମହାପାତ୍ର କେନ୍ଦ୍ରାପଡ଼ା ସହରର ତିନିମୁହାଣିସ୍ଥିତ ରାମ ମନ୍ଦିରରେ ଗୁରୁବାର ଦୀପଦାନ କରୁଛନ୍ତି।


ରାଜନଗର ବ୍ଲକର ପେଣ୍ଠ ଆଶ୍ରୟସ୍ଥଳୀରେ ମହିଳାମାନେ।

# 'ଫନୀ'କୁ ନେଇ ରାଜନଗରବାସୀ ଭୟଭୀତ

**ରାଜନଗର, ୨।୫ (ଡିଏନଏ)**

ସାମୁଦ୍ରିକ ଝଡବାତ୍ୟା 'ଫନୀ'କୁ ନେଇ ରାଜନଗରବାସୀ ଆତଙ୍କିତ ହୋଇପଡିଛନ୍ତି। ଉଗ୍ରରୂପ ଧାରଣ କରି ଫନୀ ସ୍ଥଳଭାଗ ଆଡକୁ ମାଡି ଆସୁଥିବାରୁ ଏହା କେଉଁ ଧରଣର କ୍ଷୟକ୍ଷତି ଘଟାଇବ ସେ ନେଇ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ତେବେ ଏହାର ପ୍ରଭାବରେ ରାଜନଗର ଅଞ୍ଚଳରେ ଗୁରୁବାର ପୂର୍ବାହ୍ନ ୧୧ଟାରୁ କେତେକ ସ୍ଥାନରେ ଝିପିଝିପି ବର୍ଷା ହୋଇଯାଇଛି। ଏହାଛଡା ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ବାତ୍ୟା ସଂପର୍କରେ ସୂଚନା ଦିଆଯାଉଛି। ଯେଉଁମାନେ କଚ୍ଚାଘରେ , ବିପଦସଙ୍କୁଳ ଘରେ କିମ୍ବା ତଳିଆ ଅଞ୍ଚଳରେ ଅଛନ୍ତି, ସେମାନଙ୍କୁ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳକୁ ଚାଲି ଆସିବାକୁ ପରାମର୍ଶ ଦିଆଯାଇଛି। ସକାଳ ୮ଟା ରୁ ରାଜନଗରରେ ଲୋକଙ୍କୁ ସ୍ଥାନାନ୍ତରିତ ପ୍ରକ୍ରିୟା ଆରମ୍ଭ ହୋଇଛି। ସନ୍ଧ୍ୟା ସୁଦ୍ଧା ରାଜନଗର ବ୍ଲକର ୨୯ଟି ପଞ୍ଚାୟତର ୧୦ ହଜାର ଲୋକଙ୍କୁ ବ୍ଲକରେ ଥିବା ୪୬ଟି ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଅଞ୍ଚଳର ୩୫ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏନଡିଆରଏଫ ଟିମ୍ ରାଜନଗରରେ ପହଞ୍ଚିଛି। ଏନଡିଆରଏଫ ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରାଯାଉଛି। ସ୍ଥାନାନ୍ତର ହୋଇଥିବା ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ପାନୀୟଜଳ ଓ ଆଲୋକ ବ୍ୟବସ୍ଥା କରାଯାଇଛି ବୋଲି ବିଡିଓ ମନ୍ଦରଧର ମହାଳିକ ସୂଚନା ଦେଇଛନ୍ତି।

ରାଜନଗର ବ୍ଲକର ବଙ୍ଗୋପସାଗର କୂଳରେ ଥିବା ସାତଭାୟାର ୫୭୧ ପରିବାରଙ୍କୁ ବଗପାଟିଆରେ ଥଇଥାନ କରାଯାଇଛି। ମାତ୍ର ଘର ନିର୍ମାଣ ଶେଷ କରି ନ ଥିବା ଯୋଗୁ ମଗରକନ୍ଦା ଓ ଅଡାସଲରେ ୭୧ ପରିବାର ଓ ବରାହିପୁରରେ ୨ଟି ପରିବାର ରହୁଥିଲେ। ଏହି ୭୩ ପରିବାରର ୩୫୭ଜଣଙ୍କୁ ମଧ୍ୟାହ୍ନ ସୁଦ୍ଧା ବଗପାଟିଆ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ଅଡାସୋଲର ବିଷ୍ଣୁଚରଣ ମଲ୍ଲିକ, ପବିତ୍ର ମଳିକ, ନବଘନ ମଳିକ, ପୁରସ୍ତମ ମଳିକ, ଗୁରୁଚରଣ ମଲ୍ଲିକ, ରମେଶ ମଲ୍ଲିକ, କରୁଣାକର ମଲ୍ଲିକ, ସୁରେଖା ସାହୁ ପ୍ରମୁଖ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଛନ୍ତି। ରାଜନଗର ବିଡିଓ ମହାଳିକ, ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ ଓ ସରକାରୀ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳରେ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହ ଏହି ସ୍ଥାନାନ୍ତର ପକ୍ରିୟା ଜାରି ରଖିଛନ୍ତି। ରାଜନଗର ବ୍ଲକର ସୁନାମିପ୍ରବଣ ଅଞ୍ଚଳ ସୁନ୍ଦରୀପାଳ, ପେଣ୍ଠ, ପ୍ରସନ୍ନପୁର, ଖଣ୍ଡାମରା, ଗୋବର୍ଦ୍ଧନପୁର, ପ୍ରହରାଜପୁର, ବ୍ରାହ୍ମଣସାହି, ଗଜରାଜପୁର, ଏଣ୍ଡୁଳାପୁର, ଶୈଳେନ୍ଦ୍ରସରାଇ, ତ୍ରିଲୋଚନପୁର, ସୁବର୍ଣ୍ଣପୁର, ପିଙ୍ଗୁାପାଟିଆ, କୃଷ୍ଣନଗର, କନକନଗର, ବାଘୁଆ, ଅହିରାଜପୁର, ପ୍ରଭାତି, ଖାସମୁଣ୍ଡା, ବାଘମାରି, ଜ୍ୟୋତିପ୍ରସାଦ, ରାଜପାଟଣା, ରାଜେନ୍ଦ୍ରନଗର, ଟିକାୟତନଗର, ତାଲଚୁଆ, ଅନନ୍ତକେଶରୀ, ଉଦ୍ୟାନ, ରାଧାମାଳୀପୁର, ଶିକାରପାହି, ମୁଳାପଲ୍ଲୀ, ଡେରା, କଇଥା, ଟିଂଟିରି, ଗହ୍ମାଶିଖର ପ୍ରଭୃତି ୪୬ଟି ଗାଁର ଲୋକଙ୍କ ସମେତ ତଳିଆ ଅଞ୍ଚଳ ଓ କଚ୍ଚାଘରେ ଥିବା ଲୋକଙ୍କୁ ସ୍ଥାନାନ୍ତରିତ କରାଯାଉଛି।


ଅଡାସଲ ଗ୍ରାମର ଲୋକଙ୍କୁ ବାଉଁଶଗଡ଼ି ନଦୀ ପାର କରାଯାଇ ବାତ୍ୟା ଆଶ୍ରୟସ୍ଥଳକୁ ନିଆଯାଉଛି।

- ସନ୍ଧ୍ୟା ସୁଦ୍ଧା ୧୦ ହଜାର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର
- ସ୍ଥାନାନ୍ତରିତ ହେବେ ୩୫ ହଜାର ଲୋକ
- ପେଣ୍ଠ ନିକଟରେ ସମୁଦ୍ର ଉଗ୍ରମୁଖା
- ଡାକବାଜି ଯନ୍ତ୍ର ଯୋଗେ ବାତ୍ୟା ସଂପର୍କରେ ସୂଚନା

## ପେଣ୍ଠ ଓ ସାତାଭାୟରେ ସମୁଦ୍ର ଉଗ୍ରମୁଖା

ପେଣ୍ଠ ଓ ସାତଭାୟା ନିକଟରେ ସମୁଦ୍ର ଉଗ୍ରମୁଖା ହୋଇ କୂଳକୁ ମାଡ ହେଉଛି। ବୁଧବାର ଅପେକ୍ଷା ଗୁରୁବାର ସମୁଦ୍ର ଅଧିକ ଫୁଲିବା ସହ ଉଚ୍ଚ ଜୁଆର ଆସିବା ଦେଖିବାକୁ ମିଳିଛି। ପେଣ୍ଠ ନିକଟରେ ନିର୍ମାଣ ହୋଇଥିବା ଜିଓ ସିନ୍ଥେଟିକ ୱାଲ ଉପରେ ସମୁଦ୍ର ଜୁଆର ମାଡ ହେଉଛି। ଜିଓ ସିନ୍ଥେଟିକ ୱାଲ ଉପରେ ବିଛା ଯାଇଥିବା ଗ୍ୟାବନ ବକ୍ସକୁ ସମୁଦ୍ର ଜୁଆର ଛିଣ୍ଡାଇ ଦେବା ସହ ଭସାଇ ନେଉଛି। ଏହି ୱାଲର ସୁରକ୍ଷା ପାଇଁ ସମୁଦ୍ର ଭିତରେ ପକାଯାଇଥିବା ବଡ ବଡ ପଥରଖଣ୍ଡ ମଧ୍ୟରୁ କିଛି ପଥରକୁ ଜୁଆର ଭସାଇ ନେଇଛି। ପଥରଖଣ୍ଡ ଭାସି ଯାଇଥିବା ସ୍ଥାନରୁ ଜୁଆର ସିଧାସଳଖ ଜିଓ ସିନ୍ଥେଟିକ ୱାଲ ଉପରେ ମାଡ ହେଉଛି। ଯାହାକୁ ନେଇ ସ୍ଥାନୀୟ ଲୋକେ ଅଧିକ ଭୟଭୀତ ହୋଇପଡିଛନ୍ତି। ତଟବନ୍ଧ ବିଭାଗ ପକ୍ଷରୁ ସମୁଦ୍ର ଭସାଇ ନେଇଥିବା ପଥରଖଣ୍ଡ ସ୍ଥାନରେ ପଥରପକା କାମ ଆରମ୍ଭ ହୋଇଛି। ଓସଡମାର ଅତିରିକ୍ତ ସଚିବ ହେମନ୍ତ କୁମାର ପାଢୀ ଓ ତଟବନ୍ଧ ବିଭାଗର ନିର୍ବାହୀଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ସହକାରୀ ନିର୍ବାହୀଯନ୍ତ୍ରୀ ଉମେଶ ଚନ୍ଦ୍ର ସ୍ୱାଇଁ, ସହକାରୀଯନ୍ତ୍ରୀ ଅନ କୁମାର ବେହେରା ପ୍ରମୁଖ ପେଣ୍ଠ ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ସମ୍ଭାବ୍ୟ ବାତ୍ୟାରୁ ରକ୍ଷା ପାଇଁ ଦୀପଦାନ

**କେନ୍ଦ୍ରାପଡା ଅଫିସ, ୨।୫:** ସମ୍ଭାବ୍ୟ ବାତ୍ୟା ଫନୀରୁ କେନ୍ଦ୍ରାପଡାବାସୀଙ୍କୁ ରକ୍ଷା କରିବା ପାଇଁ ଭାଜପା ନେତା ବିଜୟ ମହାପାତ୍ର ସହରର ତିନିମୁହାଣିସ୍ଥିତ ରାମ ମନ୍ଦିରରେ ଗୁରୁବାର ଦୀପଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ଭୁବନ ମୋହନ ଜେନା, ସୁନାକର ବେହେରା, ଗଣେଶ ଚନ୍ଦ୍ର ସାମଲଙ୍କ ସମେତ ଶତାଧିକ ଭାଜପା କର୍ମୀ ଓ ନେତା ସାମିଲ ହୋଇଥିଲେ।

## ବାତ୍ୟା ପାଇଁ ମହାକାଳପଡ଼ା ବ୍ଲକ ପ୍ରଶାସନର ପ୍ରସ୍ତୁତି

**ମହାକାଳପଡା, ୨।୫ (ଡି.ଏନ.ଏ.):** ବାତ୍ୟା ଫନୀକୁ ଦୃଷ୍ଟିରେ ରଖି ମହାକାଳପଡା ବ୍ଲକ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି । ବ୍ଲକର ବତୀଘର, ଜମ୍ବୁ, ସୁନିତି, ଗଗୁଆ, ବଡଦାଣ୍ଡୁଆ, ବଉଳକଣୀ, ଖରିନାସୀ, ରାମନଗର, ପେଟ୍‌ଛେଲା ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର ତଳିଆ ଅଞ୍ଚଳର ୨୦ ହଜାର ଲୋକଙ୍କୁ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟାଳୟ ଗୃହରେ ଥଇଥାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଫନୀକୁ ମୁକାବିଲା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ମାଇକ ଯୋଗେ ପ୍ରଚାର କରାଯାଇ ସଚେତନ କରାଯାଉଛି। ବିଶେଷକରି ସମୁଦ୍ର କୂଳବର୍ତ୍ତୀ ବତୀଘର ଅଞ୍ଚଳର ସାନ ଓ ବଡ ନିପାଣିଆ, କଜଳପାତିଆ, ଟୁବି, ଖୋଲା ଗ୍ରାମର ପ୍ରାୟ ୫ ହଜାର ଲୋକ, ଜମ୍ବୁ ପଞ୍ଚାୟତର ୨୫୦୦ ଲୋକଙ୍କୁ ଉଚ୍ଚ ତଥା ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରତ୍ୟେକ ସରପଞ୍ଚ, ନୋଡାଲ ଅଫିସର ଓ ଅନ୍ୟାନ୍ୟ ପଦାଧିକାରୀମାନେ ପଞ୍ଚାୟତର ଲୋକଙ୍କ ସମସ୍ୟା ସିଧାସଳଖ ବୁଝିବେ। ଅପରପକ୍ଷେ ଆଶ୍ରୟସ୍ଥଳମାନଙ୍କରେ ଶୁଖିଲା ଖାଦ୍ୟ, ପାନୀୟ ଜଳ, ଔଷଧ ମହଜୁଦ ରଖାଯାଇଛି। ସେହିପରି ଜମ୍ବୁ ପଞ୍ଚାୟତର କଣ୍ଡରାପାଟିଆ ଗ୍ରାମ ବଙ୍ଗୋପସାଗର ସଂଲଗ୍ନ ଲୁଣା ଜଙ୍ଗଲ ପାର୍ଶ୍ୱରେ ଅବସ୍ଥିତ। ସେଥିପାଇଁ ଗ୍ରାମର ୭୦ ପରିବାରର ୬୦୦ ଲୋକଙ୍କୁ ଉଚ୍ଚସ୍ଥାନକୁ ନେବା ପାଇଁ ପ୍ରଶାସନ ତତ୍ପର ହୋଇଛି। ଏହି ଗ୍ରାମର କେତେକ ଯୁବକ ଓ ଛୋଟ ଛୋଟ ପିଲା ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରୁଛନ୍ତି।

# ବାତ୍ୟା ଫନୀ : ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

**ଡେରାବିଶ, ୨।୫(ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକରେ ଏବେ ବି ନିର୍ବାଚନୀ ତାତି ରହିଥିବା ବେଳେ ଗୁରୁବାର ବାତ୍ୟା ଫନୀ ପାଇଁ ସାଧାରଣରେ ଆତଙ୍କ ଦେଖାଦେଇଛି। ୧୯୯୯ ମହାବାତ୍ୟାର ସ୍ମୃତି ଏଯାଏ ମନରୁ ଲିଭି ନ ଥିବା ବେଳେ ଫନୀ ନେଇ ଲୋକେ ଭୟଭୀତ ଅଛନ୍ତି। ସରକାରୀ ବାସଗୃହ ଯୋଜନାରେ ବହୁ ଲୋକ ପକ୍କା ଗୃହ ନିର୍ମାଣ କରିଥିଲେ ମଧ୍ୟ ବିଭିନ୍ନ ଗ୍ରାମରେ ଏବେବି କଚ୍ଚାଘର ରହିଛି। ବ୍ଲକ ଅଧୀନରେ ୨୬ଟି ପଞ୍ଚାୟତ ଥିବା ବେଳେ ୧୮୨ ରାଜସ୍ୱ ଗ୍ରାମ ରହିଛି। ତେବେ ସରକାରଙ୍କ ପକ୍ଷରୁ ପ୍ରମୁଖ ଶାସନ ସଚିବ ପ୍ରଦୀପ କୁମାର ଜେନା କେନ୍ଦ୍ରାପଡା ଜିଲାରେ ବାତ୍ୟା ତଦାରଖ ପାଇଁ ଦାୟିତ୍ୱରେ ରହିଛନ୍ତି।

ଗୁରୁବାର ସକାଳ ୮ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଭିଡିଓ କନଫରେନସିଂ ମାଧ୍ୟମରେ ଜିଲା ଅନ୍ତର୍ଗତ ୯ଟି ବ୍ଲକର ବିଡିଓ , ତହସିଲଦାର ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଶାସନ ସଚିବ ଜେନା ସଂପର୍କ ରଖି ସଂପୃକ୍ତ ବ୍ଲକଗୁଡିକରେ କଚ୍ଚାଘରମାନଙ୍କରେ ଥିବା ପରିବାରକୁ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତରିତ କରିବା ଓ ଆଶ୍ରୟ ସ୍ଥଳରେ ମାଗଣା ରନ୍ଧାଖାଦ୍ୟ ଦିଆଯିବା ନେଇ ତଦାରଖ କରିଥିଲେ। ଡେରାବିଶ ବ୍ଲକରେ କେତେ ପରିବାର କଚ୍ଚାଘରେ ରହିଛନ୍ତି ଏବଂ ସେମାନଙ୍କୁ କେଉଁ ସ୍ଥାନକୁ ସ୍ଥାନାନ୍ତରିତ କରାଯିବ ସେ ନେଇ ବିଡିଓ, ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓ ଗୋପବନ୍ଧୁ ଭୋସାଗରଙ୍କ ସୂଚନା ଅନୁଯାୟୀ ଏହି ବ୍ଲକର ସମସ୍ତ ଗ୍ରାମକୁ ବ୍ଲକ ତରଫରୁ ସ୍ୱତନ୍ତ୍ର ଟିମ ପଠାଯାଇଛି। ତଦାରଖ ଟିମ ତୁରନ୍ତ କଚ୍ଚା ଘରଗୁଡିକରେ ଥିବା ପରିବାର ବର୍ଗଙ୍କୁ ସେହି ଗ୍ରାମରେ ଥିବା ପକ୍କା ବିଦ୍ୟାଳୟ ଗୃହକୁ ସ୍ଥାନାନ୍ତର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକ କାର୍ଯ୍ୟାଳୟ ଏଥିପାଇଁ ୨୪ ଘଣ୍ଟା ଖୋଲା ରହିବା ସହ ସମସ୍ତ ସଂପ୍ରସାରଣ ଅଧିକାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହି ବାତ୍ୟା ପ୍ରଭାବିତ ଗ୍ରାମ ପ୍ରତି ନଜର ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବ୍ଲକ ଅଧୀନରେ ଥିବା ସମସ୍ତ ପଞ୍ଚାୟତ ଗୁଡିକରେ ଥିବା ମଇଁଷି ଗୋଠରୁ ମଇଁଷି ଓ ପାଳକଙ୍କୁ ସୁରକ୍ଷିତ ଜାଗାକୁ ନେଇଯିବା ପାଇଁ ପ୍ରତ୍ୟେକ ସରପଞ୍ଚମାନଙ୍କୁ କୁହାଯାଇଛି।

ଗୁରୁବାର ପୂର୍ବାହ୍ନରେ ହୋଇଥିବା ଭିଡିଓ କନଫରେନସିଂରେ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ସମେତ ଏବିଡିଓ ଭଞ୍ଜ କିଶୋର ନାୟକ, ନିକିରାଇ ଥାନା ଅଧିକାରୀ କାବୁଲି ବାରିକ ଓ ସଦର ଥାନା ଅଧିକାରୀ ମହେଶ୍ୱର ସେଠୀ, ସିଡିପିଓ ସରସ୍ୱତୀ ସେଠୀ, ଅତିରିକ୍ତ ତହସିଲଦାର କାହ୍ନୁଚରଣ ଲେଙ୍କା, ସହକାରୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ଚଇନି, କନିଷ୍ଠ ଯନ୍ତ୍ରୀ ଅବନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ମଧ୍ୟାହ୍ନରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବସିଥିଲା। ଏଥିରେ ବାତ୍ୟା ସମ୍ପର୍କିତ ସତର୍କ ସୂଚନା ପାଇଁ ବ୍ଲକ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡ଼ ସଭ୍ୟମାନେ ସହଯୋଗ କରିବାକୁ ସମସ୍ତଙ୍କୁ ଅଧ୍ୟକ୍ଷ ସାହୁ ନିବେଦନ କରିଥିଲେ। ବିଡ଼ିଓ ଭୋସାଗର ଓ ଅତିରିକ୍ତ ତହସିଲଦାର ଲେଙ୍କା ଆଜି ବ୍ଲକର ସମସ୍ତ ପଞ୍ଚାୟତ ଗସ୍ତ କରି ବ୍ଲକ ଅଧୀନ ଯଅଁରାବାରିମୂଳ, ବେଣୀପୁର, ରଘୁଦେଇପୁର, ମଙ୍ଗଳପୁର, ବାରିମୂଳ, ନହଙ୍ଗ, ଗୋଲରାହାଟ, ପଲେଇ, ବାଲିଆ ଓ ଚାନ୍ଦୋଳ ପଞ୍ଚାୟତର ରହୁଥିବା ବିଭିନ୍ନ ଯାଯାବର ଶ୍ରେଣୀର ପରିବାରଙ୍କୁ ସ୍ଥାନୀୟ ବିଦ୍ୟାଳୟ ଗୃହରେ ରଖିବା ପାଇଁ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଓ ଲୋକପ୍ରତିନିଧିମାନଙ୍କୁ ପରାମର୍ଶ ଦେଇଥିଲେ। ତେବେ କାଉପଡା ପଞ୍ଚାୟତ ନିଳିକଣା ପ୍ରାଥମିକ ବିଦ୍ୟାଳୟ ଓ ବାଘିଲୋସ୍ଥିତ ମାରୁତି ଉଚ୍ଚବିଦ୍ୟାପୀଠରେ ସନ୍ଧ୍ୟା ସୁଦ୍ଧା କେତେକ ପରିବାରଙ୍କୁ ଥଇଥାନ କରାଯାଇଥିବା ଅତିରିକ୍ତ ତହସିଲଦାର ଲେଙ୍କା ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ପଞ୍ଚାୟତକୁ ଗସ୍ତ କରିଥିବା ନୋଡ଼ାଲ୍ ଅଧିକାରୀମାନେ ଛପର ଓ ଆଜବେଷ୍ଟସ୍ ଘରେ ରହୁଥିବା ପରିବାରଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଉଦ୍ୟମ କରୁଥିବା ଜଣାପଡ଼ିଛି।


ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଭିଡ଼ିଓ କନଫରେନ୍ସ ସମୟରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।



ଗଣତନ୍ତ୍ରରେ ଜନତା ହେଉଛନ୍ତି ମାଲିକ। କଂଗ୍ରେସ କ୍ଷମତାକୁ ଆସିଲେ କ'ଣ କରିବା ଉଚିତ ତାହା ସେମାନେ କହିବେ।
-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

## ସଂକ୍ଷେପରେ

### କେରଳରେ ବୁର୍ଖା ନିଷେଧ

**କୋଝିକୋଡ଼େ,୨।୫:** କୌଣସି ମୁସଲମାନ୍ ମହିଳା ବୁର୍ଖା ପିନ୍ଧିପାରିବେ ନାହିଁ ବୋଲି କେରଳର ଏକ ଶୈକ୍ଷିକ ସମାଜ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କୌଣସି ଶିକ୍ଷାନୁଷ୍ଠାନରେ ମୁସଲମାନ୍ ମହିଳାଙ୍କ ମୁହଁ କପଡ଼ାରେ ଘୋଡ଼ାଯାଇ ପାରିବ ନାହିଁ ବୋଲି ନିଷେଧାଦେଶ ଜାରି କରାଯାଇଛି। ଏନେଇ ମୁସଲମାନ୍ ଶୈକ୍ଷିକ ସମାଜର ରାଜ୍ୟ ସଭାପତି ଡ. ଫଜଲ ଗଫୁର ଏକ ସର୍କୁଲାର ମଧ୍ୟ ଜାରି କରିଛନ୍ତି। ୨୦୧୯-୨୦ ଶିକ୍ଷା ବର୍ଷଠାରୁ ଏହାକୁ ଲାଗୁ କରାଯିବ। ମୁସଲମାନ୍ ମହିଳାଙ୍କ ସାମାଜିକ ଓ ସାଂସ୍କୃତିକ ବିକାଶ କ୍ଷେତ୍ରରେ ଏହା ସହାୟକ ହୋଇପାରିବ ବୋଲି ଦର୍ଶାଯାଇଛି। ଏହି ନିର୍ଦ୍ଦେଶନାମା ଶିକ୍ଷାନୁଷ୍ଠାନମାନଙ୍କରେ କିପରି ଲାଗୁ କରାଯାଇ ପାରିବ ସେଥିଲାଗି ବିଭିନ୍ନ ଶିକ୍ଷାନୁଷ୍ଠାନର ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଅବଗତ କରାଯାଇଛି।

### ବଡିଗାର୍ଡରୁ ଥାଇଲାଣ୍ଡ ରାଣୀ



**ବ୍ୟାଙ୍କକ,୨।୫(ଏଆଇଏନ୍ଏସ୍):** ପୂର୍ବତନ ବିମାନ ସହାୟିକାରୁ ରାଜାଙ୍କ ବ୍ୟକ୍ତିଗତ ସୁରକ୍ଷା କର୍ମୀ ବନିଥିବା ସୁଥିଦା ଏବେ ଥାଇଲାଣ୍ଡ ରାଣୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ରାଜା ମହା ବାଜିରାଲୋଙ୍ଗକର୍ଣ୍ଣ (୬୬) ରାଜାଭିଷେକ ପରେ ତାଙ୍କୁ ବିବାହ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମହାରାଜା ଭୂମିବଲ ଅଦୁଲ୍ୟଦେଜ୍ ଦୀର୍ଘ ୭୦ ବର୍ଷ ଶାସନ କରିବା ପରେ ଦେହାନ୍ତ ହୋଇଥିଲା। ତାଙ୍କ ଅନ୍ତେ ତାଙ୍କ ପୁଅ ମହା ବାଜିରାଲୋଙ୍ଗକର୍ଣ୍ଣଙ୍କୁ ରାଜା ଘୋଷଣା କରାଯାଇଛି। ମହା ବାଜିରାଲୋଙ୍ଗକର୍ଣ୍ଣ ୨୦୧୪ରେ ଥାଇ ଏୟାରୱେଜ୍‌ର ଆଟେଣ୍ଡାଣ୍ଟ ସୁଥିଦା ତିଡ୍‌ଜାଇଙ୍କୁ ତାଙ୍କ ବଡିଗାର୍ଡ ୟୁନିଟ୍‌ର ଡେପୁଟି କମାଣ୍ଡରଭାବେ ନିଯୁକ୍ତି ଦେଇଥିଲେ। ପ୍ରକାଶଥାଉ କି, ମହା ବାଜିରାଲୋଙ୍ଗକର୍ଣ୍ଣ ପୂର୍ବରୁ ବିବାହ କରିଥିଲାବେଳେ ୩ ଥର ଛାଡ଼ପତ୍ର ଦେଇଥିଲେ। ତାଙ୍କର ୭ଟି ସନ୍ତାନ ଅଛନ୍ତି।

### ଅଖିଳେଶଙ୍କ ଇଚ୍ଛା ମୁଲାୟମ୍ ପ୍ରଧାନମନ୍ତ୍ରୀ ହୁଅନ୍ତୁ

**ଲକ୍ଷ୍ନୌ,୨।୫(ପି.ଟି.):** ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ତାଙ୍କର ପୁଅ ତଥା ଦଳର ଅଧ୍ୟକ୍ଷ ଅଖିଳେଶ ଯାଦବ ଇଚ୍ଛା ପ୍ରକାଶ କରିଛନ୍ତି। ନେତାଜୀ (ମୁଲାୟମ୍) ପ୍ରଧାନମନ୍ତ୍ରୀ ଦୌଡ଼ରେ ନ ଥିଲେ ବି ସେ ଏହି ପଦ ପାଇଲେ ଭଲ ହେବ ବୋଲି ଅଖିଳେଶ ଏକ ସାକ୍ଷାତ୍‌କାରରେ କହିଛନ୍ତି। ପ୍ରକାଶ ଯେ, ଏହା ପୂର୍ବରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସହ ମେଣ୍ଟ କରିବାବେଳେ ଦଳର ସୁପ୍ରିମୋ ମାୟାବତୀଙ୍କୁ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହାନ୍ତି ବୋଲି ଅଖିଳେଶ ଘୋଷଣା କରିଥିଲେ।



## ଜାତିସଂଘରେ ଭାରତର କୂଟନୈତିକ ବିଜୟ

# ଆଝାର ବିଶ୍ୱ ଆତଙ୍କବାଦୀ

**ଜାତିସଂଘ/ନୂଆଦିଲ୍ଲୀ, ୨।୫(ଆଇଏଏନ୍ଏସ୍/ପି.ଟି.)**

**ପାକିସ୍ତାନକୁ ଶକ୍ତ ଝଟକା**

- ବିରୋଧରୁ ଚାଇନା ଓହରିବା ପରେ ୟୁଏନ୍ଏସ୍‌ସିର ଘୋଷଣା
- ଆଝାରଙ୍କ ଯାତ୍ରା ଉପରେ ବିଶ୍ୱବ୍ୟାପୀ କଟକଣା, ବାଜ୍ୟାପ୍ତ ହୋଇପାରିବ ସମ୍ପତ୍ତି
- କଟକଣାକୁ ସବୁ ସଦସ୍ୟ ରାଷ୍ଟ୍ର ପାଳନ କରନ୍ତୁ: ଗୁଟେରସ୍
- ପଦକ୍ଷେପକୁ ଅନ୍ତର୍ଜାତୀୟ ସମୁଦାୟର ସ୍ୱାଗତ



- ସଫଳତାର ଶ୍ରେୟ ନେବାକୁ ଭାଜପାର ଉଦ୍ୟମ
- କଂଗ୍ରେସର ପ୍ରଶ୍ନ: ୧୯୯୯ରେ କାହିଁକି ଛାଡ଼ି ଦେଇଥିଲ ଆଝାରଙ୍କୁ

ଭାରତରେ ଏକାଧିକ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମୌଲାନା ମାସୁଦ୍ ଆଝାରଙ୍କୁ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍ଏସ୍‌ସି)ରେ ବିଶ୍ୱସ୍ତରୀୟ ଆତଙ୍କବାଦୀ ଭାବେ ବୁଧବାର ଘୋଷଣା କରାଯାଇଛି। ଜାତିସଂଘ ଦ୍ୱାରା ଆଝାର କଳାତାଲିକାଭୁକ୍ତ ହେବା ପରେ ବିଶ୍ୱବ୍ୟାପୀ ତାଙ୍କର ଯାତ୍ରା ଉପରେ ସ୍ୱତଃ କଟକଣା ଜାରି ହୋଇଛି। ଏହାସହ ଏଣିକି ଯେକୌଣସି ରାଷ୍ଟ୍ର ଚାହିଁଲେ ନିଜ ଭୂଖଣ୍ଡରେ ଥିବା ଆଝାରଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିପାରିବେ। ଆଝାରଙ୍କୁ ସୁରକ୍ଷା ଦେଇ ଏହି କ୍ଷେତ୍ରରେ ୧୦ ବର୍ଷ ଧରି କଣ୍ଟା ସାଜିଆସୁଥିବା ଚାଇନା ଶେଷରେ ହାର ମାନିଛି। ଉକ୍ତ ପଦକ୍ଷେପକୁ ଭାରତର କୂଟନୈତିକ ବିଜୟ ବୋଲି ବିବେଚନା କରାଯାଉଥିବାବେଳେ ପଡ଼ୋଶୀ ପାକିସ୍ତାନକୁ ଶକ୍ତ ଝଟ୍‌କା ଲାଗିଛି। ଏହି ଐତିହାସିକ ପଦକ୍ଷେପକୁ ଆମେରିକା, ଫ୍ରାନ୍ସ ଓ ବ୍ରିଟେନ ସମେତ ଅନ୍ତର୍ଜାତୀୟ ସମୁଦାୟ ପକ୍ଷରୁ ସ୍ୱାଗତ କରାଯାଇଛି।

ଜମ୍ମୁ-କଶ୍ମୀରର ପୁଲୱାମାରେ ଫେବୃୟାରୀ ୧୪ରେ ଜେଇଏମ୍ ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ଆଝାରଙ୍କୁ ଅନ୍ତର୍ଜାତୀୟ ଆତଙ୍କବାଦୀ ଘୋଷଣା ପାଇଁ ଗତ ମାର୍ଚ୍ଚରେ ଆମେରିକା, ବ୍ରିଟେନ ଓ ଫ୍ରାନ୍ସ ପକ୍ଷରୁ ହୋଇଥିବା ଉଦ୍ୟମ ଚାଇନା ଯୋଗୁ ଫସର ଫାଟିଯାଇଥିଲା। ସେତେବେଳେ ଆଝାରଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ନ ଥିବା ଦର୍ଶାଇ ବେଜିଂ ଏହା ଉପରେ ବୈଷୟିକ ପ୍ରତିବନ୍ଧକ ସୃଷ୍ଟି କରିଥିଲା। ଆକ୍ରମଣର ପ୍ରାୟ ଅଢ଼େଇମାସ ପରେ ବିରୋଧରୁ ଚାଇନା ଓହରିଯାଇଛି। ଫଳରେ ମୃତ୍ୟୁ ଓ ଆତଙ୍କର ସୌଦାଗର ଆଝାରଙ୍କ ଉପରେ ବିଶ୍ୱବ୍ୟାପୀ କଟକଣା ଜାରି ହୋଇଛି। ହେଲେ ଏହି ନିଷେଧାଦେଶ ଜାରି କରିଥିବା ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍ କାଏଦା କଟକଣା କମିଟିର ସଂକଳ୍ପନାମାରେ ପୁଲୱାମା ଆକ୍ରମଣ ସମ୍ପର୍କରେ କିଛି ଉଲ୍ଲେଖ କରାଯାଇନାହିଁ। ଜାତିସଂଘ ଦ୍ୱାରା ଆଝାରଙ୍କୁ କଳାତାଲିକାଭୁକ୍ତ କରାଯିବା ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି। ସେହିପରି ଜାତିସଂଘରେ ଭାରତର ସ୍ଥାୟୀ ରାଷ୍ଟ୍ରଦୂତ ସୟଦ ଆକବରୁଦ୍ଦିନ ସମର୍ଥନ ପାଇଁ ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି, ଆତଙ୍କବାଦ ନିରୋଧୀ ଲଢ଼େଇରେ ଭାରତର ଆଭିମୁଖ୍ୟ ପୁନଃ ପ୍ରତିଷ୍ଠିତ ହୋଇଛି। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବହିର୍ବ୍ୟାପାର ନୀତିର ଏକ ବଡ଼ ସଫଳତା। ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ଆଝାରଙ୍କ ବିରୋଧରେ ଭାରତ ନୂଆ ପ୍ରମାଣ ଦେବା ପରେ ବେଜିଂ ତାକୁ ଅନୁଧ୍ୟାନ କରିଛି ଏବଂ ପ୍ରସ୍ତାବକୁ ବିରୋଧ କରିନାହିଁ। ସେହିପରି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ କହିଛନ୍ତି, ଆଝାରଙ୍କ ଉପରେ କଟକଣାକୁ ଇସ୍‌ଲାମାବାଦ ତୁରନ୍ତ କାର୍ଯ୍ୟକାରୀ କରିବ। ତାଙ୍କ ଯାତ୍ରା ଉପରେ କଟକଣା ଜାରି କରିବା ସହ ସମ୍ପତ୍ତି ବାଜ୍ୟାପ୍ତ କରାଯିବ। ସେ କୌଣସି ଦେଶରେ ଆର୍ଥିକ କାରବାର କରିପାରିବେ ନାହିଁ। ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ କହିଛନ୍ତି, ଆଝାରଙ୍କୁ ୟୁଏନ୍ଏସ୍‌ସିରେ କଳାତାଲିକାଭୁକ୍ତ କରାଯିବା ୱାଶିଂଟନର କୂଟନୈତିକ ବିଜୟ। ଏହି ସଫଳତା ପାଇଁ ଆମେରିକା ଟିମ୍‌ର ଉଦ୍ୟମ ପ୍ରଶଂସନୀୟ। ସେହିପରି ଆଝାରଙ୍କ ଉପରେ କଟକଣାକୁ ୟୁଏନ୍ଏସ୍‌ସିର ସମସ୍ତ ସଦସ୍ୟ ରାଷ୍ଟ୍ର ପାଳନ କରିବେ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଆଶାବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ୧୦ ବର୍ଷ ମଧ୍ୟରେ ଚାଇନା ନିଜ ଭିଟୋ କ୍ଷମତା ପ୍ରୟୋଗ କରି ୪ ଥର କଣ୍ଟା ସାଜିଥିଲା। ଶେଷରେ ଅନ୍ତର୍ଜାତୀୟ ଚାପ ଆଗରେ ମୁଣ୍ଡ ନୁଆଁଇ ଏଥିରୁ ଓହରିଯିବାକୁ ବାଧ୍ୟ ହୋଇଛି, ଯାହାର ସଙ୍କେତ କିଛିଦିନ ପୂର୍ବରୁ ମିଳିଥିଲା। ଅନ୍ୟପକ୍ଷରେ ଭାରତରେ ସାଧାରଣ ନିର୍ବାଚନ ଚାଲିଥିବାରୁ ଭାଜପା ଏହାକୁ ସ୍ୱାଗତ କରି ପ୍ରଚାରର ପୁଞ୍ଜି ଭାବେ ବ୍ୟବହାର କରିଛି। '# ମୋଦି ହୈ ତୋ ମୁମ୍‌କିନ ହୈ' ବୋଲି ଅନେକ ଭାଜପା ନେତା ଓ ଏକାଧିକ କେନ୍ଦ୍ରମନ୍ତ୍ରୀ ଟୁଇଟ୍ କରିଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ କହିଛନ୍ତି, ୨୦୦୮ ବମ୍ବେ ଆକ୍ରମଣ ପରେ ଆଝାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା ପାଇଁ ସେତେବେଳର କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଉଦ୍ୟମ ଆରମ୍ଭ କରିଥିଲେ। ଏବେ ଆଝାରଙ୍କ ଉପରେ କଟକଣା ଜାରି ହୋଇଥିବାରୁ ଖୁସି। କିନ୍ତୁ ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହୁଅନ୍ତୁ ବୋଲି ତାଙ୍କର ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ୍ ଖାନ୍ କାହିଁକି ଚାହୁଁଛନ୍ତି। ୧୯୯୯ରେ କାନ୍ଦାହାରରେ ଇଣ୍ଡିଆନ୍ ଏୟାରଲାଇନ୍ସ ଅପହରଣ ପରେ ତତ୍କାଳୀନ ଭାଜପା ସରକାର ଆଝାରଙ୍କୁ କାହିଁକି ଛାଡ଼ିଦେଇଥିଲେ ବୋଲି ଚିଦାମ୍ବରମ୍ ପ୍ରଶ୍ନ କରିଛନ୍ତି। ଏହାର ଜବାବରେ ଜେଟ୍‌ଲୀ କହିଛନ୍ତି, ଆଝାର ପ୍ରସଙ୍ଗରେ ବିରୋଧୀଙ୍କୁ ରାଜନୈତିକ ମୂଲ୍ୟ ଦେବାକୁ ପଡ଼ିବ ବୋଲି ସେମାନେ ଏହି ସଫଳତାକୁ ନେଇ ଉତ୍ସବ ମନାଉନାହାନ୍ତି।

## ସାପ ସହ ଖେଳିଲେ ପ୍ରିୟଙ୍କା



**ଲକ୍ଷ୍ନୌ,୨।୫(ପି.ଟି.)**

କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ବ୍ୟକ୍ତିତ୍ୱର ଏକ ନୂଆ ଦିଗ ସାମ୍ନାକୁ ଆସିଛି। ଉପା ଅଧ୍ୟକ୍ଷା ତଥା ମା' ସୋନିଆ ଗାନ୍ଧୀଙ୍କ ସଂସଦୀୟ ଆସନ ରାଏବରେଲିକୁ ଗୁରୁବାର ପ୍ରଚାରରେ ଯାଇଥିବାବେଳେ ପ୍ରିୟଙ୍କା ସାପୁଆ କେଳାଙ୍କ ଏକ ଗାଁକୁ ଯାଇଥିଲେ। ହଂସା କା ପୁରୱା ଗ୍ରାମରେ ସେ ସାପୁଆ କେଳାଙ୍କୁ ଭେଟି ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ପ୍ରିୟଙ୍କା ଏକ କଳାନାଗକୁ ଧରି ତା' ସହ ଖେଳିବା ଆରମ୍ଭ କରିଥିଲେ। ତାଙ୍କ ସହ ଥିବା କଂଗ୍ରେସ କର୍ମୀ ଓ ସୁରକ୍ଷାରେ ନିୟୋଜିତ ଯବାନମାନେ ଏହା ଦେଖି ବିସ୍ମିତ ହୋଇଯାଇଥିଲେ। ତେବେ ଏଥିରୁ ନିବୃତ୍ତ ରହିବାକୁ ତାଙ୍କୁ କହିବା ଲାଗି କେହି ସାହସ କରି ନ ଥିଲେ। ସାପୁଆ କେଳା କିଶୋରୀ ଲାଲ କହିଛନ୍ତି, ପ୍ରଥମଥର ପାଇଁ କେହି ନେତା ଆମ ଗାଁକୁ ଆସି ସାପକୁ ଛୁଇଁବାର ସାହସ କରିଛନ୍ତି। ପ୍ରିୟଙ୍କା ସାପକୁ କଣ୍ଢେଇ ଭଳି ଖେଳିବାରୁ ଜଣାପଡୁଛି ସେ କେତେ ନିର୍ଭୀକ। ଏହି ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ଆସାମ ଡିଟେନ୍‌ଶନ ସେଣ୍ଟର ମାମଲା

# ଶୁଣାଣିରୁ ଓହରିବାକୁ ମନାକଲେ ସିଜେଆଇ



ଜଷ୍ଟିସ୍ ରଞ୍ଜନ ଗୋଗୋଇ



ହର୍ଷ ମନ୍ଦର

**ନୂଆଦିଲ୍ଲୀ,୨।୫**

ଆସାମ ଡିଟେନ୍‌ଶନ ସେଣ୍ଟର ମାମଲାର ଶୁଣାଣିରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କୁ ବାଦ୍ ଦେବା ପାଇଁ ଆବେଦନକାରୀ ହର୍ଷ ମନ୍ଦର ଦାଏର କରିଥିବା ପିଟିଶନ୍‌କୁ ଗୁରୁବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଉକ୍ତ ଆବେଦନର ଶୁଣାଣିରୁ ଓହରିବା ପାଇଁ ସିଜେଆଇ ଗୋଗୋଇ ମନା କରିଦେଇଛନ୍ତି। ଏହାବ୍ୟତୀତ ଖଣ୍ଡପୀଠ ରେକର୍ଡରୁ ଆବେଦନକାରୀଙ୍କ ନାଁକୁ ବାଦ୍ ଦେବା ସହ ନ୍ୟାୟିକ ସେବା କର୍ତ୍ତୃପକ୍ଷଙ୍କୁ ମାମଲାର ପିଟିଶନର ଭାବେ ନିଯୁକ୍ତ କରିଛନ୍ତି। ମନ୍ଦରଙ୍କ ପୂର୍ବତନ ଓକିଲ ପ୍ରଶାନ୍ତ ଭୂଷଣଙ୍କୁ ଉକ୍ତ ମାମଲାରେ ଆମିକସ୍ କ୍ୟୁରୀ ନିଯୁକ୍ତ କରାଯାଇଛି।

ଅନୁଷ୍ଠାନର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ରିଟ୍ ପିଟିଶନ୍‌ର ଶୁଣାଣିରୁ ଜଷ୍ଟିସ୍ ଗୋଗୋଇ ଓହରିଯାଆନ୍ତୁ ବୋଲି ଦାବି କରି ମନ୍ଦର ଆବେଦନ କରିଥିଲେ। ଏହି ମାମଲାରେ ସେ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ଆଇନଗତ ସହାୟତା ନେବେ ନାହିଁ ବୋଲି କୋର୍ଟଙ୍କୁ ଜଣାଇଥିଲେ। ଅନ୍ତର୍ଜାତୀୟ ମାନବାଧିକାର ବ୍ୟବସ୍ଥା ବଜାୟ ରଖିବାରେ ସୁପ୍ରିମକୋର୍ଟଙ୍କ ସହାନୁଭୂତି, ମାନବିକତା ଏବଂ ପ୍ରତିବଦ୍ଧତା ସହିତ କେବଳ ନିଜ ନାଗରିକ ନୁହଁନ୍ତି ବରଂ ସମଗ୍ର ମାନବଜାତି ପାଇଁ ଭାରତୀୟ ସମ୍ବିଧାନରେ ଉଲ୍ଲିଖିତ ମାନବାଧିକାରର ସୁରକ୍ଷାରେ ସର୍ବୋଚ୍ଚ ଅଦାଲତ ନିଜର ପରମ୍ପରା ବଜାୟ ରଖିବା ଲାଗି ପିଟିଶନରେ ଅନୁରୋଧ କରାଯାଇଥିଲା। ଉକ୍ତ ମାମଲା ଉପରେ ସିଜେଆଇ ଗୋଗୋଇଙ୍କ କେତେକ ମନ୍ତବ୍ୟ ଏବଂ ମତାମତ ଆବେଦନକାରୀଙ୍କ ମନରେ ଗୁରୁତର ଆଶଙ୍କା ସୃଷ୍ଟି କରିଛି। ପିଟିଶନ୍ ଶୁଣାଣିରେ ପାତରଅନ୍ତର କରାଯିବା ନେଇ ଯଥେଷ୍ଟ ଆଶଙ୍କା ରହିଥିବା ମନ୍ଦର କହିଛନ୍ତି। ସୁପ୍ରିମକୋର୍ଟ ବିଚାରପତିମାନଙ୍କ ମନ୍ତବ୍ୟ କେବଳ ଦେଶର ନ୍ୟାୟିକ ବ୍ୟବସ୍ଥାକୁ ପ୍ରଭାବିତ କରୁନାହିଁ, ବରଂ ଜନସାଧାରଣଙ୍କ ଉପରେ ମଧ୍ୟ ପ୍ରଭାବ ପକାଉଛି। ତେଣୁ ସାଧାରଣ ନାଗରିକ ତୁଳନାରେ ବିଚାରପତିମାନଙ୍କ ମନ୍ତବ୍ୟ ଦାୟିତ୍ୱସମ୍ପନ୍ନ ଏବଂ ଅଧିକ ଗାମ୍ଭୀରତାପୂର୍ଣ୍ଣ ହେବା ଆବଶ୍ୟକ ବୋଲି ଆବେଦନକାରୀ ଦର୍ଶାଇଛନ୍ତି।

ଆସାମର ଡିଟେନଶନ ସେଣ୍ଟରଗୁଡ଼ିକର ସ୍ଥିତି ଉଲ୍ଲେଖ କରି ମନ୍ଦର ପ୍ରଥମେ ପିଟିଶନ ଦାଏର କରିଥିଲେ। ସେଣ୍ଟରଗୁଡ଼ିକରେ ଅନ୍ତେବାସୀମାନଙ୍କୁ ସେମାନଙ୍କ ଦଣ୍ଡବିଧାନ ସମୟ ପରେ ମଧ୍ୟ ଅଟକ ରଖାଯାଉଥିବା ସେ କୋର୍ଟଙ୍କୁ ଜଣାଇଥିଲେ। ବିଦେଶୀମାନଙ୍କୁ ଉକ୍ତ ସେଣ୍ଟରଗୁଡ଼ିକରୁ ମୁକ୍ତ କରିବା ଲାଗି କ'ଣ ପଦକ୍ଷେପ ନିଆଯାଇଛି ଜଣାଇବାକୁ ସୁପ୍ରିମକୋର୍ଟ ଆସାମ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ପଶ୍ଚିମବଙ୍ଗର ନଦୀୟାସ୍ଥିତ ଏକ ଗାଁରେ ମହିଳାମାନେ ଧାନ ଉଡାଉଛନ୍ତି।

## ତେଜବାହାଦୁରଙ୍କ ନାମାଙ୍କନପତ୍ର ଖାରଜ

**ବାରାଣସୀ,୨।୫(ପି.ଟି.)**

ବାରାଣସୀ ଆସନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିବା ବିଏସ୍ଏଫ୍‌ର ପୂର୍ବତନ ଯବାନ ତେଜବାହାଦୁର ଯାଦବଙ୍କ ନାମାଙ୍କନପତ୍ର ବୁଧବାର ଖାରଜ ହୋଇଯାଇଛି। ତେଜବାହାଦୁର ଚାକିରିରୁ ବରଖାସ୍ତ ହୋଇଥିବା ନେଇ ଏପ୍ରିଲ ୨୪ରେ ନିଜ ନାମାଙ୍କନପତ୍ରରେ ଉଲ୍ଲେଖ କରିଥିଲେ। ସେ ୨୯ ତାରିଖରେ ଏସ୍‌ପି ଟିକେଟରେ ଦ୍ୱିତୀୟ ନାମାଙ୍କନପତ୍ର ଦାଖଲ କରିଥିଲେ। କିନ୍ତୁ ସେଥିରେ ସେ ନିଜ ଚାକିରି ସମ୍ପର୍କରେ ଉଲ୍ଲେଖ କରି ନ ଥିଲେ। ଏହାବାଦ ସେ ଚାକିରିରୁ ବହିଷ୍କୃତ ହେବା କାରଣ ନେଇ ବିଏସ୍ଏଫ୍‌ଠାରୁ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ଆଣି ନ ଥିବା ଜିଲାପାଳ ସୁରେନ୍ଦ୍ର ସିଂ କହିଛନ୍ତି।



## ବାଜ୍ୟାପ୍ତି ହେବ ଆତଙ୍କବାଦୀଙ୍କ ସମ୍ପତ୍ତି

**କଲମ୍ବୋ,୨।୫(ଏଆଇଏନ୍ଏସ୍)**

**ଇଷ୍ଟର ସଣ୍ଡେ ବିସ୍ଫୋରଣ**

ଇଷ୍ଟର ସଣ୍ଡେ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ଶ୍ରୀଲଙ୍କା ଅଧିକାରୀମାନେ ପଦକ୍ଷେପ ନେଇଛନ୍ତି। ୯ ଆତ୍ମଘାତୀ ବିସ୍ଫୋରଣକାରୀ ୩ଟି ଚର୍ଚ୍ଚ ଓ ୩ଟି ବିଳାସପୂର୍ଣ୍ଣ ହୋଟେଲକୁ ବିସ୍ଫୋରଣରେ ଉଡାଇଦେବା ସହ ୨୫୭ ଜଣଙ୍କ ଜୀବନ ନେଇଥିଲେ। ଆକ୍ରମଣକାରୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ତାଲିକା ବୁଧବାର ପୋଲିସ ଜାରି କରିଛି। ଜହରନ ହାଶିମ୍ ଆତ୍ମଘାତୀ ଟିମ୍‌ର ନେତୃତ୍ୱ ନେଇଥିବା ପୋଲିସ ଜାଣିବାକୁ ପାଇଛି।

## ଇତିହାସର ଆଇନାରେ

### ମେ ୩ର ପ୍ରମୁଖ ଘଟଣା

୧୯୪୭ ମେ ୩ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଜାପାନରେ ସଂବିଧାନ କାର୍ଯ୍ୟକାରୀ ହୋଇଥିଲା। ସଂବିଧାନରେ ସରକାରଙ୍କ ସଂସଦୀୟ ବ୍ୟବସ୍ଥା ଉଲ୍ଲେଖ ରହିବା ସହିତ ଦେଶର ନାଗରିକଙ୍କୁ ନିର୍ଦ୍ଦିଷ୍ଟ ମୌଳିକ ଅଧିକାର ବିଷୟ ମଧ୍ୟ ନିହିତ ଥାଏ। ଜାପାନ ସଂବିଧାନ ଅନୁସାରେ ସେ ଦେଶର ସମ୍ରାଟ ହେଉଛନ୍ତି ରାଷ୍ଟ୍ରର ସଂକେତ ଏବଂ ଜନସାଧାରଣଙ୍କ ଏକତାର ପ୍ରତୀକ। ଜାପାନର ସମ୍ରାଟଙ୍କ ହସ୍ତରେ ସାର୍ବଭୌମ କ୍ଷମତା ନ ଥାଏ।

୨୦୦୨ ମେ ୩ରେ ଭାରତୀୟ ବାୟୁସେନା ବିମାନ ଏମ୍ଆଇଜି-୨୧ ଜଳନ୍ଧରରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୮ଜଣଙ୍କ ମୃତ୍ୟୁ ଘଟିବା ସହିତ ୧୭ଜଣ ଆହତ ହୋଇଥିଲେ। ବ୍ୟାଙ୍କ ଅଫ୍ ରାଜସ୍ଥାନର ଜଳନ୍ଧର ଶାଖା ନିକଟରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଜଳନ୍ଧର ଏକ ଜନବହୁଳ ଅଞ୍ଚଳ ଏବଂ ବାଣିଜ୍ୟ କେନ୍ଦ୍ର।

## ଅର୍ଜୁନ ପ୍ରକୃତ ବନ୍ଧୁ: ପରିଣୀତି

**ମୁମ୍ବାଇ:** ବଲିଉଡ୍‌ରେ ଜଣେ ବାସ୍ତବ ବନ୍ଧୁ ପାଇବା କଷ୍ଟକର। କିନ୍ତୁ ଅଭିନେତା ଅର୍ଜୁନ କପୁରଙ୍କଠାରେ ମଣିଷପଣିଆ ରହିଛି ବୋଲି ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା ପ୍ରକାଶ କରିଛନ୍ତି। ଏହି ଅଭିନେତ୍ରୀ ଅର୍ଜୁନଙ୍କ ସହିତ ତାଙ୍କ କେମିଷ୍ଟ୍ରି ବିଷୟ ଖୋଲାଖୋଲି ପ୍ରକାଶ କରିଛନ୍ତି। 'ଫିଟ୍ ଅପ୍ ୱିଥ୍ ଦି ଷ୍ଟାର୍ସ ସିଜିନ୍ ୨'ର ଭୂତ୍ ଏପିସୋଡ୍‌ରେ ଅର୍ଜୁନଙ୍କ ପ୍ରକୃତ ପରିଚୟ ପାଇଥିବା ସେ କହିଛନ୍ତି। ତେବେ ଏହି ସମ୍ପର୍କ ପ୍ରେମ-ଘୃଣାର ସମ୍ମିଶ୍ରଣ ବୋଲି ସେ କହିଥିଲେ। ବଲିଉଡରେ ଜଣେ ସଚ୍ଚା ବନ୍ଧୁ ମିଳିବା କଷ୍ଟ, କିନ୍ତୁ ଅର୍ଜୁନ ଜଣେ ଭଲ ବ୍ୟକ୍ତି। ଅର୍ଜୁନଙ୍କ ସହିତ ୫୦ରୁ ଅଧିକ ସେଲ୍‌ଫି ଉଠାଇଥିବା ସେ କହିଛନ୍ତି। 'ଇଶକ୍‌ଜାଦେ' ଏବଂ 'ନମସ୍ତେ ଇଂଲଣ୍ଡ'ରେ ଅର୍ଜୁନଙ୍କ ସହ କାମ କରିବା ପରଠାରୁ ତାଙ୍କ ସହିତ ପରିଣୀତିଙ୍କର ଘନିଷ୍ଠତା ବୃଦ୍ଧିପାଇଛି। ଦୁହିଁଙ୍କୁ ଏକତ୍ର 'ସନ୍ଦୀପ ଔର ପିଙ୍କି ଫାରାର୍'ରେ ମଧ୍ୟ ଦେଖିବାକୁ ମିଳିବ। ତେବେ ମଲାଇକା ଆରୋରାଙ୍କ ସହ ଅର୍ଜୁନଙ୍କର ବିବାହ ଗୁଜବ ବିଷୟରେ ସେ ଅବଗତ ଅଛନ୍ତି କି ବୋଲି ପ୍ରଶ୍ନରେ ପରିଣୀତି ଏହି ବିଷୟ ଜାଣି ନ ଥିବା ପ୍ରକାଶ କରିଥିଲେ।



## ମାଓବାଦୀ ଆକ୍ରମଣରେ ୧୫ ପୋଲିସ ଶହୀଦ

**ମୁମ୍ବାଇ,୨।୫(ପି.ଟି.)**

ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାରେ ବୁଧବାର ମାଓବାଦୀ ବିସ୍ଫୋରଣ ଘଟାଇବାରୁ ୧୫ ପୋଲିସ କର୍ମଚାରୀ ଶହୀଦ ହୋଇଥିବାବେଳେ ସେମାନଙ୍କୁ ନେଇ ଯାଉଥିବା ଗାଡ଼ିର ଡ୍ରାଇଭର ମଧ୍ୟ ନିହତ ହୋଇଛନ୍ତି। ବୁଧବାର ମାଓବାଦୀମାନେ ଏକ ସଡକ ନିର୍ମାଣ କମ୍ପାନୀର ୨୭ଟି ଗାଡ଼ି ଜାଳିଦେବା ପରେ ରାସ୍ତାରେ ଆଇଇଡି ଖଞ୍ଜିଥିଲେ। ଗଡ଼ଚିରୋଲି ପୋଲିସର ଦ୍ରୁତ କାର୍ଯ୍ୟାନୁଷ୍ଠାନ ଟିମ୍ ସେହି ରାସ୍ତା ଦେଇ ଯାଉଥିବାବେଳେ କୁରଖେଡା ଅଞ୍ଚଳର ଲେନ୍ଧାରି ନାଲାଠାରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ରାସ୍ତାରେ ଗଭୀର ଖାତ ସୃଷ୍ଟି ହେବା ସହ ଗାଡ଼ିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏହା ପୋଲିସ ପାଇଁ ବଡ଼ ଧରଣର କ୍ଷତି ବୋଲି ମହାରାଷ୍ଟ୍ର ଡିଜିପି ସୁବୋଧ କୁମାର ଜୈସ୍ୱାଲ କହିଛନ୍ତି। ଅନ୍ୟପକ୍ଷରେ ମାଓବାଦୀ ଦମନରେ ବିଫଳତା ପାଇଁ ଗୃହ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଇସ୍ତଫା ଦିଅନ୍ତୁ ବୋଲି ଏନସିପି ଅଧ୍ୟକ୍ଷ ଶରଦ ପାୱାର ଏବଂ ରାଜ୍ୟ କଂଗ୍ରେସ ସଭାପତି ଅଶୋକ ଚଭନ ଦାବି କରିଛନ୍ତି। ପାୱାର ମାଓବାଦୀ ଆକ୍ରମଣକୁ ନେଇ ରାଜନୀତି କରୁଥିବା ଭାଜପା ମନ୍ତ୍ରୀ ବିନୋଦ ତାୱଡେ ଅଭିଯୋଗ କରିଛନ୍ତି। ମାଓବାଦୀଙ୍କ ଆକ୍ରମଣକୁ ଫଡ଼ନବିସ୍ ନିନ୍ଦାକରିବା ସହ ଏହାର କଡ଼ା ଜବାବ ଦିଆଯିବ ବୋଲି କହିଛନ୍ତି।

**ଗଡ଼ଚିରୋଲିରେ ଲାଲ୍ ଆତଙ୍କ**

- ଆଇଇଡି ବିସ୍ଫୋରଣ ପରେ ସରକାରଙ୍କୁ ଧମକ

ଅନ୍ୟପକ୍ଷରେ ବିସ୍ଫୋରଣର ଦିନକ ପରେ ଗଡଚିରୋଲିର ମାଓବାଦୀ ସଂଗଠନ ରାଜ୍ୟ ସରକାରଙ୍କୁ ଧମକ ଦେଇଛି। ଉକ୍ତ ଅଞ୍ଚଳରେ ସରକାରଙ୍କ ଭିତ୍ତିଭୂମି ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ବିରୋଧ କରି ମାଓବାଦୀଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ବ୍ୟାନର ଲଗାଯାଇଛି। ଉକ୍ତ ପାହାଡ଼ିଆ ଅଞ୍ଚଳରେ ରାସ୍ତାଘାଟ କିମ୍ବା ବ୍ରିଜ୍ ନିର୍ମାଣ ନ କରିବାକୁ ବ୍ୟାନରରେ ସରକାରଙ୍କୁ ଧମକ ଦିଆଯାଇଛି। ଜଳ, ଜମି, ଜଙ୍ଗଲ ଏବଂ ଖଣିଜ ସମ୍ପତ୍ତି ଲୋକମାନଙ୍କର। ରାସ୍ତାଘାଟ ନିର୍ମାଣ କରି ସେଗୁଡ଼ିକୁ କିଛି ଶିଳ୍ପପତିଙ୍କ ଲାଭ ପାଇଁ ହସ୍ତାନ୍ତର କରାଯିବାର ଉଦ୍ୟମ ହେଉଛି। ଶିଳ୍ପପତିମାନେ ସେମାନଙ୍କର ବିକାଶ ପାଇଁ ଏହିସବୁ ପ୍ରକଳ୍ପ ପାଇବା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଫଡ଼ନବିସ୍‌ଙ୍କ ଚାମ୍‌ଚାଗିରି କରୁଥିବା ବ୍ୟାନରରେ ଲେଖାଯାଇଛି।



# ରାଜନୀତିରେ କ୍ରୀଡ଼ାବିତ୍

**କ୍ରୀଡ଼ାବିତ୍‌ମାନେ ରାଜନୀତି କରିବା ନୂଆ କଥା ନୁହେଁ। ଏହି କ୍ରୀଡ଼ାବିତଙ୍କ ତାଲିକା ବେଶ୍ ଲମ୍ବା ହୋଇ ନ ଥିଲେ ମଧ୍ୟ ଏମାନଙ୍କ ସଂଖ୍ୟା କମ୍ ନୁହେଁ। କେତେଜଣ କ୍ରୀଡ଼ାବିତ୍ ରାଜନୀତିରେ ସଫଳତାର ଶୀର୍ଷରେ ପହଞ୍ଚି ଉଦାହରଣ ସୃଷ୍ଟି କରିପାରିଛନ୍ତି। ପାକିସ୍ତାନର ପୂର୍ବତନ କ୍ରିକେଟ ଅଧିନାୟକ ଇମ୍ରାନ ଖାଁ, ଆମେରିକୀୟ ପୂର୍ବତନ ବଡି ବିଲ୍ଡର ଆର୍ନୋଲ୍ଡ ସ୍ୱାର୍ଜନେଗେର ଏମାନଙ୍କ ମଧ୍ୟରୁ ଅନ୍ୟତମ। ଆମ ଦେଶରେ ଗୌତମ ଗମ୍ଭୀରଙ୍କଠାରୁ ଆରମ୍ଭକରି କୀର୍ତ୍ତି ଆଜାଦ, ବାଇଚୁଙ୍ଗ ଭୂଟିଆ, ଚେତନ ଚୌହାନ, ନଭଜୋତ ସିଂ ସିଦ୍ଧୁ, କ୍ରିଷ୍ଣା ପୁନିଆ, ରାଜ୍ୟବର୍ଦ୍ଧନ ସିଂ ରାଠୋର ଏମିତି ଏକାଧିକ କ୍ରୀଡ଼ାବିତ୍ ରାଜନୀତିରେ ଯୋଗଦେଇଛନ୍ତି...**

୧୭ତମ ଲୋକ ସଭା ପାଇଁ ଦେଶରେ ସାଧାରଣ ନିର୍ବାଚନ ଚାଲୁ ରହିଛି। ୪ଟି ପର୍ଯ୍ୟାୟର ନିର୍ବାଚନ ସମ୍ପନ୍ନ ହୋଇଛି ଓ ଆଉ ୩ଟି ପର୍ଯ୍ୟାୟ ବାକି ରହିଛି। ଦେଶର ଦୁଇ ପ୍ରମୁଖ ଦଳ ଭାଜପା ଓ କଂଗ୍ରେସ ଏଥର ପରସ୍ପରକୁ କଡ଼ା ଚ୍ୟାଲେଞ୍ଜ ଦେଉଛନ୍ତି। ପୁଣି ଦେଶରେ ବିଭିନ୍ନ ରାଜ୍ୟରେ ଥିବା ଆଞ୍ଚଳିକ ଦଳଗୁଡ଼ିକ ମଧ୍ୟ ବିଜୟୀ ହେବା ପାଇଁ ପ୍ରାଣପଣେ ଚେଷ୍ଟା କରୁଛନ୍ତି। ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କ ମନ ଜିଣିବା ପାଇଁ ବିଭିନ୍ନ ପ୍ରକାର ପ୍ରୟାସ ଜାରି ରଖିଛନ୍ତି। ଦଳଗୁଡ଼ିକ ଯୁବ ଓ କ୍ରୀଡ଼ାପ୍ରେମୀ ଲୋକଙ୍କୁ ପ୍ରଭାବିତ କରିବା ପାଇଁ ତାରକା କ୍ରୀଡ଼ାବିତ୍‌ଙ୍କୁ ଆପଣେଇଛନ୍ତି। କ୍ରୀଡ଼ାବିତ୍‌ମାନେ ମଧ୍ୟ ଖୁସିରେ ରାଜନୀତି କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ବିଭିନ୍ନ ଦଳର ଟିକେଟ ହାସଲକରି ଖେଳାଳିମାନେ ଏବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। କେତେଜଣ କ୍ରୀଡ଼ାବିତ୍ ରାଜନୀତିରେ ବେଶ୍ ସଫଳତା ହାସଲ କରିଛନ୍ତି। ତେବେ ଆଉ କେତେକେ ସେଭଳି ସଫଳତା ପାଇପାରିନାହାନ୍ତି। ରାଜନୀତିରେ ସାମିଲ ହୋଇଥିବା କ୍ରୀଡ଼ାବିତ୍ ତାଲିକା ସେତେଟା ଲମ୍ବା ହୋଇ ନ ଥିଲେ ମଧ୍ୟ ସେମାନଙ୍କ ସଂଖ୍ୟା କମ୍ ନୁହେଁ। ଚଳିତ ସାଧାରଣ ନିର୍ବାଚନରେ ଏକାଧିକ କ୍ରୀଡ଼ାବିତ୍ ବିଭିନ୍ନ ଦଳର ଟିକେଟ ପାଇ ଲଢ଼େଇରେ ଅବତୀର୍ଣ୍ଣ ହୋଇଛନ୍ତି।। ଭାରତୀୟ ରାଜନୀତିରେ ସାମିଲ ହୋଇଥିବା କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ସର୍ବାଗ୍ରେ ରହିବେ ପୂର୍ବତନ ଶୁଟର ରାଜ୍ୟବର୍ଦ୍ଧନ ସିଂ ରାଠୋର। ଏହି ତାଲିକାରେ ସାମିଲଥିବା ଅନ୍ୟ କ୍ରୀଡ଼ାବିତ୍‌ମାନେ ହେଲେ କ୍ରିକେଟ ଆଇକନ୍ ସଚିନ୍ ତେନ୍ଦୁଲକର, ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ, ପୂର୍ବତନ କ୍ରିକେଟର ନଭଜୋତ ସିଂ ସିଦ୍ଧୁ, ପୂର୍ବତନ ସୁଇମିଂ ଚାମ୍ପିୟନ ନାଫିସା ଅଲି, ପୂର୍ବତନ କ୍ରିକେଟର କୀର୍ତ୍ତି ଆଜାଦ, ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ଚେତନ ଚୌହାନ, ପୂର୍ବତନ ବିଶ୍ୱକପ୍ ବିଜୟୀ ହକି ତାରକା ଅସଲାମ ସେର ଖାଁ, ମହିଳା ମିଡିଲ ଡିଷ୍ଟାନ୍ସ ଧାବିକା ଜ୍ୟୋତିର୍ମୟୀ ସିକ୍‌ଦାର, ପୂର୍ବତନ କ୍ରିକେଟର ମହମ୍ମଦ କୈଫ, ପୂର୍ବତନ ଭାରତୀୟ ଫୁଟବଲର ବାଇଚୁଙ୍ଗ ଭୂଟିଆ, ପୂର୍ବତନ ହକି ଅଧିନାୟକ ଦିଲୀପ ତିର୍କୀ। ଏଥର ପୂର୍ବତନ ଭାରତୀୟ ଓପନର ଗୌତମ ଗମ୍ଭୀର, ମହିଳା ପାରା ଆଥଲେଟ ଦୀପା ମଲିକ, ମହିଳା ତାରକା ଡିସ୍କସ୍ ଥ୍ରୋୟର କ୍ରିଷ୍ଣା ପୁନିଆ, ବେଜିଂ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ବିଜେନ୍ଦର ସିଂ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ପୂର୍ବତନ ହକି ଅଧିନାୟକ ପରଗତ ସିଂ, ପୂର୍ବତନ ଭାରତୀୟ ତଥା ବେଙ୍ଗଲ କ୍ରିକେଟର ଲକ୍ଷ୍ମୀରତନ ଶୁକ୍ଲା, ପୂର୍ବତନ ଭାରତୀୟ ଫୁଟବଲ ଅଧିନାୟକ ପ୍ରସୂନ ବାନାର୍ଜୀ, ପୂର୍ବତନ ଭାରତୀୟ ଶୁଟର ତଥା ଶିଳ୍ପପତି ନବୀନ ଜିନ୍ଦଲ ରାଜନୀତିରେ ଯୋଗଦେଇ ସଫଳତା ହାସଲ କରିଛନ୍ତି।

ରାଜନୀତି ମଇଦାନକୁ ଓହ୍ଲାଇଥିବା କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିବେ ଅଲିମ୍ପିକ ପଦକ ବିଜେତା ଶୁଟର ରାଜ୍ୟବର୍ଦ୍ଧନ ସିଂ ରାଠୋର। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ରାଠୋର ଶୁଟିଂରେ ଦେଶ ପାଇଁ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଭାଜପାରେ ଯୋଗଦେଇ ସେ ଜୟପୁର (ରୁରାଲ) ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ଏବେ କେନ୍ଦ୍ର ସରକାରଙ୍କ ମନ୍ତ୍ରିମଣ୍ଡଳରେ କ୍ରୀଡ଼ାମନ୍ତ୍ରୀ ଭାବେ କାର୍ଯ୍ୟକରୁଛନ୍ତି। ଏଥର ନିର୍ବାଚନରେ ଜୟପୁର ରୁରାଲ ସିଟ୍‌ରେ ତାଙ୍କ ବିପକ୍ଷରେ ଅଲିମ୍ପିଆନ ତଥା ମହିଳା ଡିସ୍କସ୍ ଥ୍ରୋୟର କ୍ରିଷ୍ଣା ପୁନିଆ। ପୁନିଆ କଂଗ୍ରେସ ଟିକେଟରୁ ରାଠୋରଙ୍କୁ କଡ଼ା ଟକ୍କର ଦେବେ ବୋଲି ଆଶା କରାଯାଉଛି। ସେହିପରି ଗମ୍ଭୀର ଭାଜପାରେ ଯୋଗଦେଇ ଇଷ୍ଟ ଦିଲ୍ଲୀ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏବେକାର ଏମ୍‌ପି ମହେଶ ଗିରିଙ୍କୁ ଟିକେଟ ନ ଦେଇ ଭାଜପା ଗମ୍ଭୀରଙ୍କୁ ନିର୍ବାଚନ ଲଢ଼ିବାର ସୁଯୋଗ ଦେଇଛି। ତାଙ୍କ ବିପକ୍ଷରେ କଂଗ୍ରେସର ଅରବିନ୍ଦର ସିଂ ଲଭ୍‌ଲି ଓ ଆପ୍‌ର ଆତିଶ ନିର୍ବାଚନ ଲଢ଼ିବେ। ବେଜିଂ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ତଥା ପେସାଦାର ବକ୍ସର ବିଜେନ୍ଦର ସିଂ କଂଗ୍ରେସ ଟିକେଟରେ ସାଉଥ୍ ଦିଲ୍ଲୀରୁ ନିର୍ବାଚନ ଲଢୁଛନ୍ତି। ସେହିପରି ପରା ଆଥଲେଟ୍ ତଥା ପାରାଲିମ୍ପିକ୍ସ ଶଟ୍‌ପୁଟର ଦୀପା ମଲିକ ଭାଜପାରେ ଯୋଗଦେଇଛନ୍ତି ଓ ନିର୍ବାଚନରେ ଅବତୀର୍ଣ୍ଣ ହେବେ ବୋଲି ଆଶା କରାଯାଉଛି।


ଗୌତମ ଗମ୍ଭୀର


ଦୀପା ମଲିକ


ରାଜ୍ୟବର୍ଦ୍ଧନ ସିଂ ରାଠୋର


ମହମ୍ମଦ ଆଝାରୁଦ୍ଦିନ


କ୍ରିଷ୍ଣା ପୁନିଆ


ନଭଜୋତ୍ ସିଂ ସିଦ୍ଧୁ

ପୂର୍ବତନ ଫୁଟବଲର ବାଇଚୁଙ୍ଗ ଭୂଟିଆ ସିକ୍କିମ୍‌ରେ ଏକ ନୂଆ ରାଜନୈତିକ ଦଳ 'ହମାରୋ ସିକ୍କିମ' ଗଢ଼ିଛନ୍ତି। ଆଗାମୀ ବିଧାନସଭା ନିର୍ବଚାନରେ ସେ ସବୁ ୩୨ଟି ଆସନରେ ପ୍ରାର୍ଥୀ ଦେବେ। ତେବେ ସେ ଏହାପୂର୍ବରୁ ୨୦୧୪ରେ ତୃଣମୂଳ କଂଗ୍ରେସରୁ ଦାର୍ଜିଲିଂ ଲୋକ ସଭା ନିର୍ବାଚନ ଲଢ଼ିଥିଲେ ମଧ୍ୟ ପରାସ୍ତ ହୋଇଥିଲେ। ପୂର୍ବତନ ହକି ଅଧିନାୟକ ଦିଲୀପ ତିର୍କୀ ଓଡ଼ିଶାର ବିଜୁ ଜନତା ଦଳ (ବିଜେଡି) ତରଫରୁ ୨୦୧୪ରେ ସୁନ୍ଦରଗଡ଼ ଲୋକ ସଭାରେ ନିର୍ବାଚନ ଲଢ଼ିଥିଲେ ଓ ଭାଜପାର ଜୁଏଲ ଓରାମଙ୍କଠାରୁ ୧୮,୮୨୯ ଭୋଟରେ ପରାସ୍ତ ହୋଇଥିଲେ। ତେବେ ସେ ଏହାପୂର୍ବରୁ ୨୦୧୨ରେ ବିଜେଡି ତରଫରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ସେହିପରି ଆଝାରୁଦ୍ଦିନ ଗତ ଏକ ଦଶନ୍ଧି ହେବ ରାଜନୀତି ସହ ଜଡ଼ିତ ରହିଆସିଛନ୍ତି। ୨୦୦୯ରେ ସେ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ିଥିଲେ। ଉତ୍ତରପ୍ରଦେଶର ମୋରାଦାବାଦ ସିଟ୍‌ରୁ ଥରେ ନିର୍ବାଚିତ ହୋଇଥିଲେ। ତେବେ ୨୦୧୪ରେ ସେ ରାଜସ୍ଥାନର ଟୋଙ୍କ– ସ୍ୱାଇ ମାଧୋପୁର ଆସନରୁ ଭାଜପାର ସୁଖବୀର ସିଂଙ୍କଠାରୁ ପରାସ୍ତ ହୋଇଥିଲେ। ଏବେ ସେ ତେଲେଙ୍ଗାନାରେ କଂଗ୍ରେସର ସଭାପତି ରୂପେ କାର୍ଯ୍ୟ କରୁଛନ୍ତି। ୧୯୮୩ ବିଶ୍ୱକପ୍ ବିଜୟୀ କ୍ରିକେଟର କୀର୍ତ୍ତି ଆଜାଦଙ୍କ ପିତା ଭଗଓ୍ୱତ ଝା ଆଜାଦ ବିହାର ମୁଖ୍ୟମନ୍ତ୍ରୀ ଥିଲେ। ସେ ଲୋକ ସଭାକୁ ତୃତୀୟଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେ ଏବେ କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି। ଟେଲିଭିଜନ ପର୍ସନାଲିଟି ତଥା ପୂର୍ବତନ କ୍ରିକେଟର ନଭଜୋତ ସିଂ ସିଦ୍ଧୁ ୨୦୦୪ରେ ଭାଜପାରେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପରେ ସେ କଂଗ୍ରେସରେ ଯୋଗଦେଇ ବେଶ୍ ବିବାଦୀୟ ହୋଇପଡ଼ିଥିଲେ। ୨୦୧୭ରେ ସେ ଅମ୍ରିତସର ଇଷ୍ଟ ସିଟ୍‌ରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଓ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଅଛନ୍ତି। ପୂର୍ବତନ କ୍ରିକେଟର ଲକ୍ଷ୍ମୀରତନ ଶୁକ୍ଲା ୨୦୧୬ରେ ହାଓଡା ଉତ୍ତରରୁ ତୃଣମୂଳ କଂଗ୍ରେସରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଓ ମମତା ବାନାର୍ଜୀଙ୍କ ସରକାରରେ ଯୁବ ଓ କ୍ରୀଡ଼ାବ୍ୟାପାର ମନ୍ତ୍ରୀ ଭାବେ କାର୍ଯ୍ୟକରୁଛନ୍ତି। ସେହିପରି ପୂର୍ବତନ ଓପନର ଚେତନ ଚୌହାନ ଭାଜପା ଟିକେଟରୁ ଉତ୍ତରପ୍ରଦେଶର ଅଲମୋରାରୁ ଦୁଇଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ଏବେ ସେ ଉତ୍ତରପ୍ରଦେଶ ସରକାରରେ ଯୁବ ଓ କ୍ରୀଡ଼ାବ୍ୟାପାର ମନ୍ତ୍ରୀ ରୂପେ କାର୍ଯ୍ୟ କରୁଛନ୍ତି। ପୂର୍ବତନ ଧାବିକା ଜ୍ୟୋତିର୍ମୟୀ ସିକ୍‌ଦାର ସିପିଆଇ ଟିକେଟରୁ କ୍ରିଷନଗର ଲୋକ ସଭା ଆସନରୁ ବିଜୟୀ ହୋଇ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ପ୍ରସୂନ ବାନାର୍ଜୀ ପ୍ରଥମ ପେସାଦାର ଫୁଟବଲର ଭାବେ ରାଜନୀତିରେ ଯୋଗଦେଇ ହାଓଡା ନିର୍ବାଚନମଣ୍ଡଳୀରୁ ତୃଣମୂଳ କଂଗ୍ରେସ ଟିକେଟରୁ ନିର୍ବାଚନ ଲଢ଼ି ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବତନ ଶୁଟର ତଥା ଶିଳ୍ପପତି ନବୀନ ଜିନ୍ଦଲ ୨୦୦୪ର ହରିୟାଣାର କୁରୁକ୍ଷେତ୍ର ନିର୍ବାଚନମଣ୍ଡଳୀରୁ କଂଗ୍ରେସ ଟିକେଟରୁ ବିଜୟୀ ହୋଇଥିଲେ ଓ ୨୦୦୯ରେ ମଧ୍ୟ ନିଜ ଆସନ ବଜାୟ ରଖିଥିଲେ। ପୂର୍ବତନ ହକି ଅଧିନାୟକ ପରଗତ ସିଂ ୨୦୧୨ରେ ଶିରୋମଣି ଅକାଳୀ ଦଳରେ ଯୋଗ ଦେଇଥିଲେ ଓ ପରେ ୨୦୧୬ରେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। ୨୦୧୨ରେ ସଚିନ ତେନ୍ଦୁଲକର ବିନା ନିର୍ବାଚନ ପ୍ରକ୍ରିୟାରେ ରାଜ୍ୟ ସଭାକୁ ମନୋନୀତ ହୋଇଥିଲେ। ପ୍ରତ୍ୟକ୍ଷ ରାଜନୀତିରେ ସାମିଲହୋଇ ନ ଥିଲେ ମଧ୍ୟ କ୍ରୀଡ଼ା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ରାଜ୍ୟ ସଭାକୁ ପଠାଯାଇଥିଲା।

## ରାଜନୀତିରେ ସଫଳ ହୋଇଥିବା ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍


ଇମ୍ରାନ ଖାଁ


ଆର୍ନୋଲ୍ଡ ସ୍ୱାର୍ଜନେଗେର


ପେଲେ

କେବଳ ଆମ ଦେଶରେ ନୁହେଁ, ବିଶ୍ୱର ବିଭିନ୍ନ ଦେଶରେ ତାରକା କ୍ରୀଡ଼ାବିତ୍‌ମାନେ ରାଜନୀତିରେ ଯୋଗଦେଇ ସଫଳତାର ଶୀର୍ଷରେ ପହଞ୍ଚିପାରିଛନ୍ତି। ଏହି ସଫଳ କ୍ରୀଡ଼ାବିତ୍ ତଥା ରାଜନେତାଙ୍କ ତାଲିକା ବେଶ୍ ଲମ୍ବା। ଏମାନଙ୍କ ମଧ୍ୟରେ ପୂର୍ବତନ ପାକିସ୍ତାନ କ୍ରିକେଟର ଇମ୍ରାନ ଖାଁ ସବୁଠାରୁ ସଫଳ ବିବେଚିତ ହେଉଛନ୍ତି। ନିଜ ରାଜନୈତିକ ଦଳ ତେହରିକ-ଇ-ଇନ୍‌ସାଫ୍ ଗଢ଼ି ଇମ୍ରାନ ଏବେ ପାକିସ୍ତାନର ପ୍ରଧାନମନ୍ତ୍ରୀ ହୋଇପାରିଛନ୍ତି। ଫୁଟବଲ କିମ୍ବଦନ୍ତୀ ତଥା ବ୍ରାଜିଲର ପୂର୍ବତନ ଫୁଟବଲର ସୁପରଷ୍ଟାର ପେଲେ ୧୯୯୫ରେ ଦେଶର 'ଏକ୍ସଟ୍ରା ଅର୍ଡିନାରି ମିନିଷ୍ଟର ଅଫ୍ ସ୍ପୋର୍ଟ୍ସ' ନାମିତ ହୋଇଥିଲେ। ସେହିପରି ପୂର୍ବତନ ଫୁଟବଲର ତଥା ୧୯୯୫ ଫିଫା ଫୁଟବଲର ପ୍ଲେୟାର ଅଫ୍ ଦି ଇୟର ଜର୍ଜ ଓ୍ୱେହ ଲିବେରିଆର ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ହେଭିଓ୍ୱେଟ ବକ୍ସିଂରେ ବେଶ୍ ସଫଳତା ହାସଲ କରିଥିବା ବକ୍ସର ଭିଟାଲି କ୍ଲିସ୍‌ଚେକୋ ଏବେ ୟୁକ୍ରେନର ରାଜଧାନୀ କିଏଭର ମେୟର ଭାବେ ନିର୍ବାଚିତ ହୋଇ ସଫଳତାର ସହ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ବକ୍ସିଂ ସୁପରଷ୍ଟାର ମାନୀ ପାକ୍ୱିଓ ଫିଲିପାଇନ୍ସର ଜଣେ ସିନେଟର ଭାବେ ନିର୍ବାଚିତ ହୋଇଛନ୍ତି। ସେ ଭବିଷ୍ୟତରେ ଦେଶର ରାଷ୍ଟ୍ରପତି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବ୍ରାଜିଲ ଫୁଟବଲ ସୁପରଷ୍ଟାର ରୋମାରିଓ ଏବେ ରିଓ ଡି'ଜେନିରୋରେ ସିନେଟର ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରୁଛନ୍ତି। ମହିଳା ସ୍ପିଡ୍ ସ୍କେଟର ଜୁଡି ମାର୍ଜ ଏବେ ଆମେରିକାର ମୋଣ୍ଟାନା ପ୍ରୋଭିନ୍ସର ଗଭର୍ନର ଭାବେ ନିର୍ବାଚିତ ହୋଇଛନ୍ତି। ସେ ଏହି ପ୍ରୋଭିନ୍ସର ପ୍ରଥମ ମହିଳା ଗଭର୍ନର ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି କାନାଡ଼ାର ପୂର୍ବତନ ହକି ଖେଳାଳି କେନ୍ ଡ୍ରିଡେନ ଏବେ ଲିବେରାଲ ପାର୍ଟି ଏମ୍‌ପି ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବତନ ପେସାଦାର ବଡି ବିଲ୍ଡର ତଥା ପାଓ୍ୱାର ଲିଫ୍ଟର ଆର୍ନୋଲ୍ଡ ସ୍ୱାର୍ଜନେଗେର କାଲିଫର୍ନିଆ ପ୍ରୋଭିନ୍ସର ଗର୍ଭନର ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ସେହିପରି ପୂର୍ବତନ ବାସ୍କେଟବଲ ଖେଳାଳି ବିଲ ବ୍ରାଡଲି ଆମେରିକାର ନ୍ୟୁଜର୍ସିରୁ ୩ଥର ଡେମୋକ୍ରାଟିକ ସିନେଟର ଭାବେ ନିର୍ବାଚିତ ହୋଇଛନ୍ତି। ଶ୍ରୀଲଙ୍କା ପୂର୍ବତନ କ୍ରିକେଟ ଅଧିନାୟକ ଅର୍ଜୁନ ରାଣାତୁଙ୍ଗା ଦେଶର ସଂସଦୀୟ ନିର୍ବାଚନରେ ଅଂଶଗ୍ରହଣ କରି ବିଜୟୀ ହୋଇଥିଲେ। ସେ ମଧ୍ୟ ଦେଶର ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରେ ମନ୍ତ୍ରୀ ଭାବେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀଲଙ୍କା ପୂର୍ବତନ ବ୍ୟାଟ୍ସମ୍ୟାନ ସନତ୍ ଜୟସୁରିୟା ରାଜନୀତିରେ ଯୋଗଦେଇ ସ୍ୱଳ୍ପ ସମୟ ପାଇଁ ଡେପୁଟି ଲୋକାଲ ଗଭର୍ନମେଣ୍ଟ ଓ ରୁରାଲ ଡେଭଲପମେଣ୍ଟ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଉଗାଣ୍ଡାର ପୂର୍ବତନ ରାଷ୍ଟ୍ରପତି ତଥା ଏକଛତ୍ରବାଦୀ ଶାସକ ଇଦି ଆମିନ ରାଜନୀତିରେ ଯୋଗଦେବା ପୂର୍ବରୁ ଜଣେ ନ୍ୟାଶନାଲ ଲାଇଟ୍‌ଓ୍ୱେଟ ବକ୍ସିଂ ଚାମ୍ପିୟନ ଥିଲେ।

# ୟୁରୋ ଟି୨୦ ସ୍ଲାମ୍

**ନୂଆ ଲିଗ୍ ୟୁରୋ ଟି୨୦ ସ୍ଲାମ୍ ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡ ଓ ନେଦରଲାଣ୍ଡ୍ସରେ କ୍ରିକେଟର ପ୍ରଚାର ଓ ପ୍ରସାରରେ ବେଶ୍ ସହାୟକ ହେବ। ଫୁଟବଲ ପାଗଳ ଏହି ଦେଶଗୁଡ଼ିକରେ ଆଗାମୀ ଦିନରେ ବିଶ୍ୱସ୍ତରୀୟ କ୍ରିକେଟର ସୃଷ୍ଟି ହେବେ ବୋଲି ଟୁର୍ନାମେଣ୍ଟ ଉପଦେଷ୍ଟା କମିଟିର ସଦସ୍ୟ ଥିବା ଦୁଇ ପୂର୍ବତନ କ୍ରିକେଟର ଦିଲୀପ ଭେଙ୍ଗ୍‌ସରକାର ଓ ଓ୍ୱାସିମ ଆକ୍ରମ କହିଛନ୍ତି...**



ୟୁରୋପରେ ଏକ ନୂଆ ଟି୨୦ ଲିଗ୍ ଆରମ୍ଭ ହେବାକୁ ଯାଉଛି। ଖାସ୍‌କରି ସ୍କଟ୍‌ଲାଣ୍ଡ, ଆୟର୍ଲାଣ୍ଡ ଓ ନେଦରଲାଣ୍ଡ୍ସର ଖେଳାଳିଙ୍କ ପାଇଁ କ୍ରିକେଟର ସବୁଠାରୁ ଛୋଟିଆ ଫର୍ମାଟ ନେଇ ଖେଳାଯିବାକୁ ଥିବା ଏହି ଲିଗ୍ ସୁଯୋଗ ସୃଷ୍ଟି କରିବ। ଦେଶୀ ତଥା ସ୍ଥାନୀୟ ଖେଳାଳିଙ୍କ ସମେତ ବିଭିନ୍ନ ଆନ୍ତର୍ଜାତିକ କ୍ରିକେଟର ଏହି ଲିଗ୍‌ରେ ସାମିଲାହେବ ଓ ଭିନ୍ନ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ଏହି ଲିଗ୍‌ର ନାମ ରଖାଯାଇଛି ୟୁରୋ ଟି୨୦ ସ୍ଲାମ୍। ଲିଗ୍‌ର ପ୍ରାରମ୍ଭିକ ସଂସ୍କରଣରେ ୬ଟି ଦଳ ଅଂଶଗ୍ରହଣ କରିବେ। ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡ ଓ ନେଦରଲାଣ୍ଡ୍ସରୁ ୨ଟି ଲେଖାଏ ଦଳ ଏହି ଲିଗ୍‌ରେ ଭାଗନେବେ। ଆସନ୍ତା ଅଗଷ୍ଟ ୩୦ରୁ ଆରମ୍ଭ ହୋଇ ଏହି ଲିଗ୍ ସେପ୍ଟେମ୍ବର ୨୨ତାରିଖର ଶେଷ ହେବ। ତେବେ ଲିଗ୍‌ର ମ୍ୟାଚ୍‌ଗୁଡ଼ିକ ଡବ୍ଲିନ୍, ଏଡିନବର୍ଗ ଓ ଆମଷ୍ଟରଡାମ୍‌ରେ ଖେଳାଯିବ। ଏଥିରେ ଦୁଇଟି ସେମିଫାଇନାଲ ଓ ଫାଇନାଲ ସମେତ ମୋଟ ଉପରେ ୩୩ଟି ମ୍ୟାଚ୍ ଖେଳାଯିବ। ରାଉଣ୍ଡ–ରବିନ ଫର୍ମାଟରେ ସବୁ ଦଳ ଅଂଶଗ୍ରହଣ କରିବେ। ଟୁର୍ନାମେଣ୍ଟର ନିୟମ ଅନୁସାରେ ୯ଜଣ ସ୍ଥାନୀୟ ତଥା ଘରୋଇ ଖେଳାଳି ଓ ୭ଜଣ ବିଦେଶୀ ଖେଳାଳି ସାମିଲ ହେବେ। ତେବେ ଗୋଟିଏ ଦଳର ଅନ୍ତିମ ଏକାଦଶରେ ଅତିକମ୍‌ରେ ୬ଜଣ ଖେଳାଳିଙ୍କୁ ସାମିଲ କରାଯିବା ବାଧ୍ୟତାମୂଳକ କରାଯାଇଛି।

ଏହି ନୂଆ ଟି୨୦ ଲିଗ୍ ୩ଟି ଦେଶର ଖେଳାଳିଙ୍କ ପାଇଁ ଅପୂର୍ବ ସୁଯୋଗ ଆଣିଦେଇଛି। କ୍ରିସ୍ ଗେଲ୍, ଆନ୍ଦ୍ରେ ରସେଲଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳିଙ୍କ ସହ ଡ୍ରେସିଂ ରୁମ୍ ଶେୟାରକରି ସ୍ଥାନୀୟ ଖେଳାଳିମାନେ ନିଜକୁ ଧନ୍ୟ ମନେକରିବେ। ଆଫଗାନିସ୍ତାନ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରୁ ୩ଜଣ ଆଇକନ୍ ଖେଳାଳି ଏଥିରେ ଅଂଶଗ୍ରହଣ କରିବେ। ସେମାନେ ହେଲେ ବ୍ରେଣ୍ଡନ ମ୍ୟାକ୍କୁଲମ, ରସିଦ ଖାଁ ଓ ଶେନ୍ ଓ୍ୱାଟସନ। ସେହିପରି କ୍ରିସ୍ ଲିନ୍, ବାବର ଆଜମ ଓ ଲୁକ୍ ରୋଞ୍ଚି ୩ଜଣ ମର୍କି ଖେଳାଳି ଭାବେ ଲିଗ୍‌ରେ ସାମିଲ ହେବ। ଖୁବ୍‌ଶୀଘ୍ର ଅଧିକରୁ ଅଧିକ ଆନ୍ତର୍ଜାତିକ ତାରକା ଏଥିରେ ସାମିଲହେବ ବୋଲି ଆଶା କରାଯାଉଛି।

ପାକିସ୍ତାନ କିମ୍ବଦନ୍ତୀ ଦ୍ରୁତ ବୋଲର ଓ୍ୱାସିମ ଆକ୍ରମ ଓ ଭାରତୀୟ ପୂର୍ବତନ ଅଧିନାକୟ ଦିଲୀପ ଭେଙ୍ଗ୍‌ସରକାର ଏହି ଲିଗ୍‌ର ସଂଯୋଜକ ତଥା ମୁଖ୍ୟ ପୁରୋଧା ରୂପେ ଦାୟିତ୍ୱ ନିର୍ବାହ କରିବେ। ଏହି ଦୁଇ ପୂର୍ବତନ ଖେଳାଳି ଟୁର୍ନାମେଣ୍ଟ ଉପଦେଷ୍ଟା କମିଟିର ସଦସ୍ୟ ରହିଛନ୍ତି। ଏହି ଦେଶଗୁଡ଼ିକରେ ଫୁଟବଲ ଓ ହକିର ଲୋକପ୍ରିୟତା ରହିଛି। ତେବେ ନୂଆ ଟି୨୦ ଲିଗ୍ ଦ୍ୱାରା ଏହି ୩ଟି ଦେଶରେ କ୍ରିକେଟର ପ୍ରଚାର ତଥା ପ୍ରସାର ହୋଇପାରିବ ବୋଲି ୧୯୮୩ ବିଶ୍ୱକପ୍ ବିଜେତା ଭେଙ୍ଗ୍‌ସରକାର କହିଛନ୍ତି। ସ୍ଥାନୀୟ ଖେଳାଳିମାନେ ଏହି ଲିଗ୍‌ରୁ ଭରପୂର ଫାଇଦା ଉଠାଇପାରିବେ। ଏହି ଲିଗ୍‌ର ସଫଳତା ନେଇ ଆକ୍ରମ ମଧ୍ୟ ବେଶ୍ ଆଶାବାଦୀ ଥିବା କଥା କହିଛନ୍ତି। ଆୟର୍ଲାଣ୍ଡ, ସ୍କଟ୍‌ଲାଣ୍ଡ ଓ ନେଦରଲାଣ୍ଡ୍ସରେ ଏହା ଦ୍ୱାରା କ୍ରିକେଟର ଲୋକପ୍ରିୟତା ବୃଦ୍ଧି ପାଇବ। ଖୁବ୍‌ଶୀଘ୍ର ଏହି ୩ଟି ଦେଶରେ ବିଶ୍ୱସ୍ତରୀୟ କ୍ରିକେଟର ସୃଷ୍ଟି ହୋଇପାରିବେ ବୋଲି ଆକ୍ରମ କହିଛନ୍ତି। ମାସେବ୍ୟାପୀ ଆନ୍ତର୍ଜାତିକ ଖେଳାଳିମାନେ ଲିଗ୍ ଖେଳିବା ବେଳେ ଉପସ୍ଥିତ ରହିବେ। ସ୍ଥାନୀୟ ଖେଳାଳିମାନେ ଆନ୍ତର୍ଜାତିକ ଖେଳାଳିଙ୍କ ସହ ଡ୍ରେସିଂ ରୁମ୍ ଶେୟାର କରିବା ସହ ସେମାନଙ୍କ ସହ ଅଭ୍ୟାସ କରିବେ। ଫଳରେ ଖେଳାଳିଙ୍କ ଆତ୍ମବିଶ୍ୱାସରେ ବୃଦ୍ଧି ଘଟିବ ବୋଲି ଆକ୍ରମ କହିଛନ୍ତି। ଲୋକପ୍ରିୟତା ଓ ଛୋଟିଆ ଫର୍ମାଟ କାରଣରୁ ଟି୨୦ ଆଦୃତ ହୋଇପାରିବ। ଛକା,ଚୌକା, ଲାଷ୍ଟବଲ ଫିନିସ୍, ମ୍ୟାଚ୍‌ଗୁଡ଼ିକର ରୋମାଞ୍ଚକ ପରିସମାପ୍ତି ଦର୍ଶକଙ୍କୁ ବେଶ୍ ଆମୋଦିତ କରିବ। ୟୁରୋ ଟି୨୦ ସ୍ଲାମ୍ ଆଶାତୀତ ସଫଳତା ହାସଲ କରିବ ଓ ଏହାର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଆକ୍ରମ ଓ ଭେଙ୍ଗ୍‌ସରକାର କହିଛନ୍ତି।

## ଆଉଟ୍



ଶାଶୁ ଘରେ ନିର୍ଯାତନା ପାଇ ବୋହୂ
ହସିନ୍ ଜାହାନ ଦୁଃଖୀ
ଘରୁ ତଡା ଖାଇ ଓଲଟା ଗିରଫ
ସ୍ୱାମୀ ସାମି ଦେଲା ଲେଖି
ପୋଲସି ସର୍ବଦା ସୁଖୀ
ଅଭିଯୁକ୍ତ ଅବା ଅଭିଯୋଗକାରୀ
ଠୁକି ଦେଲେ ଦିଏ ଠକି।।୧

ଇଂଲଣ୍ଡ ଓ୍ୱାର୍ଲ୍ଡକପ୍ ଟିମ୍‌ରୁ ବିଦା
ଇଂଲଣ୍ଡର ଆଲିକସ୍
ଡ୍ରଗସ୍ ସେବନ ମହଙ୍ଗା ପଡ଼ିଲା
ଚିନ୍ତା ବଢ଼ାଇଲା ଦୋଷ
ଚୋରି, ନାରୀ, ମଦ, ମାଂସ
ଆଡିକ୍‌ଟେଡ ହେଲେ ଟ୍ରାକ୍‌ରୁ ଆଉଟ୍
ବ୍ୟକ୍ତି ଜୀବ ଯାଏ ନାଶ।।୨

ବିରାଟ ନକଲି ରୟାଲ ବାହିନୀ
ଆଇପିଏଲ୍‌ରୁ ବିଦା
ଶ୍ରେୟାସ ଗୋପାଲ ହ୍ୟାଟ୍ରିକ ବୁମେରାଂ
ପାଇଁ ବାଙ୍ଗାଲୋର ପଦା
ଇଂଲଣ୍ଡ ଯାଆ ସିଧା
ସେଠି ବିଦା ହେଲେ ପ୍ରକୃତ ବିଦାୟ
ଜାଣିବୁ ଜାଣିଥା ଗଦା।।୩

–ସୁବାସ ଚନ୍ଦ୍ର ପ୍ରଧାନ

| Dollar | Sensex | Nifty | Gold | Silver |
|---|---|---|---|---|
| 69.37 (19) | 38,981.43 (50.12) | 11,724.75 (23.40) | 32,620.00 (₹250) | 37,700.00 (₹825) |



ଇସିଏସ୍ ମଦରବୋର୍ଡ ବ୍ୟବସାୟରେ ଯଥେଷ୍ଟ ଉନ୍ନତି କରୁଛି। ଚଳିତ ଆର୍ଥିକ ବର୍ଷରେ ଏହି ସେଗ୍‌ମେଣ୍ଟରେ ଏହାର ବ୍ୟବସାୟ ବୃଦ୍ଧି ପାଇବ ବୋଲି କମ୍ପାନୀର ଆଶା।

**– ରାଜଶେଖର ଭାଟ୍, କଣ୍ଟ୍ରି ମ୍ୟାନେଜର, ଇସିଏସ୍**

ଲୌରସ୍ ଲ୍ୟାବ୍ ନୂଆ ମେଡିସିନ୍ ଉତ୍ପାଦ ବଳରେ ଏହାର ଅଭିବୃଦ୍ଧିକୁ ଜାରି ରଖିବ। ଶେଷ ହୋଇଥିବା ଆର୍ଥିକ ବର୍ଷରେ କମ୍ପାନୀର ପ୍ରଦର୍ଶନରେ ଖୁସି।

**– ସତ୍ୟନାରାୟଣ ଚାଭା, ସିଇଓ, ଲୌରସ ଲ୍ୟାବ୍**



## ସଂକ୍ଷେପରେ

### ୭ ଲକ୍ଷ କମିଛି ଆଇଟି ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା



**ନୂଆଦିଲ୍ଲୀ,୨-୫:** ଦେଶରେ ଆୟକର ରିଟର୍ନ ଦାଖଲକାରୀଙ୍କ ସଂଖ୍ୟା ୨୦୧୮-୧୯ରେ ୭ ଲକ୍ଷ ଅର୍ଥାତ୍ ପ୍ରାୟ ୧ ପ୍ରତିଶତ କମିଛି ବୋଲି ବ୍ରୋକରେଜ କମ୍ପାନୀ କୋଟାକ୍ ସିକ୍ୟୁରିଟିଜ ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥବରେ କୁହାଯାଇଛି ଯେ, ୨୦୧୮-୧୯ରେ ୬.୬୮ କୋଟି ରିଟର୍ନ ଦାଖଲ କରାଯାଇଛି। ଗତବର୍ଷ ଏହି ସମୟରେ ଏହା ୬.୭୫ କୋଟି ଥିଲା। କେନ୍ଦ୍ର ସରକାର ଟିକସ ବଢ଼ାଇବା ଲାଗି କ୍ରମାଗତ ପ୍ରୟାସ କରୁଥିବା ବେଳେ ଏହି ରିପୋର୍ଟ ଭିନ୍ନ କଥା ଦର୍ଶାଉଛି। ରିଟର୍ନ ଦାଖଲ ହ୍ରାସର କାରଣ ନେଇ ରିପୋର୍ଟରେ ଚିନ୍ତାବ୍ୟକ୍ତ କରାଯାଇଛି। ଏଥିରେ କୁହାଯାଇଛି ଯେ, ବିମୁଦ୍ରୀକରଣ ପରେ ଟିକସ ଆଧାର ବୃଦ୍ଧି ପାଇବ ବୋଲି ମନେକରାଯାଉଥିଲା। ଏଭଳି ସ୍ଥିତିରେ ଟିକସଦାତାଙ୍କ ସଂଖ୍ୟା କମିବା ଆଶ୍ଚର୍ଯ୍ୟର କଥା।

### ୬ ଟଙ୍କା ବଢ଼ିଲା ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର

**ନୂଆଦିଲ୍ଲୀ,୨-୫:** ଲୋକ ସଭା ନିର୍ବାଚନ ଚାଲିଥିବା ବେଳେ ତୈଳ ବିତରଣ କମ୍ପାନୀଗୁଡ଼ିକ ଦିଲ୍ଲୀ ଓ ମୁମ୍ବାଇରେ ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦରରେ ୬ ଟଙ୍କା ବୃଦ୍ଧି କରିଛନ୍ତି। ଏହି ଦୁଇ ସହରରେ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର



ଯଥାକ୍ରମେ ୨୮ ପଇସା ଏବଂ ୨୯ ପଇସା ବୃଦ୍ଧି କରିଛି। ଏହି ବୃଦ୍ଧି ଯୋଗୁ ଦିଲ୍ଲୀରେ ଅଣ ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ୭୧୨.୫୦ ଟଙ୍କା ଏବଂ ମୁମ୍ବାଇରେ ୬୮୪.୫୦ ଟଙ୍କା ହୋଇଛି। ସେହିପରି ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦର ଯଥାକ୍ରମେ ୪୯୬.୧୪ ଟଙ୍କା ଏବଂ ୪୯୩.୮୬ ଟଙ୍କା ହୋଇଛି। ସୂଚନାଥାଉ କି, ଗୋଟିଏ ମାସ ଭିତରେ ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦରରେ ୧୧ ଟଙ୍କା ବୃଦ୍ଧି ପାଇଛି।

### ଚାଷୀଙ୍କ ବିରୋଧରେ ମାମଲା ପ୍ରତ୍ୟାହାର କରିବ ପେପ୍ସିକୋ

**ନୂଆଦିଲ୍ଲୀ,୨-୫:** ଆମେରିକାର ଶୀର୍ଷ କମ୍ପାନୀ ପେପ୍ସିକୋ ଶେଷରେ ଚାଷୀଙ୍କ ନିକଟରେ ମୁଣ୍ଡ ନୁଆଁଇଛି। ଗୁଜରାଟର ୪ ଚାଷୀଙ୍କ ବିରୋଧରେ ଆଗତ ମାମଲାକୁ ଏହା ପ୍ରତ୍ୟାହାର କରିନେବ ବୋଲି ଗୁରୁବାର କହିଛି। କମ୍ପାନୀ ମୁଖପାତ୍ର କହିଛନ୍ତି ଯେ, ସରକାରଙ୍କ ସହ ଆଲୋଚନା ପରେ ମାମଲା ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନାଥାଉ କି, ଏଫ୍‌ସି୫ ନାମକ ସ୍ୱତନ୍ତ୍ର ଧରଣର ଆଳୁ ବିହନ ଚାଷ କରିବା ଅଭିଯୋଗରେ ପେପ୍ସିକୋ ଇଣ୍ଡିଆ ଗୁଜରାଟ ସାବରକାଣ୍ଠାର ୪ ଚାଷୀଙ୍କ ବିରୋଧରେ ମାମଲା ଦାଏର କରିଥିଲା। କମ୍ପାନୀ ଏହି ସ୍ୱତନ୍ତ୍ର ଧରଣର ଆଳୁରୁ 'ଲେଜ' ବ୍ରାଣ୍ଡର ଚିପ୍‌ସ ପ୍ରସ୍ତୁତ କରୁଛି ବୋଲି ମାମଲାରେ ଦର୍ଶାଯାଇଥିଲା।

### ବୁଲେଟ ପ୍ରୁଫ୍ ଅଫିସରେ ବସୁଛନ୍ତି ବେଜୋସ୍



**ସାନଫ୍ରାନ୍ସିସ୍କୋ,୨-୫:**ଆମାଜନ ମୁଖ୍ୟ ଜେଫ୍ ବେଜୋସ୍‌ଙ୍କ ସୁରକ୍ଷା ବଢ଼ାଇ ଦିଆଯାଇଛି। ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତିଙ୍କ ଅଫିସ୍‌ରେ ବୁଲେଟ ପ୍ରୁଫ୍ କାଚ ଲଗାଯାଇଛି। ଏହା ଏଭଳି କାଚ୍ ଯେ, ଏହା ଆସଲ୍ଟ ରାଇଫଲ ଗୁଳିକୁ ମଧ ରୋକିପାରିବ। ମିଡିଆ ରିପୋର୍ଟ ଅନୁଯାୟୀ ପ୍ରାୟ ୧,୮୦,୦୦୦ ଡଲାର (ପ୍ରାୟ ୧.୨୫ କୋଟି ଟଙ୍କା) ଏଥିପାଇଁ ଖର୍ଚ୍ଚ କରାଯାଇଛି। ଆମାଜନ ମୁଖ୍ୟଙ୍କ ସୁରକ୍ଷା ପାଇଁ ବର୍ଷକୁ ପ୍ରାୟ ୧୬ ଲକ୍ଷ ଡଲାର (୧୧.୧୨ କୋଟି ଟଙ୍କା) ଖର୍ଚ୍ଚ କରାଯାଉଛି। ଅନ୍ୟ ମାନଙ୍କ ମଧରେ ଆପଲ୍ ସିଇଓ ଟିମ୍ କୁକ୍‌ଙ୍କ ସୁରକ୍ଷା ପାଇଁ କମ୍ପାନୀ ୨.୧୫ କୋଟି ଟଙ୍କା,ଓରାକଲ୍ ସିଇଓ ଲ୍ୟାରୀ ଏଲିସନଙ୍କ ସୁରକ୍ଷାରେ ୧୬ ଲକ୍ଷ ଡଲାର, ଫେସ୍‌ବୁକ୍ ସିଇଓ ମାର୍କ ଜୁକରବର୍ଗଙ୍କ ସୁରକ୍ଷାରେ ୧.୩୯ ବିଲିୟନ ଟଙ୍କା ଖର୍ଚ୍ଚ କରାଯାଉଛି।

## ■ ରେକର୍ଡ ଯାଞ୍ଚରୁ ପର୍ଦ୍ଦାଫାଶ

# କୋଚରଙ୍କ ଆଉ ଏକ ଜାଲିଆତିରେ ସମ୍ପୃକ୍ତ

**ନୂଆଦିଲ୍ଲୀ,୨-୫**

ଭିଡିଓକନ ଗ୍ରୁପ୍‌କୁ ଋଣ ଦେବା ମାମଲାରେ ଆଇସିଆଇସିଆଇ ବ୍ୟାଙ୍କ ସିଇଓ ତଥା ଏମ୍‌ଡି ପଦରୁ ଇସ୍ତଫା ଦେଇଥିବା ଚନ୍ଦା କୋଚରଙ୍କ ବିରୋଧରେ ଆଉ ଏକ ଋଣ ଜାଲିଆତି ମାମଲା ସାମ୍ନାକୁ ଆସିଛି। ମରିସସ୍‌ର ହୋଲ୍ଡିଂ କମ୍ପାନୀ ଏସାର ଷ୍ଟିଲ୍ ମିନେସୋଟା ଏଲ୍‌ଏଲ୍‌ସିକୁ ୩୬.୫ କୋଟି ଡଲାର ଋଣ ଦେବା ମାମଲାରେ ଚନ୍ଦା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ବାଟବଣା କରିଥିଲେ ବୋଲି ଅଭିଯୋଗ ହୋଇଛି। ଏହି ଋଣ ପ୍ରଦାନରେ ଅନିୟମିତତା ହୋଇଥିବା ଆର୍‌ବିଆଇ କହିଛି। ଏକ ଇଂଲିଶ୍ ଖବରକାଗଜ ପକ୍ଷରୁ କରାଯାଇଥିବା ଯାଞ୍ଚ ଏବଂ ତଦନ୍ତକାରୀ ଅଧିକାରୀଙ୍କ ଇଣ୍ଟରଭ୍ୟୁରୁ ଜଣାପଡିଛି ଯେ, ଏସାର ଷ୍ଟିଲ୍ ମିନେସୋଟା ପ୍ରକଳ୍ପର ଷ୍ଟିଲ ପେଲେଟ ଉତ୍ପାଦନ କ୍ଷମତାକୁ ୪.୧ ମେଟ୍ରିକ ଟନରୁ ବଢ଼ାଇ ୭ ମେଟ୍ରିକ ଟନ କରିବା ଲାଗି ଆବଶ୍ୟକ ଋଣକୁ



ଆସିଆଇସିଆଇ ବ୍ୟାଙ୍କ ୨୦୧୪ ଜୁନ୍‌ରେ ମଞ୍ଜୁର କରିଥିବା ବେଳେ ଏହା ଉପରେ ଆର୍‌ବିଆଇ ପ୍ରଶ୍ନ ଉଠାଇଥିଲା। ଆର୍‌ବିଆଇ ଏହି ଋଣକୁ ଏଭରଗ୍ରିନିଂ ଲୋନ୍ ବୋଲି ଉଲ୍ଲେଖ କରିଥିଲା, କାରଣ ଏହି କମ୍ପାନୀ ଦ୍ୱାରା ପୂର୍ବରୁ ନିଆଯାଇଥିବା ଋଣ ଫେରସ୍ତ କରିବା ପୂର୍ବରୁ ଆଉ ଏକ ଋଣ ପ୍ରଦାନ କରାଯାଇଥିଲା। ଆର୍‌ବିଆଇ ଏହି ଋଣକୁ ସବ୍‌ଷ୍ଟାଣ୍ଡାର୍ଡ ଆସେଟ୍‌ରେ ବର୍ଗୀକରଣ କରିବା ଲାଗି କହିଥିଲା। ଆର୍‌ବିଆଇ ୩୬.୫ କୋଟି ଡଲାର ଋଣ ପ୍ରଦାନ ନେଇ ପ୍ରଶ୍ନ ଉଠାଇବା ପରେ ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ନିଜ ସ୍ପଷ୍ଟୀକରଣରେ କେନ୍ଦ୍ରୀୟ ବ୍ୟାଙ୍କକୁ ବାଟବଣା କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଏହା କେବଳ ପ୍ରକଳ୍ପ କ୍ଷମତା ବୃଦ୍ଧି ଲାଗି ଅନୁମତି ଦେଇଛି। ଏଥିଲାଗି ଅତିରିକ୍ତ ପାଣ୍ଠି ଯୋଗାଇ ନାହିଁ। ତେବେ ଯାଞ୍ଚରୁ ଏହି ଦାବି ଭିତ୍ତିହୀନ ବୋଲି ଜଣାପଡିଛି। ବ୍ୟାଙ୍କ ୨୦୧୪ ଜୁନ୍‌ରେ ୩୬.୫ କୋଟି ଡଲାର ଋଣ ଦେଇଥିଲା। ଯାଞ୍ଚରୁ ଜଣାପଡିଛି ଯେ, ଏସାର ଷ୍ଟିଲ୍‌ର ଋଣ ଆବେଦନକୁ ମଞ୍ଜୁର କରିଥିବା ବ୍ୟାଙ୍କ କମିଟିରେ ଚନ୍ଦା କୋଚର ସାମିଲ ଥିଲେ।

> ■ ୩୬.୫ କୋଟି ଡଲାର ଋଣ ଦେଇଥିଲା ଆଇସିଆଇସିଆଇ ବ୍ୟାଙ୍କ
>
> ■ ଋଣ ପ୍ରଦାନରେ ଅନିୟମିତତା ହୋଇଛି

## ୧.୧୩ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ

**ନୂଆଦିଲ୍ଲୀ,୨-୫**




ସାମଗ୍ରୀ ଏବଂ ସେବା ଟିକସ (ଜିଏସ୍‌ଟି) ଆଦାୟ ଏପ୍ରିଲରେ ୧.୧୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହା କି ଏକ ରେକର୍ଡ ସ୍ତର କୁହାଯାଉଛି। ଗତ ମାସରେ ଏହା ୧.୦୬ ଲକ୍ଷ କୋଟି ଟଙ୍କା ଥିଲା। ସରକାରଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟରେ କୁହାଯାଇଛି ଯେ, ୨୦୧୯ ଏପ୍ରିଲରେ ଜିଏସ୍‌ଟି ଆଦାୟ ୧,୧୩,୮୬୫ କୋଟି ଟଙ୍କା ହୋଇଛି। ତନ୍ମଧ୍ୟରେ କେନ୍ଦ୍ରୀୟ ଜିଏସ୍‌ଟି ଆଦାୟ ୨୧,୧୬୩ କୋଟି ଟଙ୍କା, ରାଜ୍ୟ ଜିଏସ୍‌ଟି ୨୮,୮୦୧ କୋଟି ଟଙ୍କା, ଏକୀକୃତ ଜିଏସ୍‌ଟି ୫୪,୭୩୩ କୋଟି ଟଙ୍କା ହୋଇଛି। ସରକାରଙ୍କ ପକ୍ଷରୁ ଜାରି ବିବୃତି ଅନୁଯାୟୀ ଏପ୍ରିଲ ୩୦ ସୁଦ୍ଧା ମାର୍ଚ୍ଚ ପାଇଁ ମୋଟ ୭୨.୧୩ ଲକ୍ଷ ସଂକ୍ଷିପ୍ତ ବିକ୍ରି ରିଟର୍ନ ଜିଏସ୍‌ଟିଆର୍-୩ବି ଦାଏର କରାଯାଇଛି। ଏପ୍ରିଲ, ୨୦୧୮ ତୁଳନାରେ ଚଳିତ ବର୍ଷ ଏପ୍ରିଲରେ ଜିଏସ୍‌ଟି ଆଦାୟ ୧୦.୦୫ ପ୍ରତିଶତ ବଢ଼ିଛି। ଗତବର୍ଷ ଏପ୍ରିଲରେ ୧,୦୩,୪୫୯ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା। ଇତିମଧ୍ୟରେ କେନ୍ଦ୍ର ସରକାର ୨୦,୩୭୦ କୋଟି ସିଜିଏସ୍‌ଟି, ୧୫,୯୭୫ କୋଟି ଏସ୍‌ଜିଏସ୍‌ଟି ଏବଂ ଆଇଜିଏସ୍‌ଟି ବାବଦରେ ୧୨,୦୦୦ କୋଟି ଟଙ୍କା ରାଜ୍ୟ ସରକାରଗୁଡ଼ିକୁ ବାଣ୍ଟିଛନ୍ତି।

## ଏପ୍ରିଲରେ ମାନୁଫାକ୍ଚରିଂ ସେକ୍ଟର ଧିମା

**ନୂଆଦିଲ୍ଲୀ,୨-୫**

ଦେଶରେ ମାନୁଫାକ୍ଚରିଂ ଗତିବିଧି ଏପ୍ରିଲରେ ଧିମା ହୋଇ ଗତ ୮ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଯାଇଛି। ସାଧାରଣ ନିର୍ବାଚନ ଚାଲିବା ଏବଂ ଆହ୍ୱାନପୂର୍ଣ୍ଣ ଆର୍ଥିକ ପରିବେଶକୁ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଗୁରୁବାର ଜାରି ମାସିକ ସର୍ବେକ୍ଷଣ ରିପୋର୍ଟରେ କୁହାଯାଇଛି ଯେ, ନିକ୍କେଇ ଇଣ୍ଡିଆ ମାନୁଫାକ୍ଚରିଂ ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ(ପିଏମ୍‌ଆଇ) ଏପ୍ରିଲରେ ହ୍ରାସ ପାଇ ୫୧.୮ ପଏଣ୍ଟରେ ପହଞ୍ଚିଛି, ଯାହା କି ମାର୍ଚ୍ଚରେ ୫୨.୬ ଥିଲା। ୨୦୧୮ ଅଗଷ୍ଟ ପରେ ମାନୁଫାକ୍ଚରିଂ ଗତିବିଧିରେ ଏହା ସର୍ବନିମ୍ନ ସ୍ତର କୁହାଯାଉଛି। ତେବେ କ୍ରମାଗତ ୨୧ତମ ସପ୍ତାହ ହେବ ମାନୁଫାକ୍ଚରିଂ ସେକ୍ଟରର ପିଏମ୍‌ଆଇ ୫୦ ପଏଣ୍ଟ ଉର୍ଦ୍ଧ୍ୱରେ ରହିଛି। ପିଏମ୍‌ଆଇ ୫୦ ପଏଣ୍ଟ ଉପରେ ରହିବା ମାନୁଫାକ୍ଚରିଂ କ୍ଷେତ୍ର ଗତିବିଧି ବିସ୍ତାର ଲାଭ କରୁଛି। ଅନ୍ୟପକ୍ଷରେ ଏହା ହ୍ରାସ ପାଇଲେଏହାକୁ ସଙ୍କୋଚନ ବୋଲି କୁହାଯାଇଥାଏ। ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ, ମାନୁଫାକ୍ଚରିଂ ସେକ୍ଟରରେ ବିସ୍ତାର ହେଉଛି ସତ,କିନ୍ତୁ ପିଛିଲା ୮ ମାସ ଭିତରେ ଏହା ଧିମା ପଡିଛି।

## ସିଣ୍ଡିକେଟ ବ୍ୟାଙ୍କର ନୂତନ କ୍ଷେତ୍ରୀୟ ମୁଖ୍ୟ

**ଭୁବନେଶ୍ୱର,୨-୫**

ସିଣ୍ଡିକେଟ ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ର-୧ର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ମୂରଲୀଧର ବେହେରା ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଏହା ସହ ସେ ଓଡ଼ିଶାର ଉପଆଞ୍ଚଳିକ ପ୍ରବନ୍ଧକ ଦାୟିତ୍ୱରେ ମଧ୍ୟ କାର୍ଯ୍ୟ କରିବେ। ସେ ୧୯୮୫ରେ ବ୍ୟାଙ୍କିଂ କ୍ଷେତ୍ରରେ ପ୍ରବେଶ କରିଥିଲେ। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟକରିବା ସହ ଅଭିଜ୍ଞତା ହାସଲ କରିଛନ୍ତି। ନୂଆ ଦାୟିତ୍ୱ ପୂର୍ବରୁ ସେ କୋଲକାତା ଜୋନାଲ ଅଫିସରରେ ସହାୟକ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। କ୍ଷେତ୍ରୀୟ



ମୁଖ୍ୟ ରୂପେ ସେ ରିଟେଲ,କୃଷି, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଗୁରୁତ୍ୱ ପ୍ରଦାନ ସହ ଏନ୍‌ପିଏ ହ୍ରାସ ଦିଗରେ କାର୍ଯ୍ୟ କରିବେ ବୋଲି ସୂଚନା ଦେଇଛନ୍ତି। ଏହା ସହ ରାଜ୍ୟର ସାମାଜିକ ଏବଂ ଅର୍ଥନୈତିକ ବିକାଶ ଦିଗରେ ସିଣ୍ଡିକେଟ ବ୍ୟାଙ୍କ ନିଜର ଯୋଗଦାନ ରଖିବ ବୋଲି ପ୍ରକାଶ କରିଛନ୍ତି।

## ଜାମିନ ପାଇଁ ନୀରବ ମୋଦି ଛଟପଟ



**ଲଣ୍ଡନ,୨-୫**

ପଳାତକ ହୀରା ବ୍ୟବସାୟୀ ନୀରବ ମୋଦି ଜାମିନ ପାଇବା ଲାଗି ଛଟପଟ ହେଲେଣି। ବ୍ରିଟେନ ଅଦାଲତରେ ଆସନ୍ତା ୮ରେ ପୁଣିଥରେ ସେ ଜାମିନ ପାଇବା ଲାଗି ଆବେଦନ କରିବେ ବୋଲି ଜଣାପଡିଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କା ଋଣଠକେଇ କରିବା ତଥା ମନିଲଣ୍ଡରିଂ ମାମଲାରେ ମୋଦିଙ୍କୁ ଭାରତ ଆଣିବା ଲାଗି ପ୍ରୟାସ ଜାରି ରହିଛି। ତାଙ୍କର ଦୁଇଥର ଜାମିନ ଆବେଦନ ରଦ୍ଦ ହୋଇସାରିଛି। ବର୍ତ୍ତମାନ ତାଙ୍କୁ ଲଣ୍ଡନର ୱାଣ୍ଡସୱର୍ଥ ଜେଲରେ ରଖାଯାଇଛି। ତାଙ୍କୁ ମାର୍ଚ୍ଚ ୧୯ରେ ଗିରଫ କରାଯାଇଥିଲା। ଜାମିନ ପାଇବା ଲାଗି ତୃତୀୟ ପ୍ରୟାସ ସ୍ୱରୂପ ମୋଦିଙ୍କୁ ଆସନ୍ତା ୮ରେ ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟଙ୍କ ମୁଖ୍ୟ ମାଜିଷ୍ଟ୍ରେଟ ଇମା ଆର୍ବୁଥନଟଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ। ପ୍ରତ୍ୟର୍ପଣ ମାମଲାରେ ଭାରତର ପ୍ରତିନିଧିତ୍ୱ କରୁଥିବା କ୍ରାଉନ ପ୍ରୋସିକ୍ୟୁଶନ ସର୍ଭିସ ମୁଖପାତ୍ର କହିଛନ୍ତି ଯେ, ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୮ରେ ହେବ। ଜଜ୍ ଇମା ଆର୍ବୁଥନଟ ଜାମିନ ଆବେଦନର ବିଚାର କରିବେ। ଏଥିପୂର୍ବରୁ ଗତ ମାସ ୨୬ରେ ମୋଦିଙ୍କୁ ଭିଡିଓ କନଫରେନ୍ସିଂ ଜରିଆରେ ହାଜର କରାଯାଇଥିଲା। ମୋଦି ଆତ୍ମସମର୍ପଣ କରିବା ସମ୍ଭାବନା କମ୍ ଦର୍ଶାଇ ଏଥିପୂର୍ବରୁ ବିଚାରପତି ତାଙ୍କର ଦୁଇଥର ଜାମିନ ଆବେଦନ ଖାରଜ କରିଦେଇଥିଲେ।

## ରିଲାଏନ୍ସ ଜୁଏଲ୍ସର ଅକ୍ଷୟ ତୃତୀୟା ଅଫର

**ଭୁବନେଶ୍ୱର,୨-୫**

ପ୍ରମୁଖ ଗହଣା ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ଅକ୍ଷୟ ତୃତୀୟା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ନୂଆ ଅପୂର୍ବମ୍ କଲେକ୍ସନ ବଜାରକୁ ଆସିଛି। ଭାରତୀୟ କାରିଗରି ଏବଂ ପରମ୍ପରାକୁ ଏଥିରେ ସାମିଲ କରାଯାଇଛି। ଦକ୍ଷିଣ ଏବଂ ଉତ୍ତର ଭାରତର ଛାପ ଏଥିରେ ଦେଖିବାକୁ ମିଳିବ। ଗହଣାଗୁଡିକ ବିବାହ,ପର୍ବପର୍ବାଣିକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସାରା ଦେଶରେ ଥିବା କମ୍ପାନୀର ଅଧିକୃତ ଶୋ'ରୁମଗୁଡିକରେ ଉକ୍ତ କଲେକ୍ସନ ଗ୍ରାହକ ଲାଭ କରି



ପାରିବେ। ସେହିଭଳି ଅକ୍ଷୟ ତୃତୀୟା ଅବସରରେ ଗ୍ରାହକମାନେ କମ୍ପାନୀର ଶୋ'ରୁମରୁ ସୁନା ଗହଣା ଗଢ଼ାମୂଲ୍ୟରେ ଫ୍ଲାଟ ୨୫% ରିହାତି ଏବଂ ହୀରାଗହଣା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। ଏହା ଚଳିତ ମାସ ୭ ତାରିଖ ଯାଏ ଉପଲବ୍ଧ ହେବ ବୋଲି ରିଲାଏନ୍ସ ଜୁଏଲ୍ସ ପକ୍ଷରୁ ସୂଚନା ରହିଛି।

## ହୋଣ୍ଡା କାର୍‌ସର ଏପ୍ରିଲ ମାସ ବିକ୍ରି ବଢ଼ିଲା

**ନୂଆଦିଲ୍ଲୀ,୨-୫**

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ଚଳିତ ବର୍ଷ ଏପ୍ରିଲ ମାସରେ ଦେଶ ମଧ୍ୟରେ ୧୧,୨୭୧ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ଗତବର୍ଷ ସମାନ ସମୟରେ ଏହା ୯,୧୪୩ ୟୁନିଟ ଥିବା ବେଳେ ଏଥିରେ ୨୩% ଅଭିବୃଦ୍ଧି ଘଟିଥିବା ଏହା ପ୍ରକାଶ କରିଛି। ଏପ୍ରିଲରେ କମ୍ପାନୀ ବିଦେଶକୁ ୨୨୦ ୟୁନିଟ ଯାନ ରପ୍ତାନି କରିଛି। ତୈଳ ଦର ଅସ୍ଥିରତା, କାର୍ ମୂଲ୍ୟ ବୃଦ୍ଧି, ନୂଆ ନିୟମ, ଇନଭେଷ୍ଟୋରି ନିୟନ୍ତ୍ରଣରେ ପ୍ରଭାବ ଏବଂ ବିଏସ୍-୬ ଅନୁପାଳନ ଭଳି କେତେକ ପ୍ରସଙ୍ଗ କାର୍ ବିକ୍ରିକୁ ପ୍ରଭାବିତ କରିଥିବା ହୋଣ୍ଡା କାର୍‌ସ ଇଣ୍ଡିଆର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ କହିଛନ୍ତି।

## ଟିଭିଏସ୍‌ର ଆର୍ଥିକ ଫଳାଫଳ ଘୋଷଣା

**ଚେନ୍ନାଇ,୨-୫**

ଟିଭିଏସ୍ ମୋଟର କମ୍ପାନୀ ଟିଭିଏସ୍ ପକ୍ଷରୁ ୨୦୧୮-୧୯ର ଆର୍ଥିକ ଫଳାଫଳ ଘୋଷଣା କରାଯାଇଛି। ଏହି ସମୟରେ କମ୍ପାନୀ ୩୯.୧୪ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ଏହାର ମୋଟ ଯାନ ବିକ୍ରିରେ ୧୨.୯% ଅଭିବୃଦ୍ଧି ଘଟିଛି। ଟିଭିଏସ୍‌ର ମୋଟ ରାଜସ୍ୱ ୧୯.୩% ବୃଦ୍ଧି ଘଟି ୧୮,୨୧୭.୫ କୋଟି ଟଙ୍କା ରହିଛି। ରାଡିଅନ ମଡେଲର ବଜାର ପ୍ରବେଶ ସହ ଏହା ବଜାରସ୍ଥିତିକୁ ଦୃଢ଼ କରିଥିବା ସୂଚନା ଦେଇଛି। ୨୦୧୮-୧୯ ଚତୁର୍ଥ ତ୍ରୈମାସରେ କମ୍ପାନୀର ରାଜସ୍ୱ ୯.୨% ବୃଦ୍ଧି ଘଟିଛି। ଏହା ୨୦୧୭-୧୮ରେ ସମାନ ସମୟରେ ୪,୦୧୬.୮ କୋଟି ଟଙ୍କା ଥିବା ବେଳେ ୨୦୧୮-୧୯ରେ ୪,୩୮୭.୬ କୋଟିକୁ ବଢିଛି। ଏହି ସମୟରେ କମ୍ପାନୀର ଟିକସ ପୂର୍ବବର୍ତ୍ତୀ ଲାଭ ୧୮୩.୯ କୋଟି ଏବଂ ଟିକସ ପରବର୍ତ୍ତୀ ଲାଭ ୧୩୪.୩ କୋଟି ଟଙ୍କା ରହିଛି ବୋଲି ପ୍ରକାଶ କରିଛି।

## ପେନ୍‌ସନ ଯୋଜନାକୁ ସେଲ୍‌ର ମଞ୍ଜୁରୀ

**ଭୁବନେଶ୍ୱର,୨-୫**

ରାଷ୍ଟ୍ରାୟତ୍ତ ଇସ୍ପାତ ଉତ୍ପାଦନକାରୀ ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍) ପକ୍ଷରୁ ଏହାର କର୍ମଚାରୀଙ୍କ ଲାଗି ପେନ୍‌ସନ ଯୋଜନାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାର ଲାଭ ସେବାନିବୃତ୍ତ ଏବଂ କାର୍ଯ୍ୟରତ କର୍ମଚାରୀମାନେ ନେଇପାରିବେ। ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଏହାକୁ ମଞ୍ଜୁରୀ ମିଳିବା ପରେ କମ୍ପାନୀ ଯୋଜନାକୁ କାର୍ଯ୍ୟକାରୀ କରାଇବାକୁ ନିଷ୍ପତ୍ତି ନେଇଛି। ନିଷ୍ପତ୍ତି ମୁତାବକ କମ୍ପାନୀ ଏହାର ଏକଜିକ୍ୟୁଟିଭ୍ ଏମ୍ପ୍ଲଇ ଏବଂ ଅଣ ଏକଜିକ୍ୟୁଟିଭ୍ ଏମ୍ପ୍ଲଇ ମାନେ ଲାଭବାନ ହୋଇପାରିବେ। ୨୦୦୭ ଜାନୁୟାରୀ ପହିଲାଠାରୁ କାର୍ଯ୍ୟରତ ଏକଜିକ୍ୟୁଟିଭ ଏମ୍ପ୍ଲଇ ଏବଂ ୨୦୧୨ ଜାନୁୟାରୀ ପହିଲାଠାରୁ କାର୍ଯ୍ୟ କରୁଥିବା ଅଣ ଏକଜିକ୍ୟୁଟିଭ୍ ଏମ୍ପ୍ଲଇଙ୍କ ଲାଗି ଏହା ଲାଗୁ ହେବ। ଏହା ଦ୍ୱାରା ସେଲର ୫୫ ହଜାର ସେବା ନିବୃତ୍ତ ଅଧିକାରୀ ଏବଂ କର୍ମଚାରୀ ଲାଭବାନ ହେବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଅଧିକ ପେନସନକୁ ବିରୋଧ କରିବ ଇପିଏଫ୍‌ଓ

**ନୂଆଦିଲ୍ଲୀ,୨-୫**




ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ଅଧିକ ପେନସନ ଦେବା ଲାଗି ସୁପ୍ରିମକୋର୍ଟ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ)କୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଘରୋଇ କର୍ମଚାରୀଙ୍କୁ ଅଧିକ ପେନ୍‌ସନ ମିଳିବା ଆଶା ଜାଗ୍ରତ ହୋଇଥିବା ବେଳେ ଇପିଏଫ୍‌ଓ ଏହାକୁ ବିରୋଧ କରିଛି। ସୁପ୍ରିମକୋର୍ଟ ନିଜ ଆଦେଶର ପୁନର୍ବିଚାର କରିବା ନେଇ ସଂଗଠନ ପକ୍ଷରୁ ଆବେଦନ କରାଯିବ। ସୂଚନାଥାଉ କି, ଗତ ଏପ୍ରିଲ ପହିଲାରେ ସୁପ୍ରିମକୋର୍ଟ ଇପିଏଫ୍‌ଓର ଆବେଦନକୁ ବିଚାର କରି ଏହାକୁ ଖାରଜ କରିଥିଲେ ଏବଂ ହାଇକୋର୍ଟଙ୍କ ରାୟକୁ କାଏମ ରଖିଥିଲେ। କେରଳ ହାଇକୋର୍ଟ କର୍ମଚାରୀଙ୍କୁ ତାଙ୍କ ସମ୍ପୂର୍ଣ୍ଣ ଦରମା ହିସାବରେ ପେନ୍‌ସନ ଦେବାକୁ ଆଦେଶ ଦେଇଥିଲେ। ବର୍ତ୍ତମାନ ଇପିଏଫ୍‌ଓ ୧୫ ହଜାର ଟଙ୍କାର ବେସିକ ଦରମା ସୀମା ଆଧାରରେ ପେନ୍‌ସନ ଗଣନା କରିଥାଏ। ସୂଚନାଥାଉ କି, କର୍ମଚାରୀଙ୍କ ବେସିକ୍ ବେତନର ୧୨% ଅଂଶ ପିଏଫ୍‌କୁ ଯାଇଥାଏ ଏବଂ ୧୨ ପ୍ରତିଶତ ଅଂଶ ନିଯୁକ୍ତିଦାତା କର୍ମଚାରୀଙ୍କ ନାମରେ ଜମା କରିଥାନ୍ତି।

> **ସୁପ୍ରିମକୋର୍ଟରେ ପୁନର୍ବିଚାର ଆବେଦନ ଲାଗି ପ୍ରସ୍ତୁତି**

କମ୍ପାନୀର ଏହି ୧୨% ଅଂଶରୁ ୮.୩୩ ପ୍ରତିଶତ ପେନ୍‌ସନ ଫଣ୍ଡକୁ ଯାଇଥାଏ ଓ ଅବଶିଷ୍ଟ ୩.୬୬ ପ୍ରତିଶତ ପିଏଫ୍‌ରେ ଜମା କରାଯାଏ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଘରୋଇ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ପେନସନର ଗଣନା ତାଙ୍କର ବେତନ ଆଧାରରେ ହେବ। ଏହାଦ୍ୱାରା ସେମାନଙ୍କର ପେନସନ ବହୁଗୁଣ ବୃଦ୍ଧିପାଇବ ବୋଲି ଅନୁମାନ କରାଯାଉଛି।

**ODISHA HYDRO POWER CORPORATION LTD.** ODISHA NEW OPPORTUNITIES
OHPC
(A Govt. of Odisha Undertaking)
Regd. Off.: Odisha State Police Housing & Welfare Corporation Building, Vanivihar Chowk, Janpath, Bhoinagar, Bhubaneswar - 22
Ph. : (0674) 2542983, 2542802, 2545526, 2542826,
Fax: (0674) 2542102.
Email: ohpcltdinvestment@gmail.com/ohpc.co@gmail.com
CIN: U40101OR1995SGC003963

**Ref. No. OHPC/AC/9/99/Vol-XXII/3861** **Date: 02.05.2019**

**EXPRESSION OF INTEREST**

Sealed bids are invited in the following prescribed format for rate of interest for fixed deposit amounting to **Rs.60-70 Crores (approx.)** (Interest compounded quarterly) from Bhubaneswar based empaneled banks in line with GoO, Finance Deptt. order No. 32648 dated 10.10.2018.

| Sl. No. | Period | (%) Rate of Interest per annum (Non-Callable) |
|---|---|---|
| 1 | One Year | |

The Bid should be superscribed in red as "Rate of Interest" & must reach the undersigned in sealed cover by Speed Post / Special Messenger on or before **11:30 AM** on dtd.**09.05.2019** and the same will be opened at **11:45 AM** on the same day at **OHPC office, Bhubaneswar** in the presence of the representative of the participating Banks. Interest offer of bank shall remain valid up to **10.05.2019**. The interest rate quoted by Bank is final & in no circumstances change of interest rate will be entertained. The decision of the Management with regard to investment will be final. **Bids should be submitted strictly in the above format only without any deviation to the tender condition. Bids not fulfilling the tender condition & submission of bid in other than the earmarked format is liable for rejection.**

Sd/-
**SGM(Finance)**

**N.B.: Detail can be viewed in OHPC official site: www.ohpcltd.com**



ଡେଭିଡ୍ ୱାର୍ନର ଫର୍ମରେ ଥିବା ବିଷୟ ଆଇପିଏଲରେ ସୂଚାଇ ଦେଇଛନ୍ତି । ଆସନ୍ତା ବିଶ୍ୱକପ୍‌ରେ ସେ ପ୍ରଭାବୀ ପ୍ରଦର୍ଶନ କରିବେ ବୋଲି ଆଶା ।

–ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲୀୟ କ୍ରିକେଟ ଅଧିନାୟକ



ଭେଟେରାନ ଉଇକେଟକିପର ତଥା ଆମ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଉପସ୍ଥିତି ବିପକ୍ଷ ଦଳ ଉପରେ ବହୁ ଚାପ ସୃଷ୍ଟି କରିଥାଏ ।

–ସୁରେଶ ରାଇନା, ଚେନ୍ନାଇ ସୁପରକିଙ୍ଗ୍ସ ବ୍ୟାଟ୍ସମ୍ୟାନ

# ପ୍ରଣୟ କ୍ୱାର୍ଟରରେ, ସାଇନା ନିରାଶ

ଅକ୍‌ଲାଣ୍ଡ, ୨।୫(ପି.ଟି.)

ଏଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ଏଚ୍.ଏସ୍. ପ୍ରଣୟ ଦମ୍‌ଦାର ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ତେବେ ଅନ୍ୟତମ ଭାରତୀୟ ଶଟ୍‌ଲର ବି. ସାଇ ପ୍ରଣୀଥ୍ ରାଉଣ୍ଡ–୧୬ରେ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି ।

ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ପ୍ରି–କ୍ୱାର୍ଟର ଫାଇନାଲରେ ପ୍ରଣୟ ୨୧–୧୪, ୨୧–୧୨ ସିଧାସଳଖ ଗେମ୍‌ରେ ୨ୟ ସିଡ୍ ଟମି ସଗିର୍ଟୋଙ୍କୁ ପରାସ୍ତ କରିଥିଲେ । ଏହି ମ୍ୟାଚ୍ ଜିତିବାକୁ ତାଙ୍କୁ ମାତ୍ର ୩୭ ମିନିଟ୍ ସମୟ ଲାଗିଥିଲା । କ୍ୱାର୍ଟର ଫାଇନାଲରେ ପ୍ରଣୟଙ୍କ ମୁକାବିଲା ଜାପାନର କାଣ୍ଟା ସୁନେୟାମାଙ୍କ ସହ ହେବ । ଅପରପକ୍ଷରେ ଅନ୍ୟ ଏକ ସିଙ୍ଗଲ୍ସ ମ୍ୟାଚ୍‌ରେ ସାଇ ପ୍ରଣୀଥ ୧୨–୨୧, ୧୨–୨୧ ସିଧାସଳଖ ଗେମ୍‌ରେ ଚାଇନାର ଲିନ୍ ଡାନଙ୍କ ନିକଟରୁ ହାରିଯାଇଛନ୍ତି । ପୁରୁଷ ଡବଲ୍ସରେ ମନୁ ଅତ୍ରୀ ଓ ବି. ସୁମିଥ ରେଡ୍ଡୀ ଯୋଡ଼ି ୨ୟ ରାଉଣ୍ଡରେ ପରାଜୟର ସାମ୍ନା କରିଛନ୍ତି । ଏଥିପୂର୍ବରୁ ମହିଳା ସିଙ୍ଗଲ୍ସର ପ୍ରଥମ ରାଉଣ୍ଡରେ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜୟିନୀ ସାଇନା ନେହ୍ୱାଲଙ୍କୁ ବିପର୍ଯ୍ୟୟର ସାମ୍ନା କରିବାକୁ ପଡ଼ିଛି । ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସାଇନା ୧୬–୧୨, ୨୩–୨୧, ୪–୨୧ରେ ବିଶ୍ୱ ମାନ୍ୟତାର ୨୧୨ତମ ସ୍ଥାନରେ ରହିଥିବା ଚାଇନାର ୱାଙ୍ଗ୍ ଝିଙ୍କ ନିକଟରୁ ହାରିଯାଇଛନ୍ତି ।

# ମିନର୍ଭା–ମନଙ୍ଗ ମ୍ୟାଚ ଡ୍ର

ଭୁବନେଶ୍ୱର, ୨।୫(କ୍ରୀଡ଼ା ପ୍ରତିନିଧି)

ଏଏଫସି କପ୍‌ର କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ମିନର୍ଭା ପଞ୍ଜାବ ଓ ମନଙ୍ଗ ମର୍ଶିଆଙ୍ଗଡି ମ୍ୟାଚ ୨–୨ ଗୋଲରେ ଡ୍ର ରହିଛି । ଫଳରେ ଘରୋଇ ଗ୍ରାଉଣ୍ଡରେ ୨ ଥର ଅଗ୍ରଣୀ ନେବା ସତ୍ତ୍ୱେ ମିନର୍ଭା ପୂରା ୩ ପଏଣ୍ଟ ହାସଲ କରି ପାରିନାହିଁ ।

ମ୍ୟାଚ ଆରମ୍ଭରୁ ମିନର୍ଭା ଆକ୍ରମଣାତ୍ମକ ପ୍ରଦର୍ଶନ କରି ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲା । ମ୍ୟାଚର ୯ମ ମିନିଟରେ ମନଙ୍ଗର ଡିଫେଣ୍ଡରଙ୍କ ତ୍ରୁଟିରୁ ଫାଇଦା ଉଠାଇ ଗୋଲ ସ୍କୋର କରିଥିଲେ ମିର୍ନଭାର ଶ୍ରେୟାସ ଗୋପାଳନ । ପ୍ରଭାବୀ ପ୍ରଦର୍ଶନ ଜାରି ରଖି ମିନର୍ଭା ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ମନଙ୍ଗ ଗୋଲକିପରଙ୍କ ଚମତ୍କାର ସେଭ୍ ଯୋଗୁ ଗୋଲ ହୋଇପାରି ନ ଥିଲା । ରବର୍ଟ ପ୍ରିମୁସଙ୍କୁ ମିନର୍ଭା ସେଣ୍ଟର ବ୍ୟାକ୍ ଫାଉଲ୍ ମାରିବାରୁ ୩୩ତମ ମିନିଟରେ ମନଙ୍ଗ ଦଳକୁ ପେନାଲ୍ଟି ମାରିବା ସୁଯୋଗ ଦିଆ ଯାଇଥିଲା । ମାତ୍ର ମିନର୍ଭା ଗୋଲକିପର ଅର୍ଶଦୀପଙ୍କ ଆକର୍ଷଣୀୟ ସେଭ୍ ଯୋଗୁ ଏହା ଗୋଲରେ ପରିଣତ ହୋଇପାରି ନ ଥିଲା । ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମିନର୍ଭା ୧–୦ରେ ଅଗ୍ରଣୀ ରହିଥିଲା ।

ଦ୍ୱିତୀୟାର୍ଦ୍ଧରେ ମଧ୍ୟ ମିନର୍ଭାର ଆକ୍ରମଣାତ୍ମକ ରଣନୀତି ଅପରିବର୍ତ୍ତିତ ରହିଥିଲା । ଅନେକ ସୁଯୋଗ ପାଇଥିଲେ ମଧ୍ୟ ତାହାକୁ ଖେଳାଳିମାନେ ଗୋଲରେ ପରିଣତ କରିପାରି ନ ଥିଲେ । ତେବେ ୬୯ତମ ମିନିଟରେ ଏକ କ୍ରସ୍ ପାସ୍‌କୁ ଗୋଲରେ ପରିଣତ କରି ମ୍ୟାଚକୁ ୧–୧ ସ୍ଥିତିକୁ ନେଇ ଆସିଥିଲେ ମନଙ୍ଗର ଅଭିଷେକ ରିଜାଲ । ୮୬ତମ ମିନିଟରେ ଫାଉଲ ଯୋଗୁ ମିନର୍ଭାକୁ ପେନାଲ୍ଟି ସୁଯୋଗ ମିଳିଥିଲା । କରିମ ଓମୋଲାଜା ସ୍ପଟ୍‌କିକ୍‌କୁ ଗୋଲ ଦେଇ ମିନର୍ଭାକୁ ଦ୍ୱିତୀୟଥରପାଇଁ ଅଗ୍ରଣୀ କରାଇଥିଲେ । ମାତ୍ର ୮୯ତମ ମିନିଟରେ ମନଙ୍ଗର ଓଲୁୱାଉନ୍‌ମି ସୋମିଡେଙ୍କ ହେଡର ମ୍ୟାଚକୁ ୨–୨ ସ୍ଥିତିକୁ ନେଇ ଆସିଥିଲା । ଅବଶିଷ୍ଟ ସମୟ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଗୋଲ ହୋଇ ନ ଥିଲା । ମ୍ୟାଚ ଡ୍ର ରହିବା ଫଳରେ ମିନର୍ଭା ୩ ମ୍ୟାଚରୁ ୩ ପଏଣ୍ଟ ପାଇଛି । ଫଳରେ ଗ୍ରୁପ‘ଇ’ ପଏଣ୍ଟ ଟେବୁଲରେ ଏହି ଦଳ ୩ୟ ସ୍ଥାନରେ ରହିଛି । ଚେନ୍ନାଇନ୍ ଏଫସି ୩ମ୍ୟାଚରୁ ୩ବିଜୟ ଓ ୧ ଡ୍ର ସହ ୭ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ଥିବାବେଳେ ଆବାହନୀ ଢାକା ୩ ମ୍ୟାଚରୁ ୧ ବିଜୟ, ୧ ପରାଜୟ ଓ ୧ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ମନଙ୍ଗ ୩ ମ୍ୟାଚରୁ ୧ ଡ୍ର ଓ ୨ ପରାଜୟ ସହ ୧ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି ।



ଗୋଲ ସ୍କୋର କରିବା ପରେ ମିନର୍ଭା ପଞ୍ଜାବ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି ।

**ଏଏଫସି କପ୍**

# କୋର୍ଟରେ ହାରିଲେ ସିମେନ୍ୟା

ଲାଉସାନେ, ୨।୫ (ଏଏଫ୍‌ପି)



ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ ଆଥଲେଟିକ୍ସ ଫେଡେରେଶନ(ଆଇଏଏଏଫ୍)ର ଟେଷ୍ଟୋଷ୍ଟେରନ ନିୟମ ବିରୋଧରେ ଦକ୍ଷିଣ ଆଫ୍ରିକା ଧାବିକା କାଷ୍ଟର ସିମେନ୍ୟା କୋର୍ଟରେ କରିଥିବା ଚ୍ୟାଲେଞ୍ଜରେ ହାରିଯାଇଛନ୍ତି । ଆଇଏଏଏଫ୍ ଦ୍ୱାରା ପ୍ରଚଳିତ ନିୟମାନୁସାରେ ଜଣେ ‘‘ହାଇପରଆଣ୍ଡ୍ରୋଜେନେଟିକ୍ ଆଥଲେଟ୍ ଅବା ଯେଉଁମାନଙ୍କର ସେକ୍ସୁଆଲ ଡେଭଲପମେଣ୍ଟରେ ଅସ୍ୱାଭାବିକତା (ଡିଏସ୍‌ଡି) ଥିବ ସେମାନେ କୌଣସି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ନାହିଁ । ଯଦି ସେମାନେ ଜଣେ ମହିଳା ହିସାବରେ ପ୍ରତିଯୋଗିତାରେ ଭାଗ ନେବାକୁ ଚାହିଁବେ ତେବେ ସେମାନଙ୍କ ଶରୀରରେ ଟେଷ୍ଟୋଷ୍ଟେରୋନ ଅବା ପୁରୁଷ ହରମୋନ୍‌ର ମାତ୍ରାକୁ ହ୍ରାସ କରିବାକୁ ପଡ଼ିବ । ଡବଲ ଅଲିମ୍ପିକ ଚାମ୍ପିୟନ ସିମେନ୍ୟା ଆଇଏଏଏଫ୍‌ର ଏହି ନିୟମର ଶିକାର ହୋଇଥିବାରୁ ଲାଉସାନେସ୍ଥିତ କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ଚ୍ୟାଲେଞ୍ଜ କରିଥିଲେ । ୩ଜଣ ଜଜ୍‌ଙ୍କୁ ନେଇ ବିଚାରକ ମଣ୍ଡଳୀ କିନ୍ତୁ ଅନ୍ୟପକ୍ଷରେ ଯଦିଓ ଏଆଇଏଏଫ୍ ସପକ୍ଷରେ ରାୟ ଦେଇଛନ୍ତି ତେବେ ଭବିଷ୍ୟତରେ ଡିଏସ୍‌ଡି ନିୟମର ପ୍ରଚଳନ ନେଇ ସମସ୍ୟା ଦେଖାଦେଇପାରେ ବୋଲି କହିଛନ୍ତି । କାସ୍‌ର ରାୟ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି । ଏକ ଜିନ୍‌ଗତ କାରଣରୁ ଜଣକୁ ପ୍ରତିଯୋଗିତାରେ ଭାଗ ନେବାରୁ ବଞ୍ଚିତ କରିବା ଯଥାର୍ଥ ନୁହେଁ ବୋଲି କେତେକ ବୈଜ୍ଞାନିକ ଯୁକ୍ତି କରିଛନ୍ତି । ଗତମାସରେ ଜାତିସଂଘର ମାନବାଧିକାର ପରିଷଦରେ ଏକ ପ୍ରସ୍ତାବ ଗୃହୀତ ହୋଇଛି । ଆଇଏଏଏଫ୍‌ର ଏହି ନିୟମ ଦ୍ୱାରା ଜଣେ ଅଯଥା ଅପଦସ୍ଥ ଓ କ୍ଷତିଗ୍ରସ୍ତ ହେବା ଛଡ଼ା ଆଉ କିଛି ନୁହେଁ । ସିମେନ୍ୟାଙ୍କ ଟେଷ୍ଟୋଷ୍ଟେରନ ମାତ୍ରା କେତେ ତାହା ଯଦିଓ ସାର୍ବଜନୀନ ହୋଇ ନାହିଁ ବୁଧବାର କୋର୍ଟଙ୍କ ଏହି ରାୟ ଦ୍ୱାରା କେବଳ ସେ ଏକମାତ୍ର ଆଥଲେଟ୍ ନୁହନ୍ତି ଅନ୍ୟ କେତେଜଣ ଏହି ନିୟମର ଶିକାର ହେବେ । ରିଓ ଅଲିମ୍ପିକ୍ସ ୮୦୦ମିଟର ରେସ୍‌ରେ ତାଙ୍କ ପଛରେ ରେସ୍ ଶେଷ କରିଥିବା ବୁରୁନ୍ଦିର ଫ୍ରାନ୍‌ସିନ୍ ନିୟନସାବା ଏବଂ କେନିୟାର ମାର୍ଗାରେଟ୍ ୱାମ୍ବୁଇ ମଧ୍ୟ ସମାନ ପ୍ରଶ୍ନର ଶିକାର ହେବେ । ସେମାନଙ୍କ ଟେଷ୍ଟୋଷ୍ଟେରନର ମାତ୍ରାକୁ ନେଇ ପ୍ରଶ୍ନ ଉଠିପାରେ ।

# ଦଳର ସମସ୍ୟା ବାହାରକୁ ଯିବା ଅନୁଚିତ୍

ଗୌତମ ଗମ୍ଭୀର

କୋଲକାତା ନାଇଟ ରାଇଡର୍ସ ଟିମ୍ ପରିବେଶ ଉତ୍ତମ ନୁହେଁ ବୋଲି ବ୍ୟାଟ୍ସମ୍ୟାନ ଆନ୍ଦ୍ରେ ରସେଲ କହିଛନ୍ତି । ଏଥିରେ ମୁଁ ନିରାଶ ହୋଇଥିଲି । କିଛି ଦିନ ତଳେ ଦେଇଥିବା ଏକ ସାକ୍ଷାତକାରରେ ଏ ନେଇ ଦୁଃଖ ପ୍ରକାଶ କରିଥିଲି । ମୋର ଜଣେ ଖବରଦାତା ବନ୍ଧୁ ଏ ସମ୍ପର୍କରେ ମୋତେ ସମ୍ପୃକ୍ତ ଖବରଦାତା ସମ୍ମିଳନୀର ଲିଙ୍କ ପଠାଇଥିଲେ ଓ ଏକ ମେସେଜ ମଧ୍ୟ ଦେଇଥିଲେ । ରସେଲଙ୍କ ଟିପ୍ପଣୀର ମୁଁ ଭୁଲ ବ୍ୟାଖ୍ୟା କରିଥିଲି ବୋଲି ସେ ସୂଚନା ଦେଇଥିଲେ । ସେ ଠିକ୍ କଥା କହିଥିଲେ । କ୍ରମାଗତ କୋଡ଼ିଏଟି ପରାଜୟ ପରେ ସେ ଦଳର ନୈରାଶ୍ୟଜନକ ପରିବେଶ ନେଇ ମତ ରଖିଥିଲେ । ରସେଲ ଶବ୍ଦ ଚୟନରେ ବୋଧ ହୁଏ ଭୁଲ କରିଥିବେ । ଯାହାଫଳରେ ମୁଁ କୋଲକାତା ଦଳରେ ଫାଟ ଥିବା କଥା ମୋ ମନକୁ ଆସିଥିଲା ।

ତେବେ ରସେଲ ପରେ ଏ ନେଇ ସ୍ଥିତି ସ୍ପଷ୍ଟ କରିଥିଲେ । ଦଳରେ ଉତ୍ସାହର ଅଭାବ ଅଛି ଓ ଭୁଲ ନିଷ୍ପତ୍ତିକୁ ଦଳର ପରାଜୟ ପାଇଁ ଦାୟୀ କରିଥିଲେ । କୋଲକାତା ସହ ରସେଲଙ୍କ ସମ୍ପର୍କକୁ ଓ ତାଙ୍କ ଭାବପ୍ରବଣତାକୁ ବୁଝିପାରୁଛି । ତେବେ ଅଧିନାୟକ ଦୀନେଶ କାର୍ତ୍ତିକଙ୍କ ସ୍ଥାନରେ ଥିଲେ ମୁଁ ନିଶ୍ଚିତ ଭାବେ ନିରାଶ ହୋଇଥାନ୍ତି । କେହି ହାରିବାକୁ ଓ ଭୁଲ ନିଷ୍ପତ୍ତି ନେବାକୁ ଚାହିଁ ନ ଥାନ୍ତି । ପୁଣି ଏ ସବୁ କଥା ଖବରଦାତା ସମ୍ମିଳନୀରେ ଆଲୋଚନା କରାଯାଇ ନ ଥାଏ । ଏବେ ଗୋଟିଏ ପରାଜୟ କୋଲକାତାକୁ ଅଭିଯାନକୁ ଶେଷ କରିବ । ଦଳ ଏବେ କର ବା ମର ସ୍ଥିତିରେ ରହିଛି । ଦଳରେ ସିନିୟର ଖେଳାଳିମାନଙ୍କ ମଧ୍ୟରେ ମତପାର୍ଥକ୍ୟ ଥାଇପାରେ । ଥରେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସହ ମୋର ମତପାର୍ଥକ୍ୟ ହୋଇଥିଲା । ତେବେ ଏ ସବୁ କଥା ଦଳ ମଧ୍ୟରେ ରହିବା ଉଚିତ । ଦଳର କୋଚିଂ ଷ୍ଟାଫ୍ ମଧ୍ୟରୁ ଜଣେ ରସେଲଙ୍କ ସହ ବୈଠକରେ ବସି ଆଲୋଚନା କରିବା ସହ ତାଙ୍କୁ ଏକ ସୁସ୍ଥ ଡ୍ରେସିଂ ରୁମ୍ ସମ୍ପର୍କରେ ବୁଝାଇବା ଆବଶ୍ୟକ । ଗଣମାଧ୍ୟମ ଏହି ବିଷୟକୁ ଅଧିକ ବଢ଼ାଇ ଚଢ଼ାଇ ଲେଖୁଛି । ଅବଶ୍ୟ ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ହେଡଲାଇନ ଦରକାର ଓ ଏକଥା ମୁଁ ଭଲ ଭାବେ ହୃଦୟଙ୍ଗମ କରୁଛି ।

ମୋର ପୂର୍ବତନ ଟିମମେଟ୍ ତଥା କୋଚିଂ ଷ୍ଟାଫ୍ ସଦସ୍ୟ ପ୍ୟାଡି ଅପଟନ ଉନ୍ମୋଚିତ ହୋଇଥିବା ତାଙ୍କ ବହିରେ ମୋ ସମ୍ପର୍କରେ ନକରାତ୍ମକ ମନ୍ତବ୍ୟ ଦେଇଛନ୍ତି । ସେ ମୋତେ ଦୁର୍ବଳମନା ଓ ନିରାଶବାଦୀ ବୋଲି ଉଲ୍ଲେଖ କରିଛନ୍ତି । ଏ ସମ୍ପର୍କରେ ମତ ରଖିବାକୁ ମଧ୍ୟ ଗଣମାଧ୍ୟମ ଅବଶ୍ୟ ମୋତେ ଉସ୍‌କାଉଛି । ଅପଟନ ପ୍ରକୃତ କଥାକୁ ବିଝାଇବାରେ ସଫଳ ହୋଇ ନାହାନ୍ତି ବୋଲି ମୁଁ ଭାବୁଛି । ୧୦୦ରନ କରିବା ପରେ ମଧ୍ୟ ମୁଁ ଅଶାନ୍ତ ଓ କ୍ରୋଧୀ ହୋଇଥାଏ ଓ ୨୦୦ ରନ ସଂଗ୍ରହ କରିବାକୁ ଚାହିଁଥାଏ ବୋଲି ସେ ବହିରେ ଉଲ୍ଲେଖ କରିଛନ୍ତି । ଦୁର୍ଭାଗ୍ୟବଶତଃ ଅପଟନ ଭାରତୀୟ କ୍ରିକେଟର ମୌଳିକତାକୁ ବୁଝିପାରି ନାହାନ୍ତି । ମୋ ଭଳି ଏକ ପିଲା ଯିଏ ଗୋଟିଏ ରଣଜୀ ମ୍ୟାଚ୍‌ରୁ ୧୬,୦୦୦ ଟଙ୍କା ପାଇଥାଏ । ଏହା ଅବଶ୍ୟ ମୋ ପାଇଁ ବଡ଼ କଥା । ତେଣୁ ମୁଁ ବଡ଼ ସ୍କୋର ହାସଲ କରିବାକୁ ଚାହିଁଥାଏ । କ୍ରିକେଟରେ ମୋର କୌଣସି ଗଡ଼ ଫାଦର ନାହାନ୍ତି । ତେଣୁ ସବୁ ମ୍ୟାଚ୍ ମୋ ଭଳି ପିଲା ପାଇଁ ବେଶ୍ ଗୁରୁତ୍ୱ ବହନ କରିଥାଏ । ୨୫ ବର୍ଷରେ ମୁଁ ପ୍ରଥମ ବିଶ୍ୱକପ୍ ଖେଳିଥିଲି ଓ ୩ଥର ମୁଁ ବିଶ୍ୱକପ୍ ଖେଳିବାରୁ ବଞ୍ଚିତ ହୋଇଥିଲି । ଅବଶ୍ୟ ଅପଟନଙ୍କୁ ମୁଁ ସମାଲୋଚନା କରୁନାହିଁ । ସେ ଜଣେ ଉତ୍ତମ ଖେଳାଳି ଓ ବ୍ୟକ୍ତି ମଧ୍ୟ । କିନ୍ତୁ ଭାରତୀୟ କ୍ରିକେଟକୁ ବୁଝିବା ପାଇଁ ତାଙ୍କ ପାଖରେ ଦକ୍ଷତା ନାହିଁ । କିମ୍ବା ମନରେ ଥିବା ଜଟିଳତା ତାଙ୍କୁ ଭାରତୀୟ କ୍ରିକେଟକୁ ବୁଝିବାରେ ଅନ୍ତରାୟ ସୃଷ୍ଟି କରୁଛି । **(ଗେମ୍‌ପ୍ଲାନ)**

SEAGRAM'S
ROYAL STAG
MEGA CRICKET · CRICKET GEAR

# ଖେଳରତ୍ନ ପାଇଁ ଶ୍ରୀଜେଶଙ୍କ ନାମ ସୁପାରିସ



ପି.ଆର. ଶ୍ରୀଜେଶ



ଆକାଶଦୀପ ସିଂ



ଚିଙ୍ଗଲେନସାନା ସିଂ କାଙ୍ଗୁଜାମ



ଦୀପିକା

ନୂଆଦିଲ୍ଲୀ, ୨।୫(ପି.ଟି.)

ସମ୍ମାନଜନକ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ଭାରତର ତାରକା ହକି ଗୋଲକିପର ପି.ଆର. ଶ୍ରୀଜେଶଙ୍କ ନାମ ସୁପାରିସ ହୋଇଛି । ମିଡ୍‌ଫିଲ୍ଡର ଚିଙ୍ଗଲେନସାନା ସିଂ କାଙ୍ଗୁଜାମ, ଫରୱାର୍ଡ ଆକାଶଦୀପ ସିଂ ଓ ମହିଳା ଦଳର ଡିଫେଣ୍ଡର ଦୀପିକାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ କରାଯାଇଛି । ଏଥି ସହିତ ହକି ଇଣ୍ଡିଆ ପକ୍ଷରୁ ଆର.ପି. ସିଂ ଓ ସନ୍ଦୀପ କୌରଙ୍କ ନାମ ଧ୍ୟାନଚାନ୍ଦ(ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ) ପୁରସ୍କାର ଏବଂ କୋଚ୍ ବଲଜିତ ସିଂ, ବି.ଏସ. ଚୌହାନ ଓ ରମେଶ ପଠାଣିଆଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ସୁପାରିସ କରାଯାଇଛି ।

ସାମ୍ପ୍ରତିକ ବିଶ୍ୱ ହକିରେ ଶ୍ରୀଜେଶଙ୍କୁ ଅନ୍ୟତମ ଶ୍ରେଷ୍ଠ ଗୋଲକିପରଭାବେ ବିବେଚନା କରାଯାଉଛି । ୨୦୦୬ରେ ଶ୍ରୀଲଙ୍କାରେ ସାଉଥ୍ ଏସିଆନ ଗେମ୍ସଠାରୁ ସେ ଭାରତୀୟ ଦଳର ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛନ୍ତି । ୩୦ ବର୍ଷୀୟ କେରଳର ଶ୍ରୀଜେଶ ଦେଶପାଇଁ ୨୦୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳି ସାରିଛନ୍ତି । ସେ ୨୦୧୪ ଓ ୨୦୧୮ ବିଶ୍ୱକପ ଏବଂ ୨୦୧୨ ଓ ୨୦୧୬ ଅଲିମ୍ପିକ୍ସରେ ଦଳର ସଦସ୍ୟ ଥିଲେ । ୨୦୧୪ ଏସିଆନ ଗେମ୍ସ ସ୍ୱର୍ଣ୍ଣ ଓ ୨୦୧୮ ଏସିଆନ ଗେମ୍ସରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ । ୨୦୧୬ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳ ପକ୍ଷରୁ ମଧ୍ୟ ସେ ଖେଳିଥିଲେ । ୨୦୧୪ରେ ଅନ୍ତର୍ଜାତୀୟ ହକି ଫେଡେରେଶନର ଶ୍ରେଷ୍ଠ ଗୋଲକିପର ତାଲିକାରେ ମଧ୍ୟ ସେ ଥିଲେ । ନିଜ ନେତୃତ୍ୱରେ ଭାରତକୁ ଅନେକଥର ବିଜୟ ସ୍ୱାଦ ଚଖାଇଥିବା ଶ୍ରୀଜେଶ ୨୦୧୫ରେ ଅର୍ଜୁନ ଓ ୨୦୧୫ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ ।

୨୦୧୧ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ଚିଙ୍ଗଲେନସାନା ଦେଶ ପକ୍ଷରୁ ୨୦୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳି ସାରିଛନ୍ତି । ଏବେ ସେ ଭାରତୀୟ ଦଳର ଉପ–ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି । ସେ ୨୦୧୩ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ, ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୭ ଏଫଆଇଏଚ୍ ୱାର୍ଲ୍ଡ ଲିଗ୍ ଫାଇନାଲରେ ବ୍ରୋଞ୍ଜ, ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୮ ଏସିଆନ ଗେମ୍ସରେ ବ୍ରୋଞ୍ଜ ଏବଂ ୨୦୧୮ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ।

୨୪ ବର୍ଷୀୟ ଆକାଶଦୀପ ୨୦୧୨ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ । ସେ ଇତି ମଧ୍ୟରେ ୧୭୦ରୁ ଊର୍ଦ୍ଧ୍ୱ ମ୍ୟାଚ ଖେଳି ସାରିଛନ୍ତି । ସେ ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ, ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୫ ଏଫଆଇଏଚ୍ ୱାର୍ଲ୍ଡ ଲିଗ୍ ଫାଇନାଲରେ ବ୍ରୋଞ୍ଜ, ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୭ ଏଫଆଇଏଚ୍ ୱାର୍ଲ୍ଡ ଲିଗ୍ ଫାଇନାଲରେ ବ୍ରୋଞ୍ଜ, ୨୦୧୮ ଏସିଆନ ଗେମ୍ସରେ ବ୍ରୋଞ୍ଜ ଏବଂ ୨୦୧୮ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ।

ସେହିପରି ଭାରତୀୟ ମହିଳା ହକି ଦଳର ଡିଫେଣ୍ଡର ଦୀପିକା ୨୦୦୬, ୨୦୧୦ ଓ ୨୦୧୮ ହକି ବିଶ୍ୱକପରେ ଭାରତ ପକ୍ଷରୁ ୩ ଥର ଖେଳିଛନ୍ତି । ସେ ୨୦୦ରୁ ଊର୍ଦ୍ଧ୍ୱ ମ୍ୟାଚରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ସାରିଛନ୍ତି । ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ ।

# ‘ଭାରତ ପାଇଁ ଧୋନୀଙ୍କ ବୃହତ୍ ଅବଦାନ ରହିବ’

ନଭି ମୁମ୍ବାଇ, ୨।୫(ପି.ଟି.)



ଆଇସିସି ବିଶ୍ୱକପ୍ ଆସନ୍ତା ୩୦ରୁ ଇଂଲଣ୍ଡରେ ଆରମ୍ଭ ହେବାକୁ ଯାଉଛି । କ୍ରିକେଟର ଏହି ମହାକୁମ୍ଭରେ ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ଅଂଶଗ୍ରହଣକାରୀ ସମସ୍ତ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଏହି ଅବସରରେ ବିଶ୍ୱକପ୍‌ରେ ଭାରତୀୟ ଦଳ ପାଇଁ ଭେଟେରାନ ମହେନ୍ଦ୍ର ସିଂ ଧୋନୀଙ୍କ ‘ବୃହତ୍’ ଅବଦାନ ରହିବ ବୋଲି ପ୍ରାକ୍ତନ ଭାରତୀୟ ଅଧିନାୟକ ସୁନୀଲ ଗାଭାସ୍କର ଆଶାପୋଷଣ କରିଛନ୍ତି । ଆଇପିଏଲ୍‌ର ଚଳିତ ଦ୍ୱାଦଶ ସଂସ୍କରଣରେ ଧୋନୀ ଚମତ୍କାର ଫର୍ମରେ ରହିଛନ୍ତି । ଚେନ୍ନାଇ ସୁପର୍ କିଙ୍ଗ୍ସ ଅଧିନାୟକ ରହିଥିବା ଧୋନୀ ବର୍ତ୍ତମାନ ସୁଦ୍ଧା ୧୧ ମ୍ୟାଚ୍‌ରୁ ୩୫୮ ରନ ସଂଗ୍ରହ କରିସାରିଲେଣି ।

‘ଏହା ଗୁରୁତ୍ୱପୂର୍ଣ୍ଣ ଯେ, ଆମ ପାଖରେ ୩ଜଣ ଶ୍ରେଷ୍ଠ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ରହିଛନ୍ତି । କିନ୍ତୁ ଯଦି ଏହି ଟପ୍–୩ ବ୍ୟାଟ୍ସମ୍ୟାନ ବିଫଳ ହୁଅନ୍ତି, ତେବେ ଭାରତ ଏକ ଭଲ ଟାର୍ଗେଟ୍ ଦେବା ପାଇଁ ମଧ୍ୟକ୍ରମରେ ୪ କିମ୍ବା ୫ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଥିବା ଧୋନୀଙ୍କ ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ’ ବୋଲି ଗୁରୁବାର ଏକ ସାକ୍ଷାତକାର ଅବସରରେ ଗାଭାସ୍କର କହିଛନ୍ତି । ସେହିଭଳି ଉଇକେଟ୍ ପଛରେ ଏବଂ ଅଧିନାୟକ ବିରାଟ କୋହଲିଙ୍କୁ ଫିଲ୍ଡ ସେଟିଂରେ ସହାୟତା କରିବାରେ ଧୋନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ‘ଧୋନୀଙ୍କ ଉଇକେଟ୍‌କିପିଂ ଦକ୍ଷତାକୁ ଆମେ ଦେଖିସାରିଛୁ । କିନ୍ତୁ ଉଇକେଟ୍ ପଛରେ ରହି ସ୍ପିନ ଓ ଅନ୍ୟ ବୋଲରଙ୍କୁ କେଉଁଠାରେ ବୋଲିଂ କରିବାକୁ ହେବ ସେଥିରେ ସହାୟତା କରିବା ଏବଂ ଫିଲ୍ଡିଂରେ ପରିବର୍ତ୍ତନ ଆଦି ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଯେହେତୁ କୋହଲି ଜଣେ ଶ୍ରେଷ୍ଠ ଫିଲ୍ଡର ତେଣୁ ଲଙ୍ଗ୍–ଅଫ୍ ଓ ଲଙ୍ଗ୍–ଅନ୍‌ରେ ଫିଲ୍ଡିଂ କରିବା ସମୟରେ ପଏଣ୍ଟ ଓ ଗଲି ଅଞ୍ଚଳରେ ଏହି ଫିଲ୍ଡ ପରିବର୍ତ୍ତନ ପାଇଁ ସେ ବିଶେଷ ଦୃଷ୍ଟି ଦେଇପାରିବେ ନାହିଁ । ତେଣୁ ଏହି ସମୟରେ ଧୋନୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଏଠାରେ ‘ଶ୍ରୀ ସତ୍ୟ ସାଇ ସଞ୍ଜିବନୀ ଇଣ୍ଟନ୍ୟାଶନାଲ ସେଣ୍ଟର ଫର୍ ଚାଇଲ୍ଡ କେୟାର’ର ଉଦ୍‌ଘାଟନ ଅବସରରେ ଗାଭାସ୍କାର ଏହା ପ୍ରକାଶ କରିଛନ୍ତି ।




## ବାଂଲାଦେଶକୁ ଭିଭିଆଇପି ସୁରକ୍ଷା

ଢାକା, ୨।୫

ଆଗାମୀ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତରେ ଯିବାକୁ ଥିବା ବାଂଲାଦେଶ ଦଳକୁ ଭିଭିଆଇପି ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବା ଲାଗି ବିସିବି ନିଷ୍ପତ୍ତି ନେଇଛି । ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚଠାରେ ଆତଙ୍କବାଦୀ ଆକ୍ରମଣରୁ ଅଳ୍ପକେ ବାଂଲାଦେଶ ଖେଳାଳି ବର୍ତ୍ତିବା ପରେ ବିସିବି ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି । ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବା ପାଇଁ ଦଳ ସହ ୭ ଜଣ ଅଫିସିଆଲ ଗସ୍ତ କରିବେ । ବିସିବି ସଭାପତି ନାଜମୁଲ ହାସନ କହିଛନ୍ତି, ଖେଳାଳିଙ୍କୁ ଆୟର୍ଲାଣ୍ଡ ଓ ଇଂଲଣ୍ଡରେ ଭିଭିଆଇପିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ । ନ୍ୟୁଜିଲାଣ୍ଡରେ ସଂଘଠିତ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ସୁରକ୍ଷା କାର୍ଯ୍ୟରେ ପ୍ରାଇଭେଟ ସଂସ୍ଥାକୁ ନିଯୁକ୍ତ କରିବା ଲାଗି ଆମେ ଇଂଲଣ୍ଡରେ ଥିବା ଆମ୍ବାସାଡରଙ୍କ ସହ ଆଲୋଚନା କରିସାରିଛୁ ।

# ଭାଇ ଅଜିତ୍‌ଙ୍କ ବିପକ୍ଷରେ ଜିତିବାକୁ ଚାହୁଁ ନ ଥିଲି: ସଚିନ

ମୁମ୍ବାଇ, ୨।୫(ପି.ଟି.)

ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ କ୍ରିକେଟ କ୍ୟାରିୟର ଗଢ଼ି ତୋଳିବାରେ ଭାଇ ଅଜିତ୍‌ଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଅଜିତ୍‌ଙ୍କ ବିଷୟରେ ସଚିନ ପୂର୍ବରୁ ଅନେକ କଥା କହିସାରିଥିବାବେଳେ ଗୁରୁବାର ଆଉ ଏକ ରୋଚକ ଘଟଣା କଥା ପ୍ରକାଶ କରିଛନ୍ତି । ବଡ଼ ଭାଇ ଅଜିତ୍ ଓ ସେ କିଭଳି ଭାବେ ଗୋଟିଏ ମ୍ୟାଚ୍‌ରେ ଏକାଠି ପରସ୍ପର ବିପକ୍ଷରେ ଖେଳିଥିଲେ ଏବଂ ଉଭୟ ଏହି ମ୍ୟାଚ୍ ଜିତିବାକୁ ଚାହୁଁ ନ ଥିଲେ ବୋଲି ସଚିନ ସ୍ଥାନୀୟ ଏମ୍‌ଆଇଜି କ୍ରିକେଟ୍ କ୍ଲବଠାରେ ନିଜ ନାମରେ ନିର୍ମିତ ହୋଇଥିବା ପ୍ୟାଭିଲିୟନ ଉଦ୍‌ଘାଟନ ଅବସରରେ କହିଛନ୍ତି । ଏମ୍‌ଆଇଜି କ୍ଲବ ଉପରେ କିଛି ସ୍ମରଣୀୟ ଘଟଣା ପଚରାଯିବାରୁ ସଚିନ କହିଥିଲେ, ମୁଁ ଯେଉଁ ବିଷୟରେ କହିବାକୁ ଚାହୁଁଛି, ପୂର୍ବରୁ ଏହା ଉପରେ କେଉଁଠାରେ ଉଲ୍ଲେଖ କରିନାହିଁ । ପ୍ରକୃତ ସମୟ ମନେ ନ ଥିଲେ ମଧ୍ୟ ଏହି ଗ୍ରାଉଣ୍ଡରେ ଏକ ଟୁର୍ନାମେଣ୍ଟରେ ଅଜିତ୍ ଓ ମୁଁ ଦୁଇଟି ଭିନ୍ନ ଦଳ ପକ୍ଷରୁ ଖେଳୁଥିଲୁ ଏବଂ ଉଭୟ ଭିନ୍ନ ପୁଲ୍‌ରେ ସ୍ଥାନ ପାଇଥିଲୁ । ତେବେ ସେମିଫାଇନାଲରେ ଅଜିତ୍ ଓ ଆମ ଦଳ ମଧ୍ୟରେ ମ୍ୟାଚ୍ ପଡ଼ିଥିଲା । ତେବେ ଉଭୟ ଅଜିତ୍ ଓ ମୋର ଗୋଟିଏ ସମାନ ଚିନ୍ତାଧାରା ଥିଲା କି ଆମେ ଏହି ମ୍ୟାଚ୍ ଜିତିବାକୁ ଚାହୁଁ ନ ଥିଲୁ । ତେଣୁ ମୁଁ ବ୍ୟାଟିଂ କରିବା ସମୟରେ ଅଜିତ୍ ଜାଣିଶୁଣି ୱାଇଡ୍ ଓ ନୋ ବଲ୍ ପକାଇବାକୁ ଚେଷ୍ଟା କରିଥିଲେ । ତେବେ ମୁଁ ତାଙ୍କ ବଲ୍‌ରେ ବଡ଼ ଶଟ୍ ନ ଖେଳି ଡିଫେନ୍ସ କରିଥିଲି, ଯେତେବେଳେ କି ଏହି ସିଙ୍ଗଲ ଉଇକେଟ୍ ଟୁର୍ନାମେଣ୍ଟରେ ଜଣେ କଦାପି ଡିଫେନ୍ସ କରିବାକୁ ଚାହିଁ ନ ଥାଏ’ ବୋଲି ସଚିନ କହିଛନ୍ତି । କିନ୍ତୁ ଅଜିତ୍ ଏହା ଜାଣିପାରି ମୋ ପାଖକୁ ଆସି ନିଜର ନ୍ୟାଚୁରାଲ ଗେମ୍ ଖେଳିବାକୁ ପରାମର୍ଶ ଦେଇଥିଲେ । ଏହାପରେ ମୁଁ ବଡ଼ଭାଇଙ୍କ ନିର୍ଦ୍ଦେଶ ମାନି ମୁଁ ବ୍ୟାଟିଂ କରିଥିଲି । ତେବେ ମ୍ୟାଚ୍‌ରେ ଆମ ଟିମ୍ ଜିତି ଯାଇଥିବାବେଳେ ଅଜିତ୍‌ଙ୍କ ଟିମ୍ ପରାସ୍ତ ହୋଇଥିଲା । ଆମେ ଉଭୟ ମ୍ୟାଚ୍ ହାରିବାକୁ ଚାହୁଁଥିବାବେଳେ ଏହା ମୋ ସପକ୍ଷରେ ଯାଇ ନ ଥିଲା ବୋଲି ସଚିନ ବହୁବର୍ଷର ଏହି ରୋଚକ ଘଟଣାକୁ ମନେ ପକାଇ କହିଛନ୍ତି ।

ଭାରତୀୟ କ୍ରିକେଟ ଦଳରୁ ବାଦ୍ ପଡ଼ିବା ଦ୍ୱାରା ମୁଁ ଆତ୍ମବିଶ୍ୱାସ ହରାଇ ବସିଛି, ଯାହାର ପ୍ରତିଫଳନ ଚଳିତ ଆଇପିଏଲ୍‌ରେ ଦେଖିବାକୁ ମିଳୁଛି ।
–ଉମେଶ ଯାଦବ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବୋଲର



ଆଇପିଏଲ୍‌ର ପ୍ରତ୍ୟେକ ଦଳରେ ହାଇପ୍ରୋଫାଇଲ କୋଚ୍ ରହିଥିବାରୁ ଏହା ଖେଳାଳିମାନଙ୍କ ଦକ୍ଷତା ବୃଦ୍ଧିରେ ବିଶେଷ ସହାୟକ ହୋଇଥାଏ ।
–ଡ୍ୱେନ ବ୍ରାଭୋ, ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର



## ଆଜିର ମ୍ୟାଚ



କିଙ୍ଗ୍ସ ଇଲେଭେନ ପଞ୍ଜାବ
ବନାମ
କୋଲକାତା ନାଇଟ୍ ରାଇଡର୍ସ

ସ୍ଥାନ : ମୋହାଲି
ସମୟ : ରାତି ୮ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଚେନ୍ନାଇ ୮୦ ରନରେ ବିଜୟୀ

ଚେନ୍ନାଇ,୨।୫(ପି.ଟି.)

ସ୍ଥାନୀୟ ଚେପକ୍ ଷ୍ଟାଡିୟମରେ ବୁଧବାର ଖେଳାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୫୦ତମ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ୮୦ ରନରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇଛି । ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ୪ ଉଇକେଟ ହରାଇ ୧୭୯ ରନ କରିଥିଲା । ଜବାବରେ ଦିଲ୍ଲୀ ୧୬.୨ ଓଭରରେ ୯୯ ରନକରି ଅଲଆଉଟ ହେବା ସହ ଆତ୍ମସମର୍ପଣ କରିଥିଲା । ମାତ୍ର ୨୨ ବଲରୁ ୪ ଚୌକା ଓ ୩ ଛକା ସହ ଅପରାଜିତ ୪୪ ରନ କରିଥିବା ଧୋନୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏହି ବିଜୟ ସହ ଚେନ୍ନାଇ ଏପର୍ଯ୍ୟନ୍ତ ୧୩ଟି ମ୍ୟାଚ୍ ଖେଳି ୯ଟି ବିଜୟ ଓ ୪ଟି ପରାଜୟ ସହ ମୋଟ ୧୮ ପଏଣ୍ଟ ପାଇ ତାଲିକାର ଶୀର୍ଷରେ ରହିଛି । ଅନ୍ୟପଟେ ଦିଲ୍ଲୀ କ୍ୟାପିଟାଲ୍ସ ୧୩ ମ୍ୟାଚ୍‌ରୁ ୮ ବିଜୟ ଓ ୫ ପରାଜୟ ସହ ୧୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି ।

୧୮୦ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ଦିଲ୍ଲୀ ଏକଦା ୧ ଉଇକେଟ ହରାଇ ୫୨ ରନ କରି ସୁବିଧାଜନକ ସ୍ଥିତିରେ ଥିଲା । ତେବେ ଅଭିଜ୍ଞ ଓପନର ଶିଖର ଧାୱନ ଆଉଟ ହେବା ପରେ ଦିଲ୍ଲୀ ଇନିଂସ ତାସଘର ପରି ଭୁଶୁଡ଼ି ପଡ଼ିଥିଲା । ଅଧିନାୟକ ଶ୍ରେୟାସ ଆୟର ୪୪ (୩୧ ବଲ, ୪ ଚୌକା, ୧ ଛକା) ଓ ଧାୱନ ୧୯ ରନ କରି ଆଉଟ ହୋଇଥିବା ବେଳେ ବାକି ୯ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ । ବୋଲିଂରେ ଚେନ୍ନାଇ ତରଫରୁ ଅଭିଜ୍ଞ ସ୍ପିନର ଇମ୍ରାନ ତାହିର ସର୍ବାଧିକ ୪, ରବୀନ୍ଦ୍ର ଜାଡେଜା ୩, ଦୀପକ ଚହର ଓ ହରଭଜନ ସିଂ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ତରଫରୁ ସୁରେଶ ରାଇନା ୩୭ଟି ବଲ ଖେଳି ୮ ଚୌକା ଓ ୧ ଛକା ସହ ସର୍ବାଧିକ ୫୯ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ । ଅନ୍ୟମାନଙ୍କ ଓପନର ଫାଫ୍ ଡୁପ୍ଲେସି ୩୯, ଜାଡେଜା ୧୦ ବଲରୁ ୨ ଚୌକା ଓ ୨ ଛକା ସହ ୨୫ ରନ କରି ଆଉଟ ହୋଇଥିଲେ । ଧୋନୀ ୪୪ ରନ କରି ଅପରାଜିତ ରହିଥିଲେ । ବୋଲିଂରେ ଦିଲ୍ଲୀ ତରଫରୁ ଜଗଦୀଶା ସୁଚିତ ୨, କ୍ରିସ ମୋରିସ ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ ।



ଉଇକେଟ ହାସଲ ପରେ ଇମ୍ରାନ ତାହିରଙ୍କ ସେଲିବ୍ରେଶନ ।

### ସଂକ୍ଷିପ୍ତ ସ୍କୋର

- ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୭୯/୪ (ରାଇନା- ୫୯, ଧୋନୀ- ୪୪*, ଡୁପ୍ଲେସି- ୩୯, ଜାଡେଜା- ୨୫, ସୁଚିତ- ୨/୨୮, ମୋରିସ- ୧/୪୭, ଅକ୍ଷର- ୧/୩୧ )।
- ଦିଲ୍ଲୀ କ୍ୟାପିଟାଲ୍ସ ୧୬.୨ ଓଭରରେ ୯୯ ଅଲଆଉଟ (ଆୟାର- ୪୪, ଧାୱନ- ୧୯, ତାହିର- ୪/୧୨, ଜାଡେଜା- ୩/୯, ଚହର- ୧/୩୨, ହରଭଜନ- ୧/୨୮)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୧୩ | ୯ | ୪ | ୧୮ | ୦.୨୦୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୮ | ୫ | ୧୬ | -୦.୦୯୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୨ | ୭ | ୫ | ୧୪ | ୦.୩୪୭ |
| ସନ୍‌ରାଇଜର୍ସ | ୧୨ | ୬ | ୬ | ୧୨ | ୦.୭୦୯ |
| ରାଜସ୍ଥାନ ରୟାଲ୍ସ | ୧୩ | ୫ | ୭ | ୧୧ | -୦.୩୨୧ |
| ନାଇଟ ରାଇଡର୍ସ | ୧୨ | ୫ | ୭ | ୧୦ | ୦.୧୦୦ |
| କିଙ୍ଗ୍ସ ଇଲେଭେନ | ୧୨ | ୫ | ୭ | ୧୦ | -୦.୨୯୬ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୩ | ୪ | ୮ | ୯ | -୦.୬୯୪ |

# କର ବା ମର ସ୍ଥିତିରେ କୋଲକାତା, ପଞ୍ଜାବ

ମୋହାଲି,୨।୫(ପି.ଟି.)

ସ୍ଥାନୀୟ ମୋହାଲି ଷ୍ଟାଡିୟରେ ଆଇପିଏଲର ୫୨ତମ ମ୍ୟାଚ୍‌ରେ ଶୁକ୍ରବାର ଦୁଇଥର ଟାଇଟଲ ଜିତିଥିବା କୋଲକାତା ନାଇଟ୍ ରାଇଡର୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ମୁହାଁମୁହିଁ ହେବେ । ଉଭୟ ଦଳ ୧୨ଟି ମ୍ୟାଚ୍ ଖେଳି ୫ ବିଜୟ ଓ ୭ ପରାଜୟ ସହ ୧୦ ଲେଖାଏ ପଏଣ୍ଟ ପାଇଛନ୍ତି । ତେବେ ନେଟ୍ ରନ ରେଟ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ କୋଲକାତା ଷଷ୍ଠ ଓ ପଞ୍ଜାବ ସପ୍ତମ ସ୍ଥାନରେ ରହିଛି । ଫଳରେ ପ୍ଲେ- ଅଫ୍ ଆଶା ଉଜ୍ଜୀବିତ ରଖିବା ପାଇଁ ଉଭୟ ଦଳ ଏବେ କର ବା ମର ସ୍ଥିତିର ସମ୍ମୁଖୀନ ହୋଇଛନ୍ତି ।

ଟୁର୍ନାମେଣ୍ଟର ପ୍ରଥମାର୍ଦ୍ଧରେ ଉଭୟ କୋଲକାତା ଓ ପଞ୍ଜାବ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ଦ୍ୱିତୀୟାର୍ଦ୍ଧରେ ଏହାକୁ ବଜାୟ ରଖିପାରି ନ ଥିଲେ । କୋଲକାତା ପ୍ରଥମ ୫ଟି ମ୍ୟାଚ୍‌ରେ ୪ଟି ବିଜୟ ଓ ଗୋଟିଏ ପରାଜୟବରଣ କରି ଦୃଢ଼ ସ୍ଥିତିରେ ଥିଲା । ତେବେ ପରେ କୋଲକାତା କ୍ରମାଗତ ୬ଟି ପରାଜୟ ବରଣ କରିଥିଲା । ତେବେ ଶେଷ ମ୍ୟାଚ୍‌ରେ କୋଲକାତା ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ବିଜୟଧାରାକୁ ଫେରିଛି । ପ୍ଲେ- ଅଫ୍‌ରେ ସ୍ଥାନ ପାଇବାକୁ ହେଲେ କୋଲକାତାକୁ ତା'ର ଅନ୍ତିମ ଦୁଇଟି ମ୍ୟାଚ୍‌ରେ ବିଜୟୀ ହେବା ଜରୁରୀ ହୋଇପଡ଼ିଛି । କୋଲକାତାକୁ ଉଭୟ ବୋଲିଂ ଓ ବ୍ୟାଟିଂରେ ଉନ୍ନତି ପ୍ରଦର୍ଶନ କରିବାକୁ ହେବ ।

ଅପରପକ୍ଷରେ ପଞ୍ଜାବ ତା'ର ଶେଷ ୩ଟି ମ୍ୟାଚ୍‌ରେ କ୍ରମାଗତ ଭାବେ ପରାଜୟ ବରଣ କରିଛି । ନେଗେଟିଭ ରନ୍ ରେଟ କାରଣରୁ ପଞ୍ଜାବ କୋଲକାତାଠାରୁ ଆହୁରି ଖରାପ୍ ସ୍ଥିତିରେ ରହିଛି । ପଞ୍ଜାବ ଓପନର ଲୋକେଶ ରାହୁଲ ୧୨ଟି ମ୍ୟାଚ୍‌ରୁ ୫୨୦ ରନ ସଂଗ୍ରହ କରିଛନ୍ତି ଓ ପୂରା ଫର୍ମରେ ରହିଛନ୍ତି । ପୁଣି ମୟଙ୍କ ଅଗ୍ରୱାଲ, ନିକୋଲାସ ପୁରାନ ଓ ଡେଭିଡ ମିଲରଙ୍କୁ ଅଧିକ ଦାୟିତ୍ୱ ନେବା ସହ ଦମ୍ ଦେଖାଇବାକୁ ପଡ଼ିବ । ଦ୍ରୁତ ବୋଲର ମହମ୍ମଦ ସାମି ଓ ରବିଚନ୍ଦ୍ରନ ଅଶ୍ୱିନଙ୍କ ଉପରେ ପଞ୍ଜାବର ବୋଲିଂ ବିଭାଗ ନିର୍ଭରଶୀଳ ହୋଇଛି । ଉଭୟ ଦଳ ନିଶ୍ଚିତ ବିଜୟ ପରିସ୍ଥିତିର ସମ୍ମୁଖୀନ ହୋଇଥିବାରୁ ଏହି ମୁକାବିଲା ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି ।

# ଅପୂର୍ବୀ ଚାଣ୍ଡେଲାଙ୍କୁ ଶୀର୍ଷ ର୍‍ୟାଙ୍କ୍

ନୂଆଦିଲ୍ଲୀ,୨।୫

ଭାରତୀୟ ଶୁଟର ଅପୂର୍ବୀ ଚାଣ୍ଡେଲା କ୍ୟାରିୟରରେ ଆଉ ଏକ ବଡ଼ ସଫଳତା ପାଇଛନ୍ତି । ସେ ୧୦ ମିଟର ଏୟାର ରାଇଫଲ ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷ ସ୍ଥାନ ପାଇଛନ୍ତି । ଚଳିତ ବର୍ଷ ଫେବୃୟାରୀରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ଆଇଏସ୍ଏସ୍ଏଫ୍) ବିଶ୍ୱକପ୍‌ରେ ଅପୂର୍ବୀ ୨୫୨.୯ ସ୍କୋର କରି ବିଶ୍ୱ ରେକର୍ଡ ଭାଙ୍ଗିଥିଲେ । ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ୬ ଶୁଟରଙ୍କ ମଧ୍ୟରେ ସେ ରହିଛନ୍ତି । ଗତବର୍ଷ ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ୍ ଗେମ୍ସରେ ଅପୂର୍ବୀ ବ୍ରୋଞ୍ଜ ପଦକ ଜିତିଥିଲେ । ବିଶ୍ୱର ଶୀର୍ଷ ର୍‍ୟାଙ୍କ୍ ହାତେଇବା ପରେ ସେ ଟୁଇଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି ।

# ଫାଇନାଲରେ ୟୁନିୟନ ସ୍ପୋର୍ଟିଂ-ଜୁଭେନାଇଲ

କଟକ ଅଫିସ,୨।୫

ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ୟୁନିୟନ ସ୍ପୋର୍ଟିଂ ଓ ଜୁଭେନାଇଲ କ୍ଲବ ମଧ୍ୟରେ ଫାଇନାଲ ଖେଳାଯିବ । ପୂର୍ବରୁ ୫ ତାରିଖରେ ଫାଇନାଲ ମ୍ୟାଚ୍ ହେବ ବୋଲି ଘୋଷଣା ହୋଇଥିଲା । ମାତ୍ର ବାତ୍ୟା ଫନୀ ଯୋଗୁ ଫାଇନାଲ ଘୁଞ୍ଚିବା ସମ୍ଭାବନା ରହିଛି । ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ ୯ ଉଇକେଟରେ ସୋଲାର କ୍ଲବକୁ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସୋଲାର ଦଳ ୯୨ରନରେ ଅଲଆଉଟ ହୋଇଥିଲା । ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଦିଗବିଜୟ ପାତ୍ର ଓ ମିଳନ ଭୟାନୀ ୩ଟି ଲେଖାଏ ଉଇକେଟ ନେଇଛନ୍ତି । ଜବାବରେ ଗୋଟିଏ ଉଇକେଟ ହରାଇ ରାଇଜିଂ ବିଜୟ ଲକ୍ଷ୍ୟ ହାସଲ କରିଛି । ବିଶ୍ୱଜିତ ପାତ୍ର ଅପରାଜିତ ୩୦ରନ କରିଥିଲେ ।

# ସିଏସ୍‌କେ ସପକ୍ଷରେ ରେକର୍ଡ

ଚେନ୍ନାଇ,୨।୫

ସ୍ଥାନୀୟ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ବୁଧବାର ରାତି ୮ଟାରେ ମ୍ୟାଚ୍ ଖେଳାଯିବ । ଉଭୟ ଦଳ ୧୬ ପଏଣ୍ଟ ସହ ଟେବୁଲର ପ୍ରଥମ ଦୁଇ ସ୍ଥାନରେ ଥିବାରୁ ମ୍ୟାଚ୍‌ର ଗୁରୁତ୍ୱ ବୃଦ୍ଧି ପାଇଛି । ଏହି ମ୍ୟାଚ୍ ଜିତିବା ଦଳ ଟେବୁଲ ଶୀର୍ଷରେ ସ୍ଥାନ ପକ୍କା କରିବ । ଏପର୍ଯ୍ୟନ୍ତ ଉଭୟ ଦଳ ମଧ୍ୟରେ ୧୯ ମ୍ୟାଚ୍ ଖେଳାଯାଇଛି । ଏଥିରୁ ସିଏସ୍‌କେ ୧୩ ଥର ବାଜି ମାରିଥିବାବେଳେ ଦିଲ୍ଲୀ ମାତ୍ର ୬ ଥର ବିଜୟ ସ୍ୱାଦ ଚାଖିପାରିଛି । ତେବେ ସିଏସ୍‌କେ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏହି ମ୍ୟାଚ୍‌ରେ ଖେଳିବେ କି ନାହିଁ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ତାଙ୍କ ଅନୁପସ୍ଥିତିରେ ଚେନ୍ନାଇ ଦଳର ପୂର୍ବ ପ୍ରଦର୍ଶନ ଆଖିଦୃଶିଆ ହୋଇନାହିଁ । ଯଦି ଧୋନୀ ନ ଖେଳନ୍ତି ତାଙ୍କ ଅନୁପସ୍ଥିତିର ନିଶ୍ଚିତ ଫାଇଦା ଉଠାଇବ ଦିଲ୍ଲୀ ।

# ତୀରନ୍ଦାଜୀ ମହାସଂଘରେ ହେବ ପୁନଃ ନିର୍ବାଚନ

କୋଲକାତା/ ନୂଆଦିଲ୍ଲୀ, ୨।୫(ପିଟି)

ଭାରତୀୟ ତୀରନ୍ଦାଜୀ ମହାସଂଘ (ଏଏଆଇ)ରେ ପୁନଃ ନିର୍ବାଚନ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଫଳରେ ଏଏଆଇ ସଭାପତି ବି.ଭି.ପି. ରାଓ ବୁଧବାର ଇସ୍ତଫା ଦେଇଛନ୍ତି । ଜଷ୍ଟିସ ଏ.ଏମ୍. ଖାନୱିଲକର ଓ ଅଜୟ ରାସ୍ତୋଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଆସନ୍ତା ୪ ସପ୍ତାହ ମଧ୍ୟରେ ପୁଣି ନିର୍ବାଚନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଭାରତୀୟ କ୍ରୀଡ଼ା ବ୍ୟବସ୍ଥାକୁ ବିରୋଧ କରି ମୁଁ ଇସ୍ତଫା ଦେଉଛି । ଏହା ଦକ୍ଷ ପ୍ରଶାସକଙ୍କୁ ନିଜର କାର୍ଯ୍ୟ କରିବାରେ ବାଧା ଦେଉଛି ବୋଲି ରାଓ କହିଛନ୍ତି । ସୁପ୍ରିମକୋର୍ଟଙ୍କ ଘୋଷଣା ଅନୁଯାୟୀ, ସମ୍ମାନଜନକ ଟୁର୍ନାମେଣ୍ଟ ବିଶ୍ୱ ଚାମ୍ପିୟନ ପୂର୍ବରୁ ନୂଆ ପ୍ରଶାସକ ଦାୟିତ୍ୱ ସମ୍ଭାଳିବେ । ରାଓଙ୍କ ନେତୃତ୍ୱାଧୀନ ଏଏଆଇକୁ ସମର୍ଥନ ଦେଇ ନ ଥିବା ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛି ।

**SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI**

No.Exam 1228 / 2019, S.J.S.V., Puri, Date: 01.05.2019

**NOTICE**

Keeping in view the possible effects of the super cyclone "FANI" the Shiksha Shastri Entrance Test (S.S.E.T.) - 2019 scheduled to be held on 05.05.2019 (Sunday) is hereby postponed until further orders. The revised dates shall be notified in due course. All concerned are requested to remain in constant touch with the University website: **www.sjsv.nic.in** for further instructions.

**By order of Vice-Chancellor**
**Sd./- Controller of Examinations**

**PUBLIC NOTICE**

No.: 03-RR: This is for information of general public that State Environment Impact Assessment Authority, Odisha after considering the proposal; appraisal report, recommendation of SEAC thereon and the CRZ clearance accorded by MoEF & CC has accorded Environment Clearance for Shamuka Beach Project, Sipasarubali, District - Puri vide Ref. No. 6636/SEIAA dated 18.4.2019. The clearance is valid for a period of 7 years under the provisions of EIA Notification 2006 and subsequent amendments thereto. The detail of Environment Clearance and copies of such clearance letters are available with State Pollution Control Board, Bhubaneswar and in the website of SEIAA, Odisha.

**Sd./- Director, Tourism**
**Govt. of Odisha**
**Project Proponent**
37001/11/0004/1920 **Shamuka Beach Project, Puri**

**GOVERNMENT OF ODISHA**
**ELECTRICAL LICENSING BOARD, ODISHA,**
**OFFICE OF THE ENGINEER-IN-CHIEF (ELECTRICITY)**
**-CUM-PRINCIPAL CHIEF ELECTRICAL INSPECTOR, ODISHA**
**3RD FLOOR HEADS OF DEPARTMENT BUILDING,**
**BHUBANESWAR-751 001.**
**Email-secyelbo@nic.in Ph.- 0674-2394572(0)**

No. 01-AA

**NOTICE**

No.ELBO/SCC(MV & HT)EXAM.2018/117/2018/439_/Dated Bhubaneswar 30.04.2019

(1) The result of SCC (MV & HT) Examination 2018 including endorsement for mining have been published vide Notification No.430 dated 29.04.2019.
All the successful candidates of SCC Examination 2018 are requested to contact the office of Superintending Engineer-cum-Secretary, ELBO for issue / endorsement of the Supervisor Certificate of Competency (SCC). They are requested to deposit required fees and documents as necessary within six (06) months from the date of Notification of result for obtaining Supervisor Certificate of Competency (SCC).
(2) The result of Workman Permit Examination 2018 have been published vide Notification No.436 dated 29.04.2019.
All the successful candidates of Workman Permit Examination 2018 are requested to contact the office of respective Superintending Engineer-cum-Electrical Inspector, where they have appeared the examination for issue / endorsement of the Workman Permit. They are requested to deposit required fees and documents as necessary within six (06) months from the date of Notification of result for obtaining Workman Permit.
(3) The result of Workman Permit (EHT) Examination 2018 have been published vide Notification No.433 dated 29.04.2019.
The successful candidates of Workman Permit (EHT) Examination 2018 is requested to contact the office of Superintending Engineer-cum-Secretary, ELBO for issue of the Workman Permit (EHT). They are requested to deposit required fees and documents as necessary within six (06) months from the date of Notification of result for obtaining Workman Permit (EHT).
During verification of documents, if any discrepancy is detected then the SCC/ Workman Permit will not be issued to the candidate though he/she has passed the examination. In no case the application of the successful candidates for issue of Supervisor Certificate of Competency / Workman Permit shall be considered after lapse of six (06) months from the date of notification of result.
The result is also available in our official Website: eicelectricityodisha.nic.in for information of all concerned.

**Sd/- SUPERINTENDING ENGINEER**
**-CUM-SECRETARY, ELBO.**
04004/11/0001/1920

DSPL - 07

# ଫୋନି ବାତ୍ୟା
## ସମ୍ପର୍କିତ ସ୍ୱାସ୍ଥ୍ୟ ସତର୍କତା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

**ବାତ୍ୟା ଆସିବା ପୂର୍ବରୁ**
- ଗର୍ଭବତୀ, ଶିଶୁ, ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ ଓ ଅସୁସ୍ଥ ବ୍ୟକ୍ତିଙ୍କୁ ନିରାପଦ ସ୍ଥାନକୁ ନେଇଯାଆନ୍ତୁ ।
- ଆସନ୍ନପ୍ରସବା ମା'ମାନଙ୍କୁ ମା'ଗୃହ କିମ୍ବା ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରନ୍ତୁ ।
- ପିଇବା ପାଣି ଓ ଜରୁରୀ ଔଷଧ ସାଇତି ରଖନ୍ତୁ ।
- ଆଶାଦିଦି, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ ରଖନ୍ତୁ ।



**ବାତ୍ୟା ସମୟରେ**
- ବିଶୋଧିତ ପାଣି କିମ୍ବା ଫୁଟାପାଣି ପିଅନ୍ତୁ ।
- ବାତ୍ୟା ସମୟରେ ବାହାରକୁ ବାହାରନ୍ତୁ ନାହିଁ ।
- ଘରର କବାଟ ଝରକା ବନ୍ଦକରି ରଖନ୍ତୁ ।
- ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ୧୦୨/ ୧୦୮ ଆମ୍ବୁଲାନ୍ସର ସହାୟତା ନିଅନ୍ତୁ ।

**ବାତ୍ୟା ପରେ**
- ଗର୍ଭବତୀ,ଶିଶୁ,ବୃଦ୍ଧ,ବୃଦ୍ଧା,ଭିନ୍ନକ୍ଷମ ଓ ଅସୁସ୍ଥ ବ୍ୟକ୍ତିଙ୍କ ଯତ୍ନ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଏବଂ ଆବଶ୍ୟକସ୍ଥଳେ ଆଶାଦିଦି କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କୁ ତୁରନ୍ତ ସୂଚନା ଦିଅନ୍ତୁ ।
- ହାଲୋଜେନ ବଟିକା ମିଶାଇ ପାଣି ପିଅନ୍ତୁ ।
- ମାଛି ବସିଥିବା କିମ୍ବା ବାସି ଖାଦ୍ୟ ନଖାଇ ସର୍ବଦା ତଟକା ଖାଦ୍ୟ ଖାଆନ୍ତୁ ।
- ଖାଇବା ଆଗରୁ ଏବଂ ଶୌଚ ପରେ ହାତକୁ ସାବୁନରେ ଭଲଭାବେ ସଫା କରନ୍ତୁ ।
- ନିୟମିତ ମଶାରୀ ଟାଣି ଶୁଅନ୍ତୁ । ଘର ଚାରିପାଖ ସଫା ରଖନ୍ତୁ ।
- ସାପକାମୁଡ଼ା ପ୍ରତି ସାବଧାନ ରୁହନ୍ତୁ ଓ ସାପକାମୁଡ଼ା ରୋଗୀଙ୍କୁ ତୁରନ୍ତ ଡାକ୍ତରଖାନାକୁ ନେଇଯାଆନ୍ତୁ ।

ଜରୁରୀ ସୂଚନାପାଇଁ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ ନିୟନ୍ତ୍ରଣ କକ୍ଷ ଫୋନ ନଂ-୦୬୭୪-୨୩୯୦୪୬୬ ରେ ଯୋଗାଯୋଗ କରିପାରିବେ ।

10003/13/0003/1920

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

### ବାତ୍ୟା ପୂର୍ବରୁ ଖାଉଟି ବଜାର ଉପରେ ପ୍ରଭାବ

# ଆଳୁ ଗୋଦାମ ଉପରେ ଯୋଗାଣ ଅଧିକାରୀଙ୍କ ଚଢ଼ାଉ

**ରସୁଲପୁର,୨।୫(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳରେ ଆତ୍ୟାବଶକୀୟ ସାମଗ୍ରୀ ଆଳୁର ଅଭାବ ଦେଖାଦେଇଛି । ଆଳୁ ଦର ଆକାଶ ଛୁଆଁ ହୋଇଛି। ଗାଁ ଗଣ୍ଡା ଦୋକାନ ବଜାରରେ ଆଳୁ କିଲୋ ପିଛା ୨୦ଟଙ୍କାକୁ ଛୁଇଁଛି। ବାତ୍ୟା ପୂର୍ବରୁ ଖାଉଟି ବଜାର ପ୍ରଭାବିତ ହୋଇଛି। ଆଳୁର କୃତ୍ରିମ ଅଭାବ ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ସାଧାରଣରେ ଅଭିଯୋଗ ହେଉଛି। ଅଭିଯୋଗ ଆଧାରରେ ଗୁରୁବାର ଅପରାହ୍ନରେ ରସୁଲପୁର ବ୍ଲକ ଯୋଗାଣ ଅଧିକାରୀ ଅନୁଜ କୁମାର ସାହୁ ବ୍ଲକ ଅଞ୍ଚଳର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳି କୁଆଖିଆ ବଜାରର ପ୍ରମୁଖ ଆଳୁ ଗୋଦାମ ଉପରେ ଚଢାଉ କରିଛନ୍ତି। ଆଳୁ ଓ ପିଆଜ କିଲୋ ଖୁଚୁରା ଦର ୧୮ ଓ ୧୬ଟଙ୍କାରୁ ଅଧିକ ଦରରେ ବିକ୍ରି ନ କରିବାକୁ ବ୍ୟବସାୟୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। କୁଆଖିଆ ବଜାରରେ ଥିବା ପ୍ରମୁଖ ଆଳୁ ଗୋଦାମ ଜଗନ୍ନାଥ ଟ୍ରେଡିଂ, ଜଗନ୍ନାଥ ଆଳୁ ଭଣ୍ଡାର, ସାହୁ ଟ୍ରେଡର୍ସ, କୁଆଖିଆ ପରିବା ବଜାରରେ ଥିବା ଆଳୁ ପିଆଜ ଖୁଚୁରା ବ୍ୟବସାୟୀଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ବ୍ଲକ ଯୋଗାଣ ଅଧିକାରୀ ସାହୁ ଚଢ଼ାଉ କରିଥିଲେ। ବ୍ୟବସାୟୀମାନେ ଦୋକାନ ସମ୍ମୁଖରେ ଟାଙ୍ଗିଥିବା ସୂଚନା ପଟାରେ ଆଳୁ ଦର ଉଲ୍ଲେଖ ନ ଥିବା ନେଇ ଅଧିକାରୀ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ । ୨ଦିନ ତଳେ ଆଳୁ କିଲୋ ଖୁଚୁରା ଦର ୧୨ଟଙ୍କା ଥିଲା । ବତ୍ୟା ସୂଚନା ମିଳିବା ପରେ ଆଳୁ ଦର ହଠାତ୍ ବଢିଯାଇଛି । ଏପରିକି ୪୮ଘଣ୍ଟା ମଧ୍ୟରେ ଆଳୁ ଦର କିଲୋ ପିଛା ୮ଟଙ୍କା ବଢି ଯାଇଛି। ଏହା ପଛରେ ବ୍ୟବସାୟୀଙ୍କ କାରସାଦି ରହିଛି ବୋଲି କୁହାଯାଉଛି। ଏ ସଂପର୍କରେ ଅବଗତ ହେବାପରେ ଯୋଗାଣ ଅଧିକାରୀ ସାହୁ ବିଭିନ୍ନ ଗୋଦାମ ଉପରେ ଚଢାଉ କରିଥିଲେ ହେଁ ଗୋଦାମ ଘର ଖାଲି ପଡିଥିବା ଦେଖାଯାଇଥିଲା । ଗୋଦାମରୁ ଆଳୁ ଉଭାନ ହୋଇଯିବାକୁ ନେଇ ସାଧାରଣରେ ସନ୍ଦେହ ଜାତ ହେଉଛି । ଏ ସମ୍ପର୍କରେ ଅଧିକାରୀ ଜାଣିବାକୁ ଚାହିଁବାରୁ ଆଳୁ ବୋଝେଇ ଗାଡି ଆସି ପହଞ୍ଚି ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ବ୍ୟବସାୟୀମାନେ ସଫେଇ ଦେଇଛନ୍ତି । } ମାତ୍ର ବ୍ୟବସାୟୀ ଅନ୍ୟ ଗୁପ୍ତ ସ୍ଥାନରେ ଆଳୁ ଗଚ୍ଛିତ ରଖିଛନ୍ତି ବୋଲି କୁହାଯାଉଛି। ଏ ଦିଗରେ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି । ସୁରାକ ମିଳିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାହୁ କହିଛନ୍ତି । ଏଭଳି ସ୍ଥିତିରେ ଆଳୁ ଦର ବୃଦ୍ଧି ଘଟିବା ପ୍ରଶାସନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ହେଲେ ଏହାର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ସନ୍ତୋଷଜନକ ପଦକ୍ଷେପ ନିଆଯାଇ ପାରିନାହିଁ।



ବ୍ଲକ ଯୋଗାଣ ଅଧିକାରୀ ଆଳୁ ଗୋଦାମରେ ଚଢ଼ାଉ କରୁଛନ୍ତି।

### ଖରସ୍ରୋତାରେ ବୁଡି ବାପ,ପୁଅଙ୍କ ମୃତ୍ୟୁ ଘଟଣା

# ମୃତଦେହ ଉଦ୍ଧାର କଲେ ସ୍ଥାନୀୟ ଲୋକେ

**ବିଞ୍ଝାରପୁର/ସିଂହପୁର,୨।୫(ଡି.ଏନ୍.ଏ.)**

ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମପଞ୍ଚାୟତ ଅଧୀନ ଇଚ୍ଛାପୁର ଗ୍ରାମର ବାପ ପୁଅ ଗାଧେଇବାବେଳେ ନଦୀରେ ଭାସିଯାଇଥିଲେ। ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ ସେମାନଙ୍କ ପତା ମିଳି ନ ଥିବାବେଳେ ଗୁରୁବାର ନଦୀରୁ ସେମାନଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୂର୍ବାହ୍ନରେ ବାଇଟାଙ୍ଗି ମଠ ଛଦାରଠାରୁ କିଛିବାଟ ଦୂର ନଦୀରେ ଉଭୟଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ଏହି ଘଟଣା ସମଗ୍ର ବିଞ୍ଝାରପୁର ଅଞ୍ଚଳରେ ଶୋକର ବାତାବରଣ ସୃଷ୍ଟି କରିଛି । ପରିବାରକୁ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ପ୍ରକାଶ ଯେ, ବୁଧବାର ମଧ୍ୟାହ୍ନରେ ଇଚ୍ଛାପୁର ଗ୍ରାମର ସରୋଜ ବଳ(୩୪) ନିଜର ୫ବର୍ଷର ପୁଅ ଶୁଭମ୍ ସହ ଖରସ୍ରୋତା ନଦୀର ବାଇଟାଙ୍ଗିମଠ ସନ୍ନିକଟ ଛଦାକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ନଦୀର ପ୍ରଖର ସ୍ରୋତରେ ଉଭୟ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ବାପ ପୁଅଙ୍କୁ ଉଦ୍ଧାର କରିବାରେ ଅସମର୍ଥ ହୋଇଥିଲେ। ବିଞ୍ଝାରପୁର ଅଗ୍ନିଶମ ବାହିନୀ ଦୀର୍ଘ ସମୟ ଧରି ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ସରୋଜ ଓ ଶୁଭମଙ୍କର କୌଣସି ପତ୍ତା ମିଳି ନ ଥିଲା ।

## ଭିସା କାରଖାନାରେ କର୍ମଚାରୀଙ୍କ ମୃତ୍ୟୁ

**କଳିଙ୍ଗନଗର, ୨।୫(ଡି.ଏନ୍.ଏ.)**

କଳିଙ୍ଗନଗରସ୍ଥିତ ଭିସା କାରଖାନାରେ ଗୁରୁବାର ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ଏ ନେଇ ଯଖପୁରା ପୋଲିସ ଏକ ଅପମୃତ୍ୟୁ ମାମଲା (୪/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ମୃତକ ଜଣଙ୍କ ପୁରି ଜିଲା ଗୋପ ଅଞ୍ଚଳର ବସନ୍ତ କୁମାର ମହାନ୍ତି (୩୮)। ସେ କାରଖାନର ପାୱାର ପ୍ଲାଣ୍ଟରେ କାମ କରିବା ସମୟରେ ହଠାତ ପଡିଯାଇଥିଲେ। ଟାଟା ମେଡ଼ିକା ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ସମସ୍ତ ଅଧିକାରୀ, କର୍ମଚାରୀଙ୍କ ଛୁଟି ବାତିଲ

# ଜିଲା ମୁଖ୍ୟାଳୟ ଛାଡ଼ି କେହି ନ ଯିବାକୁ ନିର୍ଦ୍ଦେଶ

**ଯାଜପୁର ଟାଉନ,୨।୫(ଡିଏନଏ)**

ଯାଜପୁର ଜିଲା ପ୍ରଶାସନ ସମ୍ଭାବ୍ୟ ବାତ୍ୟା 'ଫୋନୀ'ର ସଫଳ ମୁକାବିଲା ପାଇଁ ପ୍ରସ୍ତୁତ ରହିଛି ବୋଲି ଜିଲାପାଳ ସୂଚନା ଦେବା ସହ ଜିଲାବାସୀ ଭୟଭୀତ ନ ହେବା ପାଇଁ ଅନୁରୋଧ କରିଛନ୍ତି। ବୁଧବାର ଜିଲାପାଳଙ୍କ ସମ୍ମିଳନୀ ଗୃହରେ ବାତ୍ୟା ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ପୁରୀ ଜିଲାରେ ଲ୍ୟାଣ୍ଡଫଲ କରିବାର ସମ୍ଭାବନା ରହିଥିବାବେଳେ ବାତ୍ୟାର ପ୍ରକୋପ ଯାଜପୁର ଜିଲାରେ ଅଧିକ ହେବାର ଆଶଙ୍କା ରହିଛି ବୋଲି ଜିଲାପାଳ ଦାସ ସୂଚନା ଦେଇଛନ୍ତି। ଜିଲାରେ ଯେପରି କୌଣସି ବ୍ୟକ୍ତି ମୃତ୍ୟୁବରଣ ନ କରନ୍ତି ସେଥିପାଇଁ ପ୍ରଶାସନ ସଜାଗ ରହିଥିବା କୁହାଯାଇଛି। ଏହି ଜିଲାରେ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯିବା ସହ ଜିଲା ମୁଖ୍ୟାଳୟ ଛାଡି କେହି ନ ଯିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅତିରିକ୍ତ ଉପଜିଲାପାଳ ଚିନ୍ମୟୀ ବିଶ୍ୱାଳ, ସହକାରୀ ଜିଲାପାଳ ଉମେଶ ଚନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।







## କାରଖାନାରେ ଶ୍ରମିକ ମୃତ୍ୟୁକୁ ନେଇ ଉତ୍ତେଜନା

**କଳିଙ୍ଗନଗର, ୨।୫(ଡି.ଏନ୍.ଏ.)**

କଳିଙ୍ଗନଗରସ୍ଥିତ କେଜେ ଇସ୍ପାତ କାରଖାନାରେ ଶ୍ରମିକ ମୃତ୍ୟୁକୁ ନେଇ ବୁଧବାର ମୃତ ଶ୍ରମିକଙ୍କ ପରିବାର ସହିତ ଗ୍ରାମବାସୀ ଓ ଶ୍ରମିକମାନେ କ୍ଷତିପୂରଣ ଦାବିରେ କାରଖାନା ସମ୍ମୁଖରେ ଧାରଣା ଦେଇଥିଲେ। କାରଖାନା କର୍ତ୍ତୃପକ୍ଷ ମୃତ ନାରାୟଣଙ୍କ ପୁଅଙ୍କୁ ୨ଲକ୍ଷ ଟଙ୍କା ଦେଇ ମୃତଦେହ କାରାଖାନା ସମ୍ମୁଖରୁ ଉଠାଇବା ପାଇଁ କହିଥିଲେ। ଏହି ଖବର ଗ୍ରାମବାସୀ ଜାଣିବା ପରେ କାରଖାନା ମଧ୍ୟରେ ପଶି ଭଙ୍ଗରୁଜା କରିଥିଲେ। ଏ ନେଇ କାରଖାନା କର୍ତ୍ତୃପକ୍ଷ, ଜଖପୁରା ଥାନାଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଠିକାଦାର ଅକ୍ଷୟ ଧଳ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମୃତ ପରିବାରକୁ ୫ଲକ୍ଷ ୭୫ହଜାର ଟଙ୍କା ଓ ପରିବାରରୁ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯିବ ବୋଲି କାରଖାନା କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଗତ ୨୮ତାରିଖ ରବିବାର କାରଖାନାରେ ସ୍ଥାନୀୟ ବାଲୁଙ୍ଗାବନ୍ଦି ଗ୍ରାମର ନାରାୟଣ କାରଖାନାର ବ୍ଲାଷ୍ଟ ଫରର୍ନେସ କାମ କରୁଥିଲେ। ଏହି ସମୟରେ ତାଙ୍କ ଉପରେ ତତଲା ନିଆଁ ଖସିପଡିବାରୁ ନାରାୟଣ ପୋଡି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ନାରାୟଣଙ୍କ ମୃତ୍ୟୁ ଘଟିଥିଲା ।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅ ନାହିଁ।
- ମହାତ୍ମା ଗାନ୍ଧୀ



# ଲୋକଙ୍କୁ ନିରାପଦସ୍ଥାନକୁ ଆଣିବାକୁ ନିର୍ଦ୍ଦେଶ

ଯାଜପୁର ଅଫିସ/ବିଞ୍ଝାରପୁର(ଡି.ଏନ୍.ଏ.),୨।୫

ସମ୍ଭାବ୍ୟ ବାତ୍ୟା ଫନୀକୁ ଦୃଷ୍ଟିରେ ରଖି ଗୁରୁବାର ରାତି ସୁଦ୍ଧା ଖାଲୁଆ ଅଞ୍ଚଳରେ ରହୁଥିବା ୧ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ଆଶ୍ରୟ ସ୍ଥଳକୁ ଅଣାବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ଅନୀଲ କୁମାର ସାମଲ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ରାଧିକାର ଭିତ୍ତିରେ ୧୫୨୫ ମେଟ୍ରିକ ଟନ୍ ଗୋଖାଦ୍ୟ, ୨ହଜାର କୁଇଣ୍ଟାଲ ଚୁଡ଼ା, ୨୦୦ କୁଇଣ୍ଟାଲ ଗୁଡ଼ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବାତ୍ୟା ଫନୀର ମୁକାବିଲା ପାଇଁ ସୁପରଭାଇଜିଂ ଅଫିସର ଭାବେ ଆରଡିସି ସାମଲଙ୍କୁ ଦାୟିତ୍ୱ ଦିଆଯାଇଛି। ଗୁରୁବାର ଆରଡିସି ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ଦୁଇ ବ୍ଲକରେ ଫନୀ ମୁକାବିଲା ପାଇଁ କରାଯାଇଥିବା ପ୍ରସ୍ତୁତିକୁ ତଦାରଖ ସହ କଣ୍ଟ୍ରୋଲ ରୁମ୍ ପରିଚାଳନାକୁ ଅନୁଧ୍ୟାନ କରିଥିଲେ। କଣ୍ଟ୍ରୋଲ ରୁମଗୁଡିକ ୨୪ଘଣ୍ଟିଆ କାର୍ଯ୍ୟକାରୀ କରିବା ସହ ବିବିଧ ତଥ୍ୟ ଉପଲବ୍ଧ କରାଇବା, ରେଜିଷ୍ଟରରେ ଅଭିଯୋଗ ବା ସମସ୍ୟା ଲେଖି ସଂପୃକ୍ତ ଅଧିକାରୀ ବା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅଗ୍ରାଧିକାର ଭାବେ ଜଣାଇ ସମାଧାନ କରିବାକୁ ଆର୍‌ଡିସି ପରାମର୍ଶ ଦେଇଥିଲେ। ପରେ ଉଭୟ ଆରଡିସି ଓ ଜିଲାପାଳ ରଞ୍ଜନ କୁମାର ଦାସ ବାଙ୍ଗରା ପଞ୍ଚାୟତ, ନାଉବାଙ୍କ, ପଂଳପୁର ଓ ଆଉଁରୀ ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳଗୁଡ଼ିକୁ ବୁଲି ଦେଖିଥିଲେ। ଆଶ୍ରୟସ୍ଥଳଗୁଡ଼ିକୁ ପରିସ୍କାର ସହ ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଇତ୍ୟାଦି ପାଇଁ ବିଡ଼ିଓ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦଶରଥପୁର ବ୍ଲକର ଦଉପୁର ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳକୁ ଅନୁଧ୍ୟାନ କରି ଅନୁରୂପ ନିର୍ଦ୍ଦେଶ ଦେଇଥିଲେ। ପରେ ଆର୍‌ଡିସି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସରକାର ଯାଜପୁର ଜିଲାର ବାତ୍ୟା ପରିଚାଳନା ପାଇଁ ଅତିରିକ୍ତ ୫ଜଣ ପ୍ରଶାସନିକ ଅଧିକାରୀଙ୍କୁ ପ୍ରେରଣ କରିଛନ୍ତି। ସେମାନେ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ଉଦ୍ଧାର, ଥଇଥାନ ଓ ରିଲିଫ କାର୍ଯ୍ୟ ପରିଚାଳନା କରିବେ। ସମସ୍ତ ବ୍ଲକ ଓ ପୌରାଞ୍ଚଳଗୁଡ଼ିକରେ ଆର୍‌ଡିସିଙ୍କ ନିର୍ଦ୍ଦେଶ କ୍ରମେ ଡାକବାଜି ଯନ୍ତ୍ର ମାଧମରେ ଲୋକଙ୍କୁ ବାତ୍ୟା ସମ୍ପର୍କରେ ତଥ୍ୟ ପ୍ରଦାନ ସହ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ସଚେତନ କରାଯାଇଛି। ବାତ୍ୟା ପରିଚାଳନା ପାଇଁ ଜିଲା କଣ୍ଟ୍ରୋଲ ନମ୍ବର ୦୬୭୨୮୨୨୨୬୪୮ ଓ ଟୋଲ ଫ୍ରିନମ୍ବର ୧୦୭୭କୁ ଉପଯୋଗ କରାଯାଉଛି ବୋଲି ଜିଲା ଜରୁରୀ ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି ।



ବିଞ୍ଝାରପୁର ଗସ୍ତରେ ଆର୍‌ଡିସି ଅନୀଲ କୁମାର ସାମଲ।

## ସଂକ୍ଷେପରେ

### 'ଶ୍ରମିକମାନେ ଦେଶ ନିର୍ମାଣରେ ପ୍ରମୁଖ ବିନ୍ଧାଣୀ'

**ରସୁଲପୁର,୨।୫ (ଡିଏନଏ):** ରସୁଲପୁର ବ୍ଲକ ବାରବାଟୀସ୍ଥିତ ନେତାଜୀ ଶ୍ରମିକ ସଂଘ ଆନୁକୂଲ୍ୟରେ ବୁଧବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ନାୟକ ଯୋଗଦେଇ ସଂଘର ପତାକା ଉତ୍ତୋଳନ କରିଥିଲେ। ଶ୍ରମିକମାନେ ଦେଶ ନିର୍ମାଣରେ ପ୍ରମୁଖ ବିନ୍ଧାଣୀ ବୋଲି ମତ ରଖିଥିଲେ। ଖରା,ବର୍ଷା ଶୀତକୁ ଖାତିର ନ କରି ଦିନରାତି ନିରନ୍ତର ପରିଶ୍ରମ କରୁଥିବା ଶ୍ରମିକ ପରିବାର ଆଜି ଅବହେଳିତ ଅବସ୍ଥାରେ ପଡିରହିଛି। ଶ୍ରମିକ ଓ ତାଙ୍କ ପରିବାର ଉଦ୍ଦେଶ୍ୟରେ ସରକାର ଉନ୍ନତ ଯୋଜନା ପ୍ରଣୟନ କରିଛନ୍ତି। ଏହାଛଡା ଶ୍ରମିକଙ୍କର ବହୁ ମୌଳିକ ସମସ୍ୟା ସମାଧାନ ହୋଇପାରୁ ନାହିଁ। ସେ ଦିଗରେ ଶ୍ରମିକ ଭଉଣୀଭାଇଙ୍କ ଆଶୀର୍ବାଦକୁ ପାଥେୟ କରି ସେମାନଙ୍କ ସ୍ୱାର୍ଥ ପାଇଁ ନେତାଜୀ ଶ୍ରମିକ ସଂଗଠନ ଲଢେଇ କରିବ ବୋଲି ଶ୍ରମିକ ନେତାମାନେ ମତପୋଷଣ କରିଥିଲେ। ଏହି ଅବସରରେ ଆୟୋଜିତ ବୈଠକରେ ଶ୍ରମିକଙ୍କର ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗଣେଶ ପରିଡା, ଅମୁଲ୍ୟକୃଷ୍ଣ ସାହୁ, ମନମୋହନ ମଲିକ, ହୃଷିକେଶ ସ୍ୱାଇଁ, ଶ୍ୟାମବନ୍ଧୁ ସାହୁ, ବିନୋଦ କୁମାର ସାମଲ, ଗଣେଶ୍ୱର ନାୟକ, ଆରତ କାଣ୍ଡି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

### ଅନ୍ତର୍ଜାତୀୟ ଶ୍ରମିକ ଦିବସ

**ଧର୍ମଶାଳା,୨।୫(ଡି.ଏନ୍.ଏ.):** ପ୍ରେସ୍ କ୍ଲବ ଧର୍ମଶାଳା ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଉପସଭାପତି ଗୁଲାମ ଗସଙ୍କ ସଭାପତିତ୍ୱରେ ଜାରକାସ୍ଥିତ ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିଥିଭାବେ ସ୍ତମ୍ଭକାର ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ମଇ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଶ୍ରମଜୀବୀ ମଣିଷ ଗୋଟିଏ ଗୋଟିଏ ବିଶ୍ୱକର୍ମା। ସେହି ଦୃଷ୍ଟିରୁ ଗଣମାଧମର ପ୍ରତିନିଧିମାନଙ୍କର ସମାଜ ପାଇଁ ଗୁରୁ ଦାୟିତ୍ୱ ରହିଛି। ସେମାନଙ୍କୁ ପରିଶ୍ରମର ମୂଲ୍ୟ ସମାଜ ଦେବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାମାକାନ୍ତ ଜେନା, ବଟକୃଷ୍ଣ ପରିଡା, ଶ୍ରମିକ ନେତା ଦୁର୍ଗାପ୍ରସନ୍ନ ଦାଶ, ନୀଳମାଧବ ସାମଲ, ସୁନାକର ସାହୁ, ସୀତାକାନ୍ତ ସାମଲ, ମାନସ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ଅନିଲ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

### 'ଫନୀ' ପାଇଁ ବଡ଼ଚଣା ପ୍ରଶାସନର ପ୍ରସ୍ତୁତି

**ଚଣ୍ଡିଖୋଲ,୨।୫(ଡି.ଏନ.ଏ):** ସମ୍ଭାବ୍ୟ ବାତ୍ୟା 'ଫନୀ'କୁ ଦୃଷ୍ଟିରେ ରଖି ଗୁରୁବାର ବଡ଼ଚଣା ବ୍ଲକ ପରିସରରେ ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିବା ସହ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟାବେଳେ ଅସୁବିଧାର ସମ୍ମୁଖୀନ ହେବାକୁ ଥିବା ଜନସାଧାରଣଙ୍କ ପାଇଁ ଏକ ଏନ୍‌ଡିଆରଏଫ୍ ଟିମ୍ ବଡ଼ଚଣା ବ୍ଲକରେ ପହଞ୍ଚିଛନ୍ତି। ଏହି ବ୍ଲକ ଅଧୀନରେ ଥିବା ବାତ୍ୟା ଆଶ୍ରୟ ସ୍ଥଳଗୁଡ଼ିକୁ ଯେଉଁମାନେ କଚ୍ଚା ଘରେ ରହିଛନ୍ତି ସେମାନଙ୍କୁ ସ୍ଥାନାନ୍ତରିତ କରିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗୁରୁବାର ହୋଇଥିବା ପ୍ରସ୍ତୁତି ବୈଠକରେ ବଡ଼ଚଣା ବିଡିଓ ଅଜିତ୍ ନାରାୟଣ ଗିରି, ଦର୍ପଣ ତହସିଲଦାର ଅଶୋକ କୁମାର ଦାସଙ୍କ ସମେତ ସମସ୍ତ ପଦାଧିକାରୀ ଯୋଗଦେଇଥିଲେ।

## ସିଆଇଟିୟୁ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ

ଯାଜପୁରରୋଡ,୨।୫(ନି.ପ୍ର.)

ସିଆଇଟିୟୁ ଜିଲା କମିଟି ପକ୍ଷରୁ ବୁଧବାର ନେତାଜୀ ନଗର ଡୋଳିପୁରଠାରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସିଆଇଟିୟୁ ନିର୍ମାଣ ଶ୍ରମିକ ସଂଘ, ପାଚିକା ସଂଘ, ରେଲୱେ ହକର, ଉଠା ଦୋକାନୀ ସଂଘ ତରଫରୁ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ନେତାଜୀ ନଗରଠାରେ ସିଆଇଟିୟୁର ଜିଲା ସଭାପତି ପ୍ରଫୁଲ୍ଲ ନାୟକ, ଶ୍ରମିକ ଶ୍ରେଣୀ ପତାକା ଉତ୍ତୋଳନ କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ନାୟକ ଅଧ୍ୟକ୍ଷତା କରିଥିଲେ। ଶ୍ରମିକ ସଂଘ ପକ୍ଷରୁ ଧୀରେନ୍ଦ୍ର ବେହେରା, ଦିଲୀପ କୁମାର ଦାସ, ସନ୍ତୋଷ କୁମାର ପୃଷ୍ଟି, ମହିଳା ନେତ୍ରୀ ବିଜୟଲକ୍ଷ୍ମୀ ମହାନ୍ତି, ଲାଲାମଣି ମୁଣ୍ଡା, ପାଚିକା ସଂଘର ଲିଲି ମହାନ୍ତି, ସନ୍ତୋଷ ବରାଳ, ରାଜୁ ସିଂ, ବିଦ୍ୟାଧର ସାହୁ ପ୍ରମୁଖ ଶ୍ରମିକ ଦିବସ ସମ୍ପର୍କରେ ଅଭିଭାଷଣ ରଖିଥିଲେ।

## ସଚେତନତା ସୃଷ୍ଟି କଲା ପ୍ରଶାସନ

ବରୀ/ରତ୍ନଗିରି, ୨।୫(ସ୍ୱ.ପ୍ର./ଡି.ଏନ୍.ଏ.)

ସାମ୍ଭାବ୍ୟ ବାତ୍ୟା 'ଫନୀ'କୁ ମୁକାବିଲା କରିବା ସହ ଲୋକଙ୍କୁ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଗୁରୁବାର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ସୂଚନା ମିଳିଛି। ଏ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ସଜାଗ ରହିଛି। ଫନୀ ପାଇଁ ବରୀ ଅଞ୍ଚଳରେ ଆତଙ୍କ ଖେଳିଯିବା ସହ ଏହାର ମୁକାବିଲା ପାଇଁ ସାଧାରଣ ଲୋକେ ପ୍ରସ୍ତୁତ ହେଉଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରଦ୍ୱାରା ସଚେତନ କରାଯାଇଛି। ବରୀରେ ୬ଟି ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ଉଦୟନାଥପୁର, ଗମ୍ଭୁ, କୃଷ୍ଣନଗର, ଅମଠପୁର, ଭଅଁରା, ମଧୁସୁଦନପୁର ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳୀକୁ ପ୍ରଶାସନ ପକ୍ଷରୁ ସଫେଇ କରାଯାଇଛି। ଚୂଡା, ଗୁଡ ପ୍ରଶାସନ ପକ୍ଷରୁ ମହଜୁଦ ରହିଛି। ବିପନ୍ନଙ୍କୁ ଉଦ୍ଧାର କରିବା ପାଇଁ ଓଡ୍ରାଫ, ଫାୟାର ଟିମ୍‌କୁ ସର୍ତକ ରହିବା ପାଇଁ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ସନ୍ଧ୍ୟାରେ କେତେକ ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଏସଂକ୍ରାନ୍ତରେ ବିଡିଓ ପ୍ରଭାସ ବେଉରାଙ୍କୁ ପଚାରିବାରୁ, 'ଫନୀ'ର ମୁକାବିଲା କରିବାକୁ ପ୍ରଶାସନ ସଜାଗ ରହିଛି। ଜିଲାପାଳ ରଞ୍ଜନ କୁମାର ଦାସ ବରୀ ଗସ୍ତରେ ଆସି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ବ୍ଲକ ପରିସରରେ ଏକ ଜରୁରୀ ବୈଠକରେ ଯୋଗଦେଇଥିଲେ। ବ୍ଲକ ପ୍ରଶାସନକୁ ସଜାଗ ରହିବା ପାଇଁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଛନ୍ତି। ବଜରଙ୍ଗ ଦଳ ଓ ଆଶ୍ୱସନା ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବାତ୍ୟା ମୁକାବିଲା ପାଇଁ ଗୁରୁବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଭୟ ସଂଗଠନ ଲୋକଙ୍କୁ ସଚେତନ କରିବା ଆରମ୍ଭ କରିଦେଇଛନ୍ତି। ଏଥିରେ ସୁବ୍ରତ ଜେନା, ଶୁଭକାନ୍ତ ଧଳ, ରବିକାନ୍ତ ପଡିଆରି, ଚିତ୍ତରଞ୍ଜନ ପରିଡା ପ୍ରମୁଖ ସାମିଲ ହୋଇଥିଲେ।

## ସମ୍ଭାବ୍ୟ ବାତ୍ୟା ପାଇଁ ଲୋକଙ୍କୁ ଭେଟିଲେ ବିଧାୟକ

ଚଣ୍ଡିଖୋଲ,୨।୫(ଡି.ଏନ.ଏ)

ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଗୁରୁବାର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଲୋକଙ୍କ ବାତ୍ୟା ସମୟରେ ହେବାକୁ ଥିବା ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହା ସହ ୨୪ଟି ପଞ୍ଚାୟତରେ ଲୋକେ କିପରି ସୁରକ୍ଷିତ ରହିବେ ସେ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ପ୍ରଥମେ ଛତିଆ, ଚମ୍ପାପୁର, ସୋଲର, ନେଳିଆ, ବନ୍ଦାଲୋ, ବଡ଼ଚଣା, ସୁଙ୍ଗୁଡ଼ା, ଶାନ୍ତିପୁର, କୁନ୍ଦଳ, ଅଣକା, ମାଣ୍ଡୁକ, ଗୋପାଳପୁର, ସାଉଡ଼ିଆ, ରଇପୁର, କୋଲଣଗିରି, ବାଲିଚନ୍ଦ୍ରପୁର, ଚାରିନେଙ୍ଗଳ ଓ ପତରାଜପୁର ଆଦି ପଞ୍ଚାୟତ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏଥିସହ ଯୁବକଙ୍କୁ ବିପଦବେଳେ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କ ସହ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିପିନ ବିହାରୀ ଜେନା, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଶାରଦା ପ୍ରସନ୍ନ ମହାନ୍ତି, ପଞ୍ଚାନନ ଧଳ ପ୍ରମୁଖ ଏକ ଟିମ୍ ପରିକ୍ରମାରେ ସାମିଲ ହୋଇଥିଲେ।

## ଫନୀ ଭୟରେ ଆଳୁ ଦର ଦୁଇଗୁଣ

**ଚଢାଉ ସତ୍ତ୍ୱେ ଧରାପଡୁ ନାହାନ୍ତି ଅସାଧୁ ବ୍ୟବସାୟୀ**

ଯାଜପୁର ଅଫିସ,୨।୫

ସମ୍ଭାବ୍ୟ ବାତ୍ୟା ଫନୀକୁ ଦୃଷ୍ଟିରେ ରଖି ଆଳୁ ଓ ପିଆଜ ଦର ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ଅଣ୍ଟା ଭିଡ଼ିଛି। ମାତ୍ର ଯାଜପୁର ଜିଲାର ଅନ୍ୟତମ ବ୍ୟବସାୟିକ କେନ୍ଦ୍ରସ୍ଥଳୀ ବ୍ୟାସନଗର ସହରରେ ଏହାର ପ୍ରଭାବ ମୂଲ୍ୟହୀନ ହୋଇଛି। ଗୁରୁବାର ସହରର ତାରିଣୀ ମାର୍କେଟରେ ଅସାଧୁ ବ୍ୟବସାୟୀମାନେ ଆଳୁ ଦରକୁ ୨ଗୁଣ କରି ଦେଇଛନ୍ତି। ଏପରିକି ପଶ୍ଚିମବଙ୍ଗରୁ ଆସୁଥିବା ଆଳୁକୁ ଲୁଚାଇ ଦେଇ ଗୋଦାମରେ ଆଳୁ ନାହିଁ ବୋଲି କେତେକ ବ୍ୟବସାୟୀ ସଫେଇ ଦେଉଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ଚଢାଉ ହେଉଥିବା କୁହାଯାଉଥିଲେ ମଧ୍ୟ ଅସାଧୁ ବ୍ୟବସାୟୀମାନେ ଧରା ପଡୁ ନାହାନ୍ତି। ଏପରିକି ସମ୍ପୃକ୍ତ ଅଧିକାରୀଙ୍କୁ ହାତ କରି ଆଳୁ ଦରକୁ ବୃଦ୍ଧି କରିବାକୁ ଯୋଜନା କରୁଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ଖାଉଟିମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବୁଧବାର ଆଳୁ ଦର କେଜିପ୍ରତି ୧୪ ଟଙ୍କା ରହିଥିଲାବେଳେ ଗୁରୁବାର ତାହା ୩୦ଟଙ୍କାକୁ ବୃଦ୍ଧି ହୋଇଛି। ଏହା ଜଣାପଡିବା ପରେ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଇ ନାହିଁ। କେନ୍ଦ୍ରାଞ୍ଚଳ ଆରଡିସି ଅନୀଲ କୁମାର ସାମଲ ପନିପରିବା, ଆଳୁ, ପିଆଜ ଆଦି ଉପରେ ଦରବୃଦ୍ଧି ଯେପରି ନ ହେବ ସେଥିପ୍ରତି ସତର୍କ ରହିଥିବାକୁ ପରାମର୍ଶ ଦେଇଥିବାବେଳେ ଯୋଗାଣ ବିଭାଗୀୟ ଅଧିକାରୀଙ୍କୁ କିଛି ଫରକ ପଡୁନାହିଁ। ବ୍ୟାସନଗର ସହରର ତାରିଣୀ ମାର୍କେଟରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗୋଦାମ ରହିଛି । ସେଠାରେ ଆଳୁ, ପିଆଜକୁ ଲୁଚାଇ ରଖି ବାତ୍ୟା ସମୟରେ ଅଧିକ ଦରରେ ବିକ୍ରି କରିବାକୁ ମସୁଧା କରିଛନ୍ତି । ଏ ସଂକ୍ରାନ୍ତରେ ଏସିଏସ୍‌ଓ ପ୍ରହ୍ଲାଦ ସେଠୀ ଓ ମାର୍କେଟ ଇନ୍ସପେକ୍ଟର ଶୁଭାଙ୍ଗି ରାୟଙ୍କୁ ପଚାରିବାରୁ ସେ କହିଛନ୍ତି ଜିଲାର ସମସ୍ତ ଅଞ୍ଚଳକୁ ନୀରିକ୍ଷଣରେ ଯାଇଥିଲୁ । ଆଳୁ ଦର କୌଣସି ସ୍ଥାନରେ ବଢି ନାହିଁ। ଏବେବି ଅଢେଇ କେଜି ପ୍ରତି ୩୫ ଟଙ୍କା ଦରରେ ବିକ୍ରି ହେଉଛି। ଯେଉଁଠାରେ ଆଳୁ ଦର ବୃଦ୍ଧି ହୋଇଥିବା ସୂଚନା ମିଳିବ ନିଶ୍ଚିତ ଭାବେ ଚଢାଉ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ପ୍ରସ୍ତୁତ ହେଲା ଆଜାଦ ଠେଙ୍ଗା ବାହିନୀ

ଯାଜପୁର ଅଫିସ,୨।୫

୧୯୯୯ରେ ରାଜ୍ୟର ଉପକୁଳ ଓଡ଼ିଶାରେ ମହାବାତ୍ୟା ତାଣ୍ଡବ ରଚାଇଥିଲା। ଏଥିରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏବେ ସମ୍ଭାବ୍ୟ ବାତ୍ୟା ଫନୀ ବିଷୁବ ବୃତ୍ତ ନିକଟରେ ସୃଷ୍ଟି ହୋଇ ଭାରତ ମହାସାଗର ଓ ବଙ୍ଗୋପସାଗର ଦେଇ ଓଡିଶା ଆଡକୁ ମାଡିଆସୁଛତ। ଶୁକ୍ରବାର ପୂର୍ବାହ୍ନରେ ଏହା ସ୍ଥଳଭାଗ ଛୁଇଁବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ୱାଶିଂଟନ୍ ଖବର ଅନୁଯାୟୀ ସମୁଦ୍ରରୁ ୨୮ମିଟର ଉଚ୍ଚତାର ଢେଉ ଉଠିବ, ଏହା ସହିତ ପବନର ବେଗ ଘଣ୍ଟାପ୍ରତି ୨୬୦ କି.ମି. ପର୍ଯ୍ୟନ୍ତ ବୋହିପାରେ। ଓଡ଼ିଶାର ସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବାର ସମ୍ଭାବନା ରହିଛି। ଏହି ମହାବିପତ୍ତି ବାତ୍ୟା ଫନୀର ମୁକାବିଲା କରିବାକୁ ସର୍ବଭାରତୀୟ ଆଜାଦୀ ଠେଙ୍ଗାବାହିନୀ ପ୍ରସ୍ତୁତ ରହିଛି ବୋଲି ମେଜର ଜେନେରାଲ ମାୟାଧର ନାୟକ ପ୍ରେସ୍ ଇସ୍ତାହାରରେ ଘୋଷଣା କରିଛନ୍ତି। ଇସ୍ତାହାରରେ ସେ ଆହୁରି ଦର୍ଶାଇଛନ୍ତି ଯେ, ଆଜାଦୀ ଠେଙ୍ଗାବାହିନୀର ସ୍ୱେଚ୍ଛାସେବୀମାନେ ଫନୀର ମୁକାବିଲା କରିବାକୁ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଠେଙ୍ଗାବାହିନୀର ଚିଫ୍ କମାଣ୍ଡର କୃଷକ ଲକ୍ଷ୍ମଣ ଦାସଙ୍କ ତତ୍ତ୍ୱାବଧାନରେ ୨ ତାରିଖରୁ କଟକ ଜିଲା ଇନଚାର୍ଜ ପ୍ରଶାନ୍ତ ବାରିକଙ୍କ ନେତୃତ୍ୱରେ ଶହଶହ ସ୍ୱେଚ୍ଛାସେବୀ ଭୁବନେଶ୍ୱର ରେଡ୍‌କ୍ରସ୍ ଭବନରେ ପହଞ୍ଚି ଖାଦ୍ୟପୁଡିଆ ପ୍ରସ୍ତୁତ କରିବାରେ ଲାଗିଛନ୍ତି । ପୁରୀ ଜିଲା ଇନ୍‌ଚାର୍ଜ ଲଲାଟେନ୍ଦୁ ମିଶ୍ର (ଲୁଲୁ) ୨୦୦ ଠେଙ୍ଗାବାହିନୀ ସ୍ୱେଚ୍ଛାସେବୀଙ୍କୁ ନେଇ ଏସପି ଓ ଜିଲପୋଳଙ୍କ ସହଯୋଗରେ ପୁରୀରେ କାର୍ଯ୍ୟରତ ଅଛନ୍ତି । କେନ୍ଦ୍ରାପଡା ଠେଙ୍ଗାବାହିନୀ ଇନ୍‌ଚାର୍ଜ ଉର୍ବଷୀ ଦାସ ଓ ସୋହେନା ବେଗମ୍, ଜଗତସିଂହପୁର ଇନ୍‌ଚାର୍ଜ ବିଟୁ ନାୟକ, ଯାଜପୁର ଜିଲାର ରଞ୍ଜନ କୁମାର ଜେନା, ନରେନ୍ଦ୍ର କୁମାର ନାୟକ, ଜବାରାଣୀ ନାୟକ, ଅଭିନାଶ ମହାରଣା ଓ ପ୍ରକାଶ ମିଶ୍ର, ଭଦ୍ରକ ଜିଲାରେ ଜୟନ୍ତି ମଲ୍ଲିକ, ଆଦିତ୍ୟ ନାୟକ, ମାଧବ ଚନ୍ଦ୍ର ସେଠୀ, ଅନୀଲ ପଣ୍ଡା, ବାଲେଶ୍ୱରରେ ବାବୁଲି ପଣ୍ଡା, ମାୟାଧର ପ୍ରଧାନ, ତ୍ରୈଲୋକନାଥ ସେନ୍ ଓ ରେବତୀ ନାୟକ, କେନ୍ଦୁଝରରେ ସନ୍ତୋଷୀ ଦେଓ, ସୁଲତା ବାରିକ୍, ଅରୁଣ କୁମାର ସାହୁ, ପ୍ରଦ୍ୟୁମ୍ନ ବେହେରା ପ୍ରମୂଖ ଫନି ମୁକାବିଲା ପାଇଁ ସଜାଗ ହୋଇ ଅଛନ୍ତି । ସେହିଭଳି ପଶ୍ଚିମବଙ୍ଗ ରାଜ୍ୟ ଇନ୍‌ଚାର୍ଜ ସୁରଜିତ୍ ମଣ୍ଡଳ ମଧ ଆଜାଦୀ ଠେଙ୍ଗାବାହିନୀ ସ୍ୱେଚ୍ଛାସେବୀଙ୍କୁ ନେଇ ସଜାଗ ରହିଛନ୍ତି । ରାଜ୍ୟ ପ୍ରଶାସନକୁ ଆଜାଦୀ ଠେଙ୍ଗାବାହିନୀ ସ୍ୱେଚ୍ଛାସେବୀମାନେ ସହଯୋଗ କରୁଛନ୍ତି । ପ୍ରତ୍ୟେକ ଜିଲାର ଜିଲାପାଳ, ଏସପିମାନଙ୍କୁ ଆଜାଦୀ ଠେଙ୍ଗାବାହିନୀ ସ୍ୱେଚ୍ଛାସେବୀମାନେ ଯୋଗାଯୋଗ କରନ୍ତୁ ବୋଲି ନାୟକ ସୂଚନା ଦେଇଛନ୍ତି। ଏପରିକି ଅସୁବିଧା ହେଲେ ସାହାଯ୍ୟ ଓ ସହଯୋଗ ପାଇଁ ନମ୍ବର ୯୪୩୭୮୦୪୬୯୯, ୯୮୬୧୦୩୪୧୬୩ରେ ଯୋଗାଯୋଗ କରିବାକୁ ବାହିନୀ ପକ୍ଷରୁ କୁହାଯାଇଛି।



ବାତ୍ୟା ମୁକାବିଲା ପାଇଁ ମାୟାଧର ନାୟକଙ୍କ ନେତୃତ୍ୱରେ ପ୍ରସ୍ତୁତ ଆଜାଦ୍ ଠେଙ୍ଗାବାହିନୀ।

■ ରସୁଲପୁର ବ୍ଲକ: ଫନୀକୁ ନେଇ ସମୀକ୍ଷା ବୈଠକ

## ସ୍ଥିତି ପରଖିଲେ ପ୍ରକଳ୍ପ ନିର୍ଦ୍ଦେଶକ

ରସୁଲପୁର,୨।୫(ଡିଏନଏ)

ରସୁଲପୁର ବ୍ଲକ ଅଞ୍ଚଳରେ ସମ୍ଭାବ୍ୟ ବାତ୍ୟା 'ଫନୀ'ର ମୁକାବିଲା ପାଇଁ ଗୁରୁବାର ଏକ ସମୀକ୍ଷା ବୈଠକ ବିଡିଓ ଉମାକାନ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ଯାଜପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା ଉପସ୍ଥିତ ରହି ବାତ୍ୟା ପୂର୍ବର ବ୍ଲକ ଅଞ୍ଚଳର ସ୍ଥିତିକୁ ପରଖି ଥିଲେ। ଏବିଡିଓ ଅସିତ୍ କୁମାର ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବାତ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ କି ପ୍ରକାର ପ୍ରତିକାରମୂଳକ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ବିଭିନ୍ନ ବିଭାଗରୁ ଉପସ୍ଥିତ ଅଧିକାରୀମାନେ ମତ ରଖିଥିଲେ। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ପ୍ରକ୍ରିୟା ଜାରି ରହିଛି । ବ୍ଲକର ୨୮ ପଞ୍ଚାୟତରୁ ପାଖାପାଖି ୨୦ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି । ଏ ସବୁ ଲୋକେ ଗାଁର ବିଦ୍ୟାଳୟ ଘର, କୋଠଘର, ଅନ୍ୟାନ୍ୟ ସୁରକ୍ଷିତ ସ୍ଥାନକୁ ଆଣିବା ପାଇଁ ପ୍ରୟାସ ଜାରି ରହିଛି। ଏହାଛଡା ମହିଳା ଓ ଶିଶୁ ବିଭାଗ ପକ୍ଷରୁ ୨୬୦ଟି ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ଥିବା ୬ମାସରୁ ୩ବର୍ଷ ୬, ୮୧୫ଜଣ ପିଲା ଓ ୨, ୭୯୦ଜଣ ଗର୍ଭବତୀ ଓ ପ୍ରସୂତିଙ୍କ ପାଇଁ କେନ୍ଦ୍ର ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଏଥିସହ ମେ ୧୦ ସୁଦ୍ଧା ପ୍ରସବ ତାରିଖ ଥିବା ୩୦ ଗର୍ଭବତୀଙ୍କୁ ସୁବିଧା ଅନୁସାରେ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ତଥ୍ୟ ଅନୁସାରେ ବ୍ଲକ ଅଞ୍ଚଳରେ ୮୨୦ ହେକ୍ଟର ଜମିରେ ପନିପରିବା ଚାଷ ହୋଇଛି। ମୁଗ ଓ ବରୀକୁ କ୍ଷେତରୁ ଉଚ୍ଚା ସ୍ଥାନରେ ଗଚ୍ଛିତ କରିବା, ଚାଷ ଜମିରୁ ପାଣି ନିଷ୍କାସନ ବ୍ୟବସ୍ଥା କରିବା, ଡାଲୁଆ ଧାନକୁ ସୁରକ୍ଷା ଦେବା ଦିଗରେ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ଘଣ୍ଟିଆ କଂଟ୍ରୋଲ ରୁମ ଖୋଲାଯାଇଛି।

## ବାତ୍ୟା ପ୍ରଭାବିତଙ୍କୁ ସାହାଯ୍ୟ କରିବାକୁ ଆହ୍ୱାନ

ଧର୍ମଶାଳା,୨।୫(ଡି.ଏନ୍.ଏ.)

ଧର୍ମଶାଳା ବିଜେଡି ପକ୍ଷରୁ ବାତ୍ୟା ଫନୀକୁ ନେଇ ଗୁରୁବାର ବିଧାୟକ ପ୍ରଣବ କୁମାର ବଳନ୍ତରାୟଙ୍କ ସଭାପତିତ୍ୱରେ ଧର୍ମଶାଳାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବାତ୍ୟାର ବିଭିନ୍ନ ପ୍ରଭାବ ସମ୍ପର୍କରେ ଉପସ୍ଥିତ ବିଜେଡି କର୍ମୀଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ କିଭଳି ଭାବରେ ଧର୍ମଶାଳାରେ ବାତ୍ୟା ପ୍ରଭାବିତ ଜନସାଧାରଣଙ୍କୁ ତୁରନ୍ତ ସାହାଯ୍ୟ ପ୍ରଦାନ କରାଯାଇପାରିବ ସେ ସମ୍ପର୍କରେ ପ୍ରଶାସନ ସହିତ କର୍ମୀମାନେ ସଂଯୋଗ ରକ୍ଷାକରି କର୍ମୀମାନଙ୍କୁ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ ଅସୁସ୍ଥ ବ୍ୟକ୍ତିଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବା ପାଇଁ ବିଜେଡି, ଯୁବଛାତ୍ର କର୍ମୀଙ୍କୁ କହିଛନ୍ତି। ଅଯଥା ଖାଦ୍ୟ ପଦାର୍ଥ ମହଜୁଦ୍ ନ ରଖି ଆବଶ୍ୟକ ପରିମାଣର ଶୁଖିଲା ଖାଦ୍ୟ, ଔଷଧ, ପିଇବା ପାଣି ପାଖରେ ରଖିବା ପାଇଁ ବିଧାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ରାଜ୍ୟ ପରିଷଦ ସଭ୍ୟ ଜଳଧର ସାହୁ, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ମହାନ୍ତି, ଧର୍ମଶାଳା ବ୍ଲକ ସଭାପତି ନିରଞ୍ଜନ ବଳ, ଜିଲା ପରିଷଦ ସଭ୍ୟ ନିରଞ୍ଜନ ରାଉତ, ଉତ୍କଳ ଦାସ, ଦୀଲିପ ବଳ, ଦୁଃଶାସନ ସାହୁ, ସନ୍ତୋଷ ଜେନା, ପୀତାମ୍ବର ନାୟକ, ଅମରେନ୍ଦ୍ର ରାୟ, ଶରତ ନାୟକ, ୫୪ଟି ପଞ୍ଚାୟତର ପର୍ଯ୍ୟବେକ୍ଷକ ଓ ବିଧାୟକଙ୍କ ପ୍ରତିନିଧି ନିର୍ମଳ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ଫନୀ ମୁକାବିଲାର ସମୀକ୍ଷା କଲେ ଆର୍‌ଡିସି

ଯାଜପୁର ଅଫିସ,୨।୫

■ ସମସ୍ତ ଅଧିକାରୀ, କର୍ମଚାରୀଙ୍କ ଛୁଟି ବାତିଲ
■ ମାଟିଘରେ ରହୁଥିବା ଲୋକଙ୍କୁ ସ୍ଥାନାନ୍ତର କର
■ ଆଶ୍ରୟ ସ୍ଥଳଗୁଡିକୁ ପରିଷ୍କାର, ପରିଚ୍ଛନ୍ନ ନିର୍ଦ୍ଦେଶ

ବାତ୍ୟା ଫନୀର ମୁକାବିଲା, ଉଦ୍ଧାର ଓ ଥଇଥାନ କାର୍ଯ୍ୟ ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ(ଆର୍‌ଡିସି) ଅନୀଲ କୁମାର ସାମଲ। କୌଣସି କର୍ମଚାରୀ ବିନାନୁମତିରେ ଅନୁପସ୍ଥିତ ରହିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆୟୁକ୍ତ ସାମଲ ସତର୍କ କରାଇ ଦେଇଛନ୍ତି। ବୁଧବାର ଯାଜପୁର ସର୍କିଟ୍ ହାଉସଠାରେ ଫନୀର ମୁକାବିଲା ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆରଡିସି ସାମଲ ଏଥିରେ ଅଧ୍ୟକ୍ଷତା କରିବା ସହ ସମ୍ଭାବ୍ୟ ବାତ୍ୟାରେ ଯେପରି ଜିରୋ କାଜୁଆଲିଟି ଅର୍ଥାତ୍ ଯେପରି ଜଣେ ହେଲେବି ବ୍ୟକ୍ତି ମୃତ୍ୟୁ ବରଣ ନ କରନ୍ତି ସେଥିପ୍ରତି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଲୁଆ ଅଞ୍ଚଳ, କଚା, ଚାଳ ଛପର ଘରଗୁଡ଼ିକରେ ରହୁଥିବା ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଏପରିକି ଯେଉଁ ଲୋକ ଆସିବାକୁ ଅମଙ୍ଗ ହେବେ ସେମାନଙ୍କୁ ସୁରକ୍ଷା ଦୃଷ୍ଟି କୋଣରୁ ଆସବାକୁ ବାଧ କରିବାକୁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଅଧିକ ବର୍ଷା ଓ ପବନ ହେବାର ପୂର୍ବାନୁମାନ କରାଯାଇଛି। ତେଣୁ ଗଛ ବା ଡାଳ ଭାଙ୍ଗିଲେ ତୁରନ୍ତ ସେଗୁଡିକୁ ଅପସାରଣ ପାଇଁ ଜେସିବି, କଟର ମେଶିନ ପ୍ରସ୍ତୁତ ରଖିବା, ସମ୍ଭାବ୍ୟ ବନ୍ୟା ପାଇଁ ବାଲି ବସ୍ତା, ବନ୍ଧ୍ୱା ମହଜୁଦ ରଖିବା, ଚୁଡ଼ା, ଚାଉଳ, ଗୁଡ, ବିସ୍କୁଟ ଇତ୍ୟାଦି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ, ଗୋଖାଦ୍ୟ, ଔଷଧ, ପାନୀୟ ଜଳ ଇତ୍ୟାଦି ପ୍ରସ୍ତୁତ ରଖିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଆଶ୍ରୟସ୍ଥଳ ଗୁଡ଼ିକୁ ବିଡିଓମାନେ ଅନୁଧ୍ୟାନ କରି ଲୋକ ରହିବା ଭଳି ପରିସ୍କାର ପରିଚ୍ଛନ୍ନ କରିବା, ବିଦ୍ୟୁତ, ପାନୀୟ ଜଳ ବ୍ୟବସ୍ଥା, ଡାକ୍ତରଖାନାଗୁଡ଼ିକରେ ଡାକ୍ତର, ଔଷଧ, ଜେନ୍‌ସେଟ୍ ବ୍ୟବସ୍ଥା, ଆଶ୍ରୟ ସ୍ଥଳ ଓ ଉଦ୍ଧାର ସ୍ଥଳର ଜେନ୍‌ସେଟ୍ ହେଉ ବା ଆସ୍କା ଲାଇଟ୍ ଗୁଡିକୁ ଉପଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। କଣ୍ଟ୍ରୋଲ ରୁମ୍‌ଗୁଡିକୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରିବା, ସମସ୍ତ ପାୱାର ବୋଟ୍ ଗୁଡିକୁ ଠିକ୍ ଭାବେ ଅନୁଧ୍ୟାନ ଓ ଚଳନକ୍ଷମ କରି ପ୍ରସ୍ତୁତ ରଖିବା, କୃଷକଙ୍କ ଉତ୍ପାଦିତ ସାମଗ୍ରୀଗୁଡିକୁ ସୁରକ୍ଷିତ ସ୍ଥାନକୁ ନେଇ ଆସିବାକୁ ସଚେତନ କରାଇବା, ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ହୋଇଥିବାରୁ ଏହି ଘରଗୁଡିକୁ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବା, ଏନ୍‌ଡିଆରଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି ବାତ୍ୟାରେ ସହଯୋଗ ପାଇଁ କେନ୍ଦ୍ରାଞ୍ଚଳ ଆୟୁକ୍ତ ସାମଲ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଜିଲାପାଳ ରଞ୍ଜନ କୁମାର ଦାସ ସମସ୍ତଙ୍କୁ ସ୍ୱାଗତ କରିବା ସହ ବାତ୍ୟା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ଜରୁରିକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କାଙ୍କ ସମେତ ପ୍ରମୁଖ ଜିଲାସ୍ତରୀୟ ଓ ବିଦ୍ୟୁତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ମେ, ୨୦୧୯



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ।
-ଫ୍ରାଙ୍କଲିନ



## ସାପ କାମୁଡ଼ାରେ ମହିଳା ମୃତ

ନୟାଗଡ଼ ଅଫିସ,୨।୫-ନୟାଗଡ଼ ଜିଲା ଗଣିଆ ବ୍ଲକ ବାଲିସାହି ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମହିଳା ଜଣଙ୍କ ହେଲେ ଉକ୍ତ ଗ୍ରାମର ମମତା ସାହୁ। ପ୍ରକାଶ ଯେ, ମମତା ଗୁରୁବାର ସକାଳୁ ବାଡ଼ିପଟକୁ ବାସନ ମାଜିବାକୁ ଯାଇଥିବାବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଦଶପଲ୍ଲାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର

ଦଶପଲ୍ଲା,୨।୫(ଡି.ଏନ.ଏ.)-ଫନୀ ପ୍ରଭାବରେ ଗୁରୁବାର ମଧ୍ୟାହ୍ନରୁ ଦଶପଲ୍ଲାରେ ଆରମ୍ଭ ହୋଇ ଯାଇଛି ବର୍ଷା,ପବନ। ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡିବା ସହ କିଛି ଘରର ଛପର ଉଡି ଯାଇଥିବା ଦେଖିବାକୁ ମିଳିଛି। ବାତ୍ୟାକୁ ମୁକାବିଲା କରିବା ପାଇଁ ବ୍ଲକ, ଏନ୍‌ଏସି ଏବଂ ତହସିଲ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ଉପ ଜିଲାପାଳ ଜିତେନ୍ଦ୍ର କୁମାର ସାହୁ ଦଶପଲ୍ଲାରେ ପହଁଚି ବାତ୍ୟା ସମ୍ପର୍କିତ ବିଭିନ୍ନ ସ୍ଥିତି ସମୀକ୍ଷା କରି ଫେରିଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ହାଲୋଜିନ୍ ଟ୍ୟାବଲେଟ ସହ ବ୍ଲିଚିଂ, ସାପକାମୁଡା ଇଞ୍ଜେକଶନ ପ୍ରଭୃତି ମହଜୁତ କରାଯାଇ ରଖାଯାଇଛି। ଏଥିସହିତ ପ୍ରବଳ ବର୍ଷାକୁ ଆଖି ଆଗରେ ରଖି ଜଳ ସମ୍ପଦ ବିଭାଗ ପକ୍ଷରୁ କୁଆଁରିଆ ନଦୀପାର୍ଶ୍ୱ ଗାଁ ଗୁଡିକ ସଜାଗ ରହିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରାଯାଇଛି। ବିଭିନ୍ନ ପଞ୍ଚାୟତରେ ନୋଡାଲ ଅଫିସର ମାନଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରତ୍ୟେକ ବିଦ୍ୟାଳୟ ଗୁଡ଼ିକୁ ଖୋଲା ରଖାଯାଇଛି।

## ଅବ୍ୟବସ୍ଥା ମଧ୍ୟରେ ଅବକାରୀ କାର୍ଯ୍ୟାଳୟ

**ଖଣ୍ଡପଡ଼ା,୨।୫(ସ୍ୱ.ପ୍ର.):** ଖଣ୍ଡପଡ଼ା ସହରର ୧୨ ନଂ ୱାର୍ଡ ଚିନିକଲ ସାହିରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଅବକାରୀ ବିଭାଗର ନୂତନ କାର୍ଯ୍ୟାଳୟଟି ନିର୍ମାଣ କରାଯାଇଥିଲା। ତେବେ ସମ୍ପ୍ରତି ଏହା ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ଅଭିଯୋଗ ହେଉଛି। ଏଠାରେ କାର୍ଯ୍ୟରତ କର୍ମଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନାଯୋଗ୍ୟ, କାର୍ଯ୍ୟାଳୟର ସମ୍ମୁଖ ଭାଗ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଜବରଦଖଲ ଭାବେ ଏଠାରେ ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରାଯାଇଥିବାରୁ ଏହାକୁ ହଟାଇବା ପାଇଁ ସ୍ଥାନୀୟ ତହସିଲ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି। ୨ ବର୍ଷ ତଳୁ କାର୍ଯ୍ୟାଳୟଟି କାର୍ଯ୍ୟକ୍ଷମ ହୋଇଥିଲେ ମଧ ଅଦ୍ୟାବଧି ଏହି ସ୍ଥାନକୁ ବିଦ୍ୟୁତ୍ ସଂଯୋଗୀକରଣ ହୋଇପାରିନାହିଁ। ବିଦ୍ୟୁତ୍ ସଂଯୋଗ ନିମନ୍ତେ କାର୍ଯ୍ୟାଳୟ ନିକଟରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଛି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ବିଦ୍ୟୁତ୍ ବିଭାଗ(ସେସୁ) କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ଏହି କାର୍ଯ୍ୟରେ ବାଧାସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ବିଭିନ୍ନ ସମସ୍ୟା ମଧ ଦେଇ ଗତି କରୁଥିବା ଏହି କାର୍ଯ୍ୟାଳୟଟି ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ୩ ଭାଇଙ୍କ ଘର ଜଳିଗଲା

**ଦାରିଙ୍ଗବାଡି,୨।୫(ଡି.ଏନ.ଏ.):** ଦାରିଙ୍ଗବାଡି ଥାନା ଶ୍ରୀନିକେତା ପଞ୍ଚାୟତ ଦଣ୍ଡିମା ଗ୍ରାମରେ ବୁଧବାର ନିଆଁ ଲାଗି ୩ ଭାଇଙ୍କ ୬ ବଖରା ପୋଡି ଯାଇଛି। ବିପନ୍ନମାନେ ହେଲେ ଅଜିତ୍ ନାୟକ, ଅଜୟ ନାୟକ ଓ ବିଜୟ ନାୟକ। ଦାରିଙ୍ଗବାଡି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ଘରର ସମସ୍ତ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ସମେତ ଟଙ୍କା, ସୁନା ଓ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ।

### ଘନ ଘନ ବିଦ୍ୟୁତ୍‌କାଟ ଯୋଗୁ ଜନ ଅସନ୍ତୋଷ

# ଭିତ୍ତିଭୂମିର ବିକାଶ ନିମନ୍ତେ ପଦକ୍ଷେପ ଦାବି

**ଖଣ୍ଡପଡ଼ା,୨।୫(ସ୍ୱ.ପ୍ର.)**

ଖଣ୍ଡପଡ଼ା ବିଦ୍ୟୁତ ସବ୍ ଡିଭିଜନ ଅନ୍ତର୍ଗତ ଖଣ୍ଡପଡ଼ା, କଣ୍ଟିଲୋ, ବାଣପୁର, ପଥରଚକଡା, ସିଧାମୂଳା,ବନମାଳୀପୁର, ବାଇଗୁଣିଆ, ବାଘୁଆପଲ୍ଲୀ, ଜଗନ୍ନାଥପ୍ରସାଦ, ରାଣୀଛେଲ୍ଲୀ, ବେଣାଗାଡିଆ ଆଦି ପଞ୍ଚାୟତ ଅଞ୍ଚଳରେ ଦିନରାତି ଘନ ଘନ ବିଦ୍ୟୁତ୍‌କାଟ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଉପଭୋକ୍ତା ଓ ସାଧାରଣ ଜନତା ବାରମ୍ବାର ବିଦ୍ୟୁତ୍ ବ୍ୟାହତ ଯୋଗୁ ହଇରାଣ ହେଉଛନ୍ତି। ଗତ ସପ୍ତାହରେ କଣ୍ଟିଲୋ ପ୍ରାଣୀ ଚିକିତ୍ସାଳୟ ନିକଟସ୍ଥ ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡ଼ିଯିବା ଯୋଗୁ ଦିନସାରା ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ସମ୍ପ୍ରତି ବାତ୍ୟା ସମୟରେ ବାରମ୍ବାର ବିଦ୍ୟୁତ୍ ସରବରାହ ବନ୍ଦ ରହିବା ଫଳରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି । ଉପଭୋକ୍ତାମାନଙ୍କୁ ଉପଯୁକ୍ତ ବିଦ୍ୟୁତ୍ ସେବା ଯୋଗାଇ ଦେବାରେ ସେସୁ ଓ ଫେଡ୍‌କୋ ସଂସ୍ଥା ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି । ଏହାର ପ୍ରତିକାର ପାଇଁ ବାରମ୍ବାର ଦାବି ହେଉଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଲୋକେ ହନ୍ତସନ୍ତ ହେଉଛନ୍ତି । ସୂଚନାରୁ ପ୍ରକାଶ, ନୟାଗଡ ଜିଲା ରାଜପାଟଣା ମୁଖ୍ୟଗ୍ରୀଡ୍ ୪୦ ଏମ୍‌ଭିଏ ତଥା ୨୨୦/୩୩ କେଭି ତାର ବାହକ ସବ୍‌ଗ୍ରୀଡକୁ ଯାଇଥିବାବେଳେ ଖଣ୍ଡପଡା ସବ୍‌ଡିଭିଜନର ବିଭିନ୍ନ ସେକ୍ସନକୁ ୩୩/୧୧ କେଭି ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି । ଖଣ୍ଡପଡା ସେସୁ ସହକାରୀ ପରିଚାଳକ ଇଂ. ପ୍ରତ୍ୟୁଷ କୁମାର ମହାନ୍ତିଙ୍କ ସୂଚନା ଅନୁସାରେ ସୌଭାଗ୍ୟ ଯୋଜନା, ବିଜୁ ଗ୍ରାମ ଜ୍ୟୋତି ଯୋଜନା, ବିଜୁ ସହରାଞ୍ଚଳ ବିଦ୍ୟୁତ୍‌କରଣ ଯୋଜନା, ରାଜୀବ ଗାନ୍ଧୀ କୁଟୀର ଜ୍ୟୋତି ଯୋଜନା, ପାରିପାର୍ଶ୍ୱିକ ଉନ୍ନତିମୂଳକ ବିଦ୍ୟୁତ ସଂଯୋଗୀକରଣ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ବିଦ୍ୟୁତ୍ ସଂଯୋଗ ଦିଆଯାଉଛି । ଏଥିପାଇଁ ପ୍ରଚୁର ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ସତ୍ତ୍ୱେ ସେହି ତୁଳନାରେ ଭିତ୍ତିଭୂମିର ବିକାଶ ନ ହେବା ଫଳରେ ବିଦ୍ୟୁତ୍ ସେବା ବ୍ୟାଘାତ ଘଟୁଛି । ନୂତନ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ସଂଯୋଗ ଦିଆଯାଉଥିଲେ ମଧ ସେହି ତୁଳନାରେ କର୍ମଚାରୀ, ଯନ୍ତ୍ରପାତି ଏବଂ ଆନୁଷଙ୍ଗିକ ବ୍ୟବସ୍ଥା ହେଉ ନ ଥିବାରୁ ସମସ୍ୟା ବୃଦ୍ଧି ପାଉଛି । ଏ ପରିସ୍ଥିତିରେ କୌଣସି ଅଭିଯୋଗ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରୁନି, ଯଦିଓ କେତେବେଳେ କେମିତି ଯୋଗାଯୋଗ ହୁଏ ତେବେ ଉତ୍ତର ମିଳୁଛି ଖଣ୍ଡପଡା-ନୟାଗଡ ମଧ୍ୟରେ ଯାନ୍ତ୍ରିକ ତ୍ରୁଟି ରହିଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଲାଇନ୍ ନ କାଟିବା ପାଇଁ ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ଏହାକୁ ଅମାନ୍ୟ କରାଯାଉଛି । ସୂଚନାଯୋଗ୍ୟ, ଖଣ୍ଡପଡା ସେସୁ ଉପଖଣ୍ଡ ଅଧୀନରେ ଖଣ୍ଡପଡା, କଣ୍ଟିଲୋ, ଭାପୁର-୧ ଓ ଭାପୁର-୨ ବିଦ୍ୟୁତ୍ ସେକ୍ସନ ରହିଛି । ଏଥିମଧ୍ୟରୁ ଭାପୁର-୧ ଓ ଖଣ୍ଡପଡା ସେକ୍ସନରେ ୩୩ କେଭି ସିଙ୍ଗଲ୍ ସର୍କିଟ ପାଇଁ ଯଥାକ୍ରମେ ୧୯ ଓ ୨୭ କିଲୋମିଟର ତାର ଲାଇନ୍ ରହିଥିବାବେଳେ ୧୧ କେଭି ୩ ଫେଜ୍ ପାଇଁ କଣ୍ଟିଲୋ, ଭାପୁର-୧, ଭାପୁର-୨ ଓ ଖଣ୍ଡପଡା ପାଇଁ ଯଥାକ୍ରମେ ୧୫୨.୨୮, ୧୪୯.୪୭, ୮୯.୮୫ ଓ ୧୩୯.୧୦୫ କି.ମି, ତାର ବ୍ୟବହାର ହୋଇଛି । ଡବଲ ଫେଜ୍ ପାଇଁ ସେହିକ୍ରମରେ ୬.୦୮, ୧୪.୮୮୦, ୫.୭ ଓ ୫.୩୪୦ କି.ମି ତାର ଲାଗିଛି। ଅପରପକ୍ଷରେ ଉକ୍ତ ୪ଟି ସେକ୍ସନରେ ୩ ଫେଜ, ଡବଲ୍ ଫେଜ୍ ଓ ସିଙ୍ଗଲ ଫେଜ୍ ଏଲ୍‌ଟି ଲାଇନ୍ ପାଇଁ ୪୭୨ କିଲୋମିଟର ତାର ଏବଂ ୩୩ କେଭି ଓ ୧୧ କେଭି ଲାଇନ ପାଇଁ ସମୁଦାୟ ୧୦୪୮.୭୦୫ କି.ମି. ତାର ଟଣାଯାଇଛି। ଏହାଛଡା ଭାପୁର-୧ ସେକ୍ସନରେ ୩୩ କେଭି ଲାଇନ ପାଇଁ ଗୋଟିଏ ୨୫୦ କେଭିର ଟ୍ରାନ୍ସଫର୍ମର ଲାଗିଥିବା ବେଳେ ଖଣ୍ଡପଡାରେ ଏକ ଶହେ କେଭିର ଟ୍ରାନ୍ସଫର୍ମର କାର୍ଯ୍ୟ କରୁଛି। କଣ୍ଟିଲୋ, ଭାପୁର-୧, ଭାପୁର-୨ ଓ ଖଣ୍ଡପଡାରେ ୨୦୦, ୧୦୦, ୬୩, ୫.୨୫, ୧୬ ଓ ୧୦ କେଭି ପାଇଁ ସମୁଦାୟ ୧୦୯୦ଟି ଟ୍ରାନ୍ସଫର୍ମର ବ୍ୟବହାର କରାଯାଉଥିବା ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି । ତେବେ ଦୀର୍ଘ ୫୦ ବର୍ଷ ପୂର୍ବେ ସଂଯୁକ୍ତ ବିଦ୍ୟୁତ ତାର, ଟ୍ରାନ୍ସଫର୍ମର, ଖୁଣ୍ଟଗୁଡିକର ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଥିଲେ ମଧ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଭିତ୍ତିଭୂମିର ବିକାଶ ହୋଇ ପାରିନାହିଁ । ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି।

**ଖଣ୍ଡପଡା ବିଦ୍ୟୁତ୍ ଉପଖଣ୍ଡ**

## ଖଣ୍ଡପଡ଼ା ବ୍ଲକରେ ଫନୀ ପ୍ରସ୍ତୁତି



ବୈଠକରେ ଲୋକପ୍ରତିନିଧି ଓ ବିଭିନ୍ନ ବିଭାଗୀୟ ଅଧିକାରୀ।

**ଖଣ୍ଡପଡା,୨।୫(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ ଫନୀ ମୁକାବିଲା ପାଇଁ ଖଣ୍ଡପଡା ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଜଣାପଡିଛି। ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଗୌରବମୟ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧୀନ ୨୨ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗଦେଇଥିଲେ। ଫନୀ ଆସୁଥିବାରୁ କଣ୍ଟିଲୋ, ବଡବାଣପୁର, ସିଧାମୂଳା ଓ ବେଣାଗାଡିଆ ପଞ୍ଚାୟତର ଜନସାଧାରଣ ଭୟଭୀତ ହୋଇପଡିଛନ୍ତି। ତେବେ ଏହି ରିପୋର୍ଟ ଲେଖାହେବା ବେଳକୁ ନୀଳମାଧବ ବିଦ୍ୟାପୀଠ ଆଶ୍ରୟସ୍ଥଳୀରେ ୪୦ ଜଣଙ୍କୁ ଅବସ୍ଥାପିତ କରାଯାଇଛି। ପ୍ରତି ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଆଶ୍ରୟସ୍ଥଳୀଗୁଡିକରେ ରନ୍ଧାଖାଦ୍ୟ ବ୍ୟବସ୍ଥା କାରାଯାଇଛି। ପଞ୍ଚାୟତ ଅଧୀନ ୨/୩ଟି ବିଦ୍ୟାଳୟରେ ଜନସାଧାରଣଙ୍କ ନିମନ୍ତେ ପିଇବା ପାଣି, ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ଔଷଧ ଆଦି ମହଜୁଦ୍ ରଖାଯାଇଛି। ଗର୍ଭବତୀ ମହିଳାମାନେ କିଭଳି ସୁରକ୍ଷିତ ଭାବେ ଆଶ୍ରୟସ୍ଥଳୀ ଗୁଡିକରେ ଆଶ୍ରୟ ନେଇ ପାରିବେ ସେଥିନିମନ୍ତେ ମଧ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଝିଟିମାଟି ଚାଳଛପର ଘର, କଚ୍ଚା ଓ ଆଜବେଷ୍ଟସ୍ ଘରେ ରହୁଥିବା ଲୋକମାନେ ନିରାପଦ ଆଶ୍ରୟସ୍ଥଳୀକୁ ଚାଲିଯିବା ପାଇଁ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ଗୁରୁବାର ଅପରାହ୍ନ ୨ଟାରୁ ଖଣ୍ଡପଡା ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଝିପିଝିପି ବର୍ଷା ଲାଗିରହିଛି। ମାତ୍ର ପବନର ପ୍ରଭାବ ସେତେଟା ନ ଥିବାବେଳେ ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନୟାଗଡ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ କାର୍ଯ୍ୟାଳୟର ଅଧିକାରୀମାନେ ସମ୍ଭାବ୍ୟ ବାତ୍ୟା ମୁକାବିଲା ନିମନ୍ତେ ପ୍ରସ୍ତୁତ ଥିବା ସୂଚନା ମିଳିଛି। ପ୍ରତ୍ୟେକ ପଞ୍ଚାୟତରେ ଜଣେ ଜଣେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ନୋଡାଲ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌କୁ ପ୍ରତି ମୁହୂର୍ତ୍ତରେ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. MSM-TCC-TIG-JNRD-BLGR-19

**କାର୍ଯ୍ୟର ନାମ :** 02 ବର୍ଷ ସମୟାବଧି ନିମନ୍ତେ ଜୁନାଗଡ଼ ଏବଂ ଟିଟିଲାଗଡ଼ ତଥା ବଲାଙ୍ଗୀର ଷ୍ଟେସନ ଠାରେ ଟ୍ରେନ୍ ନଂ.18437/18438, 58303/58304, 58207/58208, 12871/12872, 12893/12894, 58305/58306 ଏବଂ 58307/58308 ର ଟର୍ମିନାଲ (Terminal) ସଫେଇ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 1,59,82,671.72, EMD (ଟଙ୍କାରେ) : 2,29,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,000/-, କାର୍ଯ୍ୟ ଶେଷ ହେବା ଅବଧି : 02 (ଦୁଇ) ବର୍ଷ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.05.2019ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ)
PR-58/K/19-20 ସମ୍ବଲପୁର



**STATE COUNCIL FOR TECHNICAL EDUCATION & VOCATIONAL TRAINING, ODISHA**
S.C.T.E.&V.T. ODISHA
**ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା**

**NOTICE**

No.KK-03:- In view of the **CYCLONIC STORM "FANI"** all the Diploma Semester Examinations scheduled to be held on 2nd, 3rd & 4th May, 2019 are post-poned until further orders. The revised dates of the above Examinations shall be announced later on.

**Sd./- Controller of Examinations**
44002/11/0002/1920



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର

**ଟେଣ୍ଡର ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟ ପରିସର ମଧ୍ୟରେ ଭୋଜନାଳୟର ସୁବିଧା ଯୋଗାଇ ଦେବା।

ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କାର୍ଯ୍ୟାଳୟ ସମସ୍ତ ପ୍ରତିଷ୍ଠିତ ଏବଂ ନାମକରା କ୍ୟାଟରିଂ ସଂସ୍ଥା (କ୍ୟାଣ୍ଟିନ ପରିଚାଳନାରେ ଯଥେଷ୍ଟ ଅଭିଜ୍ଞତା ଥିବା)ମାନଙ୍କ ଠାରୁ ଏହାର ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟ ପରିସର ମଧ୍ୟରେ ଷ୍ଟାଫ୍ ସଦସ୍ୟମାନଙ୍କୁ କ୍ୟାଣ୍ଟିନ ସୁବିଧା ଯୋଗାଇ ଦେବାପାଇଁ ଆବେଦନପତ୍ର ଆହ୍ୱାନ କରୁଛି। ସମସ୍ତ ବିବରଣୀ ସହ ଲିଖିତ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ମେ 24,2019 (ଅପରାହ୍ନ 2.00ଟା)।

ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବାପାଇଁ ଆରବିଆଇ ୱେବସାଇଟ www.rbi.org.in ର 'ଟେଣ୍ଡର ବିଭାଗ' ରେ ଲଗ ଇନ କରନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ



**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ଭୁବନେଶ୍ୱର

**ଟେଣ୍ଡର ସୂଚନା**
(କେବଳ ଇ-ପ୍ରାପ୍ତି ମାଧ୍ୟମରେ)

ଇଲେକ୍ଟ୍ରୋନିକ ଟେଣ୍ଡର-ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର କାର୍ଯ୍ୟାଳୟର ସୁରକ୍ଷା ପରିସର ବହିର୍ଭୂତ ସ୍ଥାନ, ସଂଲଗ୍ନ ଗୃହ ଏବଂ ପାରିପାର୍ଶ୍ୱିକ ସ୍ଥାନରେ ଥିବା ଶୌଚାଳୟଗୁଡ଼ିକର ଦୈନିକ ସଫେଇ କାର୍ଯ୍ୟ ନିମନ୍ତେ ବାର୍ଷିକ କଣ୍ଟ୍ରାକ୍ଟ

ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର କାର୍ଯ୍ୟାଳୟ ସମସ୍ତ ପ୍ରତିଷ୍ଠିତ ଏବଂ ନାମକରା କଣ୍ଟ୍ରାକ୍ଟରମାନଙ୍କ ଠାରୁ ଉପରୋକ୍ତ କାର୍ଯ୍ୟ ପାଇଁ ଆନୁମାନିକ ବାର୍ଷିକ ୧୦.୫ ଲକ୍ଷ ମୂଲ୍ୟ ମଧ୍ୟରେ ଯୋଗ୍ୟ କଣ୍ଟ୍ରାକ୍ଟରମାନଙ୍କ ଠାରୁ ଇ-ଟେଣ୍ଡର ଆହ୍ୱାନ କରୁଛି। ଏମ୍‌ଏସ୍‌ଟିସି ପୋର୍ଟାଲରେ "ଟେଣ୍ଡର ଗ୍ରହଣର ଶେଷ ତାରିଖ" ମେ 31,2019 ଦିନ 12.00 ଟା ପର୍ଯ୍ୟନ୍ତ ରହିଛି।

ଏହି ସମ୍ବନ୍ଧୀୟ ବିଶେଷ ସର୍ତ୍ତାବଳୀ ଜାଣିବାପାଇଁ ଆରବିଆଇ ୱେବସାଇଟ www.rbi.org.inର 'ଟେଣ୍ଡର ବିଭାଗ'ରେ ଲଗ ଇନ କରନ୍ତୁ ତଥା ଟେଣ୍ଡର ଅପ୍‌ଲୋଡ୍ କରିବା ପାଇଁ https://mstcecommerce.com ୱେବସାଇଟ ରେ ପଞ୍ଜିକରଣ କରନ୍ତୁ।

କ୍ଷେତ୍ରୀୟ ନିର୍ଦ୍ଦେଶକ



**TATA STEEL** TATA

**RECRUITMENT OF TRADE APPRENTICES (TA-2019) FOR TATA STEEL KALINGANAGAR**

**Domicile:** Odisha

**Eligibility (Qualification):** Matriculation or equivalent examination having passed in all subjects with minimum aggregate marks of 60% (55% for SC/ST candidates). Must have English, Science and Mathematics as subjects in Matriculation or equivalent examination (9.5 x CGPA= % Marks, if applicable)

**OR**

2 years full time ITI in Mechanical trade recognised by NCVT / SCVT with minimum 60% (aggregate of all semesters)

**Age: For General Matriculate Candidates:** Should have been born between April 1, 2000 and April 1, 2004 (both days inclusive)

**For SC/ST Matriculate Candidates:** Should have been born between April 1, 1999 and April1, 2004 (both days inclusive)

**OR**

**For General ITI Candidates:** Should have been born between April 1, 1998 and Oct 1, 2002 (both days inclusive)

**For SC/ST ITI Candidates:** Should have been born between April 1, 1997 and Oct 1, 2002 (both days inclusive)

The application is open from **April 30 - May 13, 2019**

Fill the application and submit online. No hard copy to be submitted.

**How to apply: Go to careers.tatasteelindia.com, then click on Current Openings, then apply for Jobs/Internship.**

Registered Office: Bombay House, 24, Homi Mody Street, Fort, Mumbai 400 001, India
Tel.: 022 66658282 Fax: 022 66657724 (CIN) – L27100MH1907PLC000260
Website: www.tatasteel.com



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ) [ରୁଲ୍- ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ୨୦୦୨ର ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟିସ୍ ଦର୍ଶିତ ରାଶି ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ରଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ରଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଆଇନଗତ ଖର୍ଚ୍ଚ ଓ ଆନୁସାଙ୍ଗିକ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍‌ଦ୍ୱାରା ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ନୋଟିସ୍ ତାରିଖ |
|---|---|---|---|
| ରଣଗ୍ରହୀତା: ମେସର୍ସ ନେକ୍ସାରସ ଫୁଡ୍ସ ପ୍ରା. ଲି:., ପରିଚାଳନା ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତା: ଶ୍ରୀ ଜୟ ନାରାୟଣ ପୂଜାପଣ୍ଡା, ନିର୍ଦ୍ଦେଶକ/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ରାଜଲକ୍ଷ୍ମୀ ମହାସୁଆର, ଫ୍ଲାଟ୍ ନଂ.: ୯୦୩, ୯ମ ମହଲା, ଟାୱାର-୧, ଜେଡ୍-୧, କଳାରାହାଙ୍ଗ, ଭୁବନେଶ୍ୱର, ୨) ଶ୍ରୀ ବିଭାସ ରଞ୍ଜନ, ଫ୍ଲାଟ୍ ନଂ.: ୧୦୦୨, ୧୦ମ ମହଲା, ଟାୱାର-୩, ଜେଡ୍-୧, କଳାରାହାଙ୍ଗ, ଭୁବନେଶ୍ୱର-୭୫୧୦୨୪ | ୧) ରାଜଲକ୍ଷ୍ମୀ ମହାସୁଆରଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ପୁରୀ, ମୌଜା: ହରେକୃଷ୍ଣପୁର, ଖାତା ନଂ.: ୭୦୪/୧୪୨, ପ୍ଲଟ୍ ନଂ.: ୩୧୪/୨୫୧୧, କ୍ଷେତ୍ର: ଏକର୦.୧୫୧ ଡିସିମିଲ, କିସମ: ଘରବାରୀ, ୨) ଶ୍ରୀମତୀ ରାଜଲକ୍ଷ୍ମୀ ମହାସୁଆର ଏବଂ ଜୟ ନାରାୟଣ ପୂଜାପଣ୍ଡାଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୯୦୩, ୯ମ ମହଲା, ଟାୱାର-୧, ଜେଡ୍-୧, କଳାରାହାଙ୍ଗ, ଭୁବନେଶ୍ୱର, ୩) ବିଭାସ ରଞ୍ଜନଙ୍କ ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୧୦୦୨, ୧୦ମ ମହଲା, ଟାୱାର-୩, ଜେଡ୍-୧, କଳାରାହାଙ୍ଗ, ଭୁବନେଶ୍ୱର-୭୫୧୦୨୪ | ୧୦.୧୨.୨୦୧୮ ସୁଦ୍ଧା ୫୪,୬୨,୨୧,୧୪୫.୧୦ + ପରବର୍ତ୍ତୀ ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୨.୧୨.୨୦୧୮ / ୩୦.୦୪.୨୦୧୯ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୫.୨୦୧୯ ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



FORM NO.13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. No.: 431/17**

**UCO Bank** ...Applicant
Versus
**Dhanjay Mishra** ...Defendant[s]
To
**M/s. Orissa Homes Pvt. Ltd.** represented through its **Managing Director Sri Jagat Jiban Nayak,** S/o.: Late Kali Charan Nayak, N-3/243, IRC Village, Nayapalli, Bhubaneswar-751015.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 431/17** in the Court of the Debts of Recovery Tribunal, Cuttack for recovery of **Rs.16,51,561/-** Only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **24.06.2019 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **15th day of April, 2019.**

Sd/-
REGISTRAR I/C



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 383 of 2018**

**IDBI Bank Limited, Puri Branch,** At/P.O/Dist.: Puri ..Applicant
AND
**M/s. Sai Om Tours & Service and others** ...Defendants
To
1. **M/s. Sai Om Tours & Service,** At: Prabhat Lane, Duttatota, Dist.: Puri-752001, represented through its **Prop.: Mr. Madhabananda Dash.**
2. **Mr. Madhabananda Dash,** S/o- Baidhar Dash, At: Prabhat Lane, Duttatota, Dist.: Puri-752001.
3. **Sri Rasaranjan Dash,** S/o- Mr. Madhabananda Dash, At: Prabhat Lane, Duttatota, Puri Municipality, Kumbharpada, Dist.: Puri-752002.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 383/2018** in the Court of Debts Recovery Tribunal at Cuttack for a recovery of **Rs.16,25,758.50** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **6th day of June 2019 at 10.30A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **16th day of April 2019.** Sd/- Registrar I/C, Debts Recovery Tribunal



**CLASSIFIED DISPLAY**

**NTT PTT**
NURSERY TEACHER TRAINING—1 Year
PRIMARY TEACHER TRAINING—2 years
Government Registered; International Accreditation
18 batches already graduated and engaged in international & reputed schools
Exam at BBSR Centre; Training & Placement Advice provided
For further details and admission, contact
9861062475 / 7008025857

**Life Care Emporium** Upto 50% OFF
AN EXCLUSIVE SHOWROOM OF HOSPITAL ITEMS & BODY FITNESS MATERIALS



Plot No.48, Ground Floor, Narayani Complex, Ashok Nagar, Bhubaneswar-751009, E-mail: lifecareemporium@gmail.com, www.lifecareemporium.com
9861067341, 0674-2597841

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ମାସିକ ୧୦,୦୦୦ରୁ ୧ଲକ୍ଷ ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି ଓରେନ ଶିକ୍ଷାର୍ଥୀ



WORLD'S GREATEST BRAND IN SKILL TRAINING
ORANE INTERNATIONAL
BECOME A PROFESSIONAL MAKEUP ARTIST
Join Short Term MAKEUP COURSES
www.oranebeautyinstitute.com
CALL: 73288-24255, 73288-24260 Satya Nagar Bhubaneswar

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ମେ, ୨୦୧୯



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା,
ତେବେ କାହାକୁ ଦୁଃଖ ଦିଅ ନାହିଁ।
- ମହାତ୍ମା ଗାନ୍ଧୀ



## ■ ଫନୀ ପାଇଁ ଜିଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି

# ୫୬୧ ଆଶ୍ରୟସ୍ଥଳୀକୁ ୩୦,୯୩୨ଲୋକ ହେବେ ସ୍ଥାନାନ୍ତର

**ନୟାଗଡ଼ ଅଫିସ,୨।୫**

ସାମୁଦ୍ରିକ ଝଡ଼ 'ଫନୀ' ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଫନୀ ପୂର୍ବରୁ ଜିଲାର ୫୬୧ଆଶ୍ରୟସ୍ଥଳୀକୁ ୩୦,୯୩୨ ଲୋକଙ୍କୁ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯାଇଛି। ତଳିଆ ଅଞ୍ଚଳରେ ରହୁଥିବା ପ୍ରାୟ ୩ହଜାର ଲୋକଙ୍କୁ ସୁରକ୍ଷିତ ଜାଗାକୁ ଅଣାଯାଇଛି। ଜିଲାରେ ୧୭ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ଥିବାବେଳେ ୫ଗୋଟି ପାୱାରବୋଟ୍ ଗଚ୍ଛିତ ରଖାଯାଇଥିବା ଜିଲାପାଳ ଡା.ଏନ୍ ତିରୁମାଲା ନାୟକ ପ୍ରକାଶ କରିଛନ୍ତି। ନୟାଗଡ଼ ଓ ରଣପୁର ବ୍ଲକରେ ଅଧିକ କ୍ଷୟକ୍ଷତି ହେବାର ସମ୍ଭାବନା ରହିଥିବା ଜିଲାପାଳ ନାୟକ ସୂଚନା ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ୨୬ ଜଣିଆ ଓଡ୍ରାଫ୍ ଟିମ୍ ଓଡଗାଁ ବ୍ଲକରେ ଥିବାବେଳେ ରଣପୁର ବ୍ଲକରେ ଏନଡିଆରଏଫ ଟିମ୍ ସଜାଗ ଅଛନ୍ତି। ଶୁକ୍ରବାର ଆର୍ମି ଟିମ୍ ନୟାଗଡ଼ରେ ପହଞ୍ଚିବା ପାଇଁ ବ୍ୟବସ୍ଥା ହୋଇଛି। ଯେ କୌଣସି ମୁହୂର୍ତ୍ତରେ ଏମାନେ ଲୋକଙ୍କୁ ସହାୟତା ଯୋଗାଇବା ପାଇଁ ସଜାଗ ହୋଇ ରହିଛନ୍ତି। ବାତ୍ୟାରେ କେହି ଅସୁବିଧାର ସମ୍ମୁଖୀନ ହୋଇଥିଲେ ରାଜ୍ୟ ଜରୁରିକାଳୀନ ନମ୍ବର ୧୦୭୭କୁ କଲ୍ କରିବା ପାଇଁ ସୂଚନା ଦିଆଯାଇଛି। ସେହିପରି ଜିଲାର ମଧ୍ୟ ଏକ ଜରୁରିକାଳୀନ ନମ୍ବର ଜାରି କରାଯାଇଛି। ତାହା ହେଲା ୦୬୭୫୩ ୨୫୨୯୭୮। ବାତ୍ୟା ପରେ ଗଛ ଭାଙ୍ଗିବା ଓ କେଉଁଠାରେ ବନ୍ୟା ପରେ ପାଣି ଜମା ହେଲେ ଏହାକୁ ସମାଧାନ କରାଯିବା ପାଇଁ ଲାଇନ୍ ବିଭାଗ ପ୍ରସ୍ତୁତ ଥିବା ଜିଲାପାଳ ନାୟକ ସୂଚନା ଦେଇଛନ୍ତି। ପଞ୍ଚାୟତଠାରୁ ଆରମ୍ଭ କରି ଜିଲାସ୍ତରୀୟ କର୍ମଚାରୀ ଓ ଅଧିକାରୀମାନେ ବାତ୍ୟା ପାଇଁ ସଜାଗ ରହିଛନ୍ତି। ଯେଉଁମାନେ କଚ୍ଚା ଘରେ ରହୁଛନ୍ତି ସେମାନେ ନିକଟସ୍ଥ ବିଦ୍ୟାଳୟ କିମ୍ବା ସୁରକ୍ଷିତ ସ୍ଥାନରେ ଯାଇ ରହିବା ପାଇଁ ପ୍ରଶାସନ ପକ୍ଷରୁ ଘର ଘର ବୁଲି ଲୋକମାନଙ୍କୁ କୁହାଯାଉଛି। ଫନୀର ପ୍ରଭାବରେ ଗୁରୁବାର ସକାଳୁ ନୟାଗଡ଼ରେ ମେଘୁଆ ପାଗ ରହିଥିଲା। ଏହା ପରେ ଅପରାହ୍ନ ୨ଟାରୁ ଝିପିଝିପି ବର୍ଷା ଆରମ୍ଭ ହୋଇଥିଲା। ପରେ ମଝିରେ ମଝିରେ ଜୋର୍ ବର୍ଷା ତ କେତେବେଳେ ଝିପିଝିପି ବର୍ଷା ଦିନ ତମାମ୍ ଲାଗି ରହିଥିଲା। ଅନ୍ୟପକ୍ଷେ ବାତ୍ୟାକୁ ଦେଖି ବେପାରୀମାନେ ଗ୍ରାହକଙ୍କୁ ଶୋଷଣ କରିବାରେ ଲାଗିଲେଣି। ଯେଉଁଠି ଆଳୁ ୧.୫ କିଲୋକୁ ୨୦ ଟଙ୍କାରେ ବିକ୍ରି କରାଯାଉଥିଲା, ବର୍ତ୍ତମାନ କିଲୋ ୨୦ ଟଙ୍କା ହୋଇଛି। ସେହିପରି ପିଆଜ କିଲୋ ୧୫ ଟଙ୍କାରେ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ ଏହା ୩୦ ଟଙ୍କାରେ ବିକ୍ରି ହେଉଛି। ଟମାଟୋ କେଜି ୪୦, ଫୁଲକୋବି ୫୦, ଝୁଡ଼ଙ୍ଗ ୬୦, ପୋଟଳ ୮୦ ଟଙ୍କାରେ ବିକ୍ରି କରାଯାଉଛି। କଳାବଜାରୀଙ୍କ ଶୋଷଣରେ ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଜିଲାପାଳ ଡା.ଏନ୍ ତିରୁମାଲା ନାୟକ କହିଛନ୍ତି କଳାବଜାରକୁ ରୋକିବା ପାଇଁ ଯୋଗାଣ ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଟିମ୍ ବିଭିନ୍ନ ସ୍ଥାନରେ ପହଞ୍ଚି ତଦାରଖ କରୁଛି, ଯେଉଁଠି କିଛି ଅଭିଯୋଗ ଆସିଲା ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଥିଲେ। ବର୍ତ୍ତମାନ ସୁଦ୍ଧା କାହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବା ଜଣାପଡ଼ିଛି।



ଏକ ବିଦ୍ୟାଳୟରେ ଲୋକମାନେ ଆଶ୍ରୟ ନେଇଛନ୍ତି।

■ଜାରି ହେଲା ହେଲ୍‌ପ ଲାଇନ୍ ନମ୍ବର
■କଳାବଜାରର ଶିକାର ହେଉଛନ୍ତି ଗ୍ରାହକ
■ଓଡ୍ରାଫ୍ ଓ ଏନ୍‌ଡିଆରଏଫ ଟିମ୍ ପ୍ରସ୍ତୁତ

## ଗୋରୁଙ୍କ ପାଇଁ ନିର୍ମାଣ କଲେ ପାଣିକୁଣ୍ଡ

**ରଣପୁର,୨।୫ (ସ୍ୱ.ପ୍ର.)**


ପାଣି କୁଣ୍ଡ ନିକଟରେ ସନାତନ।

ସମ୍ପ୍ରତି 'ଫନୀ' ଯୋଗୁ ସମଗ୍ର ରାଜ୍ୟରେ ପାଗରେ ପରିବର୍ତ୍ତନ ଘଟିଛି। ଏହା ପୂର୍ବରୁ ପ୍ରବଳ ଗ୍ରୀଷ୍ମପ୍ରବାହ ଲାଗି ରହିଥିଲା। ରଣପୁର ଓ ଆଖପାଖ ଅଞ୍ଚଳରେ ତାପମାତ୍ରା ୪୧ ଡିଗ୍ରୀ ଅତିକ୍ରମ କରୁଥିଲା। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିଲା। ବିଭିନ୍ନ ସ୍ଥାନରେ କୂଅପୋଖରୀ ଶୁଖିଯାଇଥିବାରୁ ଲୋକେ ପାନୀୟଜଳ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଗୃହପାଳିତ ପ୍ରାଣୀ ବି ଏଥିରୁ ବାଦ୍ ପଡି ନ ଥିଲେ। ଏହି ପରିସ୍ଥିତିରେ ଗୋରୁମାନଙ୍କ ତୃଷା ନିବାରଣ ପାଇଁ ସନାତନ ରଣା ନାମକ ଜଣେ ବ୍ୟକ୍ତି ନିଜସ୍ୱ ଖର୍ଚ୍ଚରେ ଏକ ପାଣିକୁଣ୍ଡ ନିର୍ମାଣ କରିଛନ୍ତି। ରଣପୁର ସ୍ୱପ୍ନେଶ୍ୱର ମନ୍ଦିର ରାସ୍ତା ପାର୍ଶ୍ୱରେ ସେ ଏହି କୁଣ୍ଡ ବସାଇ ବୁଲା ଗୋରୁମାନଙ୍କ ଲାଗି ପାନୀୟ ଜଳ ବ୍ୟବସ୍ଥା କରିଛନ୍ତି। ଏହା ଦ୍ୱାରା ଗୋରୁମାନଙ୍କ ପାନୀୟ ଜଳର ଅସୁବିଧା କେତେକାଂଶରେ ଦୂର ହୋଇପାରିଛି। ସନାତନ ନିଜେ ଏହାର ରକ୍ଷଣାବେକ୍ଷଣା କରିବା ସହ ପ୍ରତ୍ୟେକ ଦିନ କୁଣ୍ଡ ସଫା କରି ପାଣି ଭର୍ତ୍ତି କରୁଛନ୍ତି। ସନାତନ ପୂର୍ବରୁ ଏକ କାଳୀ ମନ୍ଦିର ମଧ୍ୟ ନିର୍ମାଣ କରିଛନ୍ତି। ଏଭଳି କାର୍ଯ୍ୟ ପାଇଁ ସାଧାରଣ ଲୋକେ ତାଙ୍କୁ ପ୍ରଶଂସା କରିଛନ୍ତି।

## ସଂକ୍ଷେପରେ

### ସ୍ୱାଧୀନତା ସଂଗ୍ରାମୀଙ୍କ ପରଲୋକ

**ଖଣ୍ଡପଡା,୨।୫(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ମାଧବ ଚୌଧୁରୀ ପାଟଣା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ପରମାନନ୍ଦ ମିଶ୍ର (ମୁଳି ଭାଇନା)ଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୯୦ବର୍ଷ ହୋଇଥିଲା। ସେ ଦୀର୍ଘମାସ ହେଲା ଅସୁସ୍ଥ ହୋଇ ଫୁଲବାଣୀରେ ଚାକିରି କରୁଥିବା ତାଙ୍କ ଏକମାତ୍ର ପୁତ୍ର ଆଶିଷ ମିଶ୍ରଙ୍କ ପାଖରେ ରହୁଥିଲେ। ମଙ୍ଗଳବାର ରାତିରେ ହଠାତ୍ ଗୁରୁତର ହୋଇପଡିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ନିଜ ବାସଗୃହକୁ ଅଣାଯାଇଥିଲା। ପୂର୍ବାହ୍ନରେ ତାଙ୍କର ପରଲୋକ ଘଟିଥିଲା। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଶୁଭେଚ୍ଛୁ ଶେଷ ଦର୍ଶନ ପାଇଁ ତାଙ୍କ ବାସଗୃହରେ ପହଞ୍ଚିଥିଲେ। ସେ ଜଣେ ସାମାଜିକ କର୍ମୀ, ନାଟ୍ୟ କଳାକାର ଓ ବିଭିନ୍ନ ଅନୁଷ୍ଠାନ ସହ ସାମିଲ ହୋଇ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଶାଗୁଆନ କାଠ ଜବତ




**ବୋଲଗଡ଼,୨।୫(ଡି.ଏନ.ଏ.):** ଖୋର୍ଦ୍ଧା ବନଖଣ୍ଡ ଅଧୀନ ବୋଲଗଡ଼ ବ୍ଲକ କୋଟପଲ୍ଲା ଗ୍ରାମରୁ ବୁଧବାର ବନବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଆନୁମାନିକ ୮୦ ସିଏଫ୍‌ଟି ଶାଗୁଆନ କାଠ ଜବତ କରାଯାଇଛି। ବୋଲଗଡ଼ ବନପାଳ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କଠାରୁ ପ୍ରାପ୍ତ ସୂଚନା ଅନୁସାରେ, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ସୁଦୀପ୍ତ କୁମାର ନାୟକଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ ହୋଇଥିଲା। କୋଟପଲ୍ଲା ଗ୍ରାମର ରତ୍ନାକର ମାନସିଂହଙ୍କ ଘରୁ ୫୫ଟି ସାଗୁଆନ ପଟ୍ଟା ଏବଂ ତାଙ୍କ ଘର ନିକଟରୁ ୧୭ଟି ଶାଗୁଆନ ଗଣ୍ଡି ଜବତ କରାଯାଇଥିବା ସୂଚନା ମିଳିଛି। ଖୋର୍ଦ୍ଧା ବନାଞ୍ଚଳ ଅଧିକାରୀ ଉତ୍ତମ କୁମାର ଗଡ଼ନାୟକଙ୍କ ତତ୍ତ୍ୱାବଧାନରେ ଚଢ଼ାଉ ହୋଇଥିବାବେଳେ ଖୋର୍ଦ୍ଧା ବନପାଳ ପ୍ରଦୀପ୍ତ କୁମାର ମହାନ୍ତି, ବାଙ୍କୀ ବନପାଳ ପ୍ରିୟଦର୍ଶିନୀ ସେଠୀ ଓ ବନରକ୍ଷୀ ମୋହନ ଦେହୁରୀ ପ୍ରମୁଖ ଏଥିରେ ସାମିଲ ଥିଲେ। ଉକ୍ତ ଘଟଣାରେ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ



**ଖଣ୍ଡପଡ଼ା,୨।୫(ସ୍ୱ.ପ୍ର.):** କଣ୍ଟିଲୋ କୃଷ୍ଣେଶ୍ୱରପାଟଣାର ଶ୍ରୀ ରଘୁନାଥ ଜୀଉ ମନ୍ଦିର ପାର୍ଶ୍ୱରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଗତ ଫାଇଲିନ୍ ବାତ୍ୟାରେ ଖୁଣ୍ଟଟି ବଙ୍କା ହୋଇଯାଇଥିବା ବେଳେ ଏହାର ମୂଳ ଡ୍ରେନ ମଧରେ କଳଙ୍କି ଲାଗି ରହିଛି। ଫଳରେ ସାମାନ୍ୟ ଝଡ ତୋଫାନରେ ଏହା ଉପୁଡି ପଡିବା ସମ୍ଭାବନା ରହିଛି। ଏହାକୁ ବଦଳାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ମଧ ସୁଫଳ ମିଳୁନାହିଁ। ଖୁଣ୍ଟଟି ଭାଙ୍ଗିପଡିଲେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅଘଟଣ ଘଟିବା ଆଶଙ୍କା କରି ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କଣ୍ଟିଲୋର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏହାଛଡା କଣ୍ଟିଲୋ ଅଞ୍ଚଳରେ ଥିବା ଅନେକ ବିଦ୍ୟୁତ୍ ଖୁଣ୍ଟ ଦୁର୍ବଳ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ଫିଡ୍‌କୋ କନିଷ୍ଠଯନ୍ତ୍ରୀ ସଞ୍ଜୀବ ସେନାପତିଙ୍କୁ ଯୋଗାଯୋଗ କରିବାରୁ ସେ ଘଟଣାସ୍ଥଳକୁ ଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ।

## ଓଡ଼ଗାଁ: ୩୫୦୦ ଲୋକଙ୍କୁ ସ୍ଥାନାନ୍ତର ଯୋଜନା

**ଓଡ଼ଗାଁ,୨।୫(ସ୍ୱ.ପ୍ର.)**

ସାମୁଦ୍ରିକ ଝଡ ଫନୀର ଭୟାବହତା ଦୃଷ୍ଟିରୁ ନୟାଗଡ ଜିଲାକୁ ରେଡ ଆର୍ଲଟ ଦିଆଯାଇଛି । ଏପରିସ୍ଥଳେ ଜିଲା ଅନ୍ତର୍ଗତ ଓଡ଼ଗାଁ ବ୍ଲକ ଓ ଏନଏସି ତରଫରୁ ସମୁଦାୟ ୩୫୦୦ ଲୋକଙ୍କୁ ବିଭିନ୍ନ ଥଇଥାନ କେନ୍ଦ୍ର ମାନଙ୍କୁ ସ୍ଥାନାନ୍ତର କରିବାକୁ ଯୋଜନା କରାଯାଇଛି । ପ୍ରଶାସନ ତରଫରୁ ବ୍ଲକ କାର୍ଯ୍ୟାଳୟରେ ଓଡ୍ରାଫ୍‌ର ଏକ ଟିମ ରହିଥିବା ବେଳେ ଓଡ଼ଗାଁ, ଶରଣକୁଳ ଓ ଗୋଡିପଡାରେ ୧୦୮ ଆମ୍ବୁଲାନ୍ସକୁ ମୁତୟନ କରାଯାଇଛି। ଏହି ବ୍ଲକ କଜଳାଇପଲ୍ଲୀ ବାତ୍ୟା ଆଶ୍ରୟ ସ୍ଥଳରେ ଏଯାବତ୍ ସର୍ବାଧିକ ୨୬୯ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିବା ବେଳେ ରଙ୍ଗଣିପାଟଣା ଓ ଗିରିଡିପଲ୍ଲୀ ଅଞ୍ଚଳରେ ଚାଳଘରେ ରହୁଥିବା ଲୋକଙ୍କୁ ରାତିସୁଦ୍ଧା ସ୍ଥାନାନ୍ତର କରିବାକୁ ଉଦ୍ୟମ ହେଉଛି । ହେଲେ ସ୍ଥାନୀୟ ଏନଏସି ତରଫରୁ ନିର୍ବାହୀ ଅଧିକାରୀ ପ୍ରଫୁଲ କୁମାର ମହାପାତ୍ର ଏନଏସି ଅନ୍ତର୍ଗତ ମଠ ଖଜୁରୀଆ, ଜାରିଙ୍ଗି, ବିଲମାନପୁର ଓ କୁମ୍ଭିଆପଲ୍ଲୀରେ କଚ୍ଚାଘରେ ରହୁଥିବା ଲୋକଙ୍କୁ ଯଥାଶିଘ୍ର ଗାଁ ସ୍କୁଲ ମାନଙ୍କରେ ଖୋଲାଯାଇଥିବା ବାତ୍ୟା ଆଶ୍ରୟସ୍ଥଳକୁ ଆସିବାକୁ କାଉନସେଲିଂ କରୁଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷେ ଜିଲାପ୍ରଶାସନ ତରଫରୁ ସମସ୍ତ ଶିକ୍ଷକମାନଙ୍କୁ ଆବଶ୍ୟକସ୍ଥଳେ ସ୍କୁଲ ଖୋଲି ଲୋକମାନଙ୍କୁ ଥାଇଥାନ କରିବାକୁ ସହଯୋଗ କରିବାକୁ କୁହାଯାଇଥିବା ବେଳେ ପ୍ରତି ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହିତ ଅଙ୍ଗନୱାଡି କର୍ମି ଆଶ୍ରୟସ୍ଥଳରେ ରହି ଲୋକମାନଙ୍କୁ ମାଗଣା ରନ୍ଧା ଖାଦ୍ୟ, ଶୁଦ୍ଧ ପାନୀୟ ଜଳ, ଆଲୋକ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସର୍ବୋପରି ଅଦ୍ୟାବଧି ୧୪ ଜଣ ଗର୍ଭବତୀ ମହିଳାଙ୍କୁ ଜିଲା ହସପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି । ଜିଲା ପରିବହନ ଅଧିକାରୀ ପ୍ରତାପ ପ୍ରୀତିମୟ ଜିଲା ନୋଡାଲ ଅଫିସର ଭାବେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହି ପରିସ୍ଥିତି ପ୍ରତି ଅନୁଧ୍ୟାନ କରୁଥିବା ବେଳେ ତହସିଲଦାର ପ୍ରମୋଦ କୁମାର ନାୟକ ବିଭିନ୍ନ ଆଶ୍ରୟସ୍ଥଳ ବୁଲି ତଦାରଖ କରୁଥିବା ଜଣାଯାଇଛି ।


ବାତ୍ୟାସ୍ଥଳକୁ ଆସିଥିବା ଏନ୍‌ଏସି ଅଧିକାରୀ ଲୋକଙ୍କୁ ବୁଝାଉଛନ୍ତି।

### ଆଦର୍ଶ ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ରଣପୁର,୨।୫ (ସ୍ୱ.ପ୍ର.)**

ରଣପୁର ଶିକ୍ଷା ସର୍କଲ ଅନ୍ତର୍ଗତ ରମାବିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରଣପୁର ମଣ୍ଡଳ ଶିକ୍ଷା ଅଧିକାରୀ ଉପେନ୍ଦ୍ରନାଥ ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହାଦେବ ମହାରଣା ମୁଖ୍ୟବକ୍ତା, ମଣ୍ଡଳ ସହ ଶିକ୍ଷା ଅଧିକାରୀ ରତ୍ନାକର ପାଣି, ଅରୁଣ କୁମାର ମହାପାତ୍ର, ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଜ୍ୟୋତି ରଞ୍ଜନ ଦାଶ, ରଣପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସମ୍ପାଦକ ଜଗନ୍ନାଥ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରମାବିଲ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଲୁମ୍ନି ସମିତି ଅଧକ୍ଷ ଦୁର୍ଗାଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିମାନେ ସାହୁଙ୍କୁ ଜଣେ ଆଦର୍ଶ ଶିକ୍ଷକ ଭାବେ ବର୍ଣ୍ଣନା କରିଥିଲେ।

## ୨୪ଘଣ୍ଟା ଖୋଲା ରହିଲା ସ୍କୁଲ, ନିୟୋଜିତ ହେଲେ ଶିକ୍ଷୟିତ୍ରୀଶିକ୍ଷକ

**ରଣପୁର,୨।୫ (ସ୍ୱ.ପ୍ର.)**

ଫନୀ ସତର୍କତା

ବେଳକୁ ବେଳ ଭୟଙ୍କର ରୂପ ନେଇ ଓଡ଼ିଶା ଆଡକୁ ମାଡିଆସୁଛି ସାମୁଦ୍ରିକ ଝଡ଼ ଫନୀ। ଖବର ଲେଖାହେବା ବେଳକୁ ଏହା ପୁରୀଠାରୁ ୨୯୫ କି.ମି. ଦୂରରେ ରହିଛି। ଶୁକ୍ରବାର ସକାଳ ୮ଟାରୁ ୧୦ଟା ମଧ୍ୟରେ ଏହା ପୁରୀ ଆଖପାଖ ଅଞ୍ଚଳରେ ସ୍ଥଳଭାଗ ଛୁଇଁବା ସମ୍ଭାବନା ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ବାତ୍ୟାର ପ୍ରଭାବକୁ ଆଖିଆଗରେ ରଖି ସାଧାରଣ ଲୋକଙ୍କୁ ଆଶ୍ରୟସ୍ଥଳୀ ଯୋଗାଇଦେବା ଲାଗି ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଉଛି। ବାତ୍ୟାର ପ୍ରଭାବ ଶେଷହେବା ପର୍ଯ୍ୟନ୍ତ ପ୍ରତ୍ୟହ ୨୪ ଘଣ୍ଟା ଶିକ୍ଷୟିତ୍ରୀଶିକ୍ଷକ ପାଳି କରି ସ୍କୁଲଗୁଡିକୁ ଖୋଲା ରଖିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏହି ନିୟମ ଅନୁଯାୟୀ ନୟାଗଡ଼ ଜିଲା ରଣପୁର ଅଞ୍ଚଳର ସମସ୍ତ ବିଦ୍ୟାଳୟ ମେ ୨ ତାରିଖରୁ ଅହୋରାତ୍ର ଖୋଲା ରହିଛି। ଏଥିରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ହୋଇଛନ୍ତି। ଏପରି କି ଆବଶ୍ୟକସ୍ଥଳେ ବିଦ୍ୟାଳୟର ରୋଷେୟାମାନଙ୍କୁ ମଧ ଏଥିରେ ନିୟୋଜିତ କରିବା ପାଇଁ ସରକାରୀ ଆଦେଶ ରହିଛି। ଏହାସହିତ ଅନ୍ୟ ସରକାରୀ କର୍ମଚାରୀମାନଙ୍କୁ ମଧ୍ୟ ଏହି କାର୍ଯ୍ୟରେ ନିୟୋଜିତ କରାଯାଇଛି।

## ବୋଲଗଡ଼ରେ ବିଶ୍ୱ ଶ୍ରମିକ ଦିବସ

**ବୋଲଗଡ଼,୨।୫(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ସାନବାଡ଼-ଚମ୍ପାଇଲୋସ୍ଥିତ ଓଡ଼ିଶା ସିନେ ୱାର୍କସ ଆସୋସିଏଶନ ପକ୍ଷରୁ ବୁଧବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଆବାହକତ୍ୱରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷକ ମନୋଜ ଗୁମାନ ସିଂହ ମୁଖ୍ୟବକ୍ତା ଓ ଅତିଥି ଭାବେ ସିନେ କଳାକାର ରାନୀ ପ୍ରିୟଦର୍ଶିନୀ, ନିର୍ଦ୍ଦେଶକ ରାଜ ନାରାୟଣ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ପଟ୍ଟନାୟକ, ପୁଷ୍ପଲତା ମହାପାତ୍ର, ରବି ନାରାୟଣ ମହାପାତ୍ର ଓ ୪ ଖବରଦାତାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଓମ୍ ପ୍ରକାଶ ମହାଦେବ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ଫନୀ ମୁକାବିଲା: ୩୫ ବିଦ୍ୟାଳୟ ଅସ୍ଥାୟୀ ଆଶ୍ରୟଗୃହ

**ବୋଲଗଡ଼,୨।୫(ଡି.ଏନ.ଏ.)**

ଫନୀ ପ୍ରଭାବରୁ ଲୋକଙ୍କ ଧନ, ଜୀବନ ସୁରକ୍ଷା ପାଇଁ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବିପଜ୍ଜନକ ଘରେ ଆଶ୍ରୟ ନ ନେଇ ସୁରକ୍ଷିତ ଆଶ୍ରୟ ସ୍ଥଳ ଓ କୋଠାଘରକୁ ସ୍ଥାନାନ୍ତରିତ ପାଇଁ ବୁଧବାର ଡାକବାଜି ଯନ୍ତ୍ର ଯୋଗେ ଲୋକମାନଙ୍କୁ ସଜାଗ କରାଯାଇଥିଲା । ଗୁରୁବାର ବ୍ଲକର ବିଭିନ୍ନ ସ୍ଥାନରେ ଥିବା ୩୫ଟି ସ୍କୁଲକୁ ଅସ୍ଥାୟୀ ଆଶ୍ରୟସ୍ଥଳ ଭାବେ ଖୋଲାଯାଇଛି । ଏହି ସ୍ଥାନରେ ଆଶ୍ରୟ ନେଇଥିବା ଲୋକମାନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି । ୨ହଜାର ୮ଶହ ୪୦ ଜଣଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳଗୁଡ଼ିକରେ ରଖାଯାଇଛି ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସରକାରୀ କର୍ମଚାରୀ, ଶିକ୍ଷକ/ଶିକ୍ଷୟିତ୍ରୀମାନେ ସହଯୋଗ କରିବା ନେଇ ସରକାର ଘୋଷଣା କରିଛନ୍ତି। ୩ରୁ ୪ଟି ପଞ୍ଚାୟତକୁ ନେଇ ଜଣେ ଲେଖାଏ ନୋଡାଲ ଅଧିକାରୀ କାର୍ଯ୍ୟ କରୁଛନ୍ତି । ବ୍ଲକ ଅଞ୍ଚଳରେ ୬ଜଣ ନୋଡାଲ ଅଧିକାରୀ ରହିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୨ଟି ଭ୍ରାମ୍ୟମାଣ ଭ୍ୟାନ୍‌ରେ ୨ଟି ଡାକ୍ତରୀ ଟିମ୍ ବୁଲି ଲୋକଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବେ। ୨ଜଣ ଡାକ୍ତରଙ୍କ ସହିତ ଷ୍ଟାଫ୍ ନର୍ସ, ଔଷଧ ଓ ଆନୁଷଙ୍ଗିକ ଉପକରଣ ରହିବ। ସରକାରଙ୍କ ପକ୍ଷରୁ ଏହି ଅବସରରେ ଜରୁରିକାଳୀନ ସେବା ଓ ସାମଗ୍ରୀ, ଖାଦ୍ୟ, ପାନୀୟ ଜଳ ଆଦି ଯୋଗାଇ ଦେବା ନେଇ ଘୋଷଣା କରାଯାଇଛି।


ଆଶ୍ରୟସ୍ଥଳୀରେ ଥିବା ଲୋକମାନେ।

### ବାହାଡ଼ାଖୋଲା ଯୁକ୍ତ ୩ ଦଧିବାମନ ଜୀଉ ମହାବିଦ୍ୟାଳୟ

## ଶିକ୍ଷା କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ସାମୟିକ ଭାବେ ସ୍ଥଗିତ

**ଓଡ଼ଗାଁ,୨।୫(ସ୍ୱ.ପ୍ର.)**

ନୂଆଗାଁ ବ୍ଲକ ବାହାଡ଼ାଖୋଲା ଯୁକ୍ତ ୩ ଦଧିବାମନଜୀଉ ମହାବିଦ୍ୟାଳୟରେ ଅନିୟମିତତା ଓ ଅଧକ୍ଷାଙ୍କୁ ଅପସାରଣ ଦାବିରେ ଶିକ୍ଷା କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଆରମ୍ଭ କରାଯାଇଥିବା ଗଣଧାରଣା ଓ ଅନଶନ ସାମୟିକ ଭାବେ ସ୍ଥଗିତ ରହିଛି। ସୂଚନା ଅନୁସାରେ ୧୯୯୪ ମସିହାରେ ଗ୍ରାମାଞ୍ଚଳରେ ଉଚ୍ଚ ଶିକ୍ଷାର ବିକାଶ ନିମନ୍ତେ ପ୍ରତିଷ୍ଠା କରାଯାଇଥିବା ଏହି କଲେଜ ନାନା ଅନିୟମିତତା ଦେଇ ଗତି କରୁଥିବାରୁ ଶୈକ୍ଷିକ ବାତାବରଣରେ ବାଧା ଉପୁଜିଥିଲା। ଫଳସ୍ୱରୂପ ଶିକ୍ଷା କ୍ରିୟାନୁଷ୍ଠାନ କମିଟି ଏନେଇ ପୂର୍ବ ନିଷ୍ପତ୍ତି ଅନୁସାରେ ସୋମବାର ଠାରୁ କଲେଜ ସାମନାରେ ଧାରଣା ଦେବା ସହିତ ଆଗାମୀ ଦିନରେ ଅନଶନ ନିଷ୍ପତ୍ତି ନେଇଥିଲା। ମଙ୍ଗଳବାର ଓ ବୁଧବାର ଦୁଇଦିନ କଲେଜ ସମ୍ମୁଖରେ ଧାରଣା ଦେବାପରେ ବୁଧବାର ଅପରାହ୍ନରେ ବିଧାୟକ ତଥା କଲେଜ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ ଧାରଣାସ୍ଥଳରେ ପହଞ୍ଚି କମିଟି ସଦସ୍ୟଙ୍କ ସହିତ କଲେଜ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ଭାବ୍ୟ ସାମୁଦ୍ରିକ ଝଡ ଓ ଆଚରଣ ବିଧି ଦୃଷ୍ଟିରୁ ସେ ସବୁ ସମସ୍ୟା ସମ୍ପର୍କରେ ହୃଦୟଙ୍ଗମ କରିବା ପରେ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେବା ସହିତ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଥିଲେ। ଏପରିସ୍ଥଳେ କମିଟି ସାମୟିକ ଭାବେ ଏକ ମାସ ନିମନ୍ତେ ଆନ୍ଦୋଳନ ପ୍ରତ୍ୟାହାର କରିଥିବା ଆବାହକ ସୁଶୀଲ କୁମାର ସୁବୁଦ୍ଧି ଓ ନାରାୟଣ ବେହେରା ସୂଚନା ଦେଇଛନ୍ତି ।

## ନିଆଳି କୈବର୍ତ୍ତ ସମାଜର ବାର୍ଷିକ ଅଧିବେଶନ

**ଖଣ୍ଡପଡ଼ା,୨।୫(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଖଳିସାହି ଦୋଳଯାତ୍ରା ପଡିଆଠାରେ ଗୁରୁବାର ରାଜ୍ୟ ନିଆଳି କୈବର୍ତ୍ତ ସମାଜର ୩୪ତମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଘାସିରାମ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଭଜମନ ନିଶଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ନବ କିଶୋର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ନିଶଙ୍କ ଜାତିର ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିର ଛାତ୍ରୀ ରାଧାରାଣୀ ବେହେରା ଜାତୀୟସ୍ତରୀୟ କ୍ରୀଡାରେ ବ୍ରୋଞ୍ଜ ପଦକ ହାସଲ କରି କୈବର୍ତ୍ତ ସମାଜ ପାଇଁ ଗୌରବ ଆଣିଦେଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭାସ୍କର ଦଳେଇଙ୍କୁ ଆଦର୍ଶ ସଭ୍ୟ ଭାବେ ଓ ୭ଜଣ ଥାନପତିଙ୍କୁ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୧୮ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଉକ୍ତ ଅଧିବେଶନରେ ୬୩ଜଣ ଥାନପତି, କାର୍ଯ୍ୟକାରୀ କମିଟିର ସଦସ୍ୟ ଓ ଥାନଭାଇ ସମେତ ୫ଶହରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦେଇଥିଲେ। ନୂତନ କର୍ମକର୍ତ୍ତା ଭାବେ ସଭାପତି ଭଜମନ ନିଶଙ୍କ, ଉପସଭାପତି ବୃନ୍ଦାବନ ଦାସ, ସମ୍ପାଦକ ନବ କିଶୋର ବେହେରା, ସହ ସମ୍ପାଦକ ଶରତ କୁମାର ଦାସ, କୋଷାଧକ୍ଷ ରବୀନ୍ଦ୍ର କୁମାର ବେହେରା ଓ ଶିକ୍ଷା କମିଟି ଅଧକ୍ଷ ଭାବେ ଜଗମୋହନ ବେହେରାଙ୍କୁ ଚୟନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିଲା। ପରେ କୈବର୍ତ୍ତ ସମାଜର ଆରାଧ୍ୟ ଦେବୀ ମା' ବାଶୁଳୀ ଠାକୁରାଣୀଙ୍କ ନିକଟରେ ସମାଜର ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରାଯାଇଥିଲା।

**ଜାତୀୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା**



ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ।